# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୦+୮

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ (୧୦+୮=୧୮ ପୃଷ୍ଠା) Bhubaneswar, Wednesday, December 31/2025 Page 18 ₹ 7.00

୫୨ଶ ଭାଗ ୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 38 ମୂଲ୍ୟ₹୭/-






MARUTI SUZUKI ARENA
VICTORIS
HYBRID
VICTORIS
VICTORIS
GOT IT ALL
SCAN AND CONNECT TO
A SHOWROOM NEAR YOU
E-BOOK TODAY AT
WWW.MARUTISUZUKI.COM
CONTACT US AT 1800-102-1800
Applicable T&C available at your nearest dealership. Creative visualization. Car colour may vary due to printing on paper. Images used are for illustration purposes only. Features may vary by model/conditions.
VICTORIS



**ଶଟ୍‌ପୁଟରେ ଅଂଶିକାଙ୍କ ନୂଆ ରେକର୍ଡ**

କଟକରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟର ୨୩ ବର୍ଷରୁ କମ୍ ଶଟ୍‌ପୁଟ ଇଭେଣ୍ଟରେ ନୂଆ ମିଟ୍ ରେକର୍ଡ କରିଛନ୍ତି ଅଂଶିକା ରାଉତରାୟ।

୦୮

୦୩

**ବିବାହ ପାଇଁ ସଜବାଜ ରଶ୍ମିକା**

ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବଂ ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡା ଫେବୃଆରୀ ୨୬ରେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି।





କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଆମ୍ବୋ ଅଞ୍ଚଳରେ ମଙ୍ଗଳବାର ଆନନ୍ଦପୁର ଉପଖଣ୍ଡ ଦୈତାରି ଅଞ୍ଚଳ ଜଙ୍ଗଲରୁ ଏକ ଦନ୍ତାହାତୀ ବୈତରଣୀ ନଦୀ ପାର୍ ହୋଇ ଚାଲି ଆସିଥିଲା। ହାତୀଟି ବ୍ଲକର ମରୈଗାଁ, ହାଟଡିହୀ, ପନ୍ଦାଡ଼ୋ ଗ୍ରାମରେ ଘୂରି ବୁଲୁଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା।

# ଦୁର୍ନୀତି କରି ଗଣମାଧ୍ୟମର ଖବର ହୁଅନି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨(ସୁନିତ୍ ମିଶ୍ର)

ଦୁର୍ନୀତିକରି ସରକାରୀ କର୍ମଚାରୀମାନେ ବିଭିନ୍ନ ସମୟରେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ବିପୁଳ ପରିମାଣର ଟଙ୍କା, ସମ୍ପତ୍ତି, ସୁନା ମହଜୁଦକରି ରଖୁଥିବା ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ମଙ୍ଗଳବାର ଜଣେ ଅତିରିକ୍ତ ତହସିଲଦାରଙ୍କ ଘରୁ ୭୫ ଲକ୍ଷର ନଗଦ ଟଙ୍କା ଠୁଳ କରାଯାଇଛି। ୭୫ ଲକ୍ଷ ଟଙ୍କା ସାଇତି ରଖାଯାଇଥିବାର ଫଟୋ ବର୍ତ୍ତମାନ ସମସ୍ତେ ଦେଖୁଛନ୍ତି। ସମସ୍ତେ ଜାଣନ୍ତି ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗ କେତେ ତତ୍ପରତାର ସହ ଲାଗିଛି। ତେଣୁ ଦୁର୍ନୀତି କରି ଗଣମାଧ୍ୟମର ଖବର ହୁଅନାହିଁ ବୋଲି ୧୧ଟି ବିଭାଗର ୧,୫୪୩ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ମଙ୍ଗଳବାର ୧୪ତମ ନିଯୁକ୍ତିମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୧ ବିଭାଗର ସମୁଦାୟ



**୧୧ ବିଭାଗର ୧୫୪୩ଙ୍କୁ ମିଳିଲା ନିଯୁକ୍ତିପତ୍ର**

୧୫୪୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ☞ପୃଷ୍ଠା–୨

# ଖାଲେଦା ଜିଆଙ୍କ ପରଲୋକ

ଢାକା,୩୦।୧୨

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କର ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ ଢାକାର ଏଭରକେୟାର ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ସକାଳ ୬ଟାରେ ଆଖି ବୁଜିଥିବା ତାଙ୍କ ବ୍ୟକ୍ତିଗତ ଡାକ୍ତର ଏ.ଜେଡ୍.ଏମ୍. ଜାହିଦ ହୋସେନ୍ କହିଛନ୍ତି। ମୃତ୍ୟୁ ସମୟରେ ପାଖରେ ବଡ଼ ପୁଅ ତାରିକ୍ ରହମାନ, ତାଙ୍କ ସ୍ତ୍ରୀ ଜୁବେଦା ରହମାନ ଓ ଝିଅ ଜାଇମା ରହମାନ, ସାନପୁଅଙ୍କ ସ୍ତ୍ରୀ ଆରାଫତ ରହମାନ କୋକୋ, ତାଙ୍କ ୨ ଝିଅ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ତାରିକ୍ ୧୭ ବର୍ଷ ଧରି ଆତ୍ମନିର୍ବାସନରେ ରହିବା ପରେ ନିକଟରେ ବାଂଲାଦେଶ ଫେରିଥିଲେ। ଖାଲେଦାଙ୍କ ଶେଷକୃତ୍ୟ ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସ ସମ୍ମୁଖ ଢାକା ମାନିକ ମିଆ ଆଭେନ୍ୟୁରେ ହେବ ବୋଲି ଦଳୀୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ତାଙ୍କ ଶେଷକୃତ୍ୟରେ ଭାରତ ପକ୍ଷରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ଯୋଗଦେବେ। ଖାଲେଦା ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଏବଂ ☞ପୃଷ୍ଠା–୨



# ପିକ୍‌ନିକ୍: ପ୍ରଦୂଷଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ପିକ୍‌ନିକ୍ ଋତୁ ଚାଲିଛି। ନୂଆବର୍ଷ ପାଳନ ପାଇଁ ସାଧାରଣରେ ବଣଭୋଜି କରିବାର ଆଗ୍ରହ ବଢୁଥିବାବେଳେ ତଜ୍ଜନିତ ପର୍ଯ୍ୟଟନସ୍ଥଳଗୁଡ଼ିକରେ ପ୍ରଦୂଷଣ ଉଦ୍‌ବେଗଜନକ ମଧ୍ୟ ରହୁଛି। ମଉଜ ମଜ୍‌ଲିସ୍‌କୁ ଅନେକ ଗୁରୁତ୍ୱ ଦେଉଥିବାବେଳେ ପ୍ରଦୂଷଣ ଯେଭଳି ନ ହେବ, ସେଥିପ୍ରତି ପ୍ରାୟତଃ କାହାରି ଆନ୍ତରିକତା ରହୁନାହିଁ। ଏଭଳି ଆଭିମୁଖ୍ୟକୁ ଶୂନ୍ୟ ସହନଶୀଳ ନୀତି ଭାବେ ଗ୍ରହଣ କରି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୌଣସି ପରିସ୍ଥିତିରେ ପର୍ଯ୍ୟଟନସ୍ଥଳଗୁଡ଼ିକର ପରିବେଶ ଯେଭଳି ଦୂଷିତ ନ ହେବ ସେଥିପାଇଁ ସରକାର ଚିନ୍ତା କରିଛନ୍ତି। ପର୍ଯ୍ୟଟନସ୍ଥଳରେ ପ୍ରଦୂଷଣ ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ନଜର ରଖିବ। ପ୍ରଦୂଷଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ୟବସ୍ଥା ହୋଇଥିବା ଜଙ୍ଗଲ, ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କହିଛନ୍ତି। ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ମାତ୍ରା ବିପଦସ୍ତରରେ ରହୁଥିବା କାରଣରୁ ପରିବେଶ କ୍ଷତିକୁ ରୋକିବା ଉଦ୍ଦେଶ୍ୟରେ ସରକାର ଏନେଇ ଏକ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ମଧ୍ୟ ଜାରି କରିଛନ୍ତି।**

## ପର୍ଯ୍ୟଟନ ସ୍ଥଳରେ ତୀକ୍ଷ୍ଣ ନଜର ରଖିବ ଏସ୍‌ପିସିବି

ଭୁବନେଶ୍ୱର,୩୦।୧୨(ରବିନାରାୟଣ ଜେନା)

ରାଜ୍ୟରେ ବାୟୁପ୍ରଦୂଷଣ ବିପଦସ୍ତର ଆଡ଼କୁ ଗତି କରୁଛି। ଏହା କେବଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ସରକାରଙ୍କ ପାଇଁ ଚିନ୍ତାର କାରଣ ତାହା ନୁହେଁ, ଏଥିପାଇଁ ସମସ୍ତେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଲୋକସେବାଭବନରେ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ବଣଭୋଜିକୁ ମନା ନାହିଁ। ହେଲେ ବଣଭୋଜି ନାଁରେ ପ୍ରଦୂଷଣ କଲେ କିମ୍ବା ଜଙ୍ଗଲରେ ନିଆଁ ଲଗାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ କହିଛନ୍ତି, ଅନୁଗୋଳ, ବାଲେଶ୍ୱର, ତାଳଚେର, ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ସହରରେ ଏକ୍ୟୁଆଇ ଅଧିକ ରହୁଛି। ଭୁବନେଶ୍ୱର ଅବସ୍ଥା ବିପଜ୍ଜନକ ଆଡ଼କୁ ଗତି କରୁଛି। ଲୋକେ ଏଥିପାଇଁ ସଚେତନ ହେବା ଆବଶ୍ୟକ। ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ରୋକିବାକୁ ସରକାରଙ୍କ ପକ୍ଷରୁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଉଛି ବା କରାଯିବାକୁ ରହିଛି ତାହା ଯଥେଷ୍ଟ ନୁହେଁ। ବାସ୍ତବରେ ଲୋକେ ସତର୍କ ରହିବାକୁ ପଡ଼ିବ। ଖୁବ୍‌ଶୀଘ୍ର ନଗର ଉନ୍ନୟନ, ଶିଳ୍ପ, ପରିବହନ ବିଭାଗର ଏକ ସମନ୍ୱୟ ବୈଠକ ହେବ। ଖଣିଜ ☞ପୃଷ୍ଠା–୨

## ରାସ୍ତା ଅବରୋଧ, ଫେରିଗଲେ ପର୍ଯ୍ୟଟକ

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ନୂଆବର୍ଷ ପାଇଁ ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ମିଟକୁନ୍ଦରୀ ଅଞ୍ଚଳର କୋଏଲ ନଦୀକୂଳରେ ପିକ୍‌ନିକ୍ କରିବାକୁ ଭିଡ଼ ଜମୁଛି। ତେବେ ପିକ୍‌ନିକ୍ ଯୋଗୁ ଅଞ୍ଚଳରେ ପ୍ରଦୂଷଣ ହେଉଥିବା ଅଭିଯୋଗ କରି ମଙ୍ଗଳବାର ଖୁଣ୍ଟଗାଁ ଗ୍ରାମପଞ୍ଚାୟତର ମିଟକୁନ୍ଦରୀ ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ମଙ୍ଗଳବାର ପର୍ଯ୍ୟଟକମାନେ ପିକ୍‌ନିକ୍ ପାଇଁ ସେଠାକୁ ଯାଇଥିବାବେଳେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ନୂଆବର୍ଷ ପାଇଁ ଖୁଣ୍ଟଗାଁ ପଞ୍ଚାୟତର ମିଟକୁନ୍ଦରୀ ଅଞ୍ଚଳସ୍ଥିତ କୋଏଲ ନଦୀ କୂଳରେ ପିକ୍‌ନିକ୍ କରିବାକୁ ଲୋକମାନଙ୍କ ଭିଡ଼ ଜମୁଛି। କିନ୍ତୁ ପିକ୍‌ନିକ୍ ଶେଷରେ ପର୍ଯ୍ୟଟକମାନେ ନଦୀତଟ ଓ ନିକଟରେ ଥିବା ଚାଷଜମିଗୁଡ଼ିକୁ ଅପରିଷ୍କାର କରି ଚାଲିଯାଉଛନ୍ତି। ମଦ ବୋତଲ, ପ୍ଲାଷ୍ଟିକ ଓ ଖାଦ୍ୟପଦାର୍ଥ ଫିଙ୍ଗିଦେବାରୁ ପରିବେଶ ଦୂଷିତ ହେଉଛି। ଫିଙ୍ଗା ଯାଉଥିବା ବଳକା ଖାଦ୍ୟ ଓ ପ୍ଲାଷ୍ଟିକ ଖାଇ ପ୍ରାଣୀମାନେ ଅସୁସ୍ଥ ହେଉଛନ୍ତି। ଏଣୁ ବଢୁଥିବା ପ୍ରଦୂଷଣ ☞ପୃଷ୍ଠା–୨

# ପଦୋନ୍ନତି ପାଇଲେ ୨୬ ଆଇଏଏସ୍, ୧୪ ଆଇଏଫ୍‌ଏସ୍ ଅଧିକାରୀ

ଭୁବନେଶ୍ୱର,୩୦।୧୨
(ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ୨୬ ଆଇଏଏସ୍, ୧୪ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୧୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସୁଧାଂଶୁ ମୋହନ ସାମଲ, ରଶ୍ମିତା ପଣ୍ଡା, ଡ. ବୃନ୍ଦା ଡି, ସାଦିକ୍ ଆଲାମ, ମାନସୀ ନିମ୍ଭଲ ଓ ପ୍ରେମଚନ୍ଦ୍ର ଚୌଧାରୀ ରହିଛନ୍ତି। ସମ୍ପୃକ୍ତ ଆଇଏଏସ୍ ଅଧିକାରୀଙ୍କୁ ସୁପରଟାଇମ୍ ସ୍କେଲ ପାହ୍ୟା–୧୪କୁ ପଦୋନ୍ନତି ମିଳିଛି। ସେହିପରି ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ମଧୁସ୍ମିତା ସାହୁ, ଶୁଭମ ସକ୍ସେନା, ମୋନିଷା ବାନାର୍ଜୀ, ବିଜୟ ଅମୃତ କୁଲାଙ୍ଗେ, କଲ୍ୟାଣ କୁମାର ରଥ,ଶୁଭଶ୍ରୀ ନନ୍ଦ, ବିଜୟ କୁମାର ପୃଷ୍ଟି, କାଳୀପ୍ରସନ୍ନ ମହାପାତ୍ର, ରଘୁରାମ ଆର୍. ଆୟାର, ସତ୍ୟବ୍ରତ ରାଉତ ଓ ଦୀପକ ରଞ୍ଜନ ଦାସଙ୍କୁ ସିଲେକ୍ସନ ଗ୍ରେଡ୍ ପାହ୍ୟା–୧୩କୁ ପଦୋନ୍ନତି ମିଳିଛି। ୨୦୧୭ ବ୍ୟାଚ୍‌ର ସୋମେଶ କୁମାର ଉପାଧ୍ୟାୟ, ପି. ଅନ୍ୱେଷ ରେଡ୍ଡୀ, ଆଶିଷ ଈଶ୍ୱର ପାଟିଲ ଏବଂ ହେମାକାନ୍ତ ସୟଙ୍କୁ କନିଷ୍ଠ ପ୍ରଶାସନିକ ଗ୍ରେଡ୍ ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ ୨୦୨୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଆକାଭରମ ଶଶ୍ୟା ରେଡ୍ଡୀ, ଅକ୍ଷୟ ପିଲାୟୀ, ଅରୁଗୁଲା ସ୍ନେହା, ସମୀର କୁମାର ଜେନା ଏବଂ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସିନିୟର ଟାଇମ୍ ସ୍କେଲ ପାହ୍ୟାକୁ ପଦୋନ୍ନତି ମିଳିଛି ବୋଲି ସାଧାରଣ ☞ପୃଷ୍ଠା–୨

## ଏସ୍. ସାଇନିଙ୍କୁ ଡିଜି ପାହ୍ୟା

ଭୁବନେଶ୍ୱର,୩୦।୧୨(ତ୍ରିନାଥ ମହାନ୍ତି)

**୧୭ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି**

ନୂଆବର୍ଷ ପୂର୍ବରୁ ରାଜ୍ୟ ସରକାର ୧୭ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସତ୍ୟଜିତ ନାୟକ, ଉମାଶଙ୍କର ଦାସଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆର୍.ପ୍ରକାଶଙ୍କୁ ମଧ୍ୟ ଆଇଜି ର୍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ବରିଷ୍ଠ ଆଇପିଏସ୍ ଏସ୍.ସାଇନିଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିବା ବେଳେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ସୂର୍ଯ୍ୟ ଥାଙ୍ଗାପାନଙ୍କୁ ଅତିରିକ୍ତ ଡିଜି ପାହ୍ୟା ଓ ଏମ୍.ଏସ୍ ସମ୍ପତଙ୍କୁ ଡିଆଇଜି ପାହ୍ୟା ମିଳିଛି। ୨୦୧୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ମଡ଼କର ସନ୍ଦୀପ ସମ୍ପତ ଓ କେନ୍ଦ୍ରୀୟ ଡେପୁଟେଶନରେ ଥିବା ୨୦୧୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଧାଂଶୁ ଶେଖର ମିଶ୍ରଙ୍କୁ ଡିଆଇଜି ର୍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ସେହିପରି ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜଗମୋହନ ମୀନା, ପରମାର ସମିତ୍ ପୁରୁଷୋତ୍ତମ ଦାସ, ମୁକେଶ କୁମାର ଭାମୋ ଏବଂ ୨୦୧୩ ବ୍ୟାଚ୍‌ର ଆଇପିଏସ୍ ରାହୁଲ ପିଆର୍, ଅନୁପମ ଜେମ୍ସ ଓ ଏଲ୍ ଦିବ୍ୟା ଭିଙ୍କୁ ସିଲେକ୍ସନ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ସେହିପରି ସ୍ୱାଥି ଏସ୍. କୁମାର, ସିଦ୍ଧାର୍ଥ କଟାରିଆ ଏବଂ ପ୍ରହଲ୍ଲାଦ ସାଇ ମୀନାଙ୍କୁ ଗ୍ରେଡ୍ ଲେଭଲ–୧୨କୁ ପଦୋନ୍ନତି ମିଳିଛି। ଆସନ୍ତା ୧ ତାରିଖରୁ ଏହି ପଦୋନ୍ନତି ଲାଗୁ କରାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି।

# ଏସ୍‌ଆଇଆର୍ ବଡ଼ ଦୁର୍ନୀତି: ମମତା

**ଚୂଡ଼ାନ୍ତ ତାଲିକାରୁ ବୈଧ ଭୋଟରଙ୍କ ନାଁ ହଟିଲେ ଇସିଙ୍କ ଅଫିସ ଘେରାଉ ହେବ**



ମମତା ବାନାର୍ଜୀ

କୋଲକାତା,୩୦।୧୨

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବଡ଼ ଦୁର୍ନୀତି ବୋଲି କହିଛନ୍ତି। ରାଜ୍ୟରେ ଏହି ସଂଶୋଧନ ପରେ ଚୂଡ଼ାନ୍ତ ତାଲିକାରୁ ଯଦି ଜଣେ ବି ବୈଧ ଭୋଟରଙ୍କ ନାଁ କଟେ, ତେବେ ଦିଲ୍ଲୀସ୍ଥିତ ନିର୍ବାଚନ କମିଶନ(ଇସି)ଙ୍କ କାର୍ଯ୍ୟାଳୟକୁ ଘେରାଉ କରିବେ ବୋଲି ମମତା ମଙ୍ଗଳବାର ସଂକଳ୍ପ ନେଇଛନ୍ତି। ବାଙ୍କୁରା ଜିଲାରେ ଏକ ରାଲିକୁ ସମ୍ବୋଧନ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ରଙ୍ଗ ବଦଳୁଛି**

# ଅତିରିକ୍ତ ତହସିଲଦାରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର/ବାରଙ୍ଗ,୩୦।୧୨
(ସତ୍ୟଜିତ ରାଉତ/ଲିଙ୍ଗରାଜ ରାଉତ)

## ନଗଦ ୭୨ ଲକ୍ଷ, ଅଧକେଜି ସୁନା ଜବତ



ଜବତ ଟଙ୍କା, ସୁନା ଅଳଙ୍କାର

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର କଟକ ଜିଲା ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଘର ସମେତ ଖୋର୍ଦ୍ଧା, କଟକ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର, ଜଣେ ଏସ୍‌ଆଇ, ୮ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଜିତେନ୍ଦ୍ରଙ୍କ ଘର ଓ ସମ୍ପର୍କୀୟଙ୍କ ଘରୁ ନଗଦ ୭୨ ଲକ୍ଷ ୨୦ ହଜାର ଟଙ୍କା, ଅଧକେଜିରୁ ଊର୍ଦ୍ଧ୍ୱ ସୁନା, ୩ କୋଠା, ଗୋଟିଏ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ସମେତ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଜିତେନ୍ଦ୍ରଙ୍କର ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ଗୋପାଳୁଣୀ ନଗରରେ ପ୍ଲଟ୍ ନଂ. ୩୨୯୩ ଓ ସବ୍ ପ୍ଲଟ୍–ସିରେ ଥିବା ୪୦୦୦ ବର୍ଗଫୁଟର ଏକ ୩ ମହଲା କୋଠା ରହିଛି। ସେହିପରି ବଡ଼ଗଡ ବ୍ରିଟ୍‌କଲୋନିସ୍ଥିତ ଏଲ୍‌ବି–୧୮୭ରେ ଥିବା ୪୦୦୦ ବର୍ଗଫୁଟର ଅନ୍ୟ ଏକ ୩ ମହଲା କୋଠା ଓ ଭୁବନେଶ୍ୱର ଉତ୍ତରାରେ ପ୍ରାୟ ୧୨୫୦ ବର୍ଗଫୁଟର ଏକ ୨ ବିଏଚ୍‌କେ ଫ୍ଲାଟ୍ ଏବଂ ଖୋର୍ଦ୍ଧା ସାନପାଳରେ ୨ ମହଲା କୋଠା ଠାବ ହୋଇଛି। ସେହିପରି ମିଳିଥିବା ୪ ବହୁମୂଲ୍ୟ ପ୍ଲଟ୍ ମଧ୍ୟରୁ ଭୁବନେଶ୍ୱରରେ ୩ଟି ଏବଂ ଖୋର୍ଦ୍ଧାରେ ଗୋଟିଏ ରହିଛି। ତାଙ୍କ ଶାଶୁ ରହୁଥିବା ବଡ଼ଗଡ ବ୍ରିଟ୍ କଲୋନିସ୍ଥିତ ବିଲ୍ଡିଂ ବନ୍ଦ ଥିବା ବେଳେ ଏହା ମଧ୍ୟରୁ ଜିତେନ୍ଦ୍ର ଲୁଚାଇ ରଖିଥିବା ୬୬ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ଜିତେନ୍ଦ୍ର ପରିବାର ସହ ରହୁଥିବା ଗୋପାଳୁଣୀ ନଗରସ୍ଥିତ କୋଠାରୁ ୫୦୦ ଗ୍ରାମର ସୁନା ଅଳଙ୍କାର ଓ ୬.୨ ଲକ୍ଷ ଟଙ୍କା ମିଳିଥିଲା। ଜିତେନ୍ଦ୍ରଙ୍କ ଶାଶୁ ଶଯ୍ୟାଶାୟୀ ହୋଇଥିବା ବେଳେ ସେ କ୍ୱାର୍ଟ ଜିତେନ୍ଦ୍ରଙ୍କ ପାଖରେ ରହୁଛନ୍ତି। ବଡ଼ଗଡ ବ୍ରିଟ୍ କଲୋନିସ୍ଥିତ ବିଲ୍ଡିଂ କାହା ନାଁରେ ରହିଛି ସେନେଇ ଭିଜିଲାନ୍ସ ଯାଞ୍ଚ କରୁଛି। ତେବେ ଜିତେନ୍ଦ୍ର ସ୍ତ୍ରୀ ଓ ଶାଶୁଙ୍କ ନାଁରେ ୩ଟି ଲକର ଚଳାଉଥିବା ବେଳେ ଏହା ଏସ୍‌ବିଆଇ ମୁଖ୍ୟ ଶାଖା, ବିଜେବିନଗର ☞ପୃଷ୍ଠା–୨

- **୩ କୋଠା, ଗୋଟିଏ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ଠାବ**
- **ଆଜି ଖୋଲାଯିବ ଜିତେନ୍ଦ୍ରଙ୍କ ୩ ଲକର**



ଜିତେନ୍ଦ୍ର କୁମାର ପଣ୍ଡା

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠ ଓ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ମା' ଦୁର୍ଗା ମନ୍ଦିର, ଚୌଧୁରୀ ବଜାର, ସମୟ: ଅପରାହ୍ନ ୪ଟା।

**ଖୋର୍ଦ୍ଧା**
- ସୋଚ୍ ଅନୁଷ୍ଠାନର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ସୋଚ୍ ଅନୁଷ୍ଠାନ ପରିସର, ଗୋପୀନାଥପୁର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ (ବେଗୁନିଆ), ସମୟ: ପୂର୍ବାହ୍ନ ୧୧ଟା।
- ୫୦ତମ ଶାମ୍ବଦଶମୀ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ମା'ଜଟିଆଣୀ ମନ୍ଦିର ପରିସର, ପାତ୍ରପଡ଼ା, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ଜଟଣୀ ଗୋସେବା ଶିବିର ପକ୍ଷରୁ ନାମ ସଂକୀର୍ତ୍ତନ ଓ ହନୁମାନ ଚାଲିଶା ପାଠ, ସ୍ଥାନ: ଜଟଣୀ ଗୋଶାଳା, ସେଞ୍ଚୁରିଅନ କଲେଜ ନିକଟ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ସବ ଉତ୍ତର ଓଡ଼ିଶା ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- କବିତା ଆସର 'ଶବ୍ଦରେ ଶିଶିର', ସ୍ଥାନ: ପିସିଏମ କଲ୍ୟାଣ ମଣ୍ଡପ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁମିଳନ ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ଦେଉଳି ଡ୍ୟାମ୍‌ସ୍ଥିତ ଇକୋ ପାର୍କ କୁଳିଅଣା ବ୍ଲକ୍,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମହାମାୟୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା ୩୦।

**ଗଞ୍ଜାମ**
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ୍ କଳଟୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ତ୍ରିରଙ୍ଗା–ସୁପ୍ରଭାତ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।

**ଅନୁଗୋଳ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମଣିକୁଣ୍ଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଅନନ୍ତ ଓଝା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରାମଚଣ୍ଡୀ ପୀଠ, ବୀରନୀଳକଣ୍ଠପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବିଡିଓମାନଙ୍କୁ ନେଇ ବୈଠକ ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- କୁଆଖିଆ ମହୋତ୍ସବ, ସ୍ଥାନ: କୁଆଖିଆ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ସୁବର୍ଣ୍ଣଦେଇପୁରସ୍ଥ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ଖଣ୍ଡପଡା ମହୋତ୍ସବର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡାଙ୍ଗନ, ସମୟ: ପୂର୍ବାହ୍ନ ୧୧ରୁ ରାତି ୧୦ଟା।
- ମା' ବାଟପଛେଇଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ମା' ବାଟପଛେଇଙ୍କ ପୀଠ, ସମୟ: ଅପରାହ୍ନ ୨ଟା।
- ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୫ ଟା।

**କୋରାପୁଟ**
- ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ବୀରତା ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ ଟା୩୦।
- ଲୋକ ମହୋତ୍ସବ ଆୟୋଜନ କମିଟି ବୈଠକ, ସ୍ଥାନ: ବୀର୍ସା ମୁଣ୍ଡା ମଇଦାନ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା୩୦।

**ବଲାଙ୍ଗୀର**
- ଶ୍ରୀମଦ୍ ଭଗବଦ୍ ସପ୍ତାହ ଭକ୍ତି ଜ୍ଞାନଯଜ୍ଞ ଉଦ୍‌ଯାପନୀ ଦିବସ, କଣ୍ଟାବାଞ୍ଜି ମାତା ମନ୍ଦିର, ସମୟ: ଅପରାହ୍ନ ୫ଟା।

**ରାଉରକେଲା**
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ଜିଲାସ୍ତରୀୟ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

**ସୁବର୍ଣ୍ଣପୁର**
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ଲୋକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ବ୍ରଜେଶ୍ୱରୀ କଳାକୁଞ୍ଜ ଯୁବ କଳାକାର ମଣ୍ଡପ, ଢୁଙ୍ଗୁରିପାଲି ସମଲେଇଗୁଆ, ସମୟ: ରାତି ୧୦ଟା।

**ନୂଆପଡ଼ା**
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ପ୍ରଥମ ପୃଷ୍ଠାରୁ...**

## ଖାଲେଦା ଜିଆଙ୍କ...

ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ଅଧ୍ୟକ୍ଷା ଥିଲେ। ବାଂଲା ରାଜନୀତିରେ ସେ ଜଣେ ଉତ୍ତୁଙ୍ଗ ନେତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ତୀବ୍ର ବିରୋଧୀ ଥିଲେ। ଖାଲେଦା ବହୁ ଦଶନ୍ଧି ଧରି ଦେଶର ରାଜନୀତିକୁ ନୂଆ ମୋଡ଼ ଦେଇଥିଲେ। ଦୀର୍ଘବର୍ଷର ସାମରିକ ଶାସନ ପରେ ବାଂଲାଦେଶରେ ଗଣତନ୍ତ୍ର ଫେରାଇ ଆଣିବାରେ ଖାଲେଦାଙ୍କର ପ୍ରମୁଖ ଭୂମିକା ଥିଲା। ଦୀର୍ଘଦିନ ଅସୁସ୍ଥ ରହିବା ସତ୍ତ୍ୱେ ଜାତୀୟ ଜୀବନରେ ସେ ପ୍ରମୁଖ ଶକ୍ତି ହୋଇ ରହିଥିଲେ। ଖାଲେଦାଙ୍କ ପରଲୋକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବାଂଲାଦେଶର ବିକାଶ ଏବଂ ଭାରତ–ବାଂଲାଦେଶ ସମ୍ପର୍କରେ ଖାଲେଦାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ସବୁଦିନ ପାଇଁ ମନେରହିବ ବୋଲି ମୋଦି କହିଛନ୍ତି। ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଖାଲେଦାଙ୍କ ପରଲୋକରେ ସେ ଅତ୍ୟନ୍ତ ମର୍ମାହତ। ଦେଶ କେବଳ ଜଣେ ରାଜନେତାଙ୍କୁ ନୁହେଁ ବରଂ ଜଣେ ଉତ୍ତୁଙ୍ଗ ରାଷ୍ଟ୍ରନେତ୍ରୀଙ୍କୁ ହରାଇଲା, ଯିଏ କି ଦେଶ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ପ୍ରତିନିଧିତ୍ୱ କରିଥିଲେ ବୋଲି ୟୁନୁସ୍ କହିଛନ୍ତି। ପାକିସ୍ତାନ ଏବଂ ଚାଇନା ମଧ୍ୟ ଖାଲେଦାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

ନଭେମ୍ବର ୨୩ରେ ଖାଲେଦା ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏଭରକେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଛାତିରେ ସଂକ୍ରମଣ ହୋଇଥିବା ଜଣାପଡ଼ିବାରୁ ଅବଜରଭେଶନରେ ରଖାଯାଇଥିଲା। ନଭେମ୍ବର ୨୭ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ କରୋନାରି କେୟାର ୟୁନିଟ୍‌ରେ ରଖାଯାଇଥିଲା। ତାଙ୍କ ଲିଭର ଓ କିଡ୍‌ନୀରେ ସମସ୍ୟା ସାଙ୍ଗକୁ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଆଥ୍ରାଇଟିସ୍ ଏବଂ ସଂକ୍ରମଣଜନିତ ସମସ୍ୟା ରହିଥିଲା।

୧୯୪୫ ଅଗଷ୍ଟ ୧୫ରେ ଖାଲେଦାଙ୍କ ଜନ୍ମ ତତ୍କାଳୀନ ବ୍ରିଟିଶ ଇଣ୍ଡିଆର ବଙ୍ଗ ପ୍ରଦେଶ ଅନ୍ତର୍ଗତ ଜଲପାଇଗୁଡ଼ି (ବର୍ତ୍ତମାନର ପଶ୍ଚିମବଙ୍ଗ)ରେ ହୋଇଥିଲା। ୧୯୪୭ରେ ଦେଶ ବିଭାଜନ ବେଳେ ତାଙ୍କ ପରିବାର ପୂର୍ବବଙ୍ଗର ଦିନାଜପୁର ଚାଲିଯାଇଥିଲେ। ସେ ପାକ୍ ସେନାର ତତ୍କାଳୀନ କ୍ୟାପ୍‌ଟେନ ଜିଆଉର ରହମାନଙ୍କୁ ବିବାହକରି ନିଜ ନାମକୁ ଖାଲେଦା ଜିଆରେ ପରିବର୍ତ୍ତନ କରିଥିଲେ। ଖାଲେଦା ୩ ଥର ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ସହ ବିଏନ୍‌ପିର ଅଧ୍ୟକ୍ଷା ରହିଥିଲେ। ତେବେ ତାଙ୍କୁ କେତେକ ଦୁର୍ନୀତି ମାମଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଯାହାକୁ ସେ ରାଜନୈତିକ ଉଦ୍ଦେଶ୍ୟମୂଳକ ବୋଲି କହିଥିଲେ। ଗତ ଜାନୁଆରୀରେ ସୁପ୍ରିମକୋର୍ଟ ତାଙ୍କୁ ଶେଷ ଦୁର୍ନୀତି ମାମଲାରୁ ଦୋଷମୁକ୍ତ କରିଥିଲେ।

## ପିକ୍‌ନିକ୍: ପ୍ରଦୂଷଣ...

ଅଞ୍ଚଳରେ ୱାଟର ସ୍ପ୍ରିଙ୍କଲର ଠିକ୍ ଭାବେ ବ୍ୟବହାର ହେଉଛି କି ନାହିଁ ତାହା କଡ଼ାକଡ଼ି ଭାବେ ପାଳନ କରାଯିବ। ପର୍ଯ୍ୟଟନସ୍ଥଳୀରେ ପିକ୍‌ନିକ୍ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଏବଂ ପରିବହନ ବିଭାଗ ମିଳିତ ଭାବେ ଚେକିଂ ଉପରେ ଗୁରୁତ୍ୱ ଦେବେ। ପିକ୍‌ନିକ୍/ତୀର୍ଥଯାତ୍ରା ପାଇଁ ବାହାରୁଥିବା ଗାଡ଼ିଗୁଡିକ ଆର୍‌ଟିଓଙ୍କ ଠାରୁ ପରମିଟ୍ ନେବା ବାଧ୍ୟତାମୂଳକ। ଅଧିକ ଭିଡ଼ ଥିବା ସ୍ଥାନରେ ଏମରଜେନ୍ସି କେୟାର ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ଗୋଲ୍‌ଡେନ ଆୱାରରେ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯିବ। ସ୍କୁଲ୍ ଏବଂ କଲେଜ ଛାତ୍ରୀଛାତ୍ର ପିକ୍‌ନିକ୍ ଯିବା ପୂର୍ବରୁ ଶିକ୍ଷାନୁଷ୍ଠାନ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବେ। ପିକ୍‌ନିକ୍ ଯାଉଥବା ଗାଡ଼ିରେ ସମସ୍ତ ଡକ୍ୟୁମେଣ୍ଟ ରହିବା ଜରୁରୀ ଏବଂ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍କୁଲର ଶିକ୍ଷକ ଏବଂ କଲେଜ ଅଧ୍ୟାପକ ମଧ୍ୟ ରହିବେ। ପର୍ଯ୍ୟଟନ ବିଭାଗ ପାର୍କିଂ, ସାଇନ୍‌ଏଜ୍ ଓ ଯାତ୍ରୀ ସଂଖ୍ୟା ରେକର୍ଡ ରଖିବେ। ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକ ରାସ୍ତା ମରାମତି କରିବେ। ସାଇନ୍‌ଏଜ୍, ହାଜାର୍ଡ ମାର୍କର ଓ ବ୍ୟାରିକେଡ୍ ବ୍ୟବସ୍ଥା କରିବେ। ଏହି ସମୟରେ ଦ୍ରୁତଗତି, ଓଭରଲୋଡିଂ, ହେଲ୍‌ମେଟ୍/ସିଟ୍ ବେଲ୍ଟ ପିନ୍ଧିବା ଉପରେ ମଧ୍ୟ ସଚେତନ କରାଯିବ। ସେହିଭଳି କୁହୁଡ଼ିକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ସଚେତନତା ଗ୍ରହଣ କରାଯିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପିକ୍‌ନିକ୍ ଋତୁରେ ହେଉଥିବା ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଅନୁପାଳନ କରାଯିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବାପାଇଁ କୁହାଯାଇଛି। ବିଶେଷକରି ମଦ ପିଇ ଗାଡ଼ି ଚଳାଇବା ଉପରେ ସତର୍କ ଦୃଷ୍ଟି ରଖାଯିବ। ଏହାସହିତ ଗୋଟିଏ ବାଇକ୍‌ରେ ତିନିଜଣ ବସି ଯାତାୟାତ କରିବା ଏବଂ ଦ୍ରୁତଗତିରେ ଗାଡ଼ି ଚଳାଇବା ଉପରେ ଗୁରୁତ୍ୱ ଦିଆଯିବ। ପିକ୍‌ନିକ୍ ଯୋଗୁ ଯୁବବର୍ଗମାନେ ଏସବୁ ନିୟମର ଅନୁପାଳନ କରି ନ ଥାନ୍ତି, ଯେଉଁଥିପାଇଁ ସଡ଼କ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଜଣାଇଛନ୍ତି।

## ରାସ୍ତା ଅବରୋଧ...

ଓ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଗ୍ରାମବାସୀ ମଙ୍ଗଳବାର ନୂଆ ବ୍ରିଜ୍ (ଦେଓ ନଦୀ ବ୍ରିଜ) ନିକଟରେ ରାସ୍ତା ଅବରୋଧ କରି ଲୋକମାନଙ୍କୁ ମିଟକୁନ୍ଦରୀ ଅଞ୍ଚଳରେ ପିକ୍‌ନିକ ପାଇଁ ବାରଣ କରିଥିଲେ। ଫଳରେ ପିକ୍‌ନିକ୍ ପାଇଁ ଆସିଥିବା ବହୁ ଲୋକ ଫେରିଯାଇଥିବା ଜଣାପଡିଛି।

## ପଦୋନ୍ନତି ପାଇଲେ...

ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂହଙ୍କ ବିଜ୍ଞପ୍ତିରୁ ଜଣାଯାଇଛି। ସେହିପରି ରାଜ୍ୟ ସରକାର ମଙ୍ଗଳବାର କେତେଜଣ ଆଇଏଫ୍‌ଏସ୍(ଇଣ୍ଡିଆନ ଫରେଷ୍ଟ ସର୍ଭିସ୍) ଅଫିସରଙ୍କୁ ପଦୋନ୍ନତି ଦେଇଛନ୍ତି। ୨୦୦୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ମନୋଜ ଭି. ନାୟାର ଏବଂ ଜି. ରାଜେଶଙ୍କୁ ଅତିରିକ୍ତ ପିସିସିଏଫ୍ ପଦକୁ ପଦୋନ୍ନତି ମିଳିଛି। ସେହିପରି ୨୦୧୨ ବ୍ୟାଚ୍‌ର ୪ ଜଣ ଆଇଏଫ୍‌ଏସ୍ ଅଫିସରଙ୍କୁ କଞ୍ଜରଭେଟର ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାରେ ଥିବା ଜଗୟାନନ୍ଦଡ଼ ପତି, ସନଥ କୁମାର ଏନ୍, ସମ୍ରାଟ ଗୌଡ଼ା ଡି ଏସ୍ ଏବଂ କେନ୍ଦ୍ରୀୟ ଡେପୁଟେଶନରେ ଥିବା ସଞ୍ଜୀବ ରେଡ୍ଡିଙ୍କୁ କଞ୍ଜରଭେଟର ପଦକୁ ପଦୋନ୍ନତି ମିଳିଛି। ସେହିପରି ୨୦୧୩ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ରିଙ୍କୁ କୁମାରୀ, କଲୁଙ୍ଗେ ଗୋରଖ ୱାମାନ ଏବଂ ସୁଶାନ୍ତ କୁମାରଙ୍କୁ ସିଲେକ୍ସନ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ସୁଶାନ୍ତ କୁମାର ଏବେ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ୨୦୧୭ ବ୍ୟାଚ୍‌ର ଲଦେ ଗଜାନନ ଦୟାନନ୍ଦ, ସାଇ କିରନ ଡି.ଏନ୍, ଲଳିତ କୁମାର ପାତ୍ର, ପ୍ରତାପ କୋଟପାଲୀ ଏବଂ ଆନନ୍ଦ ଏସ୍‌ଙ୍କୁ କନିଷ୍ଠ ପ୍ରଶାସନିକ ଗ୍ରେଡ୍‌କୁ ପଦୋନ୍ନତି ପାଇଛନ୍ତି। ଆନନ୍ଦ ଏସ୍ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ସମସ୍ତ ଆଇଏଫ୍‌ଏସ୍ ଅଫିସରଙ୍କ କ୍ଷେତ୍ରରେ ଆସନ୍ତା ପହିଲାରୁ ଏହି ପଦୋନ୍ନତି ନିୟମ ଲାଗୁହେବ।

## ଏସ୍‌ଆଇଆର୍ ବଡ଼...

କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଟାର୍ଗେଟ କରିବା ସହ ଏସ୍‌ଆଇଆର୍‌କୁ ବଡ଼ ଦୁର୍ନୀତି ବୋଲି କହିଥିଲେ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସହାୟତାରେ ଏସ୍‌ଆଇଆର୍ କରାଯାଉଛି। ଏସ୍‌ଆଇଆର୍ ନାମରେ ପଶ୍ଚିମବଙ୍ଗର ଗରିବ ଲୋକେ ନିର୍ଯାତିତ ହେଉଛନ୍ତି। ଏସ୍‌ଆଇଆର୍ ଯୋଗୁ ପ୍ରାୟ ୬୦ ଜଣଙ୍କ ମୃତ୍ୟୁ ଘଟିଲାଣି। କାଗଜପତ୍ର ଯାଞ୍ଚ ଶୁଣାଣି ଲାଗି ବରିଷ୍ଠ ନାଗରିକମାନଙ୍କୁ ଡକାଯାଉଛି। ଯଦି ଜଣେ ବି ବୈଧ ଭୋଟରଙ୍କ ନାଁ ବାଦ୍ ପଡ଼େ, ତେବେ ଟିଏମ୍‌ସି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରିବ ବୋଲି ମମତା ଦୃଢ଼ୋକ୍ତି କରିଛନ୍ତି। ଟିଏମ୍‌ସି ସରକାରରେ ପଶ୍ଚିମବଙ୍ଗ ଆତଙ୍କବାଦୀଙ୍କ କେନ୍ଦ୍ରରେ ପରିଣତ ହୋଇଥିବା ଅମିତ୍ ଶାହା କହିଥିବାବେଳେ ମମତା ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜମ୍ମୁ–କଶ୍ମୀରରେ ଯଦି ଆତଙ୍କବାଦୀ ନାହାନ୍ତି, ପହଲଗାମ୍ ଆକ୍ରମଣ ଘଟିଲା କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଦିଲ୍ଲୀରେ ବିସ୍ଫୋରଣ କିଏ ଘଟାଇଲା ବୋଲି ମମତା ପ୍ରଶ୍ନ ଉଠାଇଛନ୍ତି। ଭାଜପା ଶାସିତ ରାଜ୍ୟରେ ବଙ୍ଗାଳୀ ଆପ୍ରବାସୀଙ୍କ ଉପରେ ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।

## ଅତିରିକ୍ତ ତହସିଲଦାରଙ୍କ...

ଏସ୍‌ବିଆଇ ଶାଖା ଓ କଳ୍ପନା ଛକସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କରେ ରହିଛି। ଏହି ଲକରଗୁଡ଼ିକୁ ବୁଧବାର ଖୋଲାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିତେନ୍ଦ୍ର ୨୦ ଲକ୍ଷ ଟଙ୍କା ବ୍ୟାଙ୍କ ଓ ଜୀବନବୀମାରେ ଜମା ରଖିଥିବା ବେଳେ ୧୬ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୨୩.୪୧ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୪ଟି ଦୁଇ ଚକିଆ ଯାନ ଠାବ କରାଯାଇଛି। ଚଢ଼ାଉ ଜାରି ରହିଥିବାବେଳେ ଜିତେନ୍ଦ୍ରଙ୍କୁ ପଚରାଉଚରା କରାଯାଉଛି। ତାଙ୍କ ନିକଟରୁ ଆହୁରି ସମ୍ପତ୍ତି ଠାବ ହେବା ସମ୍ଭାବନା ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ୨ ହଜାର ଟଙ୍କା ଦରମାରୁ ଆରମ୍ଭ ହୋଇଥିଲା ୩ ଦଶନ୍ଧିର ଚାକିରି

୧୯୯୫ ନଭେମ୍ବର ୧୦ରେ ଜିତେନ୍ଦ୍ର କଟକସ୍ଥିତ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟରେ ସିନିୟର ଲାବରେଟୋରି ଆସିଷ୍ଟାଣ୍ଟ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ସେତେବେଳେ ତାଙ୍କର ଦରମା ଥିଲା ମାତ୍ର ୨ ହଜାର ଟଙ୍କା। ୧୯୯୭ ଜୁଲାଇ ୧୫ରେ ସେ ଭୁବନେଶ୍ୱରସ୍ଥିତ ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନକୁ ବଦଳି ହୋଇଥିଲେ। ୨୦୨୦ ମେ' ୧୬ରେ ଜିତେନ୍ଦ୍ର ଓଆର୍‌ଏସ୍ ପାହ୍ୟାକୁ ପଦୋନ୍ନତି ପାଇ ଭୁବନେଶ୍ୱର ଜିଲା ସବ୍‌ରେଜିଷ୍ଟ୍ରାରଙ୍କ ଅଧୀନରେ ଟିଆର୍‌ଓ ଭାବେ ଯୋଗଦେଇଥିଲେ। ପରେ ୨୦୨୧ ଫେବୃଆରୀ ୨୬ରୁ ୨୦୨୩ ଏପ୍ରିଲ ୧୧ ପର୍ଯ୍ୟନ୍ତ ସେ ପୁରୀ ଜିଲା ପିପିଲି ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ୨୦୨୩ ମାର୍ଚ୍ଚ ୧୧ରୁ ଜୁଲାଇ ୧ରୁ ଜିତେନ୍ଦ୍ର ପିପିଲି ସବ୍‌ରେଜିଷ୍ଟ୍ରାର ରହିବା ସହ ଜୁଲାଇ ୧ରେ ବାରଙ୍ଗ ଅତିରିକ୍ତ ତହସିଲଦାର ଭାବେ ବଦଳି ହୋଇଥିଲେ।




ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଳିକି ଗୋସେଇଁ ଓଳିକି**
**ବାପ! ଭାତ ନାହିଁ ଆଉ ଓଳିକି।**

ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ଅତି ଦୁଃଖେ କଷ୍ଟେ ଜୀବନଯାପନ କରିଥାନ୍ତି। ଗରିବ ବ୍ୟକ୍ତି ଦିନକୁ ଦି' ଓଳି ଦି' ମୁଠେ ଖାଇବାକୁ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଷ୍ଠ ପତର ଫରଫର**
**ଟିକିଏ କଥାରେ ଗରଗର।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଟିକେଟିକେ କଥାରେ ରାଗିକି ଥରି ଯାଉଥିବାର ଦେଖିବାକୁ ମିଳିଥାଏ। ଏପରିକି କାହାର ଟିକିଏ ଭୁଲ୍ ହେବାର ଦେଖିଲେ ତାକୁ ସହ୍ୟ କରି ନ ପାରି ମନକୁ ଯାହା ଆସେ ତାହା କହି ଦେଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଧୈର୍ଯ୍ୟଶକ୍ତି ଖୁବ୍ କମ୍ ରହୁଥିବାର ଜଣାଯାଇଥାଏ। କ୍ରୋଧୀ ସ୍ୱଭାବ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କ ଗହଣରେ ନିଯୁକ୍ତି ପତ୍ର ପାଇଥିବା ଯୁବତୀଯୁବକ।

## ଦୁର୍ନୀତି କରି...

ସଶକ୍ତୀକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ ଏବଂ ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ ଏବଂ ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତିପତ୍ର ପାଇଛନ୍ତି। ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ କଠିନ ପରିଶ୍ରମ, ଘାତ ପ୍ରତିଘାତ ଦେଇ ଏଠାରେ ପହଞ୍ଚିଛନ୍ତି। ଏହି ନିଯୁକ୍ତିପତ୍ର ହେଉଛି ବିଶ୍ୱାସ ଓ ସଫଳତାର ପ୍ରତୀକ। ଭାଜପା ସରକାର ଆସିବାର ମାତ୍ର ୧୮ ମାସ ହୋଇଛି, ଏହି ସ୍ୱଳ୍ପ ସମୟରେ ସରକାରୀ ସ୍ତରରେ ଆମେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ସବୁ ନବନିଯୁକ୍ତଙ୍କ କର୍ମମୟ ଜୀବନର ମୂଳ ଲକ୍ଷ୍ୟ ହେବ। ନିଜେ ଦୁର୍ନୀତିମୁକ୍ତ ରହିବା ସହ ବ୍ୟବସ୍ଥାକୁ ଦୁର୍ନୀତିରୁ ମୁକ୍ତ ରଖିବା ପାଇଁ ସବୁବେଳେ ପ୍ରତିବଦ୍ଧ ରହି ରାଜ୍ୟବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ। ଜନସାଧାରଣଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ କେବେହେଲେ ଭୁଲିବେ ନାହିଁ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାରୁ ଜଣେ ଲେଖାଏ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ମାଲକାନଗିରି ଜିଲାର ବସନ୍ତ କୁମାର ରଣା ଓ କୋରାପୁଟ ଜିଲାର ତରୁଣ କୁମାର ଦାସଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ୨୦୩୬ ସୁଦ୍ଧା ଓଡ଼ିଶାରୁ ଅତି କମ୍‌ରେ ୧୦ଜଣ ଅଲିମ୍ପିଆଡ୍ ସୃଷ୍ଟିକରିବା ପାଇଁ ନବନିଯୁକ୍ତ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ୨୦୩୬ ପାଇଁ ଆପଣମାନେ ସ୍ୱପ୍ନଠାରୁ ସଂକଳ୍ପ ବଡ଼ ରଖନ୍ତୁ। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସାଧାରଣ ଜନତାଙ୍କ ସ୍ୱୀକୃତି ଅନ୍ୟ ସମସ୍ତ ସାର୍ଟିଫିକେଟ୍‌ଠାରୁ ବହୁ ଉର୍ଦ୍ଧ୍ୱରେ ରହିବ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବନିଯୁକ୍ତଙ୍କୁ ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟ ପରାଣୟତାର ସହ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜିର ଜନ୍ମ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟୁଷ ଯାତ୍ରାରେ ସମସ୍ୟାର ସମ୍ମୁଖୀନ ହେବେ। ଉତ୍ତମ ବୁଝାମଣା ଏବଂ ଉତ୍ସାହଜନିତ ପାରିବାରିକ ଜୀବନ ସୁମଧୁର ହେବ। କାର୍ଯ୍ୟକୁଶଳତା କାରଣରୁ ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଲାଭ ଯୋଗ ରହିଛି। ସାହିତ୍ୟଚର୍ଚ୍ଚା, ବନ୍ଧୁସମ୍ପର୍କ ଏବଂ ବ୍ୟବସାୟିକ ସ୍ଥିତିରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ।

**ବୃଷ**
ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ମିଥୁନ**
ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ଅନୁତାପ କରିବାକୁ ପଡ଼ିପାରେ। ଆଜି ଆନୁଷ୍ଠାନିକ କାମରେ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ମୃଗଶିରା ନକ୍ଷତ୍ର ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପରିଶ୍ରମ ମୁତାବକ ଫଳ ନ ପାଇବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ।

**କର୍କଟ**
କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପ୍ରଶଂସା ଟିକେ ମିଳିବ ନାହିଁ। ମତ ପାର୍ଥକ୍ୟ ଯୋଗୁ ଘରୋଇ କଥାରେ କୌଣସି ନିର୍ଣ୍ଣାୟକ ସିଦ୍ଧାନ୍ତ ନେଇପାରିବେ ନାହିଁ। ଉପରିସ୍ଥଙ୍କ ଶୁଭଦୃଷ୍ଟିରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଅଶ୍ଳେଷା ନକ୍ଷତ୍ର ଆନୁଷ୍ଠାନିକ କାମରେ ତତ୍ପରତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ସିଂହ**
ପରିସ୍ଥିତି ବଶତଃ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ପୃଷ୍ଠପୋଷକତା ଅଭାବରୁ କାମଗୁଡିକ ସୁବିଧାରେ ହେବା କଷ୍ଟକର ହୋଇପଡିବ। ପଦାଧିକାରୀଙ୍କ ଚାପର ପ୍ରଭାବରୁ ଯୁଦ୍ଧକାଳୀନ ଭିତିରେ କାମ କରିବାକୁ ବାଧ୍ୟ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ଆବଶ୍ୟକତା ବୃଦ୍ଧି ପାଉଥିବାରୁ ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିବ।

**କନ୍ୟା**
କଠିନଶ୍ରମଜନିତ ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ଆଉ ରହି ନ ପାରେ। ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ବିଚଳିତ ଅନୁଭବ କରିବେ। ବ୍ୟବସାୟ ଅଥବା କିଣାବିକାର ଚୁକ୍ତି କ୍ଷେତ୍ରରେ ସଫଳତା ପାଇବେ। ହସ୍ତା ନକ୍ଷତ୍ର ସକାଶେ କଚେରି ମାମଲା ସମାଧାନର ଆଶା ମାନସିକ ଦୁଶ୍ଚିନ୍ତା ଲାଘବ କରିବ।

**ତୁଳା**
ସମ୍ପର୍କୀୟଙ୍କଠାରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି ମିଳାଇ ଯାଇପାରେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ସକାଶେ ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**ବିଛା**
ଭଲ ସମ୍ପର୍କ ଥିବା ବନ୍ଧୁ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ସକାଳୁ ସକଳୁ ବନ୍ଧୁ ମିଳନ ସଙ୍ଗକୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି। ବିଶାଖା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। କୌଣସି ଗୁରୁରତ୍ୱପୂର୍ଣ୍ଣ କାମ ହାସଲ କରିବା ସକାଶେ ଅର୍ଥସଙ୍କଟକୁ ବନ୍ଧୁ ଦୂରେଇ ନେବେ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପରିବାରରେ ଅପ୍ରିୟସତ୍ୟ ଭାଷଣଜନିତ ମତାନ୍ତର ଆଶଙ୍କା ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରି କିଛି ଲାଭ ପାଇବେ ନାହିଁ। ଦୀର୍ଘ ଦିନରୁ କୁହୁଳୁଥିବା ପାରିବାରିକ ସମସ୍ୟାର ସମାଧାନ କରିବେ। ହିତୈଷୀଙ୍କ ପରାମର୍ଶରେ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ମନ ବଳାଇପାରନ୍ତି।

**ମକର**
କାର୍ଯ୍ୟଦକ୍ଷତାଜନିତ ଅଭିଳାଷ ପୂରଣ କରି ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ବନ୍ଧୁଙ୍କ ନିମନ୍ତ୍ରଣ ପାଇପାରନ୍ତି। ପ୍ରତ୍ୟୁଷରୁ ମନଟା ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। ଶ୍ରବଣା ନକ୍ଷତ୍ରକଳା, ସାହିତ୍ୟ ରଚନା ଓ ସଙ୍ଗୀତ ସାଧନା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ, ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ସୂଚନା ରହିଛି। ପୂର୍ବଭାଦ୍ର ନକ୍ଷତ୍ର ପାରିବାରିକ ଜୀବନରେ ଉଚିତ ବୁଝାମଣାଜନିତ ଶାନ୍ତି ଫେରି ଆସିବ। ନୂତନ ଗୃହନିର୍ମାଣ, ଦୂରଯାତ୍ରା ଓ ବନ୍ଧୁସମ୍ପର୍କରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ**
ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାର ସୂଚନା ରହିଛି।

ଆଜି ଡିସେମ୍ବର ୩୧ ତାରିଖ। ଖ୍ରୀଷ୍ଟାୟ ବର୍ଷ ଶେଷ, ପୌଷ ଶୁକ୍ଳ ଦ୍ୱାଦଶୀ ବୁଧବାର। ରାଶି ନକ୍ଷତ୍ର–କୃତ୍ତିକା/ମେଷ, ଦିବା ଘ.୯.୨୨ମି. ଗତେ ରୋହିଣୀ ନକ୍ଷତ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୪ମି. ଗତେ ଘ.୦୮.୩୪ମି. ମଧ୍ୟେ, ଘ.୧୦.୪୪ମି. ଗତେ ଘ.୧୧.୪୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୧୦ମି. ମଧ୍ୟେ ରାହୁ କାଳ।

# ସରକାରୀ କାର୍ଯ୍ୟାଳୟରେ ଆସର କରନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨ (ରବିନାରାୟଣ ଜେନା)

ଇଂଲିଶ ନୂଆବର୍ଷ ୨୦୨୬ ଗୁରୁବାର ସରକାରୀ କାର୍ଯ୍ୟଦିବସ ରହୁଥିବାରୁ ଉକ୍ତଦିନ ସରକାରୀ କାର୍ଯ୍ୟାଳୟରେ କୌଣସି ପ୍ରକାର ଆସର ନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନବବର୍ଷ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ଏହି ଦିନଟି ସରକାରୀ କାର୍ଯ୍ୟ ଦିବସରେ ପଡୁଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟଦିବସ ଭାବେ ଚାଲିବ। ମୁଖ୍ୟମନ୍ତ୍ରୀଙ୍କୁ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଇଂଲିଶ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ କେହି ବ୍ୟକ୍ତିଗତ ଭାବେ ଆସନ୍ତୁ ନାହିଁ। ମୁଖ୍ୟମନ୍ତ୍ରୀ ଆହୁରି ପୁଣି କହିଛନ୍ତି, ଏହିଦିନ ସରକାରୀ କାର୍ଯ୍ୟଦିବସ ରହୁଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂଲିଶ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ପରାମର୍ଶ ଦିଆଯାଇଛି। କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟ୍‌ଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଉଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଦିବାସୀଙ୍କ ଛାତି ଉପରେ ଖଣି ଖୋଳା ଚାଲିଛି:କଂଗ୍ରେସ

ଭୁବନେଶ୍ୱର,୩୦।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ଛାତି ଉପରେ ଖଣି ଖୋଳା ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜଗାଙ୍ଗପୁର କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା ଏବଂ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ନିର୍ମଳ ନାଏକ କହିଛନ୍ତି, ସୁନ୍ଦରଗଡ଼ ଜିଲାର ଲାଞ୍ଜିବେର୍ଣ୍ଣା ଗ୍ରାମରେ ଅବସ୍ଥିତ ଚୂନପଥର ଖଣି ଡାଲମିଆ କମ୍ପାନୀଙ୍କୁ ସବୁ ନୀତିନିୟମକୁ ଉପକ୍ଷୋକରି ଟେକିଦିଆଯାଇଛି। ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯାହା ନିୟମାବଳୀ ଅଛି ତାହା ଆଦୌ ପାଳନ ହେଉନାହିଁ। ବିନା ଗ୍ରାମସଭା ଅନୁମତିରେ କମ୍ପାନୀକୁ ଖଣି ହସ୍ତାନ୍ତର କରିବା ମାମଲା ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିଥିଲେ। କିନ୍ତୁ ଓଡ଼ିଶାରେ ଗ୍ରାମସଭା ଅନୁମତି ବିନା ଖଣିକୁ ହସ୍ତାନ୍ତର କରାଯାଇଛି। ସିଜିମାଳିରେ ବିନା ଗ୍ରାମସଭା ଅନୁମତିରେ ଖଣି ଆଦାନୀକୁ ଦିଆଯାଇଛି। ଠିକ୍ ସେପରି କୁତ୍ରା ବ୍ଲକ୍ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଗ୍ରାମରେ ଲାଇମଷ୍ଟୋନ୍ ଡୋଲୋମାଇଟ ଖଣି ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଗ୍ରାମସଭାର ଅନୁମତି ବିନା ରାଜ୍ୟ ସରକାର ଡାଲମିଆ ସିମେଣ୍ଟ କମ୍ପାନୀକୁ ଟେକିଦେଇଛନ୍ତି।

ଏକ୍କା କହିଛନ୍ତି, ରାଜ୍ୟରେ ପୁଞ୍ଜିପତିଙ୍କ ଶାସନ ଚାଲିଛି। ସାଧାରଣ ଜନତା ଓ ଆଦିବାସୀ ଶୋଷିତ ହେଉଛନ୍ତି। ବିଶେଷକରି ସୁନ୍ଦରଗଡ଼ର ବଣାଇରେ କୋଇଲା ପଥର ଖଣି ଓ ରାଜଗାଙ୍ଗପୁରର ଚୂନପଥର ଖଣିକୁ ସମସ୍ତ ନୀତିନିୟମକୁ ଉପେକ୍ଷାକରି ଜମି ଅଧିଗ୍ରହଣ, ବିସ୍ଥାପନ ଓ ପରିବେଶ ସନ୍ତୁଳନ ଆଦିକୁ ବେଖାତିର କରି ଡାଲମିଆ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗ୍ରାମସଭାରେ ଅତିକ୍ରମ୍‌ରେ ୮୦% ସହମତି ଲୋଡ଼ା ଏଲ୍ ଫର୍ମ ଓ ଏମ୍ ଫର୍ମ ନୀତିନିୟମ ମଧ୍ୟ ପାଳନ କରାଯାଇ ନାହିଁ। ଲୋକମାନଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ରାଜ୍ୟ ସରକାର ଆଦିବାସୀ ଏବଂ ଜନତାଙ୍କ ଦୁଃଖ ଶୁଣୁନାହାନ୍ତି। ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଖଣି ଅଞ୍ଚଳରେ ବିରାଟ ବିକ୍ଷୋଭ ହେବ ବୋଲି ଏକ୍କା କହିଛନ୍ତି।

ଏହି ଅବସରରେ ନିର୍ମଳ ନାଏକ କହିଥିଲେ, କମ୍ପାନୀ ଓ ପୁଞ୍ଜିପତିମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନକରି ଆଦିବାସୀମାନଙ୍କୁ ବେଆଇନଭାବେ ବିସ୍ଥାପିତ କରୁଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ଭୀଷଣ ଆନ୍ଦୋଳନର ସୂତ୍ରପାତ ହେବ। ଏହି ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ଆଡଭୋକେଟ ଆଲବର୍ଟ କିଣ୍ଡୋ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ିମାଲିକଙ୍କଠାରୁ ଜିଜିଆ କର ଆଦାୟ ହେଉଛି:ଯୁବ କଂଗ୍ରେସ

ଭୁବନେଶ୍ୱର,୩୦।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାର ଗାଡ଼ି ମାଲିକଙ୍କଠାରୁ ଜିଜିଆ କର ଆଦାୟ କରୁଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି। କଂଗ୍ରେସ ଭବନରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାତ୍ର କହିଛନ୍ତି, ୧ କୋଟି ୧୩ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ଟାଟା ପାୱାର କମ୍ପାନୀକୁ ଲଗାଇ ରକ୍ତ ଶୋଷଣ କଲା ପରେ ସରକାରଙ୍କ ମନ ଭରିଲା ନାହିଁ ଯେ, ଏବେ ଗାଡ଼ି ମାଲିକଙ୍କ ଉପରେ ଜିଜିଆ କର ଲଗାଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନାମରେ ୨ଚକିଆ, ୪ଚକିଆ ଏବଂ ସମସ୍ତ ଯାନର ମାଲିକଙ୍କଠାରୁ ଅର୍ଥ ଶୋଷଣ କରୁଛନ୍ତି। ଲୋକଙ୍କୁ ସଚେତନ କରା ନ ଯାଇ ମନଇଚ୍ଛା ଜରିମାନା ଲାଗୁ କରାଯାଇଛି। ଗୋଟିଏ ପଟେ କୁହାଯାଉଛି, ଯଦି ଫାଇନ୍ ନ ଦେବ ତେବେ ପ୍ରଦୂଷଣ ସାର୍ଟିଫିକେଟ ଦିଆଯିବ ନାହିଁ। ପୁଣି କୁହାଯାଉଛି ଯଦି ପ୍ରଦୂଷଣ ସାର୍ଟିଫିକେଟ ନ ଥିବ ତେବେ ପେଟ୍ରୋଲ ଟାଙ୍କିରେ ତେଲ ମିଳିବ ନାହିଁ। ତେଣୁ ଏହା ଏକ ଜନହିତୈଷୀ ସରକାର ନା ଜନବିରୋଧୀ ସରକାର ଜନସାଧାରଣ ବିଚାର କରନ୍ତୁ ବୋଲି ପାତ୍ର କହିଛନ୍ତି। ସେ କହିଛନ୍ତି, ପୁରୁଣା ଗାଡ଼ିର ମୂଲ୍ୟ ୨୦ ହଜାର ଟଙ୍କା ହେବ କି ନାହିଁ, ହେଲେ ତାହା ଉପରେ ଫାଇନ୍ ୨୫ ହଜାର ଟଙ୍କା କରାଯାଉଛି। ଫଳରେ ସାଧାରଣ ବେପାରୀ କିମ୍ବା ଅଭାବୀ ଲୋକଟି ଆଉ ଗାଡ଼ି ଚଲାଇବା ପାଇଁ ସକ୍ଷମ ହୋଇପାରିବ ନାହିଁ। ସମସ୍ତଙ୍କ ଗାଡ଼ି ପରୀକ୍ଷାକରି ଏକ ସୁଲଭ ମୂଲ୍ୟରେ ପ୍ରଦୂଷଣ ସାର୍ଟିଫିକେଟ ଇସ୍ୟୁ କରିବାପାଇଁ ଯୁବ କଂଗ୍ରେସ ଦାବି କରିଛି। ଯଦି ସରକାର ଗାଡ଼ି ଉପରେ ଥିବା ଫାଇନ୍ ପୂରଣ କରିବାପରେ ପ୍ରଦୂଷଣ ସାର୍ଟିଫିକେଟ ଇସ୍ୟୁ କରିବାର ନିଷ୍ପତ୍ତିରେ ଅଟଳ ରୁହନ୍ତି, ତେବେ ଯୁବ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ପାତ୍ର ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ମନୋଜ ବିଶ୍ୱାଳ, ଯାସିର ନୱାଜ, ଜାଭେଦ ଅଖତର ପ୍ରମୁଖ ସାମିଲ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱରରେ ରୋଗୀ ସେବା ଓ ଘରକାମ ପାଇଁ ଝିଅପିଲା ଆବଶ୍ୟକ। (ବୟସ ୩୦ ଭିତରେ)।
Mobile- 6371887781

ଆବଶ୍ୟକ
ପ୍ରତିଷ୍ଠିତ ଭାଇଭାଇ ରସଗୋଲା ଆଣ୍ଡ ଟିଫିନ ସେଣ୍ଟର, ଲୁଇସ୍ ରୋଡ, ଭୁବନେଶ୍ୱର, ମେନ୍‌ରୋଡ, କେଦାର ଗୌରୀ ମନ୍ଦିର ନିକଟ ପାଇଁ ପିଲା ଦରକାର।
୧. ମ୍ୟାନେଜର, ୨. Billing & Accounting - ପୁଅ/ଝିଅ, ୩. ଦୋସା, ଛଣାଛଣି ଓ ଖାରା ମିସ୍ତ୍ରି, ୪. ସପ୍ଲାୟର, ୫. ରେଷ୍ଟୁରାଣ୍ଟ ମଜା ସଫା କରିବା ପିଲା ଆବଶ୍ୟକ।
ଯୋଗାଯୋଗ: 9861941304, 6371316767

# ବିଜେଡି ଛାଡ଼ି ଭାଜପାରେ ମିଶିଲେ ବହୁ ଯୁବନେତା

ଭୁବନେଶ୍ୱର, ୩୦।୧୨ (ସୁନିତ୍ ମିଶ୍ର)


ଭାଜପାରେ ଯୋଗଦେଇଥିବା ବିଜେଡି ସମର୍ଥକଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ଭାଜପା ସରକାର କାର୍ଯ୍ୟ କରିଚାଲିଛି। ଏନେଇ ଓଡ଼ିଶାବାସୀଙ୍କ ମନରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ବିକାଶ ମଡେଲ ଉପରେ ଆସ୍ଥା ପ୍ରକଟକରି ସମସ୍ତେ ଏବେ ଭାଜପାମୁହାଁ ହେବାରେ ଲାଗିଛନ୍ତି ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ମଙ୍ଗଳବାର ଦଳର ବିଚାରଧାରା ଉପରେ ଅନୁପ୍ରାଣିତ ହୋଇ ଯୁବନେତା ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସମ୍ପାଦକ ସୁବ୍ରତ ଶତପଥୀଙ୍କ ନେତୃତ୍ୱରେ ବିଜେଡି ଛାଡ଼ି ତାଙ୍କର ବହୁ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ମୁକେଶ କୁମାର ମହାରଣା ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଧୀରଜ ପଟ୍ଟନାୟକ, ରାଜେଶ ଦାସ, ଅଜର ଅମର ମିଶ୍ର, ଲିଙ୍ଗରାଜ ନାୟକ, ମନୋଜ ଦାସ, ଦେବପ୍ରସାଦ ପଣ୍ଡା, ପିଣ୍ଟୁ ସାହୁ, ସ୍ୱାଧୀନ କର, ସୁନାମ ଦୀକ୍ଷିତ, ଉଦୟ ପ୍ରକାଶ ପୃଷ୍ଟି, ସାଗର ସାହୁ, ଗଣେଶ୍ୱର ସାମଲ, କୈଳାସ ଦାସ ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି।

See Career Appointment on every Wednesday & Saturday

WANTED
SECURITY POSTS AT BHUBANESWAR, GOPALPUR, GIRISOLA, JAJPUR, DAMANJODI, CHANDIKHOLE & BALASORE.
Contact:
Mob.: 8885039625 in 10 Days.

# ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ରାଶି ଆଦାୟ ପ୍ରତ୍ୟାହାର ହେଉ

ଭୁବନେଶ୍ୱର, ୩୦।୧୨ (ସୁନିତ୍ ମିଶ୍ର)

**ଚା'ଖଟିରେ ଚର୍ଚ୍ଚା**

ସାଧାରଣ ବିଜୁଳି ଉପଭୋକ୍ତାଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ରାଶି ଆଦାୟ ନିଷ୍ପତ୍ତି ପ୍ରତ୍ୟାହାର ହେଉ। ଓଡ଼ିଶା ଅଗ୍ରଣୀ ବିଜୁଳି ଉତ୍ପାଦନକାରୀ ରାଜ୍ୟ। ମାତ୍ର ଖାଉଟି ୟୁନିଟ୍ ପିଛା ଅଧିକ ଶୁଳ୍କ କାହିଁକି ଦେଉଛି। ରାଜ୍ୟର ମୋଟ ବିଦ୍ୟୁତ୍‌ର ମାତ୍ର ୨ ପ୍ରତିଶତ କୃଷି କାର୍ଯ୍ୟରେ ବ୍ୟବହାର ହୋଇଥାଏ। ତା' ଛାଡ଼ କରିବା ନେଇ କାହିଁକି ସରକାର ନିଷ୍ପତ୍ତି ନେଉନାହାନ୍ତି। ରାଜ୍ୟର ଉପଭୋକ୍ତାମାନେ ମାତ୍ର ୭ରୁ ୮% ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। କିନ୍ତୁ ସେମାନେ ମହଙ୍ଗା ମାଡ଼ର ଶିକାର ହେଉଛନ୍ତି। ଅପରପକ୍ଷରେ ଶିଳ୍ପସଂସ୍ଥାଗୁଡ଼ିକ ମୋଟ ଉପଲବ୍ଧ ବିଦ୍ୟୁତ୍‌ର ୯୦% ବ୍ୟବହାର କରୁଛନ୍ତି। ଏହି ବାବଦରେ ସେମାନେ ୮୦ ହଜାରରୁ ଲକ୍ଷେ କୋଟି ଟଙ୍କା ପର୍ଯ୍ୟନ୍ତ ଛାଡ଼ ପାଉଛନ୍ତି। ତେଣୁ ଓଡ଼ିଶାରେ ସାଧାରଣ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ଓ କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ବିଜୁଳି ଦେୟ ଛାଡ଼ କରାଯାଉ ବୋଲି ମଙ୍ଗଳବାର ଚା' ଖଟିରେ ବିଜୁଳି ଚର୍ଚ୍ଚା ଆଲୋଚନାରେ ଅଂଶ ଗ୍ରହଣକରି ବୁଦ୍ଧିଜୀବୀ, ଉପଭୋକ୍ତା, ରାଜନୈତିକ ବ୍ୟକ୍ତିବିଶେଷ, ଶକ୍ତି ବିଶେଷଜ୍ଞ ପ୍ରମୁଖ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ 'ପଲିଟିକାଲ ଥିଙ୍କର୍ସ ଫୋରମ' ଓ 'ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ'ର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ସିପିଆଇ ନେତା ଆଶିଷ କାନୁନ୍‌ଗୋ, ସିପିଆଇଏମ୍ ନେତା ସୁରେଶ ପାଣିଗ୍ରାହୀ, ସିପିଆଇଏମ୍‌ଏଲ୍ ନେତା ତଥା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ କଂଗ୍ରେସ ଏହାକୁ ଅଧିକ ବ୍ୟାପକ କରିବ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ଦେଶର ଅଧିକାଂଶ ରାଜ୍ୟ ସରକାର କୃଷି ପାଇଁ ସାଧାରଣ ଉପଭୋକ୍ତାଙ୍କ ପାଇଁ ମାଗଣା ବିଜୁଳି ଯୋଗାଇ ଦେଉଛନ୍ତି। ଓଡ଼ିଶା ୩୦୦ ୟୁନିଟ୍ ବିଜୁଳି ଦେୟ ଛାଡ଼ ଦାବି ଦୀର୍ଘଦିନ ଧରି କରିଆସୁଛି। ଦେଶରେ ବିଭିନ୍ନ ରାଜ୍ୟ ବିଜୁଳିରେ ରିହାତି ପାଇଁ ପ୍ରତି ବର୍ଷ ଅନେକ ହଜାର କୋଟି ଟଙ୍କା ସବ୍‌ସିଡି ଦେଲା ବେଳେ ଓଡ଼ିଶାରେ କାହିଁକି ଟଙ୍କାଟିଏ ବି ସବ୍‌ସିଡି ମିଳୁନାହିଁ ବୋଲି ଜେନା ପ୍ରଶ୍ନ କରିଛନ୍ତି।

# ଧାନକିଣାରେ ଚାଷୀକୁଳ ପ୍ରତି ଧୋକା, ପ୍ରତାରଣା ହୋଇଛି: ବିଜେଡି


ଖବରଦାତା ସମ୍ମିଳନୀରେ ସଞ୍ଜୟ ଦାସବର୍ମା ଓ ପ୍ରସନ୍ନ ଆଚାର୍ଯ୍ୟ।

ଭୁବନେଶ୍ୱର, ୩୦।୧୨ (ସୁନିତ୍ ମିଶ୍ର)

ରାଜ୍ୟର ୧୩ ଜିଲାରେ ଧାନକିଣା ଆରମ୍ଭ ହୋଇଛି। ହେଲେ ଏହି ଧାନକିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଧାନରେ ପ୍ରତି କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରୁଛନ୍ତି ବୋଲି ଭାଜପା ସରକାର ପ୍ରଚାର କରୁଛି। ହେଲେ ବାସ୍ତବରେ ରାଜ୍ୟର ଧାନକିଣାକୁ ଦେଖିଲେ ଏହା ଚାଷୀକୁଳଙ୍କ ପ୍ରତି ଧୋକା ଓ ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡି କହିଛି। ଶଙ୍ଖଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନକିଣା ବ୍ୟାପାରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଆଗରେ ଓଡ଼ିଶାର ସ୍ୱର ନରମିଯାଉଛି। ଧାନକିଣା ପ୍ରସଙ୍ଗରେ ନିକଟରେ କେନ୍ଦ୍ର ସରକାରଙ୍କ ଅଧୀନରେ ଏକ ବୈଠକ ବସିଥିଲା। ସେଠାରେ ବିଭିନ୍ନ ରାଜ୍ୟ ପାଇଁ ଧାନ କିଣା ଲାଗି ଲକ୍ଷ୍ୟ ରଖାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଓଡ଼ିଶାଠାରୁ ଛତିଶଗଡ଼ର ଲକ୍ଷ୍ୟ ଅଧିକ ରହିଥିବା ଦେଖିବାକୁ ମିଳିଛି। ଓଡ଼ିଶାଠାରୁ ଛତିଶଗଡ଼ କ୍ଷୁଦ୍ର ରାଜ୍ୟ। ଏପରିକି ଓଡ଼ିଶାଠାରୁ ଛତିଶଗଡ଼ କମ୍ ଧାନ ଉତ୍ପାଦନ ମଧ୍ୟ କରୁଛି। ହେଲେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଛତିଶଗଡ଼ ପାଇଁ ୮୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶାର ଦୁର୍ଭାଗ୍ୟ, ରାଜ୍ୟ ସରକାର ଏ ପ୍ରସଙ୍ଗରେ ନୀରବ ରହୁଛନ୍ତି। ଛତିଶଗଡ଼ରେ ଧାନ ସଂଗ୍ରହ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ଯେଉଁ ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି କଥା ସରକାର କହିଥିଲେ ତାହା ପ୍ରଦାନ ନ କରିବା ଉଦ୍ଦେଶ୍ୟରେ ଧାନ କିଣାରେ ଟାଳଟୁଳ ନୀତିଅବଲମ୍ବନ କରାଯାଉଛି। ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କ ମନ୍ତବ୍ୟରେ ତାଳମେଳ ନାହିଁ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ମାତ୍ର ୮% ଚାଷୀ ଧାନ ବିକିବା ପାଇଁ ସକ୍ଷମ ହୋଇଥିଲା ବେଳେ ଛତିଶଗଡ଼ରେ ୪୦% ଚାଷୀ ଧାନ ବିକ୍ରି କରିସାରିଲେଣି। ରାଜ୍ୟର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସ୍ୱର ଉଠାଇବ ଓ ଖୁବ୍‌ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ସଞ୍ଜୟ କହିଛନ୍ତି।

# ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ତାରିଖରେ ପରିବର୍ତ୍ତନ

ଭୁବନେଶ୍ୱର,୨୬।୧୨ (ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର କିଛି ପରୀକ୍ଷା ତାରିଖ ପୁନଃନିର୍ଦ୍ଧାରଣ କରାଯାଇଛି। ପୂର୍ବରୁ ୩ ମାର୍ଚ୍ଚ ୨୦୨୬ରେ ହେବାକୁ ଥିବା ପରୀକ୍ଷାଗୁଡ଼ିକୁ ପ୍ରଶାସନିକ କାରଣରୁ ସ୍ଥଗିତ କରାଯାଇ ନୂଆ ତାରିଖ ଘୋଷଣା କରାଯାଇଛି। ମାର୍ଚ୍ଚ ୩ରେ ହେବାକୁ ଥିବା ଦଶମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୧ରେ ହେବ। ସେହିପରି ଉକ୍ତଦିନ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଏପ୍ରିଲ ୧୦ରେ ଅନୁଷ୍ଠିତ ହେବ। ଅନ୍ୟ ସମସ୍ତ ପରୀକ୍ଷା ତାରିଖ ପୂର୍ବଭଳି ଅପରିବର୍ତ୍ତିତ ରହିବ। ସଂଶୋଧିତ ତାରିଖକୁ ପରିବର୍ତ୍ତନ କରି ଖୁବ୍‌ଶୀଘ୍ର ନୂଆ ଆଡ୍‌ମିଟ କାର୍ଡରେ ଉଲ୍ଲେଖ ରହିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

कार्यालय अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय, अम्बिकापुर, सरगुजा (छ.ग.)
Phone No.: 07774-297800
Email: deanmedicalcollegesurguja@gmail.com
क्रमांक/FINACC-3901/1122/2025/क्रय/शचिम/अम्बिकापुर दिनांक: 27.12.2025

// दावा आपत्ति सूचना //

राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.) की ओर से निम्न चिकित्सकीय उपकरण सापंतिक प्रकृति (Proprietary Character) होने के कारण रिएजेंट्स, कन्जयूमेबल एवं कंट्रोल क्रय करने हेतु दावा आपत्ति सूचना आमंत्रित की जा रही है। प्रपत्र एवं अन्य जानकारी महाविधालय के वेबसाईट https://www.gmcambikapur.co.in में अवलोकन कर प्राप्त किये जा सकते हैं।

| S. No. | Name of Equipment | Make | Model No. | Name of Department |
|---|---|---|---|---|
| 1 | Fully Automated Biochemistry Analyser Machine | Amax Biomedical Pvt. Ltd. | Trace 200 | Biochemistry |

दावा आपत्ति जमा करने की अंतिम तिथि - 30.01.2026 समय: संध्या 5.30 बजे तक।
स्थान: राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.)।

अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय
अम्बिकापुर, सरगुजा (छ.ग.)
G-252605739/4

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଏଟକ୍ୟୁ-୬୦-୨୦୨୫; ଏଡିଇଏନ୍/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ/ଦିଘା ସେକ୍ସନରେ କାନ୍ଥି ଏବଂ ରାମନଗର (ବେଙ୍ଗଲ) ରେଳ ଷ୍ଟେଶନଠାରେ ପ୍ଲାଟଫର୍ମର ସମ୍ପ୍ରସାରଣ; ₹୨,୯୬,୮୭,୮୨୫.୭୪; ₹୨,୯୮,୪୦୦.୦୦; (୨); ଇ-କେଜିପି-ସାଉଥ୍-୬୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ ୨୫ ସେଟ୍‌ର ଟିଟିଆର [ଟିଏସଆର: ୬୦ କିଗ୍ରା ୧ ଇନ୍ ୧୨ – ୩ ସେଟ୍, ଡବ୍ଲ୍ୟୁସିଏମଏସ: ୬୦ କିଗ୍ରା ୧ ଇନ୍ ୧୨ – ୧୬ ସେଟ୍, ଡବ୍ଲ୍ୟୁସିଏମଏସ: ୬୦ କିଗ୍ରା ୧ ଇନ୍ ୮.୫ – ୬ ସେଟ୍], ୪୨ ସେଟ୍‌ର ଟିଡବ୍ଲ୍ୟୁଏସଇଜେ ଏବଂ ୬୩ ସେଟ୍‌ର ଗ୍ଲୁଡ୍ ଜଏଣ୍ଟର ନବୀକରଣ କାର୍ଯ୍ୟ ନିର୍ବାହ; ₹୭୮,୮୫,୫୯୯.୬୫; ₹୧,୫୭,୭୦୦.୦୦; (୩); ଇ-କେଜିପି-ସାଉଥ୍-୬୬-୨୦୨୫; ଏଡିଇଏନ୍/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍-ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୨,୧୮,୮୩,୪୯୪.୭୬; ₹୨,୫୯,୪୦୦.୦୦; (୪); ଇ-କେଜିପି-ସାଉଥ୍-୬୭-୨୦୨୫; ଏଡିଇଏନ୍/ଦକ୍ଷିଣ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍-ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୧,୩୧,୫୪,୯୧୭.୧୫; ₹୨,୧୫,୮୦୦.୦୦; (୫); ଇ-କେଜିପି-ୱେଷ୍ଟ-୫୫-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ସରଡିହ ଏବଂ ଗିଧନି ଷ୍ଟେଶନ ନିକଟସ୍ଥ ଏଲସି ନଂ. ୭୦ ଓ ୯୨ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୧୬,୧୩,୬୬୦.୭୨; ₹୨,୫୮,୧୦୦.୦୦; (୬); ଇ-କେଜିପି-ୱେଷ୍ଟ-୫୬-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଚର୍କୁଲିଆ, କୋକପଡ଼ା ଏବଂ ଧଳଭୂମଗଡ଼ ଷ୍ଟେଶନ ନିକଟସ୍ଥ ଏଲସି ନଂ. ୧୦୩, ୧୧୧ ଓ ୧୧୭ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୨୯,୬୭,୩୩୧.୨୮; ₹୨,୬୪,୮୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦ (କ୍ର.ସଂ. ୧ରୁ ୬ ପାଇଁ)। ଖୋଲାଯିବା ତାରିଖ: ୧୩।୦୧।୨୦୨୬ (କ୍ର.ସଂ. ୧ ପାଇଁ), ୧୫।୦୧।୨୦୨୬ (କ୍ର.ସଂ. ୨ରୁ ୪ ପାଇଁ) ଏବଂ ୧୬।୦୧।୨୦୨୬ (କ୍ର.ସଂ. ୫ ଓ ୬ ପାଇଁ); କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ); ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୧ ପାଇଁ ତା୩୦।୧୨।୨୦୨୫ରିଖରୁ ତା୧୩।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୨ରୁ ୪ ପାଇଁ ପାଇ ତା୦୧।୦୧।୨୦୨୬ରିଖରୁ ତା୧୫।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୫ରୁ ୬ ପାଇଁ ତା୦୨।୦୧।୨୦୨୬ରିଖରୁ ତା୧୬।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି। (PR-1015)

कार्यपालक अभियन्ता का कार्यालय, लघु सिंचाई प्रमंडल, राँची।
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781
पत्रांक................../ राँची, दिनांक ........./........./2025

शुद्धि–पत्र

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 928 दिनांक–24.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR 369381 Minor Irrigation (25-26)D दिनांक 25.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 30.12.2025 up to 2.00 pm | Date: 16.01.2026 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 05.01.2026 up to 2:00 pm | Date: 22.01.2026 up to 2:00 pm |
| 3 | Submission of Tender Fee and EMD | Start Date:- 30.12.2025 up to 2:00 pm Last Date:- 05.01.2026 Time:- 2:00 PM | Start Date:- 16.01.2026 up to 2:00 pm Last Date:- 22.01.2026 Time:- 2:00 PM |
| 4 | Technical Bid Opening Date | Date: 06.01.2026 at 5:00 pm | Date 24.01.2026 at 5:00 pm |

निविदा की शेष सभी शर्ते पूर्वतः बनी रहेगी।
विश्वासभाजन
कार्यपालक अभियन्ता,
लघु सिंचाई प्रमंडल, राँची।
PR 369708 (Minor Irrigation) 25-26 (D)

# ବିବାହ ପାଇଁ ସଜବାଜ ରଶ୍ମିକା


ରଶ୍ମିକା ମନ୍ଦାନା

**ମୁମ୍ବାଇ:** ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବଂ ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କ ବିବାହକୁ ନେଇ ଜୋର୍ ଧରିଛି ଚର୍ଚ୍ଚା। ୨୦୨୬ରେ ସେ ବିଜୟଙ୍କ ହାତ ଧରିବେ ବୋଲି ଇଣ୍ଡଷ୍ଟ୍ରିରେ ଫୁସୁରୁଫାସର ଚାଲିଛି। ଫେବୃଆରୀ ୨୬ରେ ରାଜସ୍ଥାନର ଉଦୟପୁରରେ ବିବାହ କରିବେ ବୋଲି ଆଲୋଚନା ହେଉଛି। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ନିର୍ବନ୍ଧ ପରି ବାହାଘରକୁ ମଧ୍ୟ ଗୋପନୀୟ ରଖିବାକୁ ଚାହୁଁଛନ୍ତି ଏହି ଯୋଡ଼ି। ତେଣୁ ସବୁକିଛି ସିକ୍ରେଟ୍ ପ୍ଲାନିଂ ଚାଲିଛି। କୁହାଯାଉଛି ଯେ, ଏହି ବିବାହରେ କେବଳ ଉଭୟଙ୍କ ପରିବାର ଏବଂ ନିକଟତମ ବନ୍ଧୁ ଯୋଗଦେବେ।

ନିକଟରେ ରଶ୍ମିକା ବିବାହକୁ ନେଇ ମୁହଁ ଖୋଲିଛନ୍ତି। ସମୟ ଆସିଲେ ଆମେ ସବୁକିଛି କହିବୁ ବୋଲି ସେ କହିଛନ୍ତି। ଉଭୟ ଗତ ଅକ୍ଟୋବରରେ ହାଇଦ୍ରାବାଦରେ ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ କରିଥିଲେ। ଯଦିଓ ଏହି ଯୋଡ଼ି କୌଣସି ଘୋଷଣା କିମ୍ବା ଫଟୋ ଶେୟାର କରି ନ ଥିଲେ, ବିଜୟଙ୍କ ଟିମ୍ ନିର୍ବନ୍ଧ ହୋଇଥିବାର ନିଶ୍ଚିତ କରିଥିଲେ। ଗୀତା ଗୋବିନ୍ଦମ୍ (୨୦୧୮) ଏବଂ ଡିଅର୍ କମ୍ରେଡ (୨୦୧୯)ରେ ଏକାଠି କାମ କରିବା ପରଠାରୁ ଉଭୟଙ୍କ ଡେଟିଂର ଗୁଜବ ଉଠିଥିଲା। ବିଜୟ ଏବଂ ରଶ୍ମିକାଙ୍କୁ ପ୍ରାୟତଃ ଏକାଠି ସମୟ ବିତାଉଥିବା ଦେଖାଯାଇଛି।

ODISHA COAL AND POWER LTD.
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

NOTICE INVITING TENDER

NIT No. OCPL/SUP-198_1/2025 Date: 31.12.2025
Sealed bids in prescribed format are invited from Agency/Supplier/contractor for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of bid |
|---|---|---|---|---|---|
| 1 | Annual Rate Contract for Supply of Office Stationery to OCPL for the Corporate Office at Bhubaneswar and at the Site Office at Samanwaya Bhawan, Hemgir, Sundargarh Odisha. | Nil | 31.12.2025 | 12.01.2026 | 3.00 P.M./ 3.30 P.M. on 16.01.2026 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.
Sd./- Chief Operating Officer

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍ଭାସିତ କରିଦେଇପାରେ। -ଶ୍ରୀମା

# ରଙ୍ଗ ବଦଳୁଛି

ନିଶ୍ଚିତ ଭାବେ କୁହାଯାଇପାରେ, ପରିବେଶ ଓ ପରିସଂସ୍ଥାନ ବିଗିଡ଼ିଗଲେ ତାହାର ପ୍ରଭାବ ପ୍ରାଣୀ ଓ ଉଦ୍ଭିଦଜଗତ ଉପରେ ପଡ଼ିବ। ନିଜର ସ୍ୱାର୍ଥ ସାଧନ ପାଇଁ ପ୍ରକୃତିର ବଡ଼ କ୍ଷତି ହେଉଥିଲେ ମଧ୍ୟ ଅନେକେ ସେଥିପ୍ରତି ଧ୍ୟାନ ଦେଇ ନ ଥାଆନ୍ତି। ଯେତେବେଳେ କ୍ଷତି କରୁଥିବା ବର୍ଗଙ୍କ କାର୍ଯ୍ୟକୁ ବିରୋଧ କରାଯାଏ, ସେଥିରୁ ସେମାନେ ଗଳାବାଟ ବାହାର କରିଥାଆନ୍ତି। ଏଇ ଯେମିତି ଜଙ୍ଗଲ ଅଞ୍ଚଳରେ ଖଣି ଖନନକୁ ବୈଧ କରିବା ଲାଗି କାନକୁ ସୁନ୍ଦର ଶୁଭୁଥିବା ବାକ୍ୟାଂଶ 'ସସ୍‌ଟେନେବଲ ମାଇନିଂ ପ୍ଲାନ' ବା ସହନୀୟ ଖଣିଜ ପଦାର୍ଥ ଉତ୍ତୋଳନ ପ୍ରକ୍ରିୟା ଯୋଜନାର ସାହାରା ନିଆଯାଉଛି। ଦେଖିବାକୁ ଗଲେ କିଛି ଧୁରନ୍ଧର ଅଛନ୍ତି, ଯେଉଁମାନେ କୌଶଳ କରି ପ୍ରକୃତିକୁ ଧ୍ୱଂସ କରିବାରେ ଏଭଳି ତରିକା ଆପଣାଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ଆରାବଳୀ ପର୍ବତମାଳାର ପରିବର୍ତ୍ତିତ ପରିଭାଷାକୁ ଆଲୋଚନାକୁ ନିଆଯାଇପାରେ। ଏ ସଂକ୍ରାନ୍ତ ପୂର୍ବ ରାୟ ଉପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ପୀଠ ୨୯ ଡିସେମ୍ବରରେ ସ୍ଥଗିତାଦେଶ ଜାରି କରିଛନ୍ତି। ମାସକ ତଳର ପୁରୁଣା ସେହି ନିର୍ଦ୍ଦେଶକୁ ପରିବେଶବିତ୍‌ଙ୍କ ସମେତ ଚାରିଆଡ଼େ ଘୋର ବିରୋଧ ହେବା ପରେ ସୁପ୍ରିମକୋର୍ଟ ନିଜ ଆଡ଼ୁ ମାମଲା ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏବର ପଦକ୍ଷେପ ଚାପରୁ ଜନ୍ମିତ ଭଳି ମନେହେଉଛି। ପୂର୍ବରୁ ରାସ୍ତାଘାଟରେ ବିକ୍ଷୋଭ କରିବାକୁ ପଡୁଥିଲା। ଅଧିକ ଲୋକଙ୍କୁ ସଙ୍ଗଠିତ କରି ନିଜର ଶକ୍ତି ପ୍ରଦର୍ଶନ ସହିତ ବିକ୍ଷୋଭକାରୀଙ୍କୁ ରାଜନୈତିକ ଦଳଗୁଡ଼ିକର ପରୋକ୍ଷ ସମର୍ଥନ ଲୋଡ଼ା ଯାଉଥିଲା। ଏହା ପରେ ରାସ୍ତାରେ ଗଣ୍ଡଗୋଳ ଓ ପୋଡ଼ାଜଳା କରିବାରୁ ଦାବି ପ୍ରତି କର୍ତ୍ତୃପକ୍ଷମାନେ ଧ୍ୟାନ ଦେଉଥିଲେ। ସୁପ୍ରିମକୋର୍ଟଙ୍କ ଆରାବଳୀର ନୂତନ ପରିଭାଷା ପ୍ରସଙ୍ଗ ଓ ଉନ୍ନାଓ ବଳାତ୍କାରୀ କୁଲ୍‌ଦୀପ ସିଂ ସେନ୍‌ଗରଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଜାମିନ ମିଳିବା ମାମଲାରେ ସେଭଳି ହିଂସାତ୍ମକ ପଦକ୍ଷେପ ଗ୍ରହଣ କରିବାର ପ୍ରୟୋଜନ ପଡ଼ିଲା ନାହିଁ। ଆଜିର ଯୁଗରେ ଘରେ ବସି ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ମାଧ୍ୟମରେ ଅଧିକରୁ ଅଧିକ ନାଗରିକ ନିଜର କ୍ରୋଧ ଦର୍ଶାଇପାରୁଛନ୍ତି। ତାହାର ପରିଣାମ ଉପରଲିଖିତ ଦୁଇ ଘଟଣାରେ ଦେଖିବାକୁ ମିଳିଛି।

ପ୍ରଥମ ଘଟଣାକୁ ଗଲେ ସୁପ୍ରିମକୋର୍ଟ କହିଛନ୍ତି ଆରାବଳୀକୁ ନେଇ ଦେଖାଦେଇଥିବା ନିୟମଗତ ପାର୍ଥକ୍ୟ ଦୂର ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଦ୍ୱାରା ଏହାର ସମୀକ୍ଷା କରାଯିବା ସହ ଏ ସଂକ୍ରାନ୍ତ କେନ୍ଦ୍ର, ସମ୍ପୃକ୍ତ ରାଜ୍ୟ ସରକାର ଓ ଅନ୍ୟ ପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। ଏଥିସହିତ ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟଯାଏ ଲମ୍ବିଥିବା ଆରାବଳୀ ପର୍ବତମାଳାରେ ଖଣିକାର୍ଯ୍ୟକୁ ସର୍ବୋଚ୍ଚ ଅଦାଲତ ବନ୍ଦ କରିଛନ୍ତି। ଦେଶର ଶୀର୍ଷ କୋର୍ଟ ଏହି ମାମଲା ଉପରେ ସ୍ଥଗିତାଦେଶ ଆଣିବା ପରେ ପରିବେଶ ବିଶେଷଜ୍ଞମାନେ ତତ୍‌କ୍ଷଣାତ୍ କୌଣସି ମତ ରଖିନାହାନ୍ତି। ଚଞ୍ଚଳ ମତ ରଖିବା କଥା ମଧ୍ୟ ନୁହେଁ। ସର୍ବୋଚ୍ଚ ଅଦାଲତଙ୍କ ଉକ୍ତ ରାୟକୁ ତର୍ଜମା କରିବା ପରେ କିଛି ଚିତ୍ର ସ୍ପଷ୍ଟ ହୋଇପାରେ। ଏଠାରେ କହିବା ଠିକ୍ ହେବ ଯେ, ଅଦାଲତଙ୍କ ଅନେକ ରାୟରେ ଆଇନଗତ ଭାଷାକୁ ଜନସାଧାରଣ ବୁଝିବା କଷ୍ଟକର। ନଭେମ୍ବର ୨୦ରେ ଆରାବଳୀର ନୂତନ ପରିଭାଷା ସୃଷ୍ଟି କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ, ୧୦୦ ମିଟର ଊର୍ଦ୍ଧ୍ୱ ଅଞ୍ଚଳକୁ ଆରାବଳୀ ପର୍ବତମାଳା ଭାବେ ଅଭିହିତ କରାଯିବ। ଦେଖିବାକୁ ଗଲେ ଆରାବଳୀ ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି। ନୂତନ ପରିଭାଷା ଅନୁଯାୟୀ ଆରାବଳୀର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ। ସୂଚନାଯୋଗ୍ୟ, ଅବସର ପୂର୍ବରୁ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ବି.ଆର୍. ଗବଇ ଆରାବଳୀ ସମ୍ପର୍କିତ ନୂଆ ପରିଭାଷା ସଂକ୍ରାନ୍ତରେ ରାୟ ଦେଇଥିଲେ।

ଉନ୍ନାଓ ବଳାତ୍କାର ମାମଲାରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ଉପରେ ୨୯ ଡିସେମ୍ବରରେ ସର୍ବୋଚ୍ଚ ଅଦାଲତ ମଧ୍ୟ ସ୍ଥଗିତାଦେଶ ଜାରି କରିଛନ୍ତି। ଉତ୍ତର ପ୍ରଦେଶ ଭାଜପାର ପୂର୍ବତନ ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗରଙ୍କୁ ଉକ୍ତ ବଳାତ୍କାର ମାମଲାରେ ଗତ ୨୩ ଡିସେମ୍ବରରେ ଦିଲ୍ଲୀ ହାଇକୋର୍ଟ ସେ ପାଇଥିବା ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ କରି ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ରାୟକୁ ପୀଡ଼ିତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ପୀଠ ପୀଡ଼ିତାଙ୍କ ଆବେଦନର ଶୁଣାଣି କରି ସେନ୍‌ଗରଙ୍କୁ ମିଳିଥିବା ଆଶ୍ୱସ୍ତି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଶୁଣାଣି ଶେଷ ପର୍ଯ୍ୟନ୍ତ ତାଙ୍କ ଦଣ୍ଡ ବଳବତ୍ତର ରହିବ ଓ ମିଳିଥିବା ଜାମିନ ଉପରେ ସ୍ଥଗିତାଦେଶ ରହିବ। ସର୍ବୋଚ୍ଚ ଅଦାଲତ କହିଛନ୍ତି, ଜଘନ୍ୟ ଅପରାଧ ମାମଲାରେ ଅଦାଲତଗୁଡ଼ିକ ଆଇନଗତ ବୈଷୟିକତା ଆଳରେ ପୀଡ଼ିତାଙ୍କ ପ୍ରାପ୍ୟ ନ୍ୟାୟକୁ ଅଣଦେଖା କରିପାରିବେ ନାହିଁ। ସୂଚନା ଦିଆଯାଇପାରେ ଯେ, ୨୦୧୭ ଜୁନ୍ ୪ରେ ଉତ୍ତର ପ୍ରଦେଶ ଉନ୍ନାଓରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସେନ୍‌ଗରଙ୍କୁ ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଥିଲା। ଆରାବଳୀ ଭଳି ଉନ୍ନାଓ ବଳାତ୍କାର ଘଟଣାକୁ ମଧ୍ୟ ସୁପ୍ରିମକୋର୍ଟ ନିଜ ଆଡ଼ୁ କଗ୍‌ନିଜେନ୍ସ ବା ସଜ୍ଞାନ ନେବାର ଉଚିତ ଥିଲା। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ଯେ, ପୀଡ଼ିତାଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ବିରୋଧରେ ନିଜ ଆଡ଼ୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ପଡ଼ିଲା। ସେଥିପାଇଁ ସେ ଓକିଲ ନିଯୁକ୍ତ କରିବା ସହିତ ଅର୍ଥ ମଧ୍ୟ ଖର୍ଚ୍ଚ କରିଥିବେ। ଏହା ଭାରତୀୟ ନ୍ୟାୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଉଛି।

ଏସବୁ କ୍ଷେତ୍ରରେ ନିମ୍ନ ଅଦାଲତ ବା ହାଇକୋର୍ଟ ଏପରିକି ନିଜ ରାୟକୁ ବଦଳାଇ ସୁପ୍ରିମକୋର୍ଟ ଶୁଣାଣି କରିବା ସାଧାରଣରେ ଉଚ୍ଚକୋଟୀର ବିରୋଧ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ବୀରତ୍ୱର ସହ କୋର୍ଟ ପକ୍ଷରୁ ଦିଆଯାଇଥିବା ରାୟକୁ ବଦଳାଇ ଦେବା ସମାଜକୁ ଏକ ଭିନ୍ନ ବାର୍ତ୍ତା ଦେଇଛି। ଉପରୋକ୍ତ ଦୁଇଟି ଘଟଣାରେ ଗୋଟେ ନକାରାତ୍ମକ ଦିଗ ଦର୍ଶାଇଛି ଯେ, ନ୍ୟାୟ ସୁରକ୍ଷା ବା ଉଚିତ ନ୍ୟାୟ ପରିବର୍ତ୍ତେ ରାଜନୈତିକ ଉଦ୍ଦେଶ୍ୟ ଅଧିକ ଗୁରୁତ୍ୱ ବହନ କରୁଛି। ଅନ୍ୟପକ୍ଷରେ ସକାରାତ୍ମକ ଦିଗ ହେଲା ଯେ, ଭାରତର ଜନସାଧାରଣ ବୁଝିସାରିଲେଣି ଯେତେବେଳେ ସୋସିଆଲ ମିଡିଆର ଚାପ ବଢୁଛି ଏବଂ ଏବକାର ଅର୍ନବ ଗୋସ୍ୱାମୀଙ୍କ ଭଳି କେତେକ ଟେଲିଭିଜନ ବ୍ୟକ୍ତିତ୍ୱ ପରିବର୍ତ୍ତିତ ପରିସ୍ଥିତିରେ ସରକାରୀ ଅନ୍ଧ ଭକ୍ତଙ୍କୁ ସମର୍ଥନ ନ କରି ସତ କଥା ଲୋକଲୋଚନକୁ ଆଣିବାକୁ ଚାହିଁଲେଣି। ଅନେକ ବୁଝିଲେଣି ଯେ ଅସତ୍ୟ ଓ ଅନ୍ୟାୟକୁ ବେଶି ଦିନ ଚାପି ଦେଇ ହେବନାହିଁ। ଏଥିରୁ ରୂପ ରଙ୍ଗ ବଦଳିଯାଉଥିବା ଭଳି ପ୍ରତୀୟମାନ ହେଲାଣି।

# ୨୦୨୫-ସଂସ୍କାରର ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଆମ ଲୋକଙ୍କର ଅଭିନବ ଚିନ୍ତାଧାରା କାରଣରୁ ଏହା ସମ୍ଭବ ହୋଇପାରିଛି। ଆଜି ଦୁନିଆ ଭାରତକୁ ଆଶା ଓ ଭରସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି। ପରବର୍ତ୍ତୀ ପିଢ଼ିର ସଂସ୍କାରକୁ ନେଇ ଭାରତର ଦ୍ରୁତ ପ୍ରଗତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପ୍ରଗତି ଦେଖିବାକୁ ମିଳିଛି ଓ ଦେଶର ଅଭିବୃଦ୍ଧି କ୍ଷମତା ମଧ୍ୟ ବଢୁଛି।

ଭାରତ ସଂସ୍କାର ଏକ୍ସପ୍ରେସ୍‌ରେ ସବାର ହୋଇସାରିଛି ବୋଲି ମୁଁ ଅନେକ ଲୋକଙ୍କୁ କହିଆସୁଛି। ଏହି ସଂସ୍କାର ବା ରିଫର୍ମ ଏକ୍ସପ୍ରେସ୍‌ର ମୁଖ୍ୟ ଇଞ୍ଜିନ ହେଉଛି ଭାରତର ଜନସଂଖ୍ୟା, ଆମର ଯୁବପିଢ଼ି ଏବଂ ଆମ ନାଗରିକମାନଙ୍କର ଅଦମ୍ୟ ସାହସ। ୨୦୨୫ ବର୍ଷ ଭାରତ ପାଇଁ ସଂସ୍କାରର ବର୍ଷ ରୂପେ ସ୍ମରଣୀୟ ହୋଇରହିବ। ଗତ ୧୧ ବର୍ଷ ମଧ୍ୟରେ ହାସଲ କରାଯାଇଥିବା ପ୍ରଗତିକୁ ଆଧାର କରି କ୍ରମାଗତ ସଂସ୍କାରର ଏକ ଜାତୀୟ ମିଶନକୁ ଏହି ବର୍ଷ ଦେଶ ଗ୍ରହଣ କରିଥିଲା। ଆମେ ପ୍ରତିଷ୍ଠାନଗୁଡ଼ିକୁ ଆଧୁନିକ ରୂପ ଦେଇଥିଲୁ। ପ୍ରଶାସନକୁ ସହଜ କରିଥିଲୁ ଏବଂ ଦୀର୍ଘସ୍ଥାୟୀ ତଥା ସମାବେଶୀ ବିକାଶର ମୂଳଦୁଆକୁ ଅଧିକ ମଜଭୁତ କରିଥିଲୁ। ଆମେ ନିର୍ଣ୍ଣାୟକ ଢଙ୍ଗରେ ଆଗକୁ ବଢ଼ିଛୁ... ଅଧିକ ଉଚ୍ଚାକାଂକ୍ଷା, ଦ୍ରୁତ କାର୍ଯ୍ୟକାରିତା ଏବଂ ଗଭୀର ରୂପାନ୍ତରଣ ଆମ ପ୍ରଗତିର ବାହକ ହୋଇଆସିଛି। ନାଗରିକଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଯୋଗାଇ ଦେବା, ଉଦ୍ୟୋଗୀଙ୍କୁ ଆତ୍ମବିଶ୍ୱାସର ସହିତ ଅଭିନବ ପଦକ୍ଷେପ ନେବାକୁ ସୁଯୋଗ ଦେବା ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଚ୍ଛତା ଓ ଭରସା ସହିତ କାମ କରିବା ଲାଗି ସକ୍ଷମ କରିବା ଆମ ସଂସ୍କାରର ଉଦ୍ଦେଶ୍ୟ। ମୁଁ ଏଠାରେ କେତେକ ସଂସ୍କାରର ଉଦାହରଣ ଦେବାକୁ ଚାହୁଁଛି।

**ଜିଏସଟି ସଂସ୍କାର:**

* ୫% ଓ ୧୮%ର ଏକ ସ୍ପଷ୍ଟ ଦୁଇଟିକିଆ ସ୍ଲାବ୍ ଡାଞ୍ଚା କାର୍ଯ୍ୟକାରୀ ହୋଇଛି। * ସାଧାରଣ ପରିବାର, ଏମଏସ୍ଏମ୍ଇ, ଚାଷୀ ଓ ଶ୍ରମିକ ସଘନ କ୍ଷେତ୍ର ଉପରେ ବୋଝ ହ୍ରାସ କରାଯାଇଛି। * ଆମର ଉଦ୍ଦେଶ୍ୟ ହେଉଛି ବିବାଦ ହ୍ରାସ କରିବା ଏବଂ ଉନ୍ନତ ଅନୁପାଳନ ସୁନିଶ୍ଚିତ କରିବା। * ଏହି ସଂସ୍କାର ଉପଭୋକ୍ତାଙ୍କ ଭାବନାକୁ ପ୍ରୋତ୍ସାହିତ କରିଛି। ପାର୍ବଣ ଋତୁରେ ବିକ୍ରି ବୃଦ୍ଧି ପାଇଛି।

**ମଧ୍ୟବିତ୍ତଙ୍କ ପାଇଁ ଅତୁଳନୀୟ ଆଶ୍ୱସ୍ତି:**

* ପ୍ରଥମତଃ, ଗୋଟିଏ ବର୍ଷରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଆଦୌ ଆୟକର ଦେବାକୁ ପଡ଼ିବ ନାହିଁ। * ୧୯୬୧ର ପୁରୁଣା ଆୟକର ଆଇନ ସ୍ଥାନରେ ଆଧୁନିକ ଏବଂ ସହଜ ଆୟକର ଆଇନ, ୨୦୨୫ କାର୍ଯ୍ୟକାରୀ ହୋଇଛି। * ଏସବୁ ସଂସ୍କାର ଭାରତକୁ ଏକ ସ୍ୱଚ୍ଛ, ପ୍ରଯୁକ୍ତି ଆଧାରିତ ଟିକସ ପ୍ରଶାସନ ଦିଗରେ ନେଇଯାଉଛି।

**କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟକୁ ପ୍ରୋତ୍ସାହନ:**

* 'କ୍ଷୁଦ୍ର କମ୍ପାନୀ'ର ପରିଭାଷାକୁ ବଦଳାଇ ସେଥିରେ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଥିବା କମ୍ପାନୀଗୁଡ଼ିକୁ ସାମିଲ କରାଯାଇଛି। * ହଜାର ହଜାର କମ୍ପାନୀଙ୍କ ପାଇଁ ଅନୁପାଳନ ବୋଝ ଏବଂ ଏହା ସହିତ ଜଡ଼ିତ ଖର୍ଚ୍ଚ ହ୍ରାସ ପାଇବ।

**୧୦୦% ଏଫ୍‌ଡିଆଇ ବୀମା ସଂସ୍କାର:**

* ଭାରତୀୟ ବୀମା କମ୍ପାନୀରେ ୧୦୦% ଏଫ୍‌ଡିଆଇକୁ ମଞ୍ଜୁରୀ ମିଳିଛି। * ଏହାଦ୍ୱାରା ବୀମାର ପ୍ରସାର ବଢ଼ିବ ଏବଂ ଲୋକଙ୍କୁ ସୁରକ୍ଷା ମିଳିପାରିବ। * ବର୍ଦ୍ଧିତ ପ୍ରତିଦ୍ୱନ୍ଦ୍ୱିତା ବ୍ୟତୀତ ଏହା ଲୋକଙ୍କୁ ଉନ୍ନତ ବୀମା ବିକଳ୍ପ ଏବଂ ଉନ୍ନତ ସେବା ବିତରଣ ପ୍ରଦାନ କରିବ।

**ପ୍ରତିଭୂତି ବଜାରରେ ସଂସ୍କାର:**

* ସିକ୍ୟୁରିଟିଜ୍ ବା ପ୍ରତିଭୂତି ସଂହିତା ବିଲ୍ ସଂସଦରେ ଉପସ୍ଥାପନ କରାଯାଇଛି। ଏହା ସେବିରେ ପ୍ରଶାସନିକ ନିୟମକୁ ଉନ୍ନତ କରିବା ସହିତ ନିବେଶକଙ୍କ ସୁରକ୍ଷା ବଢ଼ାଇବ, ଅନୁପାଳନ ବୋଝକୁ ହ୍ରାସ କରିବ ଏବଂ ବିକଶିତ ଭାରତ ପାଇଁ ପ୍ରଯୁକ୍ତି ଆଧାରିତ ସିକ୍ୟୁରିଟିଜ ମାର୍କେଟ ବା ପ୍ରତିଭୂତି ବଜାରକୁ ସକ୍ଷମ କରିବ। * ସଂସ୍କାର ଦ୍ୱାରା ଅନୁପାଳନ ଓ ଅନ୍ୟାନ୍ୟ ବୋଝ ହ୍ରାସ ପାଇବା ଫଳରେ ସଞ୍ଚୟ ସୁନିଶ୍ଚିତ ହେବ।

**ସାମୁଦ୍ରିକ ଓ ନୀଳ ଅର୍ଥବ୍ୟବସ୍ଥା ଦିଗରେ ସଂସ୍କାର:**

* ସଂସଦର ଗୋଟିଏ ଅଧିବେଶନ, ମୌସୁମୀ ଅଧିବେଶନରେ, ପାଞ୍ଚଟି ଐତିହାସିକ ସାମୁଦ୍ରିକ ଆଇନ ଗୃହୀତ ହୋଇଛି: ଦ ବିଲ୍ସ ଅଫ୍ ଲ୍ୟାଡିଂ ଆଇନ, ୨୦୨୫; ଉପକୂଳ ଜାହାଜ ଚଳାଚଳ ବିଲ୍, ୨୦୨୫; ଦ ମର୍ଚ୍ଚାଣ୍ଟ ଶିପିଂ ବିଲ୍, ୨୦୨୫ ଏବଂ ଦ ଇଣ୍ଡିଆନ ପୋର୍ଟସ ବିଲ, ୨୦୨୫। * ଏସବୁ ସଂସ୍କାର କାଗଜପତ୍ର କାମକୁ ସରଳ କରିବ, ବିବାଦ ସମାଧାନକୁ ସହଜ କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। *୧୯୦୮, ୧୯୨୫ ଏବଂ ୧୯୫୮ର ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି।

**ଜନ ବିଶ୍ୱାସ... ଅପରାଧୀକରଣର ଯୁଗ ଶେଷ:**

* ଶତାଧିକ ପୁରୁଣା ଆଇନକୁ ଉଚ୍ଛେଦ କରାଯାଇଛି। * ଉଚ୍ଛେଦ ଏବଂ ସଂଶୋଧନ ବିଲ୍ ୨୦୨୫ ମାଧ୍ୟମରେ ୭୧ଟି ପୁରୁଣା ଆଇନ ଉଚ୍ଛେଦ କରାଯାଇଛି।

**ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ:**

* ସିନ୍ଥେଟିକ ଫାଇବର, ୟାର୍ନ, ପ୍ଲାଷ୍ଟିକ୍, ପଲିମର ଏବଂ ବେସ୍ ମେଟାଲରେ ମୋଟ ୨୨ଟି କ୍ୟୁସିଓକୁ ରଦ୍ଦ କରାଯାଇଛି। ଅନ୍ୟପଟେ ବିଭିନ୍ନ ଷ୍ଟିଲ, ଇଞ୍ଜିନିୟର୍ଡ, ଇଲେକ୍ଟ୍ରିକାଲ, ଆଲଏ ଏବଂ ଉପଭୋକ୍ତା ଉତ୍ପାଦ ବର୍ଗରେ ୫୩ଟି କ୍ୟୁସିଓକୁ ବାତିଲ କରାଯାଇଛି। ଏଥିରେ ବହୁସଂଖ୍ୟାରେ ଶିଳ୍ପ ଓ ଉପଭୋକ୍ତା ସାମଗ୍ରୀ ସାମିଲ ରହିଛି। ଏହାଦ୍ୱାରା ଭାରତର ପୋଷାକ ରପ୍ତାନି ବୃଦ୍ଧି ପାଇବ; ଜୋତା, ଅଟୋମୋବାଇଲ ଭଳି ଭିନ୍ନ ଭିନ୍ନ ଶିଳ୍ପରେ ଉତ୍ପାଦନ ଖର୍ଚ୍ଚ କମିବ ଏବଂ ଘରୋଇ ଉପଭୋକ୍ତାଙ୍କୁ ଇଲେକ୍ଟ୍ରୋନିକ୍ସ, ସାଇକେଲ ଏବଂ ଅଟୋମୋଟିଭ ଉତ୍ପାଦ କମ୍ ଦାମରେ ମିଳିପାରିବ।

**ଐତିହାସିକ ଶ୍ରମ ସଂସ୍କାର:**

* ଶ୍ରମ ଆଇନକୁ ନୂଆ ରୂପ ଦିଆଯାଇଛି, ଯେଉଁଥିରେ ୨୯ଟି ଭିନ୍ନ ଭିନ୍ନ ଆଇନକୁ ମିଶାଇ ଚାରିଟି ଆଧୁନିକ ଶ୍ରମ ସଂହିତା ପ୍ରସ୍ତୁତ କରାଯାଇଛି।

* ଭାରତ ଏପରି ଏକ ଶ୍ରମ ଡାଞ୍ଚା ପ୍ରସ୍ତୁତ କରିଛି, ଯାହା ଶ୍ରମିକଙ୍କ ହିତ ରକ୍ଷା କରିବା ସହିତ ବ୍ୟବସାୟ ପାଇଁ ଅନୁକୂଳ ପରିବେଶକୁ ମଧ୍ୟ ପ୍ରୋତ୍ସାହନ ଦେବ।

* ଏସବୁ ସଂସ୍କାର ଉଚିତ ବେତନ, ଠିକ୍ ସମୟରେ ବେତନ ପୈଠ, ଉନ୍ନତ ଶିଳ୍ପ ସମ୍ପର୍କ, ସାମାଜିକ ସୁରକ୍ଷା ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଏହାଦ୍ୱାରା ଶ୍ରମଶକ୍ତିରେ ମହିଳାଙ୍କ ଅଧିକ ଭାଗୀଦାରି ସୁନିଶ୍ଚିତ ହେବ।

ଠିକା ଶ୍ରମିକଙ୍କ ସମେତ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଇଏସ୍ଆଇସି ଏବଂ ଇପିଏଫ୍ଓ ଅଧୀନକୁ ଅଣାଯାଇଛି, ଯଦ୍ୱାରା ଔପଚାରିକ ଶ୍ରମଶକ୍ତିର ପରିସର ବୃଦ୍ଧି ପାଇଛି।

**ଭାରତୀୟ ଉତ୍ପାଦ ପାଇଁ ବିବିଧ ଏବଂ ବିସ୍ତୃତ ବଜାର:**

*ନ୍ୟୁଜିଲାଣ୍ଡ, ଓମାନ ଏବଂ ବ୍ରିଟେନ ସହ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହା ନିବେଶ ବଢ଼ାଇବା ସହିତ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ୍ୟ ଲାଭ ପାଇବେ। ଏହା ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଏକ ଭରସାଯୋଗ୍ୟ ଓ ଦକ୍ଷ ସହଯୋଗୀ ରୂପେ ଭାରତର ସ୍ଥିତିକୁ ମଜଭୁତ କରିଥାଏ।

* ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସ୍‌ଲ୍ୟାଣ୍ଡ ଏବଂ ଲିକ୍ଟେନଷ୍ଟାଇନକୁ ନେଇ ଗଠିତ ୟୁରୋପୀୟ ବାଣିଜ୍ୟ ସଂଘ ସହିତ ଏଫ୍‌ଟିଏକୁ କାର୍ଯ୍ୟକାରୀ କରାଯାଇଛି। ଏହା ବିକଶିତ ୟୁରୋପୀୟ ଅର୍ଥବ୍ୟବସ୍ଥା ସହିତ ଭାରତର ପ୍ରଥମ ଏଫ୍‌ଟିଏ।

**ଆଣବିକ ଶକ୍ତି ସଂସ୍କାର:**

* 'ଶାନ୍ତି' ଆଇନ ଭାରତର ସ୍ୱଚ୍ଛ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଯାତ୍ରାରେ ଏକ ବଡ଼ ପରିବର୍ତ୍ତନକାରୀ ପଦକ୍ଷେପ। ଏହା ଆଣବିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସୁରକ୍ଷିତ, ନିରାପଦ ଏବଂ ଉତ୍ତରଦାୟୀ ବିସ୍ତାର ଲାଗି ଏକ ମଜବୁତ ଡାଞ୍ଚା ସୁନିଶ୍ଚିତ କରିଥାଏ।

* ଏହା ଡାଟା ସେଣ୍ଟର, ଅତ୍ୟାଧୁନିକ ତଥା ଉନ୍ନତ ଉତ୍ପାଦନ, ସବୁଜ ହାଇଡ୍ରୋଜେନ ଏବଂ ଉଚ୍ଚ-ପ୍ରଯୁକ୍ତି ଆଧାରିତ ଶିଳ୍ପକୁ ଶକ୍ତି ପ୍ରଦାନ କରି ଭାରତକୁ ଏଆଇ ଯୁଗରେ ବର୍ଦ୍ଧିତ ଶକ୍ତି ଆବଶ୍ୟକତାକୁ ପୂରଣ କରିବାରେ ସହାୟତା କରିବ। * ସ୍ୱାସ୍ଥ୍ୟସେବା, କୃଷି, ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା, ଉଦ୍ୟୋଗ, ଗବେଷଣା ଓ ପରିବେଶ ସ୍ଥିରତାରେ ପରମାଣୁ ପ୍ରଯୁକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ମିଳିବ, ଯଦ୍ୱାରା ସମାବେଶୀ ବିକାଶ ଓ ଜୀବନର ଉନ୍ନତ ଗୁଣବତ୍ତାକୁ ସମର୍ଥନ ମିଳିପାରିବ। * ଘରୋଇ କ୍ଷେତ୍ରର ଭାଗୀଦାରି, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ପାଇଁ ନୂଆ ରାସ୍ତା ଖୋଲିବ। ଭାରତର ଯୁବପିଢ଼ିଙ୍କୁ ନୂଆ ପ୍ରଯୁକ୍ତିବିଦ୍ୟା ଏବଂ ପରବର୍ତ୍ତୀ ପିଢ଼ିର ଶକ୍ତି ସମାଧାନରେ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିବ। ଏହା ନିବେଶକ, ଉଦ୍ଭାବକ ଏବଂ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭାରତ ସହ ଭାଗୀଦାରି ପ୍ରତିଷ୍ଠା କରିବା, ଭାରତରେ ନିବେଶ କରିବା, ନବସୃଜନ ଏବଂ ଏକ ସ୍ୱଚ୍ଛ, ମଜଭୁତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଏକ ଉପଯୁକ୍ତ ମୁହୂର୍ତ୍ତ।

**ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟିରେ ଏକ ଐତିହାସିକ ସଂସ୍କାର:**

* ବିକଶିତ ଭାରତ- ଜୀ ରାମ ଜୀ ଆଇନ, ୨୦୨୫ ରୋଜଗାର ଗ୍ୟାରେଣ୍ଟି ବ୍ୟବସ୍ଥା ନିଶ୍ଚିତ ରୋଜଗାର ଦିବସ ସଂଖ୍ୟାକୁ ୧୦୦ ଦିନରୁ ବଢ଼ାଇ ୧୨୫ ଦିନ କରିଛି। ଏହାଦ୍ୱାରା ଗାଁର ଭିତ୍ତିଭୂମି ଏବଂ ଜୀବିକାକୁ ମଜଭୁତ କରିବା ଦିଗରେ ଖର୍ଚ୍ଚ ବଢ଼ିବ। ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ କାମକୁ ଅଧିକ ରୋଜଗାର ଓ ଉନ୍ନତ ସମ୍ପତ୍ତି ସୁନିଶ୍ଚିତ କରିବାର ମାଧ୍ୟମରେ ପରିଣତ କରିବା।

**ଶିକ୍ଷା ସଂସ୍କାର: ସଂସଦରେ ବିଲ୍ ଉପସ୍ଥାପିତ:**

* ଏକକ, ଏକୀକୃତ ଉଚ୍ଚଶିକ୍ଷା ନିୟାମକ ପ୍ରତିଷ୍ଠା କରାଯିବ। ୟୁଜିସି, ଏଆଇସିଟିଇ, ଏନ୍‌ସିଟିଇ ପରି ଏକାଧିକ ପ୍ରତିଷ୍ଠାନ ସ୍ଥାନରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ କାର୍ଯ୍ୟକାରୀ କରାଯିବ। ଉଦ୍ଭାବନ ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ସହିତ ସଂସ୍ଥାଗୁଡ଼ିକ ସ୍ୱାୟତ୍ତ କ୍ଷମତାକୁ ସୁଦୃଢ଼ କରାଯିବ।

କେବଳ ପରିମାଣ ଦୃଷ୍ଟିରୁ ନୁହେଁ, ଅନ୍ତର୍ନିହିତ ଦର୍ଶନ ଦୃଷ୍ଟିରୁ ମଧ୍ୟ ୨୦୨୫ର ସଂସ୍କାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ସରକାର ଏକ ଆଧୁନିକ ଗଣତନ୍ତ୍ରର ପ୍ରକୃତ ଭାବନା ନେଇ ନିୟନ୍ତ୍ରଣ ପରିବର୍ତ୍ତେ ସହଯୋଗ ଏବଂ ନିୟାମକ ପରିବର୍ତ୍ତେ ସୁବିଧାକୁ ପ୍ରାଥମିକତା ଦେଇଛି। ସହାନୁଭୂତିର ସହିତ ଏହି ସଂସ୍କାରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏଥିରେ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା, ଯୁବ ପେସାଦାର, କୃଷକ, ଶ୍ରମିକ ଏବଂ ମଧ୍ୟବିତ୍ତ ବର୍ଗର ବାସ୍ତବତା ପ୍ରତି ଧ୍ୟାନ ଦିଆଯାଇଛି। ବିଚାରବିମର୍ଶ ଦ୍ୱାରା ଏହାକୁ ଆକାର ଦିଆଯାଇଛି। ଏହା ତଥ୍ୟ ଦ୍ୱାରା ପରିଚାଳିତ ହୋଇଛି ଓ ଭାରତର ସାମ୍ବିଧାନିକ ମୂଲ୍ୟବୋଧ ଆଧାରରେ ସ୍ଥିର ହୋଇଛି। ଏଗୁଡ଼ିକ ଅନେକ ଦଶନ୍ଧି ଧରି ଚାଲି ଆସୁଥିବା ନିୟନ୍ତ୍ରଣ-ଆଧାରିତ ଅର୍ଥ ବ୍ୟବସ୍ଥାଠାରୁ ଦୂରେଇ ଯାଇ ବିଶ୍ୱାସର ଢାଞ୍ଚାରେ କାର୍ଯ୍ୟ କରୁଥିବା ଅର୍ଥ ବ୍ୟବସ୍ଥା ଆଡ଼କୁ ସ୍ଥାନାନ୍ତରିତ ହେବା ପାଇଁ ଆମର ପ୍ରୟାସକୁ ଗତି ପ୍ରଦାନ କରୁଛି। ଏଥିରେ ନାଗରିକ କଲ୍ୟାଣ ପ୍ରତି ଗୁରୁତ୍ୱ ଦିଆଯାଇଛି।

ଏସବୁ ସଂସ୍କାରର ଲକ୍ଷ୍ୟ ହେଉଛି, ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭାରତ ଗଠନ। ବିକଶିତ ଭାରତ ନିର୍ମାଣ କରିବା ଆମ ବିକାଶ ଯାତ୍ରାର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ମଧ୍ୟ ଆମେ ସଂସ୍କାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିବୁ। ଭାରତର ବିକାଶ ଗାଥା ସହ ନିଜର ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଲାଗି ମୁଁ ଭାରତ ଏବଂ ବିଦେଶରେ ରହୁଥିବା ସମସ୍ତଙ୍କୁ ଅନୁରୋଧ କରୁଛି। ଭାରତ ଉପରେ ଭରସା କରି ଆମ ଲୋକଙ୍କ ଉପରେ ନିବେଶ କରନ୍ତୁ।

# ଅବକ୍ଷୟମୁଖୀ ଜାତୀୟ ଚରିତ୍ର



ଉମାଶଙ୍କର ପ୍ରସାଦ

ଯଦି ଆମେ ଜାତୀୟ ଚରିତ୍ର ଉପରେ ଆଲୋକପାତ କରିବା ତେବେ ଆମର ଦୃଶ୍ୟପଟରେ ସ୍ୱାଧୀନତା ପୂର୍ବର ସ୍ୱାଧୀନତା ସଂଗ୍ରାମୀଙ୍କ ଚରିତ୍ର, ମୌଳିକ ଆଦର୍ଶ, ତ୍ୟାଗ, ତିତିକ୍ଷା, ସ୍ୱାବଲମ୍ବନଶୀଳତା ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା ସ୍ୱତଃସ୍ଫୂର୍ତ୍ତ ଭାବରେ ହୃଦୟରେ ଜାଗିଉଠେ। ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସାର ମାର୍ଗ ଦେଖାଇଥିଲେ। ଭାରତୀୟ ଆଦର୍ଶ ଏକ ଚୂଡ଼ାନ୍ତ ରୂପନେବା ଫଳରେ ବାପୁଙ୍କ 'କୁଟି ଖାଅ କାଟି ପିନ୍ଧ' ସ୍ଲୋଗାନରେ ସମସ୍ତେ ନିଜକୁ ସାମିଲ କରିବା ସହ ସାଦାସିଧା ଖାଇ, ନିହାତି ଆବଶ୍ୟକ ଜିନିଷ ବ୍ୟବହାରକରି ଯେଉଁ ପରିବର୍ତ୍ତନର ଶିଖା ପ୍ରଜ୍ୱଳିତ କରିଥିଲେ ତାହା ସମାଜକୁ ପ୍ରଭାବିତ କରିଥିଲା। ସ୍ୱାଧୀନତା ପୂର୍ବରୁ ଆମର ସେଭଳି ନିଜସ୍ୱ ବୋଲି କିଛି ନ ଥିଲା। ୧୮୬୬ ପରେ ଦୈବୀ ଦୁର୍ବିପାକ ଯୋଗୁ ଘଟିଥିବା ନ'ଅଙ୍କ ଦୁର୍ଭିକ୍ଷରେ ଅନେକ ହଜାର ଲୋକ ପ୍ରାଣ ହରାଇ ଥିଲେ। ସ୍ୱାସ୍ଥ୍ୟସେବା ପାଇଁ କୌଣସି ସୁବିଧା ନ ଥିଲା। ଜ୍ଞାନାଲୋକ ପ୍ରଜ୍ୱଳିତ କରିବା ପାଇଁ ଶିକ୍ଷାନୁଷ୍ଠାନର ସଙ୍କଟ ଥିଲା। ଇଂରେଜଙ୍କ ଶୋଷଣ ଓ ଅତ୍ୟାଚାରରେ, ବେଠି ଓ କୋରଡ଼ା ମାଡ଼ରେ ଜାତୀୟ ମେରୁଦଣ୍ଡ ଦୋହଲିଯାଇଥିଲା। ଦିଓଳି ଲୋକ ମୁଠାଏ ଖାଇବାକୁ ପାଉ ନ ଥିଲେ। ପ୍ରତିବନ୍ଧକ ଥିଲା 'ଏକ ବିଦେଶୀ ଅଙ୍କୁଶ'।

ଓଡ଼ିଶାରେ ମୋଗଲ, ପଠାଣ, ବର୍ଗୀ ଏବଂ ଇଂରେଜଙ୍କ ଅତ୍ୟାଚାରରେ ଗଣଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଫଳରେ ଏକ ସଙ୍ଗଠିତ ଜାତିହୋଇ ଛିଡ଼ାହେବା ପାଇଁ ତାକୁ ଲାଗିଥିଲା ଅନେକ ଶହ ବର୍ଷ। ଏପରିକି ସ୍ୱତନ୍ତ୍ର ଓଡ଼ିଶା ପାଇବା ପାଇଁ ଓଡ଼ିଆଙ୍କୁ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କରିବାକୁ ପଡ଼ିଥିଲା। ଏପରି ସଂଘର୍ଷ ଓ ପ୍ରାଣୋତ୍ସର୍ଗ ପରେ ଯାହା ମିଳିଲା ତାହା ଥିଲା ଖଣ୍ଡିତ ଓ ଅସଙ୍ଗଠିତ। ଏହି ସଂଘର୍ଷ ଭିତରୁ ଆମେ ଲାଭ କରିଥିଲୁ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର ପ୍ରଭୃତିର ସୀମାନ୍ତ ଅଞ୍ଚଳକୁ କଟକ, ପୁରୀ, ଗଞ୍ଜାମ, ଢେଙ୍କାନାଳ ଓ କେଉଁଝର ସହ ସାମିଲକରି ଯେଉଁ ଓଡ଼ିଶା ଆମେ ଲାଭକଲୁ ତା'ର ଦାନ ଭାରତୀୟ ଜାତୀୟତାକୁ ଅବିସ୍ମରଣୀୟ। ମହାତ୍ମା ଗାନ୍ଧୀ ଯେଉଁ ଡାକରା ଦେଲେ ତାହା ଓଡ଼ିଶାର ପୁରପଲ୍ଲୀରେ ସ୍ୱତଃ ଅନୁରଣିତ ହୋଇ ଉଠିଥିଲା। ସେତେବେଳର ସତ୍ୟବାଦୀର ବନ ବିଦ୍ୟାଳୟ ଓ ଜାତୀୟ ପୁନର୍ଗଠନ, ବରୀର ମୌଳିକ ଶିକ୍ଷା, ପାପଡ଼ାହାଣ୍ଡିର ବଳିଦାନ, କାଇପଦା କଳାମାଟିଆର ସଂଗ୍ରାମ, ଇରମ, ଇଞ୍ଚୁଡି ଓ ପାହାଡ଼ଘେରା ଆମ୍‌କୋ-ସୁମ୍‌କୋର ସଂଗ୍ରାମ। ସମସ୍ତଙ୍କୁ ଭାରତୀୟ ନେତୃବର୍ଗ ବିଶ୍ୱାସ କରିପାରୁ ନ ଥିଲେ ଯେ ଓଡ଼ିଶା ପରି ଏକ ପଛୁଆ ରାଜ୍ୟରେ ଏପରି ସଂଗ୍ରାମ ସଂଗଠିତ ହୋଇପାରେ। ମହାତ୍ମା ଗାନ୍ଧୀଙ୍କ ଦାଣ୍ଡିଯାତ୍ରାରେ ଶହ ଶହ ଲୋକ ସ୍ୱତଃସ୍ଫୂର୍ତ୍ତ ଭାବରେ ସାମିଲହୋଇ ନିଜ ମା'କୁ ବେଡ଼ିବନ୍ଧନରୁ ମୁକ୍ତକରିବା ପାଇଁ ଆହ୍ୱାନ ଦେଇଥିଲେ। ସେ ଦିନର ଶ୍ରାବଣ ମାସର ଅବିଶ୍ରାନ୍ତ ବର୍ଷା ବୈତରଣୀର କୂଳଲଘା ଗର୍ଜନ, କୃଷ୍ଣ ପକ୍ଷର ଅମାଅନ୍ଧାର ରାତି, ଗୋଟିଏ ଛୋଟ ଡଙ୍ଗା ପାଖରେ ଉପସ୍ଥିତ ଥିଲେ ମାତ୍ର ୨ଜଣ ଯୁବକ। ପୁରଷୋତ୍ତମପୁରରେ ଅପେକ୍ଷାରତ ଗଦାଧର ବାବୁ ଓ ରାଜକିଶୋର ବାବୁଙ୍କୁ ଏକ ଗୋପନ ତଥ୍ୟ ଦେବା ପାଇଁ କିନ୍ତୁ ନିୟତିର ବିଚାର ଥିଲା ଅଲଗା। ଖରସ୍ରୋତା ନଦୀର ପ୍ରଖର ସ୍ରୋତ ଘାଇ ମୁହଁରେ ଡଙ୍ଗାକୁ ଟାଣିନେଲା ବିଜୁଳି ବେଗରେ। ବଡ଼ ଆମ୍ବଗଛରେ ପିଟିହୋଇ ମୁହୂର୍ତ୍ତକରେ ବୁଡ଼ିଯାଇଥିଲା ଛୋଟ ହୁଲି ଡଙ୍ଗାଟି। ସେହି ଯୁବକଦ୍ୱୟ ସୁକୁମାର ଓ ମୋହିନୀ ମୋହନ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ ଅପେକ୍ଷା କଲେ ରାତି ପାଇଯିବ। କିନ୍ତୁ ଖବର ପହଞ୍ଚପାରିବନାହିଁ। ଏଇଠାରେ ପାଟ ଭିତର ଦେଇ ପହଁରି ପହଁରି ଯିବାକୁ ପଡିବ ପୁରୁଷୋତ୍ତମପୁର ଯାଏ ପ୍ରାୟ ୮ କିଲୋମିଟର। ବନ୍ଦେ ମାତରମ୍ କହି ଲମ୍ଫ ପ୍ରଦାନ କଲେ। ସେଠାରେ ପହଞ୍ଚିଲା ବେଳକୁ ବ୍ୟତିବ୍ୟସ୍ତ ହୋଇ ଉଠିଥିଲେ ଗଦାଧର ଓ ରାଜ କିଶୋର। ଏ ଯୁବକ ଦ୍ୱୟଙ୍କ ଦେଶ ଭକ୍ତି, ତ୍ୟାଗ, ନିଷ୍ଠା ପରିଶ୍ରମର କାହାଣୀ ପ୍ରକୃତରେ ଥିଲା ହୃଦୟସ୍ପର୍ଶୀ।

ସେଦିନର ମୁକ୍ତିକାମୀ ଦେଶପ୍ରେମୀମାନଙ୍କର କାହାଣୀ ଏଠାରେ ଅବତାରଣା କରିବାର ଏକମାତ୍ର ଉଦ୍ଦେଶ୍ୟ ଆଜିର ନେତୃବର୍ଗ କେବଳ ନିଜର ଗାଦି ଓ କ୍ଷମତା ହାସଲ ପାଇଁ ଯେକୌଣସି ଅନୈତିକ କାର୍ଯ୍ୟ କରିବାକୁ ତିଳେ ହେଲେ ପଛଘୁଞ୍ଚା ଦେଉନାହାନ୍ତି। ଆଜି ସେମାନେ ଭୁଲିଯାଇଛନ୍ତି ପୂର୍ବ ସୁରୀମାନଙ୍କ କଷ୍ଟଲବ୍ଧ ସ୍ୱାଧୀନତାର ଗୁରୁତ୍ୱ କ'ଣ ? ଚନ୍ଦ୍ରାଲୋକରେ ଅନେକ ପରିବାର ଅଦ୍ୟାବଧି ଜୀବନ ବିତାଉଥିବା ବେଳେ ନିର୍ବାଚିତ ପ୍ରତିନିଧିଙ୍କ ତ୍ରିତଳ ପ୍ରସାଦ ଦିନକୁ ଦିନ ବଢ଼ିଚାଲିଛି। ସାଂସଦ ଓ ବିଧାୟକଙ୍କ ମଧ୍ୟରୁ ୭୦ ପ୍ରତିଶତ କୋଟିପତି। ଏବେ ପୂର୍ବ ନେତୃବର୍ଗଙ୍କ ଭଳି ସେବା ମନୋବୃତ୍ତିର ନେତା ନାହାନ୍ତି। ଏମାନେ ସେବା ଦେବା ବଦଳରେ କେବଳ ନେବାକୁ ପ୍ରାଧାନ୍ୟ ଦେଉଥିବା ଦଖାଯାଉଛି।

ମୋ: ୬୩୭୦୬ ୭୫୫୬୨

## ଏଇ ଭାରତରେ

ଧାନ କିମ୍ବା ଅନ୍ୟ ଶସ୍ୟଗୁଡ଼ିକରୁ ଚୋପା ଛଡ଼ାଉଥିବା ପାରମ୍ପରିକ ମେଶିନଗୁଡ଼ିକରୁ ପ୍ରଚୁର ଧୂଆଁ ବା କୁଣ୍ଡା ବାହାରୁଛି, ଯାହା ବାୟୁ ପ୍ରଦୂଷଣ କରୁଛି। ଏହି ସମସ୍ୟାକୁ ନିରୀକ୍ଷଣ କରି ତାହାର ସମାଧାନର ବାଟ ପାଇଛନ୍ତି ଉତ୍ତରପ୍ରଦେଶର ଛାତ୍ରୀ ପୂଜା ପାଲ। ୨୦୨୩ରେ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ସେ ଶସ୍ୟରୁ ଚୋପା ଛଡ଼ାଇବା ଲାଗି ଏକ ଧୂଆଁବିହୀନ ମେଶିନ (ଥ୍ରେସର ମେଶିନ) ନିର୍ମାଣ କରିଥିଲେ। ଏହାକୁ ସେ ବିଭିନ୍ନ ବିଜ୍ଞାନ ମେଳାରେ ପ୍ରଦର୍ଶନ କରିବା ପରେ ପ୍ୟାଟେଣ୍ଟ ପାଇବାରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ସାହାଯ୍ୟ କରିଛି। ଭାରତର ଅନେକ କୁନି ବୈଜ୍ଞାନିକଙ୍କ ସହିତ ସେ ଟୋକିଓରେ ଆୟୋଜିତ ବିଜ୍ଞାନମେଳାରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୧ ଡିସେମ୍ବର ୧୯୭୬

- ରାଜ୍ୟ ଜଙ୍ଗଲ କର୍ପୋରେଶନର ଚେୟାରମ୍ୟାନ୍ ବି. ଭେଙ୍କଟରମଣ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ସେକ୍ରେଟାରୀ ନିଯୁକ୍ତ।
- ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ସାରା ଦେଶରେ ମୋଟ ଦେଢ଼ ଲକ୍ଷ ପୁସ୍ତକ ବ୍ୟାଙ୍କ ବିଭିନ୍ନ ସ୍କୁଲରେ ଖୋଲାଯାଇଛି।

## ଚିରନ୍ତନୀ

ଅତୀତର ଯେତେ କ୍ଷଣ
ନୀରବିଲା ଅକାରଣ
ବିତିଗଲା ଦିନ ଦୁଃଖ ସୁଖର
ହେଲା ନାହିଁ ଯାହା କେବେ ମୁଖର ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଣପାରମ୍ପରିକ ଶକ୍ତି ଉପଲବ୍ଧ ହେଉ

ମହାଶୟ,

ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧିପାଉଛି। ତାପମାତ୍ରା ବୃଦ୍ଧି ଯୋଗୁ ପାଣିପାଗରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ଭାରତର ରାଜଧାନୀ ନୂଆଦିଲ୍ଲୀ ଓ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ବାୟୁରେ ବିଷ ସୀମା ଟପିଲାଣି। ଦିଲ୍ଲୀବାସୀଙ୍କୁ ଏୟାର ପ୍ୟୁରିଫାୟର ଯୋଗାଇ ସରକାର ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିଛନ୍ତି ବୋଲି ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ କୈଫିୟତ ତଲବ କରିଛନ୍ତି। କାରଣ ସରକାର କାହିଁକି ପ୍ରଦୂଷଣକୁ ନିୟନ୍ତ୍ରଣ କରିପାରୁ ନାହାନ୍ତି । ଶିଳ୍ପାୟନ, ଯାନବାହନ, ସହରୀକରଣ ଓ ତାପଜ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। କୋଇଲା ଜଳିବା ଯୋଗୁ ଯେଉଁ ପାଉଁଶ ବାହାରୁଛି ତାହା ବାୟୁ ଓ ଜଳକୁ ମଧ୍ୟ ଦୂଷିତ କରୁଛି। ଏଥିପାଇଁ ବୃକ୍ଷରୋପଣ ଜରୁରୀ ଏବଂ ଏ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି। ଭାରତର ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନିଜ ମା' ନାମରେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ତାପଜ ଶକ୍ତିର ବିକଳ୍ପ ଭାବେ ଅଣପାରମ୍ପରିକ ଶକ୍ତି ଯଥା୍-ସୌରଶକ୍ତି ଓ ପବନ ଶକ୍ତି ଉତ୍ପାଦନ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏଇସବୁ ଅଣପାରମ୍ପରିକ ଶକ୍ତି କେମିତି ସହଜ ଓ ସୁଲଭ ମୂଲ୍ୟରେ ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସରକାର ପଦକ୍ଷେପ ନିଅନ୍ତୁ।

-ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 1 | | |
| | 3 | 6 | | | | | 8 | |
| 1 | | | | | | | | |
| | | | | 5 | 7 | | | 3 |
| | | | 2 | | | 9 | | 6 |
| 6 | | | | | | | 5 | |
| 7 | 2 | | 8 | | | | | 9 |
| | 5 | | | 3 | | 6 | | 4 |
| | | 9 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | 7 | 8 | 6 | 4 | 9 | 5 |
| 5 | 6 | 9 | 1 | 3 | 4 | 2 | 8 | 7 |
| 8 | 7 | 4 | 9 | 5 | 2 | 1 | 3 | 6 |
| 1 | 2 | 7 | 8 | 4 | 9 | 6 | 5 | 3 |
| 6 | 9 | 8 | 3 | 1 | 5 | 7 | 4 | 2 |
| 4 | 3 | 5 | 6 | 2 | 7 | 9 | 1 | 8 |
| 2 | 5 | 1 | 4 | 6 | 8 | 3 | 7 | 9 |
| 9 | 8 | 3 | 2 | 7 | 1 | 5 | 6 | 4 |
| 7 | 4 | 6 | 5 | 9 | 3 | 8 | 2 | 1 |

ଗତକାଲିର ଉତ୍ତର

# ଘୁମୁସର ସଂଗ୍ରାମର ମୁଖ୍ୟ ନାୟକ ଥିଲେ ଚକରା ବିଷୋୟୀ

ଭୁବନେଶ୍ୱର,୩୦।୧୨ (ସୁଚିସ୍ମିତା ସାହୁ)

ଘୁମୁସରର ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୩ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ମାଲ୍ୟାର୍ପଣ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ବିଧାନସଭା ନିକଟସ୍ଥ ଶହୀଦଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢୀ ମାଲ୍ୟାର୍ପଣ କରିବା ସହ ତାଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ସେ କହିଲେ, ଇଂରେଜ ଶାସନ ସମୟରେ ଅନ୍ୟାୟ, ଅତ୍ୟାଚାର ଓ ଦମନମୂଳକ ନୀତି ବିରୋଧରେ ଘୁମୁସର ଅଞ୍ଚଳର ପାହାଡ଼, ଜଙ୍ଗଲ ଓ ଗାଁରୁ ବିଦ୍ରୋହର ଶଙ୍ଖନାଦ ଉଠିଥିଲା। ସେହି ସଂଗ୍ରାମର ମୁଖ୍ୟ ନାୟକ ଘୁମୁସରର ମହାନ ବିପ୍ଳବୀ ବୀର ଚକରା ବିଷୋୟୀ ଥିଲେ। ଆଦିବାସୀ, କୃଷକ ଓ ସାଧାରଣ ଜନତାଙ୍କୁ ସଂଗଠିତ କରି ସେ ଇଂରେଜ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରଚନା କରିଥିଲେ। ବ୍ୟବସ୍ଥାର ଦୁରୁପଯୋଗ ଓ ପ୍ରଶାସନିକ ଅତ୍ୟାଚାର ବିରୋଧରେ ତାଙ୍କ ନେତୃତ୍ୱରେ ଘୁମୁସର ଆନ୍ଦୋଳନ ଇଂରେଜ ଶାସନ ପାଇଁ ଏକ ଭୟଙ୍କର ଆହ୍ୱାନ ଭାବେ ଉଭା ହୋଇଥିଲା। ତାଙ୍କ ବୀରତ୍ୱ, ନେତୃତ୍ୱ ଓ ବଳିଦାନର ଅମର ଉଦାହରଣ ଆଜି ମଧ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଚସ୍ପତି



ବିଧାନସଭା ନିକଟସ୍ଥ ଶହୀଦ ଚକରା ବିଶୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

# ନୂଆ ବର୍ଷରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାର ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୩୦।୧୨(ସୁନିତ୍ ମିଶ୍ର)

■ ବୁଧବାର ରାତି ୧୧ରୁ ୨ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ପହୁଡ଼ ନୀତି
■ ୨ଟାରୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ

ଦିନକ ପରେ ନୂଆ ବର୍ଷ ୨୦୨୬ ଆରମ୍ଭ ହେବ। ବୁଧବାର ରାତିରୁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ପ୍ରବଳ ଭିଡ଼ ରହିବ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗତ ୨୫ ତାରିଖ ପୂର୍ବରୁ ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ନୂଆ ବର୍ଷରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ କିପରି ପ୍ରସ୍ତୁତି ରହିଛି ସେନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଙ୍ଗଳବାର ଏକ ବୈଠକରେ ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ପୋଲିସ ଡିଜି ୱାଇ.ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ନୀତିକାନ୍ତି ଅନୁଯାୟୀ ବୁଧବାର ରାତି ୧୧ଟାରୁ ଶ୍ରୀଜୀଉମାନଙ୍କ ରାତି ପହୁଡ଼ ନୀତି ଆରମ୍ଭହୋଇ ରାତି ୨ଟା ପର୍ଯ୍ୟନ୍ତ ୩ ଘଣ୍ଟା ଧରି ବଳବତ୍ତର ରହିବ। ରାତି ୨ଟାରେ ଶ୍ରୀଜୀଉମାନଙ୍କ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇ ଭକ୍ତଙ୍କ ପାଇଁ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିବ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ପ୍ରଚାରପ୍ରସାର ପାଇଁ ସୂଚନା ଦିଆଯାଇଛି। ଜନସାଧାରଣ ଯେପରି ଏ ସମ୍ପର୍କରେ ଭଲଭାବେ ସୂଚନା ପାଇବେ, ଏହାକୁ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ନୂଆ ବର୍ଷ ଓ ପରବର୍ତ୍ତୀ ଦିନଗୁଡ଼ିକରେ ଅନ୍ୟ ପର୍ବପର୍ବାଣି ଏବଂ ଜାନୁଆରୀ ୪ରେ ରବିବାର ପଡୁଥିବାରୁ ଏହିଦିନ ମଧ୍ୟରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଜନଗହଳି ଲାଗି ରହିବ। ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ତରଫରୁ ସମସ୍ତ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ମନ୍ଦିର ଭିତରେ ଓ ବାହାରେ ସିସିଟିଭି ବ୍ୟବସ୍ଥା, ବ୍ୟାପକ ପୋଲିସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଅଧିକ ସଂଖ୍ୟକ ଏନ୍‌ସିସି ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ମୁତୟନ ରହିବେ। ବିଭିନ୍ନ ସ୍ଥାନରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ହେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ନୂଆ ବର୍ଷ ପ୍ରସ୍ତୁତି ପରିପ୍ରେକ୍ଷୀରେ ପୁରୀ, କୋଣାର୍କ, ଚନ୍ଦ୍ରଭାଗା ଆଦି ବେଳାଭୂମିରେ ସୁରକ୍ଷା ପାଇଁ ପୋଲିସ ମୁତୟନ ଓ ପୁରୀରେ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପୁରୀ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

# ପାଚିକା ସହାୟିକା ସଂଘ ବିକ୍ଷୋଭ ସ୍ଥଗିତ

ଭୁବନେଶ୍ୱର,୩୦।୧୨ (ସୁଚିସ୍ମିତା ସାହୁ)

ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାରଠାରୁ ବିଧାନସଭା ସମ୍ମୁଖରେ ୯ ଦଫା ଦାବିନେଇ ବିକ୍ଷୋଭ ଦର୍ଶନ କରାଯାଇଥିଲା। ସଂଘ ସଭାପତି କମଲ କୁମାର ଷଣ୍ଢଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ୯ଦଫା ଦାବି ଉପସ୍ଥାପନ କରିଥିଲେ। ସିପିଆଇ ନେତା ଏନ୍. ନାରାୟଣ ରେଡ୍ଡୀଙ୍କ ଉପସ୍ଥିତିରେ ଗଣଶିକ୍ଷାମନ୍ତ୍ରୀ ଦାବିପତ୍ର ଗ୍ରହଣ କରି ଆଲୋଚନା କରିଥିଲେ। ମନ୍ତ୍ରୀ କହିଲେ, ଫେବୃଆରୀରେ ହଜାରେ ଟଙ୍କାର ଭତ୍ତା ବୃଦ୍ଧି କରାଯାଇଛି। ଭତ୍ତା ପ୍ରତିମାସ ପ୍ରଥମ ସପ୍ତାହରେ ପ୍ରଦାନ କରାଯିବ। ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସଂଘ ପ୍ରତିନିଧିମାନେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ବିକ୍ଷୋଭକୁ ସ୍ଥଗିତ ଘୋଷଣା କରିଛନ୍ତି। ତେବେ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଂଘ ସାଧାରଣ ସମ୍ପାଦକ ଜମେଇ ମାଝୀ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ଏଆଇଟିୟୁସି ନେତା ସୁର ଜେନା, ସଂଘର ଉପସଭାପତି ଉତ୍ତମ ମଲ୍ଲିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଂଘର ନ୍ୟାୟ ଦାବି ମଧ୍ୟରେ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା, ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ ଅନୁସାରେ ମଧ୍ୟାହ୍ନଭୋଜନ ସ୍କିମ୍‌ର ପାଚିକା ସହାୟିକାଙ୍କୁ ୱାର୍କସ ମାନ୍ୟତା ପ୍ରଦାନ, ଅବସର ପରେ ମାସିକ ପେନ୍‌ସନ ୧୦ ହଜାର ଟଙ୍କାକୁ ବୃଦ୍ଧି, ପାଚିକା ସହାୟିକାଙ୍କୁ ୧୦ମାସ ପରିବର୍ତ୍ତେ ୧୨ ମାସର ଭତ୍ତା ପ୍ରଦାନ, ପୂର୍ବରୁ ଘୋଷିତ ମୃତ୍ୟୁକାଳୀନ ସହାୟତା ୧ଲକ୍ଷ ଟଙ୍କା କାର୍ଯ୍ୟକାରୀ କରିବା ପାଇଁ ବକ୍ତବ୍ୟରେ ଦାବି କରିଥିଲେ।

# ଆର୍ଜିପଲ୍ଲୀ ସମୁଦ୍ରତଟରୁ 'ମେଗିଟ୍ସ ଗୋବି' ମାଛ ସନ୍ଧାନ

ବ୍ରହ୍ମପୁର,୩୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)



ମେଗିଟ୍ସ ଗୋବି

ଗଞ୍ଜାମ ଜିଲା ଗୋପାଳପୁର ବନ୍ଦର ନିକଟ ଆର୍ଜିପଲ୍ଲୀ ସମୁଦ୍ରତଟରୁ ପ୍ରଥମଥର ପାଇଁ ବାଥିଗୋବିୟସ ମେଗିଟ୍ସ ନାମକ ଏକ ଗୋବି ମାଛର ସନ୍ଧାନ ମିଳିଛି। ଏହି ମାଛଟି ଗୋପାଳପୁର ବନ୍ଦର ଉଦ୍ଦେଶ୍ୟରେ ନିର୍ମିତ କୃତ୍ରିମ ପଥୁରିଆ ସମୁଦ୍ରତଟର ଜୁଆର ଭଟ୍ଟା ପ୍ରଭାବିତ ଛୋଟ ପୁଲ୍‌ରୁ ସଂଗ୍ରହ କରାଯାଇଛି। ଭାରତୀୟ ପ୍ରାଣୀ ସର୍ବେକ୍ଷଣ ଗୋପାଳପୁରସ୍ଥିତ ଆଞ୍ଚଳିକ କେନ୍ଦ୍ରର ବୈଜ୍ଞାନିକ ଏବଂ ଗବେଷକମାନଙ୍କ ସହ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ମିଳିତ ଭାବେ ଏହାର ଅନୁସନ୍ଧାନ କରିଥିଲେ। ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ମତାନୁସାରେ, ଏପରି କୃତ୍ରିମ ପଥୁରିଆ ସ୍ଥାନଗୁଡ଼ିକ ଗୋବି, ବ୍ଲେନି ଓ ପ୍ୟାରଟ ମାଛ ପ୍ରଜାତିଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ଭାବେ କାମ କରୁଛି। ଏହି 'ମେଗିଟ୍ସ ଗୋବି' ମାଛର ଶରୀର ଲମ୍ବା ଓ ମୁଣ୍ଡରେ କାତି ନ ଥାଏ ଏବଂ ଶରୀର ପ୍ରାୟ ନଳାକାର। ଏହାର ଚକ୍ଷୁ ମୁଣ୍ଡର ଆଗ ଭାଗରେ ରହିଛି। ମାଛର ଆଗ ଭାଗରେ ସାନ କଣ୍ଟାଳିଆ କାତି ଓ ଛାତିପେଟ ଭାଗରେ ଅଳ୍ପ କାତି ଦେଖାଯାଏ। ବୈଜ୍ଞାନିକ ଶୁଭ୍ରେନ୍ଦୁ ଶେଖର ମିଶ୍ର କହିଛନ୍ତି ଏହି ମାଛର ପିଠିରେ ୪ଟି ଇସତ୍ କଳା ରଙ୍ଗର ମୋଟା ପଟି ପରି ଚିହ୍ନ ଥାଏ। ଯାହା ଏହାକୁ ଅନ୍ୟ ଗୋବି ପ୍ରଜାତିଠାରୁ ଭିନ୍ନ କରେ। ପୂର୍ବରୁ ଏହି ପ୍ରଜାତି ଦକ୍ଷିଣ ଆଫ୍ରିକା, ପାର୍ସିଆନ ଗଲ୍ଫ, ୟେମେନର ସୋକୋଟ୍ରା, ଫିଜି, ଦକଜାପାନ ଓ ଉତ୍ତର ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଇଣ୍ଡୋପଶ୍ଚିମ ପ୍ୟାସିଫିକ ଅଞ୍ଚଳରେ ଦେଖାଯାଉଥିଲା। ବର୍ତ୍ତମାନ ଗୋପାଳପୁର ଉପକୂଳରୁ ମିଳିଥିବାରୁ ଏହି ରେକର୍ଡ ଭାରତକୁ ଏହାର ବିତରଣ ମାନଚିତ୍ରରେ ସାମିଲ କରିଛି। ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼ ଭାସ୍କର ବେହେରା ଏହି ଆବିଷ୍କାର କୃତ୍ରିମ ସମୁଦ୍ରତଟ ଓ ପଥୁରିଆ ବ୍ୟାରିୟରର ପରିବେଶୀୟ ଗୁରୁତ୍ୱକୁ ଉଜାଗର କରେ ଓ ଭବିଷ୍ୟତରେ ଏପରି ଛୋଟ କୃତ୍ରିମ ଆବାସଗୁଡ଼ିକରେ ଅଧିକ ମାଛ ଓ ସମୁଦ୍ରଜୀବ ଉପରେ ଗବେଷଣା କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ଏହି ମାଛର ଗବେଷଣାରେ ମିଳିତ ଭାବେ ଗବେଷକ ରାଜେଶ କୁମାର ବେହେରା, ଟି. କେ. ଏସ. ତାଥାଚାରି, ଡ ସ୍ୱରୂପ ରଞ୍ଜନ ମହାନ୍ତି ଏବଂ ସ୍ମୃତିରେଖା ଆଚାର୍ଯ୍ୟ କାର୍ଯ୍ୟ କରିଥିଲେ। ମାଛର ସବିଶେଷ ବିବରଣୀ ଜର୍ନାଲ ନ୍ୟାଶନାଲ ଏକାଡେମି ଅଫ ସାଇନ୍ସ ଲେଟର୍ସରେ ପ୍ରକାଶ ପାଇଛି।

# ଥାନାରେ ବିଷ ପିଇଦେଲେ ଯୁବକ

## ବିବାହ ପାଇଁ ପ୍ରେମିକା ରାଜି ହେଲେନି

ଆନନ୍ଦପୁର(ସୁଶାନ୍ତ କୁମାର ସାହୁ)/ ଛେନାପଦ (ନିରାକାର ପରିଡ଼ା),୩୦।୧୨

ବିବାହ ପାଇଁ ରାଜି ହେଲେନି ପ୍ରେମିକା। କଥା ପହଞ୍ଚିଲା ଥାନାରେ। ହେଲେ ସେଠାରେ ମଧ୍ୟ ପ୍ରେମିକା ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ। ଶେଷରେ ହତାଶ ପ୍ରେମିକ ଥାନା ପରିସରରେ ବିଷ ପିଇ ଗୁରୁତର ହୋଇ ପଡ଼ିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ନନ୍ଦିପଦା ଥାନାରେ। ସୂଚନା। ଅନୁଯାୟୀ, କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଶାଳଣିଆଁ ଗ୍ରାମର ବିପିନ କୁଅଁର ଡିମିରିଆ ଗ୍ରାମର ଜଣେ ୨୭ ବର୍ଷୀୟା ଯୁବତୀଙ୍କୁ ଗତ ୩ବର୍ଷ ଧରି ଭଲ ପାଇ ଆସୁଥିଲେ। କିଛିଦିନ ତଳେ ବିପିନ ଉକ୍ତ ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେବାରୁ ଯୁବତୀ ଜଣକ ମନା କରିଦେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ବିବାହ ପାଇଁ ବିପିନ ବାଧ୍ୟ କରିବାରୁ ଯୁବତୀ ଜଣକ ତାଙ୍କ ପରିବାର ଲୋକଙ୍କୁ ନେଇ ବିପିନଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମଙ୍ଗଳବାର ନନ୍ଦିପଦା ପୋଲିସ ଉଭୟ ପରିବାର ଲୋକଙ୍କୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ଚଳାଇଥିଲା। ହେଲେ ଯୁବତୀଙ୍କ ପ୍ରତାରଣା ସହି ନ ପାରି ଥାନା ପରିସରରେ ବିପିନ ବିଷ ପିଇ ଦେଇଥିବା ନେଇ ବିପିନଙ୍କ ବଡ଼ ଭାଇ କୈଳାସ ଓ ସାନ ଭାଇ ଜିତେନ୍ଦ୍ର କହିଛନ୍ତି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।


ରେଳ ମନ୍ତ୍ରଣାଳୟ
(ପୂର୍ବ ତଟ ରେଳପଥ)
ବିଜ୍ଞପ୍ତି

ଭୁବନେଶ୍ୱର, 12 ଡିସେମ୍ବର, 2025

**ରେଳବାଇ ଅଧିନିୟମ 1989 ର ଧାରା 20A ଅଧୀନରେ ସୂଚନା**

**ଏସ୍.ଓ. 5754 (ଇ)** - ରେଳବାଇ (ସଂଶୋଧନ) ଆଇନ, 1989 (24/89) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20କ ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବା ପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ ବିଶିଷ୍ଟ ରେଳ ପ୍ରକଳ୍ପ, ଯାହାର ନାମ, "ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ମଣ୍ଡଳ ଅଧୀନରେ ଭଦ୍ରକ - ବିଜୟନଗରମ (525 କି ମି) ମଧ୍ୟରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (22 କି ମି) ଏବଂ ଖୋର୍ଦ୍ଧା ରୋଡ଼ - ବିଜୟନଗରମ (363 କି ମି) ମଧ୍ୟରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା – ଖୋର୍ଦ୍ଧା, ରାଜ୍ୟ - ଓଡ଼ିଶାରେ ଆବଶ୍ୟକ ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା ଏଠାରେ ସଂଲଗ୍ନ ସୂଚୀରେ ଦିଆ ଯାଇଛି, ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖ ରୁ ତିରିଶ ଦିନ ମଧ୍ୟରେ, ଉକ୍ତ ଆଇନର ଧାରା 20ଘ ର ଉପ-ଧାରା (1) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ପାରିବେ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ୍ ଭୂମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା, ରାଜ୍ୟ - ଓଡ଼ିଶାଙ୍କ ନିକଟରେ ଦାଖଲ କରାଯିବ ଯେଉଁଥିରେ ଏହାର କାରଣ ଉଲ୍ଲେଖ ରହିବ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣୀର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇ ପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରି ପାରିବେ।

ଉକ୍ତ ଆଇନ ର 20ଘ ର ଉପ-ଧାରା (2) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆ ଯାଇ ଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରି ପାରିବେ।

**ଅନୁସୂଚୀ**

ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ମଣ୍ଡଳ ଅଧୀନରେ ଭଦ୍ରକ - ବିଜୟନଗରମ (525 କି ମି) ମଧ୍ୟରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (22 କି ମି) ଏବଂ ଖୋର୍ଦ୍ଧା ରୋଡ଼ - ବିଜୟନଗରମ (363 କି ମି) ମଧ୍ୟରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା – ଖୋର୍ଦ୍ଧା, ରାଜ୍ୟ - ଓଡ଼ିଶାରେ ଆବଶ୍ୟକ ଜମି, ନିର୍ମାଣ ସହିତ କିମ୍ବା ବିନା ନିର୍ମାଣରେ, ଅଧିଗ୍ରହଣ କରିବା କୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-1) ଏଠାରେ ସଂଲଗ୍ନ।

**ପରିଶିଷ୍ଟ-1**

| କ୍ର. ସଂ. | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା କ୍ଷେତ୍ର (ଏକର ) | ଅଧିଗ୍ରହଣ କ୍ଷେତ୍ର (ଏକର ) | ଜମିର କିସମ | ଜମିର ପ୍ରକାର |
|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 |
| 1 | କାରଟିଆସାହି | 30 | 29/212 | ପୁରାତନ ପତିତ | 0.060 | 0.047 | ବ୍ୟକ୍ତିଗତ |
| 2 | କାରଟିଆସାହି | 18 | 21 | ଘରବାରି | 0.028 | 0.021 | ବ୍ୟକ୍ତିଗତ |
| 3 | କାରଟିଆସାହି | 3 | 20 | ବାରି | 0.034 | 0.021 | ବ୍ୟକ୍ତିଗତ |
| 4 | କାରଟିଆସାହି | 19 | 29/213 | ବାରି | 0.008 | 0.008 | ବ୍ୟକ୍ତିଗତ |
| 5 | କାରଟିଆସାହି | 4 | 29/214 | ବାରି | 0.006 | 0.006 | ବ୍ୟକ୍ତିଗତ |
| 6 | କାରଟିଆସାହି | 76 | 9 | ପୁରାତନ ପତିତ | 0.017 | 0.003 | ବ୍ୟକ୍ତିଗତ |
| 7 | କାରଟିଆସାହି | 15 | 5 | ଘର | 0.006 | 0.002 | ବ୍ୟକ୍ତିଗତ |
| 8 | କାରଟିଆସାହି | 43 | 15 | ଘରବାରି | 0.032 | 0.004 | ବ୍ୟକ୍ତିଗତ |
| 9 | କାରଟିଆସାହି | 77 | 16 | ଘରବାରି | 0.032 | 0.002 | ବ୍ୟକ୍ତିଗତ |
| 10 | କାରଟିଆସାହି | 18 | 27 | ବାରି | 0.035 | 0.002 | ବ୍ୟକ୍ତିଗତ |
| | | | | ମୋଟ = | 0.258 | 0.116 | |
| 11 | ମଙ୍ଗଳାଯୋରି | 213 | 498 | ପୁରାତନ ପତିତ | 0.180 | 0.101 | ବ୍ୟକ୍ତିଗତ |
| 12 | ମଙ୍ଗଳାଯୋରି | 244/437 | 499 | ପୁରାତନ ପତିତ | 0.081 | 0.028 | ବ୍ୟକ୍ତିଗତ |
| 13 | ମଙ୍ଗଳାଯୋରି | 204 | 500 | ପୁରାତନ ପତିତ | 0.096 | 0.029 | ବ୍ୟକ୍ତିଗତ |
| 14 | ମଙ୍ଗଳାଯୋରି | 244/99 | 501 | ପୁପତିତ | 0.120 | 0.058 | ବ୍ୟକ୍ତିଗତ |
| 15 | ମଙ୍ଗଳାଯୋରି | 244/282 | 503 | ପୁରାତନ ପତିତ | 0.155 | 0.038 | ବ୍ୟକ୍ତିଗତ |
| 16 | ମଙ୍ଗଳାଯୋରି | 244/290 | 504 | ପୁରାତନ ପତିତ | 0.148 | 0.044 | ବ୍ୟକ୍ତିଗତ |
| 17 | ମଙ୍ଗଳାଯୋରି | 244/411 | 505 | ପୁରାତନ ପତିତ | 0.055 | 0.012 | ବ୍ୟକ୍ତିଗତ |
| 18 | ମଙ୍ଗଳାଯୋରି | 244/244 | 505/1178 | ପୁରାତନ ପତିତ | 0.055 | 0.012 | ବ୍ୟକ୍ତିଗତ |
| 19 | ମଙ୍ଗଳାଯୋରି | 239 | 506 | ପୁରାତନ ପତିତ | 0.144 | 0.033 | ବ୍ୟକ୍ତିଗତ |
| 20 | ମଙ୍ଗଳାଯୋରି | 227 | 507 | ପୁରାତନ ପତିତ | 0.140 | 0.032 | ବ୍ୟକ୍ତିଗତ |
| 21 | ମଙ୍ଗଳାଯୋରି | 237 | 508 | ପୁରାତନ ପତିତ | 0.135 | 0.050 | ବ୍ୟକ୍ତିଗତ |
| 22 | ମଙ୍ଗଳାଯୋରି | 209 | 509 | ପୁରାତନ ପତିତ | 0.117 | 0.028 | ବ୍ୟକ୍ତିଗତ |
| 23 | ମଙ୍ଗଳାଯୋରି | 208 | 510 | ପୁରାତନ ପତିତ | 0.130 | 0.038 | ବ୍ୟକ୍ତିଗତ |
| 24 | ମଙ୍ଗଳାଯୋରି | 201 | 511 | ପୁରାତନ ପତିତ | 0.215 | 0.069 | ବ୍ୟକ୍ତିଗତ |
| 25 | ମଙ୍ଗଳାଯୋରି | 244/96 | 512 | ପୁରାତନ ପତିତ | 0.059 | 0.044 | ବ୍ୟକ୍ତିଗତ |
| 26 | ମଙ୍ଗଳାଯୋରି | 39 | 513 | ପୁରାତନ ପତିତ | 0.110 | 0.026 | ବ୍ୟକ୍ତିଗତ |
| 27 | ମଙ୍ଗଳାଯୋରି | 240 | 514 | ପୁରାତନ ପତିତ | 0.118 | 0.019 | ବ୍ୟକ୍ତିଗତ |
| 28 | ମଙ୍ଗଳାଯୋରି | 244/327 | 514/1245 | ପୁରାତନ ପତିତ | 0.117 | 0.019 | ବ୍ୟକ୍ତିଗତ |
| 29 | ମଙ୍ଗଳାଯୋରି | 244/418 | 528/1304 | ପୁରାତନ ପତିତ | 0.114 | 0.001 | ବ୍ୟକ୍ତିଗତ |
| 30 | ମଙ୍ଗଳାଯୋରି | 244/484 | 528/1304/1329 | ପୁରାତନ ପତିତ | 0.050 | 0.008 | ବ୍ୟକ୍ତିଗତ |
| 31 | ମଙ୍ଗଳାଯୋରି | 244/422 | 528/1306 | ପୁରାତନ ପତିତ | 0.060 | 0.015 | ବ୍ୟକ୍ତିଗତ |
| 32 | ମଙ୍ଗଳାଯୋରି | 138 | 529 | ପୁରାତନ ପତିତ | 0.304 | 0.240 | ବ୍ୟକ୍ତିଗତ |
| 33 | ମଙ୍ଗଳାଯୋରି | 226 | 526 | ପୁରାତନ ପତିତ | 0.123 | 0.035 | ବ୍ୟକ୍ତିଗତ |
| 34 | ମଙ୍ଗଳାଯୋରି | 244/97 | 526/1052 | ପୁରାତନ ପତିତ | 0.123 | 0.027 | ବ୍ୟକ୍ତିଗତ |
| 35 | ମଙ୍ଗଳାଯୋରି | 244/105 | 526/1057 | ପୁରାତନ ପତିତ | 0.123 | 0.028 | ବ୍ୟକ୍ତିଗତ |
| 36 | ମଙ୍ଗଳାଯୋରି | 146 | 522 | ପୁରାତନ ପତିତ | 0.335 | 0.205 | ବ୍ୟକ୍ତିଗତ |
| 37 | ମଙ୍ଗଳାଯୋରି | 37 | 521 | ପୁରାତନ ପତିତ | 0.132 | 0.072 | ବ୍ୟକ୍ତିଗତ |
| 38 | ମଙ୍ଗଳାଯୋରି | 244/430 | 521/1310 | ପୁରାତନ ପତିତ | 0.131 | 0.071 | ବ୍ୟକ୍ତିଗତ |
| 39 | ମଙ୍ଗଳାଯୋରି | 267 | 601 | ବାଜେଫସଲ ତିନି | 0.150 | 0.148 | ବ୍ୟକ୍ତିଗତ |
| 40 | ମଙ୍ଗଳାଯୋରି | 244/203 | 601/1152 | ବାଜେଫସଲ ତିନି | 0.073 | 0.067 | ବ୍ୟକ୍ତିଗତ |
| 41 | ମଙ୍ଗଳାଯୋରି | 118 | 600 | ବାଜେଫସଲ ତିନି | 0.423 | 0.135 | ବ୍ୟକ୍ତିଗତ |
| 42 | ମଙ୍ଗଳାଯୋରି | 357 | 596 | ଘରବାରି | 0.199 | 0.075 | ବ୍ୟକ୍ତିଗତ |
| 43 | ମଙ୍ଗଳାଯୋରି | 244/75 | 596/1041 | ବାଜେଫସଲ ତିନି | 0.199 | 0.079 | ବ୍ୟକ୍ତିଗତ |
| 44 | ମଙ୍ଗଳାଯୋରି | 169 | 488 | ବାଜେଫସଲ ତିନି | 0.190 | 0.141 | ବ୍ୟକ୍ତିଗତ |
| 45 | ମଙ୍ଗଳାଯୋରି | 244/507 | 489 | ବାଜେଫସଲ ତିନି | 0.058 | 0.021 | ବ୍ୟକ୍ତିଗତ |
| 46 | ମଙ୍ଗଳାଯୋରି | 159 | 490 | ବାଜେଫସଲ ତିନି | 0.060 | 0.021 | ବ୍ୟକ୍ତିଗତ |
| 47 | ମଙ୍ଗଳାଯୋରି | 54 | 491 | ବାଜେଫସଲ ତିନି | 0.077 | 0.030 | ବ୍ୟକ୍ତିଗତ |
| 48 | ମଙ୍ଗଳାଯୋରି | 244/296 | 492 | ବାଜେଫସଲ ତିନି | 0.094 | 0.030 | ବ୍ୟକ୍ତିଗତ |
| 49 | ମଙ୍ଗଳାଯୋରି | 95 | 493 | ଘରବାରି | 0.060 | 0.020 | ବ୍ୟକ୍ତିଗତ |
| 50 | ମଙ୍ଗଳାଯୋରି | 244/338 | 494 | ଘରବାରି | 0.075 | 0.023 | ବ୍ୟକ୍ତିଗତ |
| 51 | ମଙ୍ଗଳାଯୋରି | 230 | 495 | ଘରବାରି | 0.026 | 0.002 | ବ୍ୟକ୍ତିଗତ |
| 52 | ମଙ୍ଗଳାଯୋରି | 244/494 | 495/1332 | ଘରବାରି | 0.008 | 0.008 | ବ୍ୟକ୍ତିଗତ |
| 53 | ମଙ୍ଗଳାଯୋରି | 67 | 602 | ବାଜେଫସଲ ତିନି | 0.291 | 0.003 | ବ୍ୟକ୍ତିଗତ |
| | | | | ମୋଟ = | 5.653 | 2.185 | |
| 54 | ନନପଡ଼ା | 753 | 895 | ବାରି | 0.185 | 0.001 | ବ୍ୟକ୍ତିଗତ |
| 55 | ନନପଡ଼ା | 745/654 | 895/2236 | ବାରି | 0.045 | 0.001 | ବ୍ୟକ୍ତିଗତ |
| 56 | ନନପଡ଼ା | 745/444 | 2236/2930 | ବାରି | 0.083 | 0.002 | ବ୍ୟକ୍ତିଗତ |
| 57 | ନନପଡ଼ା | 745/415 | 2236/2903 | ଘରବାରି | 0.102 | 0.008 | ବ୍ୟକ୍ତିଗତ |
| 58 | ନନପଡ଼ା | 745/40 | 896/2241 | ବଗାୟତ | 0.037 | | ବ୍ୟକ୍ତିଗତ |
| 59 | ନନପଡ଼ା | 745/65 | 896/2466 | ବଗାଏତ ଦୁଇ | 0.057 | | ବ୍ୟକ୍ତିଗତ |
| 60 | ନନପଡ଼ା | 745/687 | 896/3005 | ଘରବାରି | 0.029 | | ବ୍ୟକ୍ତିଗତ |
| 61 | ନନପଡ଼ା | 501 | 896 | ବଗାଏତ ଦୁଇ | 0.173 | | ବ୍ୟକ୍ତିଗତ |
| 62 | ନନପଡ଼ା | 745/648 | 896/3082 | ଘରବାରି | 0.050 | | ବ୍ୟକ୍ତିଗତ |
| 63 | ନନପଡ଼ା | 745/520 | 896/2989 | ବଗାଏତ ଦୁଇ | 0.066 | | ବ୍ୟକ୍ତିଗତ |
| 64 | ନନପଡ଼ା | 745/708 | 896/2887 | ଘରବାରି | 0.055 | | ବ୍ୟକ୍ତିଗତ |
| 65 | ନନପଡ଼ା | 745/457 | 896/2942 | ବଗାଏତ ଦୁଇ | 0.066 | | ବ୍ୟକ୍ତିଗତ |
| 66 | ନନପଡ଼ା | 745/684 | 896/3080 | ଘରବାରି | 0.038 | | ବ୍ୟକ୍ତିଗତ |
| 67 | ନନପଡ଼ା | 745/2023 | 896/3795/ 4065 | ବଗାଏତ ଦୁଇ | 0.033 | 0.310 | ବ୍ୟକ୍ତିଗତ |
| 68 | ନନପଡ଼ା | 745/632 | 896/3068 | ବଗାଏତ ଦୁଇ | 0.048 | | ବ୍ୟକ୍ତିଗତ |
| 69 | ନନପଡ଼ା | 745/953 | 896/3265 | ଘରବାରି | 0.026 | | ବ୍ୟକ୍ତିଗତ |
| 70 | ନନପଡ଼ା | 745/1138 | 896/3420 | ବଗାଏତ ଦୁଇ | 0.033 | | ବ୍ୟକ୍ତିଗତ |
| 71 | ନନପଡ଼ା | 907 | 896/2455 | ଘରବାରି | 0.031 | | ବ୍ୟକ୍ତିଗତ |
| 72 | ନନପଡ଼ା | 745/801 | 896/2472 | ଘରବାରି | 0.025 | | ବ୍ୟକ୍ତିଗତ |
| 73 | ନନପଡ଼ା | 745/1505 | 896/3160/ 3953 | ଘରବାରି | 0.0038 | | ବ୍ୟକ୍ତିଗତ |
| 74 | ନନପଡ଼ା | | 896/3160 | ବଗାଏତ ଦୁଇ | 0.0057 | | ବ୍ୟକ୍ତିଗତ |
| 75 | ନନପଡ଼ା | 745/888 | 896/3203 | ଘରବାରି | 0.017 | | ବ୍ୟକ୍ତିଗତ |
| 76 | ନନପଡ଼ା | 745/952 | 896/3264 | ବଗାଏତ ଦୁଇ | 0.038 | | ବ୍ୟକ୍ତିଗତ |
| 77 | ନନପଡ଼ା | 745/1490 | 896/3160/ 3672 | ବଗାଏତ ଦୁଇ | 0.0095 | | ବ୍ୟକ୍ତିଗତ |
| 78 | ନନପଡ଼ା | 745/1672 | 896/3795 | ବଗାଏତ ଦୁଇ | 0.012 | | ବ୍ୟକ୍ତିଗତ |
| 79 | ନନପଡ଼ା | 745/206 | 940/2100/ 2563 | ଘରବାରି | 0.013 | 0.013 | ବ୍ୟକ୍ତିଗତ |
| 80 | ନନପଡ଼ା | 745/765 | 940/2100 | ବାରି | 0.043 | 0.043 | ବ୍ୟକ୍ତିଗତ |
| 81 | ନନପଡ଼ା | 745/723 | 940/2100/ 3104 | ଘରବାରି | 0.007 | 0.007 | ବ୍ୟକ୍ତିଗତ |
| 82 | ନନପଡ଼ା | 745/1792 | 940/2100/ 3182 | ଘରବାରି | 0.027 | 0.027 | ବ୍ୟକ୍ତିଗତ |
| 83 | ନନପଡ଼ା | 745/1612 | 940 | ଘରବାରି | 0.112 | 0.033 | ବ୍ୟକ୍ତିଗତ |
| 84 | ନନପଡ଼ା | 745/631 | 941 | ଘରବାରି | 0.073 | 0.035 | ବ୍ୟକ୍ତିଗତ |
| 85 | ନନପଡ଼ା | 745/366 | 941/2077 | ଘରବାରି | 0.036 | 0.027 | ବ୍ୟକ୍ତିଗତ |
| 86 | ନନପଡ଼ା | 745/829 | 941/2077/ 2519 | ଘରବାରି | 0.036 | 0.032 | ବ୍ୟକ୍ତିଗତ |
| 87 | ନନପଡ଼ା | 745/451 | 2207/2936 | ବାରି | 0.004 | | ବ୍ୟକ୍ତିଗତ |
| 88 | ନନପଡ଼ା | 745/913 | 942/2207/ 3227 | ବାରି | 0.028 | 0.100 | ବ୍ୟକ୍ତିଗତ |
| 89 | ନନପଡ଼ା | 745/402 | 2207/2894 | ବାରି | 0.068 | | ବ୍ୟକ୍ତିଗତ |
| 90 | ନନପଡ଼ା | 717 | 942/2207 | ବାରି | 0.021 | | ବ୍ୟକ୍ତିଗତ |
| 91 | ନନପଡ଼ା | 745/451 | 942/2454 | ବାରି | 0.074 | 0.048 | ବ୍ୟକ୍ତିଗତ |
| 92 | ନନପଡ଼ା | 745/447 | 1011 | ଘରବାରି | 0.172 | 0.027 | ବ୍ୟକ୍ତିଗତ |
| 93 | ନନପଡ଼ା | 656 | 1012 | ବାରି | 0.062 | 0.016 | ବ୍ୟକ୍ତିଗତ |
| 94 | ନନପଡ଼ା | 745/1687 | 1013 | ବାରି | 0.055 | 0.025 | ବ୍ୟକ୍ତିଗତ |
| 95 | ନନପଡ଼ା | 745/1627 | 1013/2245 | ବାରି | 0.130 | 0.098 | ବ୍ୟକ୍ତିଗତ |
| 96 | ନନପଡ଼ା | 745/1379 | 1015 | ଘରବାରି | 0.049 | 0.038 | ବ୍ୟକ୍ତିଗତ |
| 97 | ନନପଡ଼ା | 681 | 1015/2088 | କୂପ | 0.002 | 0.002 | ବ୍ୟକ୍ତିଗତ |
| 98 | ନନପଡ଼ା | 745/726 | 1016 | ବାରି | 0.014 | 0.014 | ବ୍ୟକ୍ତିଗତ |
| 99 | ନନପଡ଼ା | 745/726 | 1017 | ଘରବାରି | 0.116 | 0.103 | ବ୍ୟକ୍ତିଗତ |
| 100 | ନନପଡ଼ା | 256 | 1018 | ବଗାଏତ ଦୁଇ | 0.072 | | ବ୍ୟକ୍ତିଗତ |
| 101 | ନନପଡ଼ା | 745/156 | 1018/2528 | ବଗାଏତ ଦୁଇ | 0.036 | | ବ୍ୟକ୍ତିଗତ |
| 102 | ନନପଡ଼ା | 745/1053 | 1018/2528/3346 | ବଗାଏତ ଦୁଇ | 0.030 | | ବ୍ୟକ୍ତିଗତ |
| 103 | ନନପଡ଼ା | 745/211 | 1018/2568 | ଘରବାରି | 0.035 | | ବ୍ୟକ୍ତିଗତ |
| 104 | ନନପଡ଼ା | 745/77 | 1018/2474 | ଘରବାରି | 0.121 | 0.360 | ବ୍ୟକ୍ତିଗତ |
| 105 | ନନପଡ଼ା | 745/874 | 1018/3188 | ଘରବାରି | 0.045 | | ବ୍ୟକ୍ତିଗତ |
| 106 | ନନପଡ଼ା | 745/98 | 1018/2488 | ବଗାଏତ ଦୁଇ | 0.066 | | ବ୍ୟକ୍ତିଗତ |
| 107 | ନନପଡ଼ା | 745/438 | 1018/2552 | ବଗାଏତ ଦୁଇ | 0.050 | | ବ୍ୟକ୍ତିଗତ |
| 108 | ନନପଡ଼ା | 745/1094 | 1018/3380 | ବଗାଏତ ଦୁଇ | 0.090 | | ବ୍ୟକ୍ତିଗତ |
| 109 | ନନପଡ଼ା | 762 | 1020 | ବିଜେଷ୍ଟଳି | 0.045 | 0.010 | ବ୍ୟକ୍ତିଗତ |
| | | | | ମୋଟ = | 3.000 | 1.380 | |
| 110 | ତାଳପଡ଼ା | 260 | 809 | ବାଜେଫସଲ ଦୁଇ | 0.172 | 0.028 | ବ୍ୟକ୍ତିଗତ |
| 111 | ତାଳପଡ଼ା | | 808 | ଶାରଦ ଦୁଇ | 0.085 | 0.014 | ବ୍ୟକ୍ତିଗତ |
| 112 | ତାଳପଡ଼ା | 550 | 786 | ଶାରଦ ଦୁଇ | 0.050 | 0.009 | ବ୍ୟକ୍ତିଗତ |
| 113 | ତାଳପଡ଼ା | | 807 | ଶାରଦ ଦୁଇ | 0.045 | 0.008 | ବ୍ୟକ୍ତିଗତ |
| 114 | ତାଳପଡ଼ା | 655/23 | 806 | ଶାରଦ ଦୁଇ | 0.166 | 0.040 | ବ୍ୟକ୍ତିଗତ |
| 115 | ତାଳପଡ଼ା | 4 | 805 | ଶାରଦ ଦୁଇ | 0.108 | 0.001 | ବ୍ୟକ୍ତିଗତ |
| 116 | ତାଳପଡ଼ା | 563 | 803 | ଶାରଦ ଦୁଇ | 0.003 | 0.002 | ବ୍ୟକ୍ତିଗତ |
| 117 | ତାଳପଡ଼ା | 655/108 | 803/2273 | ଶାରଦ ଦୁଇ | 0.042 | 0.034 | ବ୍ୟକ୍ତିଗତ |
| 118 | ତାଳପଡ଼ା | 563 | 802 | ଶାରଦ ଦୁଇ | 0.043 | 0.019 | ବ୍ୟକ୍ତିଗତ |
| 119 | ତାଳପଡ଼ା | 655/108 | 802/2272 | ଶାରଦ ଦୁଇ | 0.042 | 0.020 | ବ୍ୟକ୍ତିଗତ |
| 120 | ତାଳପଡ଼ା | 12 | 801 | ଶାରଦ ଦୁଇ | 0.166 | 0.019 | ବ୍ୟକ୍ତିଗତ |
| 121 | ତାଳପଡ଼ା | 47 | 800 | ଶାରଦ ଦୁଇ | 0.215 | 0.002 | ବ୍ୟକ୍ତିଗତ |
| 122 | ତାଳପଡ଼ା | | 799 | ଶାରଦ ଦୁଇ | 0.054 | 0.050 | ବ୍ୟକ୍ତିଗତ |
| 123 | ତାଳପଡ଼ା | 554 | 798 | ପୁରାତନ ପତିତ | 0.025 | 0.017 | ବ୍ୟକ୍ତିଗତ |
| 124 | ତାଳପଡ଼ା | | 797 | ଶାରଦ ତିନି | 0.030 | 0.016 | ବ୍ୟକ୍ତିଗତ |
| 125 | ତାଳପଡ଼ା | 234 | 796 | ଶାରଦ ତିନି | 0.099 | 0.035 | ବ୍ୟକ୍ତିଗତ |
| 126 | ତାଳପଡ଼ା | 415 | 795 | ଶାରଦ ତିନି | 0.164 | 0.038 | ବ୍ୟକ୍ତିଗତ |
| 127 | ତାଳପଡ଼ା | 714 | 1595 | ଶାରଦ ଦୁଇ | 0.338 | 0.046 | ବ୍ୟକ୍ତିଗତ |
| 128 | ତାଳପଡ଼ା | 655/12 | 1593 | ଶାରଦ ଦୁଇ | 0.196 | 0.126 | ବ୍ୟକ୍ତିଗତ |
| 129 | ତାଳପଡ଼ା | 49 | 1591 | ଶାରଦ ଦୁଇ | 0.388 | 0.056 | ବ୍ୟକ୍ତିଗତ |
| 130 | ତାଳପଡ଼ା | 1 | 1590 | ଶାରଦ ଦୁଇ | 0.433 | 0.064 | ବ୍ୟକ୍ତିଗତ |
| 131 | ତାଳପଡ଼ା | 655/17 | 1576 | ଶାରଦ ଦୁଇ | 0.266 | 0.042 | ବ୍ୟକ୍ତିଗତ |
| 132 | ତାଳପଡ଼ା | 192 | 1575 | ଶାରଦ ଦୁଇ | 0.255 | 0.040 | ବ୍ୟକ୍ତିଗତ |
| 133 | ତାଳପଡ଼ା | 301 | 1574 | ଶାରଦ ଦୁଇ | 0.233 | 0.078 | ବ୍ୟକ୍ତିଗତ |
| 134 | ତାଳପଡ଼ା | 758 | 1561 | ଶାରଦ ଦୁଇ | 0.125 | 0.048 | ବ୍ୟକ୍ତିଗତ |
| 135 | ତାଳପଡ଼ା | | 1560 | ଶାରଦ ଦୁଇ | 0.099 | 0.033 | ବ୍ୟକ୍ତିଗତ |
| 136 | ତାଳପଡ଼ା | 651 | 1559 | ଶାରଦ ଦୁଇ | 0.670 | 0.138 | ବ୍ୟକ୍ତିଗତ |
| 137 | ତାଳପଡ଼ା | 655/58 | 1558/2016 | ଶାରଦ ଦୁଇ | 0.195 | 0.094 | ବ୍ୟକ୍ତିଗତ |
| 138 | ତାଳପଡ଼ା | 655/87 | 1557 | ଶାରଦ ଦୁଇ | 0.320 | 0.043 | ବ୍ୟକ୍ତିଗତ |
| 139 | ତାଳପଡ଼ା | 517 | 1556 | ଶାରଦ ଦୁଇ | 0.339 | 0.029 | ବ୍ୟକ୍ତିଗତ |
| 140 | ତାଳପଡ଼ା | 655/8 | 1555/1992 | ଶାରଦ ଦୁଇ | 0.198 | 0.079 | ବ୍ୟକ୍ତିଗତ |
| 141 | ତାଳପଡ଼ା | 301 | 1553 | ଶାରଦ ଦୁଇ | 1.639 | 0.073 | ବ୍ୟକ୍ତିଗତ |
| 142 | ତାଳପଡ଼ା | | 1527 | ଶାରଦ ଦୁଇ | 0.228 | 0.052 | ବ୍ୟକ୍ତିଗତ |
| 143 | ତାଳପଡ଼ା | 150 | 1465 | ଶାରଦ ଦୁଇ | 0.918 | 0.210 | ବ୍ୟକ୍ତିଗତ |
| 144 | ତାଳପଡ଼ା | 252 | 1464 | ଶାରଦ ତିନି | 0.115 | 0.080 | ବ୍ୟକ୍ତିଗତ |
| 145 | ତାଳପଡ଼ା | 655/11 | 1463 | ଶାରଦ ତିନି | 0.080 | 0.037 | ବ୍ୟକ୍ତିଗତ |
| 146 | ତାଳପଡ଼ା | | 1462 | ଶାରଦ ଦୁଇ | 0.128 | 0.045 | ବ୍ୟକ୍ତିଗତ |
| 147 | ତାଳପଡ଼ା | 614 | 1460 | ଶାରଦ ତିନି | 0.586 | 0.088 | ବ୍ୟକ୍ତିଗତ |
| 148 | ତାଳପଡ଼ା | | 1459 | ଶାରଦ ତିନି | 1.031 | 0.131 | ବ୍ୟକ୍ତିଗତ |
| 149 | ତାଳପଡ଼ା | 169 | 1420 | ଶାରଦ ତିନି | 0.192 | 0.005 | ବ୍ୟକ୍ତିଗତ |
| 150 | ତାଳପଡ଼ା | 86 | 1414 | ଶାରଦ ଦୁଇ | 0.480 | 0.014 | ବ୍ୟକ୍ତିଗତ |
| 151 | ତାଳପଡ଼ା | 417 | 1413 | ଶାରଦ ଦୁଇ | 0.390 | 0.109 | ବ୍ୟକ୍ତିଗତ |
| 152 | ତାଳପଡ଼ା | | 1392 | ଶାରଦ ଦୁଇ | 0.212 | 0.015 | ବ୍ୟକ୍ତିଗତ |
| 153 | ତାଳପଡ଼ା | 58 | 1391 | ପୁରାତନ ପତିତ | 0.035 | 0.035 | ବ୍ୟକ୍ତିଗତ |
| 154 | ତାଳପଡ଼ା | 297 | 1390 | ଶାରଦ ଦୁଇ | 0.197 | 0.058 | ବ୍ୟକ୍ତିଗତ |
| 155 | ତାଳପଡ଼ା | 655/41(କ) | 1390/2171 | ଶାରଦ ଦୁଇ | 0.154 | 0.072 | ବ୍ୟକ୍ତିଗତ |
| 156 | ତାଳପଡ଼ା | 655/150 | 1398 | ଶାରଦ ଦୁଇ | 0.145 | 0.041 | ବ୍ୟକ୍ତିଗତ |
| 157 | ତାଳପଡ଼ା | 297 | 1399 | ଶାରଦ ଦୁଇ | 0.035 | 0.015 | ବ୍ୟକ୍ତିଗତ |
| 158 | ତାଳପଡ଼ା | 655/41(କ) | 1399/2172 | ଶାରଦ ଦୁଇ | 0.155 | 0.037 | ବ୍ୟକ୍ତିଗତ |
| 159 | ତାଳପଡ଼ା | 729 | 1400 | ବଗାଏତ ଦୁଇ | 0.609 | 0.118 | ବ୍ୟକ୍ତିଗତ |
| 160 | ତାଳପଡ଼ା | 523 | 1401 | ଶାରଦ ଦୁଇ | 0.573 | 0.074 | ବ୍ୟକ୍ତିଗତ |
| 161 | ତାଳପଡ଼ା | 708 | 1259 | ଶାରଦ ତିନି | 0.089 | 0.069 | ବ୍ୟକ୍ତିଗତ |
| 162 | ତାଳପଡ଼ା | 730 | 1258 | ଶାରଦ ତିନି | 0.189 | 0.076 | ବ୍ୟକ୍ତିଗତ |
| 163 | ତାଳପଡ଼ା | 794/3 | 1256 | ଶାରଦ ଦୁଇ | 0.231 | 0.010 | ବ୍ୟକ୍ତିଗତ |
| 164 | ତାଳପଡ଼ା | 728 | 1255 | ଶାରଦ ତିନି | 0.083 | 0.035 | ବ୍ୟକ୍ତିଗତ |
| | | | | ମୋଟ = | 14.058 | 2.767 | |
| 165 | ଉଜଳା ଗୋପୀନାଥପୁର | 121 | 236 | ବାଜେଫସଲ ଦୁଇ | 0.113 | 0.002 | ବ୍ୟକ୍ତିଗତ |
| 166 | ଉଜଳା ଗୋପୀନାଥପୁର | 121 | 237 | ଶାରଦ ଦୁଇ | 0.039 | 0.004 | ବ୍ୟକ୍ତିଗତ |
| | | | | ମୋଟ = | 0.152 | 0.006 | |
| 167 | ରସୁଲପୁର | 70 | 1880 | ଶାରଦ ଦୁଇ | 0.090 | 0.002 | ବ୍ୟକ୍ତିଗତ |
| 168 | ରସୁଲପୁର | 223 | 1881 | ଶାରଦ ଦୁଇ | 0.173 | 0.021 | ବ୍ୟକ୍ତିଗତ |
| 169 | ରସୁଲପୁର | 226 | 1882 | ଶାରଦ ଦୁଇ | 0.103 | 0.017 | ବ୍ୟକ୍ତିଗତ |
| 170 | ରସୁଲପୁର | 13 | 1883 | ଶାରଦ ଏକ | 0.147 | 0.028 | ବ୍ୟକ୍ତିଗତ |
| | | | | ମୋଟ = | 0.513 | 0.068 | |
| 171 | ସୁନ୍ଦରପୁର | 342 | 2089 | ଶାରଦ ଦୁଇ | 0.515 | 0.018 | ବ୍ୟକ୍ତିଗତ |
| 172 | ସୁନ୍ଦରପୁର | 666 | 2089/5132 | ଶାରଦ ଦୁଇ | 0.250 | 0.015 | ବ୍ୟକ୍ତିଗତ |
| 173 | ସୁନ୍ଦରପୁର | 384 | 2087 | ଶାରଦ ଦୁଇ | 0.083 | 0.015 | ବ୍ୟକ୍ତିଗତ |
| 174 | ସୁନ୍ଦରପୁର | | 2086 | ବାଜେଫସଲ ଦୁଇ | 0.185 | 0.103 | ବ୍ୟକ୍ତିଗତ |
| 175 | ସୁନ୍ଦରପୁର | 81 | 2085 | ପୁରାତନ ପତିତ | 0.285 | 0.099 | ବ୍ୟକ୍ତିଗତ |
| 176 | ସୁନ୍ଦରପୁର | | 2023 | | 0.055 | 0.048 | ବ୍ୟକ୍ତିଗତ |
| 177 | ସୁନ୍ଦରପୁର | 366 | 2022 | ବାଜେଫସଲ ଦୁଇ | 0.058 | 0.038 | ବ୍ୟକ୍ତିଗତ |
| 178 | ସୁନ୍ଦରପୁର | | 2021 | | 0.060 | 0.033 | ବ୍ୟକ୍ତିଗତ |
| 179 | ସୁନ୍ଦରପୁର | 322 | 2019 | ବାଜେଫସଲ ଦୁଇ | 0.300 | 0.026 | ବ୍ୟକ୍ତିଗତ |
| 180 | ସୁନ୍ଦରପୁର | 94 | 2018 | ବାଜେଫସଲ ଦୁଇ | 0.228 | 0.192 | ବ୍ୟକ୍ତିଗତ |
| 181 | ସୁନ୍ଦରପୁର | 36 | 1993 | ବାଜେଫସଲ ଦୁଇ | 0.478 | 0.122 | ବ୍ୟକ୍ତିଗତ |
| 182 | ସୁନ୍ଦରପୁର | 793 | 1992 | ବାଜେଫସଲ ଦୁଇ | 0.635 | 0.160 | ବ୍ୟକ୍ତିଗତ |
| 183 | ସୁନ୍ଦରପୁର | | 1991 | | 0.060 | 0.06 | ବ୍ୟକ୍ତିଗତ |
| 184 | ସୁନ୍ଦରପୁର | 35 | 1990 | ବାଜେଫସଲ ଦୁଇ | 0.060 | 0.060 | ବ୍ୟକ୍ତିଗତ |
| 185 | ସୁନ୍ଦରପୁର | | 1989 | | 0.058 | 0.058 | ବ୍ୟକ୍ତିଗତ |
| 186 | ସୁନ୍ଦରପୁର | 35 | 1868 | ବାଜେଫସଲ ଦୁଇ | 0.145 | 0.145 | ବ୍ୟକ୍ତିଗତ |
| 187 | ସୁନ୍ଦରପୁର | 820 | 1869 | ବାଜେଫସଲ ତିନି | 0.176 | 0.055 | ବ୍ୟକ୍ତିଗତ |
| 188 | ସୁନ୍ଦରପୁର | 839/139 | 1869/5488 | ବାଜେଫସଲ ତିନି | 0.176 | 0.067 | ବ୍ୟକ୍ତିଗତ |
| 189 | ସୁନ୍ଦରପୁର | | 1872 | | 0.245 | 0.043 | ବ୍ୟକ୍ତିଗତ |
| 190 | ସୁନ୍ଦରପୁର | 552 | 1873 | ବାଜେଫସଲ ତିନି | 0.105 | 0.053 | ବ୍ୟକ୍ତିଗତ |
| 191 | ସୁନ୍ଦରପୁର | | 1875 | | 0.275 | 0.061 | ବ୍ୟକ୍ତିଗତ |
| 192 | ସୁନ୍ଦରପୁର | | 1876 | | 0.362 | 0.092 | ବ୍ୟକ୍ତିଗତ |
| 193 | ସୁନ୍ଦରପୁର | 754 | 1886 | ବାଜେଫସଲ ଦୁଇ | 0.175 | 0.057 | ବ୍ୟକ୍ତିଗତ |
| 194 | ସୁନ୍ଦରପୁର | | 1887 | | 0.168 | 0.062 | ବ୍ୟକ୍ତିଗତ |
| 195 | ସୁନ୍ଦରପୁର | 986/334 | 1888 | ବାଜେଫସଲ ଦୁଇ | 0.157 | 0.056 | ବ୍ୟକ୍ତିଗତ |
| 196 | ସୁନ୍ଦରପୁର | 670 | 1889 | ବାଜେଫସଲ ଦୁଇ | 0.195 | 0.105 | ବ୍ୟକ୍ତିଗତ |
| 197 | ସୁନ୍ଦରପୁର | 987/612 | 1889/5807 | ବାଜେଫସଲ ଦୁଇ | 0.195 | 0.105 | ବ୍ୟକ୍ତିଗତ |
| 198 | ସୁନ୍ଦରପୁର | 987/807 | 1891 | ବାଜେଫସଲ ଦୁଇ | 0.001 | 0.001 | ବ୍ୟକ୍ତିଗତ |
| 199 | ସୁନ୍ଦରପୁର | 987/804 | 1891/5949 | ବାଜେଫସଲ ଦୁଇ | 0.024 | 0.012 | ବ୍ୟକ୍ତିଗତ |
| 200 | ସୁନ୍ଦରପୁର | 987/803 | 1891/5948 | ବାଜେଫସଲ ଦୁଇ | 0.204 | 0.100 | ବ୍ୟକ୍ତିଗତ |
| 201 | ସୁନ୍ଦରପୁର | 987/806 | 1892 | ବାଜେଫସଲ ଦୁଇ | 0.068 | 0.044 | ବ୍ୟକ୍ତିଗତ |
| 202 | ସୁନ୍ଦରପୁର | 987/804 | 1892/5950 | ବାଜେଫସଲ ଦୁଇ | 0.044 | 0.022 | ବ୍ୟକ୍ତିଗତ |
| 203 | ସୁନ୍ଦରପୁର | 987/805 | 1892/5951 | ବାଜେଫସଲ ଦୁଇ | 0.068 | 0.04 | ବ୍ୟକ୍ତିଗତ |
| 204 | ସୁନ୍ଦରପୁର | 987/739 | 1903 | ବାଜେଫସଲ ଦୁଇ | 0.175 | 0.108 | ବ୍ୟକ୍ତିଗତ |
| 205 | ସୁନ୍ଦରପୁର | 987/738 | 1903/5891 | ବାଜେଫସଲ ଦୁଇ | 0.175 | 0.175 | ବ୍ୟକ୍ତିଗତ |
| 206 | ସୁନ୍ଦରପୁର | 871/21 | 1904 | ବାଜେଫସଲ ଦୁଇ | 0.321 | 0.126 | ବ୍ୟକ୍ତିଗତ |
| 207 | ସୁନ୍ଦରପୁର | | 1918 | | 0.110 | 0.067 | ବ୍ୟକ୍ତିଗତ |
| 208 | ସୁନ୍ଦରପୁର | 986/323 | 1920 | ବାଜେଫସଲ ଦୁଇ | 0.017 | 0.004 | ବ୍ୟକ୍ତିଗତ |
| 209 | ସୁନ୍ଦରପୁର | 987/373 | 1920/5575 | ଘରବାରି | 0.228 | 0.063 | ବ୍ୟକ୍ତିଗତ |
| 210 | ସୁନ୍ଦରପୁର | 35 | 1988 | ବାଜେଫସଲ ଦୁଇ | 0.183 | 0.020 | ବ୍ୟକ୍ତିଗତ |
| | | | | ମୋଟ = | 7.302 | 2.730 | |

**ଗ୍ରାମ ଅନୁଯାୟୀ ସାରାଂଶ**

| କ୍ରମିକ ସଂଖ୍ୟା | ଗାଁ ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) | ମୋଟ ପ୍ଲଟ ସଂଖ୍ୟା |
|---|---|---|---|
| 1 | କାରଟିଆସାହି | 0.116 | 10 |
| 2 | ମଙ୍ଗଳାଯୋରି | 2.185 | 43 |
| 3 | ନନପଡ଼ା | 1.380 | 56 |
| 4 | ତାଳପଡ଼ା | 2.767 | 55 |
| 5 | ଉଜଳା ଗୋପୀନାଥପୁର | 0.006 | 2 |
| 6 | ରସୁଲପୁର | 0.068 | 4 |
| 7 | ସୁନ୍ଦରପୁର | 2.730 | 40 |
| | ସର୍ବ ମୋଟ = | 9.252 | 210 |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-III),
ପୂର୍ବ ତଟ ରେଳପଥ, ଭୁବନେଶ୍ୱର

PR-204/CI/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାଲ୍ ଲାଇସେନ୍ସରେ ବନ୍ଧୁକ ବେପାର, ୩ ଗିରଫ

■ ୩ ପିସ୍ତଲ, ୩୫ ଗୁଳି ଜବତ
■ ଲାଇସେନ୍ସ ପିଛା ୫ରୁ ୧୦ ଲକ୍ଷ ଟଙ୍କା ନେଉଥିଲେ

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ରାଉରକେଲା ଜିଲା ପୋଲିସ ସୋମବାର ରାଉରକେଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆନ୍ତଃ ରାଜ୍ୟ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ଜାଲ୍ କାଗଜପତ୍ର ମାଧ୍ୟମରେ ଅବୈଧ ଅସ୍ତ୍ର ଲାଇସେନ୍ସ ସଂଗ୍ରହ ଏବଂ ଅସ୍ତ୍ର ଚାଲାଣ କରୁଥିବା ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ରାଉରକେଲା ପୋଲିସ ସୋମବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରାଉରକେଲା ବାସନ୍ତୀ କଲୋନୀର ରତନ କୁମାର ସା (୫୮), ରାଉରକେଲା ସିଭିଲ୍ ଟାଉନଶିପ୍‌ର ରମନଦୀପ ସିଂହ (୩୬) ଏବଂ ମନଦୀପ ସିଂହ। ସେମାନଙ୍କ ନିକଟରୁ ୩ ପିସ୍ତଲ, ୩୫ ଗୁଳି, ମୋବାଇଲ୍ ଫୋନ୍ ଏବଂ କିଛି ନକଲି ଲାଇସେନ୍ସ ଜବତ କରାଯାଇଛି। ଏ ନେଇ ପୋଲିସ ପୃଥକ୍ ମାମଲା (ନଂ. ୪୬୬/୨୫, ନଂ.୮୧୭/୨୫ ଓ ନଂ.୮୧୮/୨୫) ରୁଜୁ କରିଛି। ଏ ନେଇ ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ମଙ୍ଗଳବାର ଅପରାହ୍ନ ୧ଟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ସୂଚନା ଦେଇଛନ୍ତି।



ରାୟ ସୂଚନା ଦେଇ କହିଛନ୍ତି, ରାଉରକେଲା ସହରରେ ଅସ୍ତ୍ରଶସ୍ତ୍ର କାରବାର ବଢୁଥିବାରୁ ଗୁପ୍ତ ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଅନ୍ୟ ରାଜ୍ୟରୁ ଜାଲ୍ କାଗଜପତ୍ର ତିଆରି କରି ଅବୈଧ ଅସ୍ତ୍ର ଲାଇସେନ୍ସ ସଂଗ୍ରହ କରୁଥିବା ଉକ୍ତ ରାକେଟର ୩ଜଣଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ଏହି ରାକେଟ୍ ରାଉରକେଲା, କୋଲକାତା ଏବଂ ନାଗାଲାଣ୍ଡ ମଧ୍ୟରେ ସଂଯୋଗ ରଖି କାର୍ଯ୍ୟ କରୁଥିଲା। ଏପର୍ଯ୍ୟନ୍ତ ଏହି ଅସ୍ତ୍ର ଚାଲାଣକାରୀ ରାକେଟ ଅବୈଧ ଅସ୍ତ୍ର ଲାଇସେନ୍ସ ସଂଗ୍ରହ କରି ରାଉରକେଲାର କେତେଜଣ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ରାୟ କହିଛନ୍ତି। ଅଭିଯୁକ୍ତମାନେ ଲୋକମାନଙ୍କୁ ସମଗ୍ର ଦେଶ ପାଇଁ ବୈଧ ଅସ୍ତ୍ର ଲାଇସେନ୍ସ ସହ ଅସ୍ତ୍ର ଯୋଗାଇଦେବାକୁ କହି ପ୍ରତ୍ୟେକ ଲାଇସେନ୍ସ ପିଛା ୫ରୁ ୧୦ ଲକ୍ଷ ଟଙ୍କା ନେଉଥିଲେ ବୋଲି ଡିଆଇଜି ରାୟ କହିଛନ୍ତି। ସେହିପରି ଏସ୍‌ପି ନୀତେଶ ୱାଧୱାନୀ କହିଛନ୍ତି, ପ୍ରାରମ୍ଭିକ ତଦନ୍ତରେ ଏହି ରାକେଟ ରାଉରକେଲା-କୋଲକାତା-ନାଗାଲାଣ୍ଡ ମଧ୍ୟରେ ସକ୍ରିୟ ଥିବା ଜଣାପଡିଛି। ଅଭିଯୁକ୍ତମାନେ ଏପର୍ଯ୍ୟନ୍ତ ଅନେକ ଲୋକଙ୍କୁ ଅବୈଧ ଲାଇସେନ୍ସ ଯୋଗାଇ ଦେଇଛନ୍ତି। ଏହି ଗ୍ୟାଙ୍ଗ୍ ବହୁତ ସଙ୍ଗଠିତ ଭାବେ କାମ କରୁଥିଲା। ନାଗାଲାଣ୍ଡ ନାମରେ ଜାଲ କାଗଜପତ୍ର ସାହାଯ୍ୟରେ ବୈଧ ଲାଇସେନ୍ସ ହସ୍ତଗତ ହୋଇଛି। ରାଉରକେଲା, କୋଲକାତା ଓ ନାଗାଲାଣ୍ଡ ସଂଯୋଗର ତଦନ୍ତ ଚାଲିଛି। ତିନି ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହେପାଜତକୁ ପଠାଇ ପୋଲିସ ତଦନ୍ତ କରୁଛି ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

# ଭିଜିଲାନ୍ସ ଜାଲରେ ପିଇଓ

ହାଟଡିହୀ/ବଉଳା/ବଞ୍ଚୋ, ୩୦।୧୨ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ/ ପ୍ରଦୋଷ କୁମାର ବିଶ୍ୱାଳ)

### ବାସଭବନ ସମେତ ୬ ସ୍ଥାନରେ ଭିଜିଲାନ୍ସ, ଜିଏସ୍‌ଟି ଅଧିକାରୀଙ୍କ ଚଢ଼ାଉ

ଭିଜିଲାନ୍ସ ଜାଲରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପିଇଓ ଜିତେନ୍ଦ୍ର ଜେନା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ବାସଭବନ ଓ ଶ୍ୱଶୁର ଘର ସମେତ ଦୋକାନ ଆଦି ୬ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଏଥିସହ ଜିଏସ୍‌ଟି ଅଧିକାରୀ ଜିତେନ୍ଦ୍ରଙ୍କ ସ୍ତ୍ରୀଙ୍କ ନାମରେ ଥିବା ଦୋକାନରେ ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଜିତେନ୍ଦ୍ର ଦୀର୍ଘବର୍ଷ ହେବ ଏହି ବ୍ଲକର ବିଭିନ୍ନ ପଞ୍ଚାୟତର ପିଇଓ ଥିବାବେଳେ ଏବେ ବଞ୍ଚୋ, ବାଲିବରେଇ ଓ ବଡ଼ରମ୍ପାସ ପଞ୍ଚାୟତର ପିଇଓ ଅଛନ୍ତି। ବାଲେଶ୍ୱର ଜିଲା ଭିଜିଲାନ୍ସ ଏସ୍‌ପିଙ୍କ ନେତୃତ୍ୱରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଭିଜିଲାନ୍ସ ଟିମ୍, ଜିଏସ୍‌ଟି ଅଧିକାରୀ ମିଳିତ ଭାବେ ଚଢ଼ାଉ କରିଛନ୍ତି। ପ୍ରଥମେ ମରେିଗାଁ ପଞ୍ଚାୟତରେ ଥିବା ତାଙ୍କ ବାସଭବନ ଓ ବସନ୍ତିଆରେ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଫର୍ନିଚର ଦୋକାନରେ ଚଢ଼ାଉ କରାଯାଇଥିଲା। ସେହିପରି ମରେିଗାଁ ପଞ୍ଚାୟତ ବନ୍ତଲା ଗ୍ରାମରେ ଥିବା ପୈତୃକ ଘର, ପଡିଆରିପଲ୍ଲୀ ଗ୍ରାମସ୍ଥିତ ଶ୍ୱଶୁରଘର, ବିଦ୍ୟାଧରପୁର ବଜାରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଦୋକାନ, ବଞ୍ଚୋ ଓ ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିଲା। ଭୋର ସମୟରୁ ଚଢ଼ାଉ ଜାରି ରହିଥିଲା। ସନ୍ଧ୍ୟା ସୁଦ୍ଧା ଅନୁସନ୍ଧାନ ପରେ ଜିତେନ୍ଦ୍ରଙ୍କର ଭୁବନେଶ୍ୱରରେ ୨ଟି ବହୁ ମହଲା କୋଠା, ଉତ୍ତରାରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍, ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁ ମହଲା କୋଠା, ୪ଟି ମୂଲ୍ୟବାନ ପ୍ଲଟ୍, ୧୦୦ ଗ୍ରାମ୍ ସୁନା, ନଗଦ ୬.୨ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଏବଂ ୪ଟି ଦୁଇଚକିଆ ଯାନ ରହିଥିବା ଜଣାପଡ଼ିଛି। ଭୁବନେଶ୍ୱରର ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ତାଙ୍କର ଗୋଟିଏ ଲକର ଖୋଲାଯିବା ବାକି ଅଛି। ବ୍ୟାଙ୍କ, ପୋଷ୍ଟାଲ ଜମା, ଅନ୍ୟାନ୍ୟ ନିବେଶ ଯାଞ୍ଚ କରାଯିବ ବୋଲି ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ ନାୟକ କହିଛନ୍ତି।


ଜିତେନ୍ଦ୍ର ଜେନା

# ଏମ୍‌ପିଙ୍କ ଘର ଉପରକୁ ମଦବୋତଲ ମାଡ଼, ୨ ଗିରଫ

ଯାଜପୁର,୩୦।୧୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମରେ ଥିବା ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ବାସଭବନ ଉପରକୁ ସୋମବାର ରାତିରେ ମଦ ବୋତଲ ଫିଙ୍ଗା ଯାଇଛି। ସେହିପରି ତାଙ୍କ ପୁତୁରାଙ୍କୁ ମଧ୍ୟ ଧମକ ଦିଆଯାଇଛି। ଏହି ଅଭିଯୋଗ ଆଧାରରେ କୁଆଖିଆ ଥାନାରେ ନଂ. ୫୫୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ରାଜେନ୍ଦ୍ରପୁର ଗ୍ରାମର ଦେବଦର୍ଶୀ ସାହୁ ଓ ବିଞ୍ଝାରପୁର ଅଞ୍ଚଳର ବଳାମୁକୁଳି ଗ୍ରାମର ବିଶ୍ୱଜିତ ପତିଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

# ବିମାନବନ୍ଦରରୁ ପୁଣି ୪ କୋଟିର ମାରିଜୁଆନା ଜବତ

### ଧରିଲା କଷ୍ଟମ୍ସ ଟିମ୍, ଯୁବକ ଗିରଫ

ଭୁବନେଶ୍ୱର,୩୦।୧୨(ସତ୍ୟଜିତ ରାଉତ)

ବିଦେଶରୁ ବିମାନ ଯୋଗେ ଭୁବନେଶ୍ୱରକୁ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ଓ ଜବତ ସତ୍ତ୍ୱେ ଏହି ବେଆଇନ କାରବାରରେ ଅଙ୍କୁଶ ଲାଗିପାରୁନାହିଁ। ମଙ୍ଗଳବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ୪ କୋଟି ଟଙ୍କାର ମାରିଜୁଆନାକୁ କଷ୍ଟମ୍ସ ଅଧିକାରୀମାନେ ଜବତ କରିଛନ୍ତି। ଏହି ଚାଲାଣରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଯାତ୍ରୀ ଜଣକ ଇଣ୍ଡିଗୋ ଫ୍ଲାଇଟ୍‌ରେ ବ୍ୟାଙ୍କକ୍‌ରୁ ଆସିଥିଲେ। ତାଙ୍କ ବ୍ୟାଗ ଯାଞ୍ଚବେଳେ ଏହି ବେଆଇନ ଚାଲାଣ ଧରାପଡ଼ିଥିଲା। ତେବେ ଏହି କାରବାରରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ କରାଯାଉଛି। ଯୁବକ ଜଣକ କେରଳ ଯାଇଥାନ୍ତେ ବୋଲି ଜଣାପଡ଼ିଛି। ତେବେ ଜିରୋ ନାଇଟ୍ ସେଲିବ୍ରେଶନ୍ ବେଳେ ଏହି ମାରିଜୁଆନା ବ୍ୟବହାର ହୋଇଥାନ୍ତା ବୋଲି ସନ୍ଦେହ କରାଯାଉଛି। ଏହି ଡିଲ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ କଷ୍ଟମ୍ସ ଟିମ୍ ପାଇଁ ଚ୍ୟାଲେଞ୍ଜ ହୋଇଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୪ରେ ମଧ୍ୟ ୩.୨୭ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନବନ୍ଦରରେ କଷ୍ଟମ୍ସ ଅଧିକାରୀମାନେ ଏହି ମାରିଜୁଆନା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ କାବୁ କରିଥିଲେ। ସେହିପରି ଅଗଷ୍ଟ ୨ରେ ଏକ ଦମ୍ପତିଙ୍କ ପାଖରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ଏଭଳି ଭାବରେ ଗତ ୯ ମାସ ମଧ୍ୟରେ ବିମାନବନ୍ଦରରୁ ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ ହୋଇଥିବା ବେଳେ ୯ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି।



# ଗଞ୍ଜେଇ ଚାଲାଣ: ଖବରଦାତାଙ୍କ ସମେତ ୩ ଗିରଫ

ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ଜିଲା ମୋବାଇଲ ୟୁନିଟ୍ ମଙ୍ଗଳବାର ସକାଳେ ବାଘମାରୀ ଥାନା ଅଧୀନ ସାରୁଅ ଶୁଖୁଆ ବଜାର ନିକଟରେ ଚଢ଼ାଉ କରି ଏକ କାର୍ ଭିତରୁ ୨୩ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୱେବ୍ ଚ୍ୟାନେଲ୍ ଖବରଦାତା କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅଞ୍ଚଳର ପ୍ରତାପ ଦିଗାଲ(୩୪) ଏବଂ ସହଯୋଗୀ ଖଜୁରିପଡ଼ା ଥାନା ଅଞ୍ଚଳର ଦିନେଶ ଦିଗାଲ(୨୫)। ଏମାନଙ୍କ ନିକଟରୁ ଏକ କାର୍ (ଓଡି ୦୨ଭି ୬୬୬୭), ୩ଟି ମୋବାଇଲ ଫୋନ, ଗୋଟିଏ କ୍ୟାମେରା ସହ ବୁମ୍ ଏବଂ ପରିଚୟପତ୍ର ଜବତ କରାଯାଇଛି। ସେହିପରି ୧୬ ନମ୍ବର ଜାତୀୟ ରାଜପଥର ମଳିପଡ଼ା ଓଭରବ୍ରିଜ୍ ନିକଟରେ ଯାଞ୍ଚ ବେଳେ ଖୋର୍ଦ୍ଧା ଅବକାରୀ ଟିମ୍ ଏକ କାର୍ (ଓଡି୦୨ ଜେଡ୍ ୭୬୭୦)ରୁ ୨୨କେଜି ଗଞ୍ଜେଇ ଜବତ୍ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଖଜୁରିଆପଡ଼ା ଥାନା ଅଞ୍ଚଳର ଶୁବଳ ଦେହୁରି(୨୫)। ତାଙ୍କ ନିକଟରୁ କାର୍ ଏବଂ ଗୋଟିଏ ସ୍ମାର୍ଟ ଫୋନ ଜବତ ହୋଇଛି। ତେବେ ଯାଞ୍ଚବେଳେ ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ବୋଲି ଜିଲା ଅବକାରୀ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିଲେ। ତେବେ କାହା ପାଖକୁ ନେଉଥିଲେ, ଏମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ ଜାରି ରହିଛି। ଗିରଫ ଖବରଦାତା ପ୍ରତାପ ପୂର୍ବରୁ ମଧ୍ୟ ଗଞ୍ଜେଇ କାରବାରରେ ଲିପ୍ତ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଜିଲା ଅବକାରୀ ଅଧୀକ୍ଷକ ତ୍ରିପାଠୀ କହିଛନ୍ତି।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

ଅନ୍ଧ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା +3, ବୟସ-34। 50 ଲକ୍ଷ ଟଙ୍କାର ଘର ସହିତ ଅନ୍ୟାନ୍ୟ ସମ୍ପତ୍ତି ରହିଛି। ଯୋଗାଯୋଗ ଠିକଣା: At/P.O.- Bhanurkhol, Dist.- Jharsuguda. Mob. No.- 9937513371. ଧ-୨୯୬୪

**GROOM WANTED**

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911


REAL ESTATE

**SALE**

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs. 41lakhs (Including Registration charges), 7809525452. D-2970




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, CH CHANDRAKALA, formerly known as C. H. CHANDU, has sworn an affidavit before the Executive Magistrate, Nabarangpur, on 10.10.2025, declaring my intention to change my name. I renounces my former name, C. H. CHANDU and adopts CH CHANDRAKALA as my new name for all purposes. All individuals are requested to address me & my husband, children and future generations by my new name, CH CHANDRAKALA.
Sd./-CH CHANDRAKALA.
(Deponent) D-2990

An affidavit has been filed in the Court of the Executive Magistrate, Nandahandi, Dist.- Nabarangpur, Odisha on 09.12.2025 stating that Sri Dinabandhu Sadangi, maternal grandfather of minor Baby Two of Mamata Hota, has renounced the minor's former name and adopted a new name, Adarsh Hota. All individuals are requested to address the minor by his new name, Adarsh Hota in all records, transactions and occasions.
Sd./- Dinabandhu Sadangi
(Deponent) D-2989

I, Palteli Biswal, W/o.- Kabiraj Biswal, Village/P.O.- Tarava, P.S.- Dhenkanal Sadar, District- Dhenkanal, Odisha- 759013 declare that I have changed my name from BAG BISWAL to PALTELI BISWAL, dtd.- 17.12.2025 before Notary Public, Dhenkanal.
Palteli Biswal D-2985

By virtue of an affidavit sworn before the Executive Magistrate, Boudh, No.- 924, Dtd.- 10.06.25, I, Satyaban Panda, R/o. Village/P.O.- Palaspat, P.S.- Baunsuni, Dist.- Boudh, Odisha, PIN- 762014 declare that I have changed the name of my daughter from PRATIKSHYA PRADHAN to PRATIKSHYA PANDA. Henceforth, she shall be known as PRATIKSHYA PANDA for all purposes.
Satyaban Panda D-2992

I, Padmaja Pattanaik, W/o.- Bhabani Prasanna Pattanaik, resident of Sriram Nagar, P.O.- Arunodaya Market, P.S.- Badambadi, Town/Dist.- Cuttack, PIN- 753012, Odisha declare by this affidavit No.- 9319, dtd.- 15.11.2025 that now onwards I shall be known as Padmaja Jagati for all future purposes. D-2987

By virtue of an affidavit sworn before the Executive Magistrate, Bhubaneswar, dated- 02.07.2025, I, BEBI BEHERA, daughter of Fagunath Behera & W/o.- Sandip Kumar Baral, Address: At- Bilipada, P.O.- Gabakunda, P.S.- Satyabadi, Dist.- Puri, Odisha, PIN- 752045 declare that I have changed my name from BEBI BARAL to BEBI BEHERA. Henceforth, I shall be known as BEBI BEHERA for all purposes.
BEBI BEHERA D-2988

By virtue of an affidavit sworn before the Executive Magistrate, Angul, dtd.- 29.12.2025, I, Pritram Sahu, Vill.- Amalapada 6th lane, P.O./P.S.- Angul, Dist.- Angul, Odisha, PIN- 759122 declare that I have changed my name from Pritam Sahoo to Pritram Sahu. Henceforth, I shall be known as Pritram Sahu for all purposes. D-2991

SUNAYANA DEVI, R/o.- Village- Balisankara, P.S.- Talasara, District- Sundargarh, Odisha changed my name as SUNANI SAHU. D-2986

## ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରଣଜିତ ରାୟ
(ବରିଷ୍ଠ ଆଇନଜୀବି)
ଚାହୁଁ ଚାହୁଁ ଛଅ ବର୍ଷ ବିତିଗଲା। ପ୍ରତ୍ୟେକ ମୁହୂର୍ତ୍ତରେ ଦୁଇଟୋପା ଲୁହ ହୋଇ ତୁମେ ଆମମାନଙ୍କ ହୃଦୟରେ ରହିଛ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ତୁମର ପବିତ୍ର ଆତ୍ମା ଲୀନ ହୋଇଯାଉ, କେବଳ ଏତିକି ପ୍ରାର୍ଥନା।
-:ତୁମର ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
D-76087

୩୧ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କାର୍ତ୍ତିକ ନାୟକ
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ତୁମର ହତଭାଗ୍ୟ ପତ୍ନୀ- କାଞ୍ଚନ, ପୁତ୍ର- ବାପି, ପପୁ, ଝିଅ- ରୀନା, ସୁଧା, ଇତି, ପୁତ୍ରବଧୂ- ସନ୍ଧ୍ୟା, ନାତି- ଦୀପକ, ନାତୁଣୀ- ଆସ୍ଥା, ଶିଖା, ଲିକା, ଲିଜା, ଲିପା, କଣ୍ଢେଇ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୯୯୩

୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶକୁନ୍ତଳା ତ୍ରିପାଠୀ
ତିରୋଧାନ: ୩୧।୧୨।୨୦୦୬
ପଟିଆ ଗଡ଼, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁବାନ୍ଧବ ଓ ସପରିବାର।
ଧ-୨୯୯୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଘର ଭିତରୁ ମହିଳାଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଖମାର,୩୦।୧୨ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଚୁଙ୍ଗମାଟିଆ ଗ୍ରାମର ଜଣେ ମହିଳାଙ୍କ ମୃତଦେହ ମଙ୍ଗଳବାର ପୋଲିସ ଘର ଭିତରୁ ଜବତ କରିଛି। ମୃତ ମହିଳା ହେଲେ ଭାଗ୍ୟଧର ସାହୁଙ୍କ ସ୍ତ୍ରୀ ଡଲି ସାହୁ। ଏହା ଏକ ହତ୍ୟାକାଣ୍ଡ ବୋଲି ଡଲିଙ୍କ ଭାଇ ଡିଲେଶ୍ୱର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଯୌତୁକ ନିର୍ଯାତନା ସହ ସ୍ୱାମୀଙ୍କ ପରକୀୟା ପ୍ରୀତି ପାଇଁ ଶାଶୁଘର ଲୋକେ ଡଲିଙ୍କୁ ହତ୍ୟା କରିଥିବା ଡିଲେଶ୍ୱର ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗରେ ଡିଲେଶ୍ୱର ଲେଖିଛନ୍ତି, ୨୦୧୯ରେ ବନର ଗ୍ରାମର ଡଲିଙ୍କ ବିବାହ ଚୁଙ୍ଗମାଟିଆ ଗ୍ରାମର ଭାଗ୍ୟଧରଙ୍କ ସହିତ ହୋଇଥିଲା। ବିଭିନ୍ନ ସମୟରେ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିଲେ। ଏଥିଯୋଗୁ ଡଲି ଅନେକ ସମୟରେ ବାପଘରେ ରହୁଥିଲେ। ପରିବାର ଲୋକେ ବୁଝାଶୁଝା କରିବା ପରେ ପୁନର୍ବାର ଶାଶୁ ଘରକୁ ଯାଉଥିଲେ। ଡଲିଙ୍କ ସ୍ୱାମୀ ଭାଗ୍ୟଧରଙ୍କ ପରକୀୟା ପ୍ରୀତି ରହିଛି। ଏମିତି ବିଭିନ୍ନ କାରଣରୁ ଡଲି ଓ ଭାଗ୍ୟଧରଙ୍କ ଭିତରେ ବାରମ୍ବାର ଝଗଡ଼ା ହେଉଥିଲା। ଡଲି ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ମଙ୍ଗଳବାର ସକାଳୁ ଶାଶୁଘର ଲୋକେ ଖବର ଦେଇଥିଲେ। ହେଲେ ଏହା ଆତ୍ମହତ୍ୟା ନୁହେଁ, ବରଂ ହତ୍ୟାକାଣ୍ଡ ବୋଲି ଡିଲେଶ୍ୱର ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଡଲିଙ୍କ ସ୍ୱାମୀ ଭାଗ୍ୟଧରଙ୍କୁ ଥାନାରେ ଅଟକ ରଖାଯାଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।



# ଓୟୁଏଟି : ସଫଳତାର ବର୍ଷ

## ଭାରତ ପୋଲ୍ଟ୍ରି ଏକ୍ସପୋ–୨୦୨୫

ଓୟୁଏଟିର ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟରେ ଓଡ଼ିଶାର ଚାଷୀ ଏବଂ ଉଦ୍ୟୋଗୀମାନଙ୍କୁ ନୂତନ ଜ୍ଞାନକୌଶଳରେ ପାରଙ୍ଗମ କରାଇବା ଉଦ୍ଦେଶ୍ୟରେ ପ୍ରଥମଥର 'ଭାରତ ପୋଲ୍ଟ୍ରି ଏକ୍ସପୋ–୨୦୨୫' ଚଳିତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଓଡ଼ିଶା ସରକାରଙ୍କ ମତ୍ସ୍ୟଚାଷ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରି ସମ୍ମିଳିତ ଉଦ୍ୟମରେ କୁକୁଡ଼ା ଉତ୍ପାଦନରେ ବୃଦ୍ଧି ଆଣିବା ପାଇଁ ଉପଦେଶ ଦେଇଥିଲେ । ଏହି ଅବସରରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏବଂ 'ଏପିକଲ୍'ର ବ୍ୟବସ୍ଥାପକ ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର ଯୋଗଦେଇଥିଲେ ।

## ଓୟୁଏଟି କୁଳପତିଙ୍କ କେନିଆ ଗସ୍ତ

ଆଫ୍ରିକାସ୍ଥିତ ଗ୍ଲୋବାଲ ଫୋରମ ଫର ଏଗ୍ରିକଲଚରାଲ ଇନୋଭେସନ ଆଣ୍ଡ ରିସର୍ଚ୍ଚ ରିଜିଓନାଲ ୟୁନିଭର୍ସିଟି ଆମନ୍ତ୍ରଣରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଚଳିତ ମାସ ୧୦ରୁ ୧୩ ପର୍ଯ୍ୟନ୍ତ କେନିଆର ନାଇରୋବି ସହରକୁ ଯାଇଥିଲେ । ଏହି ଅବସରରେ ସେ 'ଆଫ୍ରିକାର ବୈଜ୍ଞାନିକ ନେତୃତ୍ୱ ଗଢ଼ି ତୋଳିବା ଏବଂ ପରବର୍ତ୍ତୀ ପିଢ଼ିର ବୈଜ୍ଞାନିକମାନଙ୍କ ପ୍ରଶିକ୍ଷଣ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଏହି ଗସ୍ତ ସମୟରେ ପ୍ରଫେସର ରାଉଳ ନାଇଜେରିଆର ଇମୋ ରାଜ୍ୟ ଅନ୍ତର୍ଗତ ଉମୁଆଗୱୋସ୍ଥିତ କୃଷି ଏବଂ ପରିବେଶ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଖ୍ରୀଷ୍ଟୋଫର ଚିଏଡୋଜିଏଜେଙ୍କ ସହିତ ପାରସ୍ପରିକ କୃଷି କାର୍ଯ୍ୟକଳାପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ ।



ପ୍ର. ପ୍ରଭାତ କୁମାର ରାଉଳ (ବାମ)ଙ୍କ ସହ ପ୍ର. ଖ୍ରୀଷ୍ଟୋଫର ଚିଏଡୋଜିଏଜେ

## ଚିପିଲିମାଠାରେ ଓୟୁଏଟିର ଆଉ ଏକ କ୍ୟାମ୍ପସ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୬୪ତମ ପ୍ରତିଷ୍ଠା ଦିବସ ଅଗଷ୍ଟ ୨୪ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ସମାରୋହକୁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଥିଲେ । ଚିପିଲିମାଠାରେ ଓୟୁଏଟିର ଆଉ ଏକ କ୍ୟାମ୍ପସ, ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ, ମୟୂରଭଞ୍ଜ ଏବଂ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଖୋଲିବା ନେଇ ସୂଚନା ଦିଆଯାଇଥିଲା ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

କୃଷି କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ତୃଣମୂଳସ୍ତରରେ ପହଞ୍ଚାଇ କୃଷିରେ ନବସୃଜନସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁରୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ କୃଷିକଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜସିଂ ଚୌହାନଙ୍କ ଉପସ୍ଥିତିରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ହୋଇଥିଲା । ଭୁବନେଶ୍ୱରସ୍ଥିତ ଓୟୁଏଟି, କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମାନ୍ୟବର କେନ୍ଦ୍ର କୃଷିମନ୍ତ୍ରୀ ଯୋଗଦେଇ ଅଭିଯାନର ସଫଳ ରୂପାୟନ ଉପରେ ମତବ୍ୟକ୍ତ କରିଥିଲେ ।

## ଓୟୁଏଟି ଦ୍ୱାରା ୫ଟି ଅଣଧାନ ବିକଶିତ

ଓୟୁଏଟି ଦ୍ୱାରା ଉନ୍ନତ ୫ଟି ଅଣଧାନ ଫସଲଜାତି –ଫିଙ୍ଗରମିଲେଟ (ଶ୍ରୀନିଧି), କଳାଡାଲି (ଶ୍ରୀୟା), ନାଇଜର୍ (ପ୍ରଭାତ), ଟୋରିଆ (ଜୟନ୍ତୀ) ଓକାଷ୍ଟର୍ (ମଣିକା)କୁ ଜୁନ ୫ରେ ରାଜ୍ୟ ଭେରାଇଟି ରିଲିଜ କମିଟି, ଓଡ଼ିଶା ପକ୍ଷରୁ ଅନୁମୋଦନ ମିଳିଛି । ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏହି ସଫଳତା ପାଇଁ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରି ଉନ୍ନତ ଅଣଧାନ ଚାଷ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି କହିଛନ୍ତି ।



ଟୋରିଆ (ଜୟନ୍ତୀ)

# ନୂତନ ପ୍ରଜାତିର କୀଟ ସନ୍ଧାନ

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଓ ଗବେଷକମାନେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ଦୀଘା ଏବଂ ବାଙ୍କିପୁଟ ବଙ୍ଗୋପସାଗର ଉପକୂଳ ଅଞ୍ଚଳରୁ ଦୁଇଟି ନୂତନ ସାମୁଦ୍ରିକ କୀଟର ସନ୍ଧାନ ପାଇଛନ୍ତି । ଏହି ଦୁଇଟି ନୂଆ କୀଟର ନାମ 'ନାମାଲିକାଷ୍ଟିକ ସୋଲେନୋଟେଗ୍ନାଥା' ଓ 'ନେରେଇସ୍ ଧିତ୍ରିୟେ' ରଖାଯାଇଛି । ବଙ୍ଗପୋସାଗର ଅଞ୍ଚଳରୁ ନେରେଇଲିଡ୍ ପରିବାରର ଏହି ଦୁଇଟି ପ୍ରଜାତିର କୀଟ ସମ୍ବନ୍ଧୀୟ ଗବେଷଣାପତ୍ର ଭାବେ ଏକ ଅନ୍ତର୍ଜାତୀୟ



ବିଜ୍ଞାନ ପତ୍ରିକାରେ ପ୍ରକାଶ ପାଇଛି । ପୃଥିବୀରେ ପ୍ରଥମ ଥର ପାଇଁ ଏକ କୀଟର ସନ୍ଧାନ ମିଳିଛି ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଅନିଲ ମହାପାତ୍ର ସୂଚନା ଦେଇଛନ୍ତି । 'ନାମାଲିକାଷ୍ଟିକ ସୋଲେନୋଟେଗ୍ନାଥା' ପ୍ରଜାତିର ହେନ୍ତାଳ ବନ, ଗଛର ଛେଲି ଏବଂ କଠିନ ମାଟି ସହ ସମ୍ପୃକ୍ତ । ଅନ୍ୟପକ୍ଷରେ 'ନେରେଇସ୍ ଧିତ୍ରିୟେ' ପ୍ରଜାତି ବାଲୁକାମୟ ସମୁଦ୍ରତଟରେ ପଡ଼ିଥିବା କାଠ ଖୁଣ୍ଟୁଡ଼ା ମଧ୍ୟରେ ବାସ କରେ । ଏହି ପ୍ରଜାତିଗୁଡ଼ିକ ପରିବେଶର ସ୍ଥିତି ଚିହ୍ନଟ କରିବାରେ ସୂଚକ ଭାବେ ମଧ୍ୟ ଉପଯୋଗ ହୋଇପାରନ୍ତି । ଉକ୍ତ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ରଜାତିଗୁଡ଼ିକ ଅଧିକାଂଶ ଦୂଷିତ ଉପକୂଳୀୟ ଅଞ୍ଚଳ ଓ ମାନବସୃଷ୍ଟ କାର୍ଯ୍ୟକଳାପରେ ପ୍ରଭାବିତ କ୍ଷେତ୍ରରେ ମିଳିଥାଆନ୍ତି ।

## ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା



ମତ୍ସ୍ୟ ଚାଷ କ୍ଷେତ୍ରରେ ନିରନ୍ତର ବିକାଶ ଆଣିବା ଲକ୍ଷ୍ୟ ନେଇ ତଥା ଭାରତରେ ନୀଳ ବିପ୍ଳବ ଆଣିବା ଲାଗି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଲାଗୁ ହୋଇଛି । ଏହି ବାବଦକୁ କେନ୍ଦ୍ର ସରକାର ୨୦,୦୫୦ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି ।

# ଦୃଷ୍ଟାନ୍ତ

**ଶେଷ ପାଦରେ ଉପନୀତ ୨୦୨୫ । ଚଳିତ ବର୍ଷ କୃଷି, ମତ୍ସ୍ୟ ଏବଂ ପ୍ରାଣୀପାଳନ କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା....**

## ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା

୨୦୨୪–୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଅଧୀନରେ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ୨୨୩୯ କୋଟି ଟଙ୍କାର ବଜେଟ ଅନୁମୋଦନ ମିଳିଛି । ୧୭ଟି ପ୍ରମୁଖ ଉଦ୍ଦେଶ୍ୟକୁ କେନ୍ଦ୍ର କରି ଏହି ଯୋଜନା ମାଧ୍ୟମରେ ପ୍ରାୟ ତିନି ଲକ୍ଷ ମତ୍ସ୍ୟଜୀବୀ, ୫୦,୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୭ ଲକ୍ଷ ଲୋକଙ୍କୁ ପରୋକ୍ଷରେ ନିଯୁକ୍ତି ମିଳିପାରିବ । ଏହି ଯୋଜନା ଅଧୀନରେ ୨୦୨୪–୨୫ ଆର୍ଥିକ ବର୍ଷରେ ୩୪୩.୯୯ କୋଟି ବ୍ୟୟବରାଦ କରାଯାଇଛି ।

### ମାଛଧରା ଡଙ୍ଗାରେ ଇସ୍ରୋ ଟ୍ରାନ୍ସପଣ୍ଡରର ସ୍ଥାପନ

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୨୦୨୪–୨୫ ଆର୍ଥିକ ବର୍ଷରେ ୧୨୮୪ ଗୋଟି ଯନ୍ତ୍ରଚାଳିତ ଡଙ୍ଗାରେ ଦ୍ୱିପାକ୍ଷିକ ସୂଚନା ଯୋଗାଯୋଗ ନିମନ୍ତେ ଇସ୍ରୋ ଟ୍ରାନ୍ସପଣ୍ଡର ସଫଳତାର ସହ ସ୍ଥାପନ କରାଯାଇଛି । ଏହାର ବ୍ୟବହାର ଦ୍ୱାରା ବାତ୍ୟା 'ଦାନା' ସମୟରେ ଡଙ୍ଗା/ଭେସଲର ସ୍ଥିତିକୁ ପ୍ରଭାବଶାଳୀ ଟ୍ରାକିଙ୍ଗ କରାଯାଇପାରିଥିଲା ।



## 'ଓଡ଼ିଶା ଏମ୍‌ଏଫ୍‌ଆର୍‌ଏ'ର କାର୍ଯ୍ୟକାରିତା

ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନ, ୧୯୮୧ରେ ସଂଶୋଧନ ପାଇଁ ୨୦୨୪–୨୫ରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ମାଛଧରା ଡଙ୍ଗା ପଞ୍ଜୀକରଣ, ଲାଇସେନ୍ସ ଏବଂ ନବୀକରଣ ପ୍ରବର୍ତ୍ତନ ଏବଂ ବିଚାର ମାଛଧରା କଟକଣା ଆଇନ ଏହି ନିୟମ ଅନୁଯାୟୀ ନିୟନ୍ତ୍ରିତ ହୋଇଥାଏ ।

## ଏ–ହେଲ୍‌ପ

ଏ–ହେଲ୍‌ପ ପ୍ରାଣୀ ସ୍ୱାସ୍ଥ୍ୟ ଓ ସମ୍ପ୍ରସାରଣ ମାଧ୍ୟମରେ ପ୍ରାଣିଜ ଉତ୍ପାଦନ ପାଇଁ ସ୍ୱୀକୃତୀପ୍ରାପ୍ତ ଏଜେଣ୍ଟଙ୍କର ଏକ ଦଳ । ଗାଁଗୁଡ଼ିକରେ ପ୍ରାଣୀସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେ କୌଣସି କାର୍ଯ୍ୟ ପାଇଁ ଏହାର କର୍ମୀମାନେ ପ୍ରଥମେ କଲ୍ ପାଇବେ । ପ୍ରାରମ୍ଭିକ ଭାବରେ ୨୦୦୦ ଏ–ହେଲ୍‌ପ କର୍ମୀଙ୍କୁ ନିୟୋଜନ କରାଯିବାର ଯୋଜନା ରହିଛି ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ.କେ.ୟୁ.ୱାଇ)ରେ ବାଣିଜ୍ୟିକ କୃଷି ଉଦ୍ୟୋଗ ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ/ସଂଶୋଧନକରିଛନ୍ତି । ରାଜ୍ୟରେ କୃଷକ ଏବଂ କୃଷି ଉଦ୍ୟୋଗୀମାନଙ୍କର ଅଭିବୃଦ୍ଧି ଓ ଲାଭ ଉଦ୍ଦେଶ୍ୟରେ ଏହି ଯୋଜନାର ସମସ୍ତ ପର୍ଯ୍ୟାୟ ଏକ ସ୍ୱଚ୍ଛ ଏବଂ ସମୟ ଅବଧି ମଧ୍ୟରେ ଅନଲାଇନ୍ ମାଧ୍ୟମରେ ହେଉଛି ।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନୂତନ ବୃହତ୍ ଯୋଜନା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ହୋଇଛି । ଏହି ଯୋଜନା ୨୦୨୪–୨୫ ଆର୍ଥିକ ବର୍ଷରୁ ୨୦୨୮–୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏଥିଲାଗି ବଜେଟ୍ ରହିଛି ୧୪୩୨.୪୭କୋଟି ଟଙ୍କା । ଏହି ଯୋଜନା ଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୫,୪୭,୮୩୭ ଚାଷୀଙ୍କୁ ଲାଭ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ।

## ନୂଆ ପ୍ରଜାତିର ମାଛ ଠାବ

ମଣିପୁର କାମ୍‌ଜୋଙ୍ଗ ଜିଲାର ତାରେତଲୋକ ନଦୀରେ ନୂତନ ପ୍ରଜାତିର ଏକ ମଧୁର ଜଳ ମାଛ ଆବିଷ୍କାର କରାଯାଇଛି । ପିଅର ରିଭ୍ୟୁଡ ସାଇଣ୍ଟିଫିକ୍ ଜର୍ନାଲ 'ଜୁଟାକ୍ସାରେ ଏ ବିଷୟରେ ଏକ ସନ୍ଦର୍ଭ ପ୍ରକାଶ ପାଇଛି । ଲାବେନିନ୍ ମାଛର ନୂତନ ପ୍ରଜାତି 'ଗାରା ନାମ୍ବାସିଏନ୍‌ସିସ'କୁ ସ୍ଥାନୀୟ କାମୋସ ଖୁଲେନ ନିକଟସ୍ଥ ନାମ୍ବାଶି ଉପତ୍ୟକାର ତାରେତଲୋକ ନଦୀରେ ଏକ ମାଛ ଠାବ ହୋଇଛି । ମଣିପୁରର ଧନମଞ୍ଜୁରୀ ୟୁନିଭର୍ସିଟିର ଆସୋସିଏଟ୍ ପ୍ରଫେସର ବୁଙ୍ଗଡନ୍ ସାଙ୍ଗନିକମଙ୍କ ନେତୃତ୍ୱରେ ଗବେଷକମାନେ ଏହି ନୂତନ ପ୍ରଜାତିର ମାଛକୁ ଆବିଷ୍କାର କରିଛନ୍ତି ।



## ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା

ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦିତ ହୋଇଛି । ଏହି ଯୋଜନାରେ ଦୁଇଟି ଉପ–ଯୋଜନା (କୁକ୍କୁଟ ବିକାଶ ଏବଂ କ୍ଷୁଦ୍ର ପ୍ରାଣୀ ବିକାଶ) ରହିଛି । କୁକ୍କୁଟ ଉନ୍ନୟନ ଯୋଜନା ରାଜ୍ୟରେ ୨୦୨୪–୨୫ରୁ ୨୦୨୮–୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ୧୦୩୧.୧୯ କୋଟି ବଜେଟ ରଖାଯାଇଛି । ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟତୀତ ରାଜ୍ୟର ଲକ୍ଷାଧିକ ଚାଷୀ ଉପକୃତ ହେବେ । ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୯୫.୫୮ହଜାର ମେଟ୍ରିକ ଟନ୍ ମାଂସ ଏବଂ ପ୍ରତିଦିନ ପ୍ରାୟ ୫.୫ ଲକ୍ଷ ଅଣ୍ଡା ଅତିରିକ୍ତ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ।

## କୃଷି ଓଡ଼ିଶା-୨୦୨୫

ଚଳିତ ବର୍ଷ ରାଜ୍ୟସ୍ତରୀୟ କୃଷି ମେଳା–୨୦୨୫ରେ ପ୍ରାଣୀ ସମ୍ପଦ ବିକାଶ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏଥିରେ ୭ଟି ଇଣ୍ଡୋର ଷ୍ଟଲ୍ ଏବଂ ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ପକ୍ଷୀ ଏବଂ ସବୁଜ ଗୋଖାଦ୍ୟ ସହିତ ଜୀବନ୍ତ ପ୍ରାଣୀମାନଙ୍କୁ ପ୍ରଦର୍ଶନ କରାଯାଇଥିଲା ।



କୃଷି ଓଡ଼ିଶା–୨୦୨୫ରେ (ବାମରୁ) ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଗୋ-ସମ୍ପଦ ବୀମା ଯୋଜନା

ଗୋ–ସମ୍ପଦ ବୀମା ଯୋଜନା ଅଧୀନରେ ହିତାଧିକାରୀମାନେ ବୀମା ପ୍ରିମିୟମ ମୂଲ୍ୟ ଉପରେ ୮୫ ପ୍ରତିଶତ ସବସିଡି ସହିତ ୧ରୁ୩ ବର୍ଷ ପାଇଁ ଦୁଧିଆଳୀ ଗାଈ/ମଇଁଷିଙ୍କ ପାଇଁ ବୀମା କରିପାରିବେ । ଏକ ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୨.୬୫ ପ୍ରତିଶତ, ଦୁଇ ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ୪.୫୦ % ଏବଂ ତିନି ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୬.୩୬% ରହିଛି ।



# ଛେଳିଙ୍କ କୃତ୍ରିମ ପ୍ରଜନନ

ବ୍ଲାକ୍ ବେଙ୍ଗଲ ଏବଂ ଗଞ୍ଜାମ ଭଳି ଦେଶୀ ପ୍ରଜାତିର ଶୁକ୍ର ବ୍ୟବହାର କରି ଛେଳିଙ୍କ ରାଜ୍ୟବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି । ଏହାର ଲକ୍ଷ୍ୟ ହେଉଛି ଛେଳି ପ୍ରଜାତିଗୁଡିକର ଉତ୍ପାଦକତା ଏବଂ ଗୁଣବତ୍ତା ବୃଦ୍ଧି କରିବା ।





ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ Bhubaneswar, Wednesday, December 31/ 2025

# ସିରିଜ୍ କ୍ଲିନ୍ ସୁଇପ୍ କଲା ଭାରତ



ଟ୍ରଫି ସହ ସିରିଜ ବିଜୟୀ ଭାରତୀୟ ମହିଳା କ୍ରିକେଟ ଦଳ।

**ଥିରୁଭାନନ୍ତପୁରମ,୩୦।୧୨**

ଅଧିନାୟିକା ହରମନପ୍ରୀତ କୌରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍‌କୁ ଭାରତ ୧୫ ରନରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୫-୦ରେ ସୁଇପ୍ କରିଛି। ଏହି ମ୍ୟାଚ୍ ଜରିଆରେ ଜି. କମଳିନୀ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ବେଳେ ଦୀପ୍ତି ଶର୍ମା ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ସଂଖ୍ୟକ ଉଇକେଟ ନେବାର ରେକର୍ଡର ଅଧିକାରୀ ହୋଇଛନ୍ତି।

ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଭାରତ ପାଇଁ ଗତ ୩ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶେଫାଳି ବର୍ମା (୫) ବିଫଳ ହୋଇଥିବା ବେଳେ ପଦାର୍ପଣ ମ୍ୟାଚ୍‌ରେ କମଳିନୀ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ଏପରିକି ୧୦.୪ ଓଭର ସୁଦ୍ଧା ଭାରତ ୭୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅଧିନାୟିକା ହରମନପ୍ରୀତ ଓ ଅମନଜୋତ କୌର ଷଷ୍ଠ ଉଇକେଟରେ ୬୧ ରନ ଯୋଡ଼ିଥିଲେ। ଅମନଜୋତ ୨୧ (୧ ଲେଖାଏ ଚୌକା ଓ ଛକା) ରନ କରି ପାଭିଲିଅନ ଫେରିଥିବା ବେଳେ ହରମନପ୍ରୀତ ୪୩ ବଲରେ ୯ ଚୌକା ଓ ୧ ଛକା ସହିତ ୬୮ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅରୁନ୍ଧତୀ ରେଡ୍ଡୀ ୧୧ ବଲରେ ୨୭ (୪ ଚୌକା ଓ ୧ ଛକା) ଓ ସ୍ନେହ ରାଣା ୮ (୧ ଚୌକା) ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିପାରିଥିଲା। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ ଅଧିନାୟିକା ଚମାରି ଆଥାପାଥୁ (୨)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ହସିନୀ ପେରେରା ଓ ଇମେଶ ଦୁଲାନି ଦ୍ୱିତୀୟ ଉଇକେଟରେ ୭୯ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଦୁଲାନି (୫୦ ରନ୍, ୮ ଚୌକା) ଓ ହସିନୀ ୬୫ (୮ ଚୌକା ଓ ୧ ଛକା) ରନ କରି ଆଉଟ୍ ହେବା ପରେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଫଳରେ ଶ୍ରୀଲଙ୍କା ୨୦ ଓଭରରେ ୭ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୭୫/୭ (ହରମନପ୍ରୀତ କୌର-୬୮, ଅରୁନ୍ଧତୀ ରେଡ୍ଡୀ-୨୭*, କଭିଶା ଦିଲହାରୀ-୨/୧୧, ଚମାରି ଆଥାପାଥୁ-୨/୨୧)। ଶ୍ରୀଲଙ୍କା: ୨୦ ଓଭରରେ ୧୬୦/୭ (ହସିନୀ ପେରେରା-୬୫, ଇମେଶା ଦୁଲାନି-୫୦, ଅରୁନ୍ଧତୀ ରେଡ୍ଡୀ-୧/୧୬, ଅମନଜୋତକୌର-୧/୧୭)।

# ସୌମ୍ୟ ରଞ୍ଜନଙ୍କୁ ୮୬ତମ ଟାଇଟଲ

**ଭୁବନେଶ୍ୱର,୩୦।୧୨(ଅନାଦି କର)**

ଓଡ଼ିଶାର ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ମଙ୍ଗଳବାର ତାଙ୍କର ଆମେରିକା ଟୁର ଶେଷ କରିଛନ୍ତି। କାଲିଫର୍ଣ୍ଣିଆର ସାକ୍ରାମେଣ୍ଟୋଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଫିଡେ ରେଟିଂ ଟୁର୍ନାମେଣ୍ଟର ମାଷ୍ଟର ସେକ୍ସନରେ ଟାଇଟଲ ଅର୍ଜନ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ୮୬ତମ ଟାଇଟଲ। ଟୁର୍ନାମେଣ୍ଟରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ସୌମ୍ୟ ସଫଳ ପ୍ରଦର୍ଶନ ପାଇଁ ୨୮ ପଏଣ୍ଟ ଅର୍ଜନ କରିଛନ୍ତି। ଏହାପରେ ଲସ ଭେଗାସଠାରେ ନର୍ଥ ଆମେରିକା ଓପନରେ ସୌମ୍ୟ ଖେଳିଥିଲେ। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ୪.୫ ପଏଣ୍ଟ ଅର୍ଜନ କରିଥିଲେ। ମୋଟାମୋଟି ଭାବେ ଏହା ତାଙ୍କ ପାଇଁ ଏକ ସଫଳ ଟୁର ଥିଲା।

# ସର୍ବଭାରତୀୟ ଓପନ କରାଟେ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର,୩୦।୧୨(ଅନାଦି କର)**

ଗତ ୪ ଦିନ ଧରି ଚାଲିଥିବା ୧୫ତମ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଓଭରଅଲ ମେଡାଲ ତାଲିକାରେ ଓଡ଼ିଶା ପ୍ରଥମ, ଝାଡ଼ଖଣ୍ଡ ଦ୍ୱିତୀୟ ଓ ଗୁଜରାଟ ତୃତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ସଭାପତି ହାନ୍‌ସି ଭରତ ଶର୍ମା, ପ୍ରକାଶ କୁମାର ପଟ୍ଟନାୟକ, କଳୀ ପ୍ରସାଦ ନନ୍ଦ, ସଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୪ ରାଜ୍ୟରୁ ୧୨୦୦ରୁ ଊର୍ଦ୍ଧ୍ୱ କରାଟେକା ଭାଗ ନେଇଥିଲେ। ସୁକୋକାଇ କରାଟେ ୟୁନିଅନ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ହାନ୍‌ସି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସେନସାଇ ଖାରବେଳ ମଲ୍ଲିକ, ଅରବିନ୍ଦ ପଟ୍ଟନାୟକ, ଜୟଦେବ ପଟ୍ଟନାୟକ, ରାଜୀବ କୁମାର ସିଂ, ମହେଶ ଚନ୍ଦ୍ର, ଦୀପକ ସାମନ୍ତରା, ଏନ୍ ବି ପଟ୍ଟନାୟକ, ଉମାକାନ୍ତ ସେନାପତି, ଆଦିତ୍ୟ ମିଶ୍ର, ଗୋପାଳ କହଁର, ମନୋଜ ଶର୍ମା, ସୁଭାଶିସ ମହାପାତ୍ର, ସୁବାସ ଦଳେଇ, ଦେବେନ୍ଦ୍ର ରଣା, ସୁବାସ ଦଳେଇ, ଚନ୍ଦନ ସିଂ, ସୁସମିନି ପାଲଟାସିଂ, ଅନୁପମା ସ୍ୱାଇଁ, ଅମୀୟ ସାହୁ, ସନ୍ତୋଷ ମହାରଣା, ସୁଭେନ୍ଦୁ ଲେଙ୍କା, ସସ୍ମୁଭମ ମହାନ୍ତି, ନ୍ୟାସା କୁମାର, ଦୀପ୍ତି ସ୍ୱାଇଁ, ନିରୁପମା ସ୍ୱାଇଁ, ଅନିନାସ ପୁହିର, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# କଟକ ଓଭରଅଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଓଭରଅଲ୍ ଚାମ୍ପିୟନ କଟକ ଦଳ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୩୦।୧୨ (ବିଜୟ ରଣା)**

କଟକ ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୭୧ତମ ରାଜ୍ୟ ଆଥଲେଟିକ୍ସ ମିଟ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ଓଭର ଅଲ ଚାମ୍ପିୟନ ହୋଇଥିବା ବେଳେ ସୁନ୍ଦରଗଡ଼ ରନରଅପ୍ ହୋଇଛି। ଅନ୍ତିମ ଦିବସରେ ୧୧ଟି ମିଟ୍ ରେକର୍ଡ ସ୍ଥାପିତ ହୋଇଛି। ୧୮ବର୍ଷରୁ କମ୍ ବାଳକ ଜାଭେଲିନ୍‌ରେ ବାଲେଶ୍ୱରର ସତ୍ୟରଞ୍ଜନ ନାୟକ (୬୦.୬୭ ମିଟର), ୨୩ ବର୍ଷରୁ କମ୍ ବାଳକ ଟ୍ରିପଲ ଜମ୍ପରେ ଝାରସୁଗୁଡ଼ାର ସ୍ୱାଗତ କୁମାର ବେହେରା (୧୪.୪୫ ମିଟର), ୨୩ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ କିଟ୍‌ର ଅଂଶିକା ରାଉତରାୟ (୧୨.୧୭ ମିଟର), ମହିଳା ହେପ୍ଟାଥଲନରେ ମୟୂରଭଞ୍ଜର ପୂର୍ଣ୍ଣିମା ହେମ୍ବ୍ରମ (୪୯୬୪ ପଏଣ୍ଟ), ୨୩ ବର୍ଷରୁ କମ୍ ବାଳକ ଜାଭେଲିନ୍‌ରେ କଟକର ରତ୍ନାକର ପାଲ୍‌ଟାସିଂ (୬୯.୮୭ମିଟର), ପୁରୁଷ ୧୦,୦୦୦ମିଟର ଦୌଡ଼ରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା (୩୦:୩୭.୫୨ସେକେଣ୍ଡ), ୩,୦୦୦ ମିଟର ୨୩ ବର୍ଷରୁ କମ୍ ବାଳକ ଷ୍ଟିପଲ ଚେଜ୍‌ରେ ନୟାଗଡ଼ର ଶୁଭମ ବେହେରା (୯:୫୫.୪୨ ସେକେଣ୍ଡ), ୨୩ ବର୍ଷରୁ କମ୍ ବାଳକ ୧୫୦୦ମିଟର ଦୌଡ଼ରେ ସୁବର୍ଣ୍ଣପୁରର ଦୟାନିଧି ମୁଣ୍ଡା (୪:୦୦.୫୨ ସେକେଣ୍ଡ), ୨୩ବର୍ଷରୁ କମ୍ ବାଳକ ୮୦୦ମିଟର ଦୌଡ଼ରେ କିଟ୍‌ର ବଳଭଦ୍ର ଭାତ୍ରା(୧:୫୩.୫୨ ସେକେଣ୍ଡ), ମହିଳା ୪୦୦ମିଟରରେ ଓଡ଼ିଶା ପୋଲିସର ସୁଖୀ ବାସ୍କେ (୫୫.୯୩ ସେକେଣ୍ଡ) ଏବଂ ୨୩ ବର୍ଷରୁ କମ୍ ବାଳକ ୧୦,୦୦୦ ଦୌଡ଼ରେ କଟକର ପଙ୍କଜ ସୋରେନ ପ୍ରମୁଖ ନୂଆ ମିଟ୍ ରେକର୍ଡ କରିଛନ୍ତି।

# ଦୀପ୍ ରଞ୍ଜନଙ୍କୁ ଦ୍ୱୈତ ସଫଳତା



ପଦକ ବିଜେତା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଓ ଅନ୍ୟମାନେ।

**ଭୁବନେଶ୍ୱର,୩୦।୧୨ (ଅନାଦି କର)**

**ଓଡ଼ିଶା ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ**

ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ର ଦୀପ ରଞ୍ଜନ ବିଷୋଇ ଦ୍ୱୈତ ସଫଳତା ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ଏସ୍‌ଏଲ୍ ୩, ଏସ୍‌ୟୁ-୩ କାଟେଗୋରୀ ଫାଇନାଲରେ ସୁନ୍ଦରଗଡ଼ର ଦୀପ ରଞ୍ଜନ ବିଷୋଇ ଓ ସମ୍ବଲପୁରର କୁଲଦୀପ ମହାକୁଳ ୨୧-୮, ୨୧-୮ ଗେମ୍‌ରେ ଖୋର୍ଦ୍ଧାର ଜି ଦିଲାଶ୍ୱର ରାଓ ଓ ଅଭିଜିତ ପ୍ରଧାନଙ୍କୁ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୪ କାଟେଗୋରୀରେ ଦୀପ ରଞ୍ଜନ ୧୯-୨୧, ୨୧-୧୬, ୨୧-୧୧ ଗେମ୍‌ରେ ସମ୍ବଲପୁରର କୁଲଦୀପ ମହାକୁଳଙ୍କୁ, ଏସ୍‌ୟୁ-୫ କାଟେଗୋରୀରେ ନୂଆପଡ଼ାର ବିଶ୍ୱାସ ରଞ୍ଜନ ପଣ୍ଡା ୧୮-୨୧, ୨୧-୧୮, ୨୧-୧୩ ଗେମ୍‌ରେ ଖୋର୍ଦ୍ଧାର ଶେକ ଆସିଫ ଜମାଲଙ୍କୁ ଓ ଏସ୍‌ଏଚ୍-୬ କାଟେଗୋରୀ ଫାଇନାଲରେ କେନ୍ଦୁଝରର ବାଦଲ ମୁଣ୍ଡା ୨୧-୭, ୨୧-୬ ଗେମ୍‌ରେ ସୁନ୍ଦରଗଡ଼ର ଗିରିଜା ଶଙ୍କର ସ୍ୱାଇଁଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୧ କାଟେଗୋରୀରେ କୋରାପୁଟର ସୁଦର୍ଶନ ନାଗ ୨୧-୩, ୨୧-୭ ଗେମ୍‌ରେ କେନ୍ଦୁଝରର ଅଭୟ କୁମାର ଜେନାଙ୍କୁ ଓ ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୨ କାଟେଗୋରୀରେ ଅନୁଗୁଳର ନୁରୁଲ ଖାନ ୨୧-୩, ୨୧-୫ ଗେମ୍‌ରେ କୋରାପୁଟର ସନ୍ତୋଷ କୁମାର ବେହେରାଙ୍କୁ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ-୩ କାଟେଗୋରୀରେ କଳାହାଣ୍ଡିର ଆକାଶ ରଞ୍ଜନ ମୁଣ୍ଡା ୨୨-୨୦, ୨୦-୨୨, ୨୨-୨୦ ଗେମ୍‌ରେ କେନ୍ଦୁଝରର ପୁଜ୍ୟମ ମିଶ୍ରଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୧ ଓ ଡବ୍ଲ୍ୟୁଏଚ୍-୨ କମ୍ବାଇଣ୍ଡ କାଟେଗୋରୀରେ କେନ୍ଦୁଝରର ଭାନୁମତି ବେହେରା ୨୧-୪, ୨୧-୭ ଗେମ୍‌ରେ ସମ୍ବଲପୁରର ଅନିତା ମୁଣ୍ଡାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଡବଲ୍ସ ଏସ୍‌ୟୁ-୫ କାଟେଗୋରୀରେ ସମ୍ବଲପୁରର ରାଣୀ ଗାର୍ଡିଆ ୨୧-୩, ୨୧-୪ ଗେମ୍‌ରେ ଖୋର୍ଦ୍ଧାର ସଂଗୀତା ଘାଡାଙ୍କୁ ପରାସ୍ତ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ଉପ ସଚିବ ଅମିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରାଲିମ୍ପିଆନ ମାର୍କାଣ୍ଡା ରେଡ୍ଡୀ, ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଅମରେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ଓଡ଼ିଶାର ହ୍ୟାଟ୍ରିକ ବିଜୟ

**ଭୁବନେଶ୍ୱର,୩୦।୧୨ (ଅନାଦି କର):** ଜମ୍ମୁସ୍ଥିତ ଏମ୍ ଏ ଷ୍ଟାଡିୟମ ସ୍କେଟିଂ ରିଙ୍ଗ ଜମ୍ମୁଠାରେ ଚାଲିଥିବା ୧୭ତମ ଜାତୀୟ ଜୁନିୟର ରୋଲ ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଜବରଦସ୍ତ ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬-୩ ବ୍ୟବଧାନରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୬-୨ ବ୍ୟବଧାନରେ ତାମିଲନାଡୁକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଓଡ଼ିଶା ୨୮-୨ ପଏଣ୍ଟର ବଡ଼ ବ୍ୟବଧାନରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି।

# ପୂର୍ବତନ ଫୁଟବଲ ଖେଳାଳି ଜ୍ଞାନରଞ୍ଜନଙ୍କ ପରଲୋକ

**ଭୁବନେଶ୍ୱର,୩୦।୧୨(ଅନାଦି କର):** ଓଡ଼ିଶାର ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜ୍ଞାନରଞ୍ଜନ ଦାସଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ଜ୍ଞାନରଞ୍ଜନ ଦୀର୍ଘ ବର୍ଷ ଧରି ସନ୍ତୋଷ ଟ୍ରଫି ସମେତ ଅନେକ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। କ୍ଲବ ସ୍ତରରେ ସେ ୱେଷ୍ଟର୍ନ ମହାବୀର ପାଇଁ ଖେଳିଥିଲେ। ଖେଳାଳି ଭାବେ ଅବସର ନେବା ପରେ ସେ କୋଚ୍ ଭାବେ ଫାଓ ସ୍ୱିକୃତିପ୍ରାପ୍ତ ୟଙ୍ଗ ଉତ୍କଳ କ୍ଲବର କୋଚ୍ ଦାୟିତ୍ୱ ତୁଲାଇଥିଲେ।

# ନୂଆ ରେକର୍ଡ ପ୍ରତିଷ୍ଠା କଲେ ଅଂଶିକା

**ଭୁବନେଶ୍ୱର,୩୦।୧୨ (ଅନାଦି କର)**

**ରାଜ୍ୟ ଆଥ୍‌ଲେଟିକ୍ ମିଟ୍**

କଟକର ପୋଲିସ ଗ୍ରାଉଣ୍ଡରେ ଚାଲିଥିବା ୭୧ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ ପ୍ରତିଯୋଗିତାରେ ଅଂଶିକା ରାଉତରାୟ ନୂଆ ରାଜ୍ୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କିଟ୍ ୟୁନିଭରସିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଂଶିକା ୨୩ ବର୍ଷରୁ କମ୍ ବାଳିକା ବର୍ଗର ଶଟ୍‌ପୁଟ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏଥିସହିତ ସେ ନିଜ ବୟସ ବର୍ଗର ଡିସ୍କସ ଥ୍ରୋ ଇଭେଣ୍ଟରେ ରୌପ୍ୟ ପଦକ ମଧ୍ୟ ଜିତିଛନ୍ତି।



ଅଂଶିକା ରାଉତରାୟ

# ଫେଡେରେଶନ କପ୍ ଉଷୁ: ଓଡ଼ିଶାକୁ ୨୯ ପଦକ



ପଦକ ଜିତିଥିବା ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୧୨(ଅନାଦି କର)**

ଛତିଶଗଡ଼ର ରାଜନନ୍ଦାଗାଓଁସ୍ଥିତ ସଂସ୍କାର ସିଟି ଇଣ୍ଟରନ୍ୟାଶନାଲ ସ୍କୁଲରେ ଚାଲିଥିବା ନବମ ଫେଡେରେଶନ କପ୍ ଉଷୁ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଆଥ୍‌ଲେଟମାନେ ୫ ସ୍ୱର୍ଣ୍ଣ, ୩ ରୌପ୍ୟ ସହ ମୋଟ ୨୯ ପଦକ ଜିତିଛନ୍ତି। ସବ୍-ଜୁନିୟର ବର୍ଗରେ କ୍ରିଷ୍ଣା ମୁଣ୍ଡା, ମଞ୍ଜୁ ମୁଣ୍ଡା, ସାବିତ୍ରୀ ମୁଣ୍ଡା ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅଙ୍କିତା ମାଝୀ ରୌପ୍ୟ ଏବଂ ଓମ୍ ମହାକୁଡ, ସିଓନ ମହାନ୍ତ, ଦିବ୍ୟଜ୍ୟୋତି ସିତାରି, ରଶ୍ମିୟା ମୁଣ୍ଡା, ଅନିକେତ ମାଝୀ, ଆରାଧନା ମାଝୀ, ଦିବ୍ୟଜ୍ୟୋତି ବେହେରା, ଆଶା ବେହେରା, ବିଷ୍ଣୁ ପ୍ରିୟା ସାହୁ, ତ୍ରିଷ୍ଣା ସେଠୀ ଏବଂ ହିପସିତା ପ୍ରଧାନ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଜୁନିୟର ବିଭାଗରେ ରମେଶ ମୁଣ୍ଡା ଓ ସମ୍ରିଧି ଜିଆଂଶୁ ରୌପ୍ୟ ଏବଂ ଶ୍ୱେତାରାନୀ ମହାନ୍ତ, ଉନ୍ନତି ପ୍ରସାଦ, ସମ୍ରାଧି, ସାଧାନା ମାଝୀ, ନୟନ ରୟ, ଈଶାରୟ ନିଶା, ସଫିଆ ଏଜାଜ ବ୍ରୋଞ୍ଜ ପଦକ ଜିତିଛନ୍ତି। ସିନିୟର ବିଭାଗରେ ରାଜକୁମାର ମୁଣ୍ଡା ଓ ଆୟୁଷ ଅଂଶୁମାନ ସାହୁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଆଲୋକ ନାଏକ ଓ ପ୍ରିୟଙ୍କା ବେହେରା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୫୩ ଖେଳାଳିଙ୍କ ସମେତ ୫୮ ଜଣିଆ ଓଡ଼ିଶା ଦଳ ଭାଗ ନେଇଥିଲା। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ବିଚାରପତି ଭାବେ, ସୁଶାନ୍ତ ନାଏକ (ସାଣ୍ଡା) ଓ ଟିକା ବାହାଦୁର (ତାଓଲୁ) ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ପଙ୍କଜ ମହାନ୍ତ ଓ ସୁଜନା ରଥ ଟିମ କୋଚ୍ ଭାବେ ଦଳ ସହ ଯାତ୍ରା କରିଥିଲେ।

# ୧୦ରୁ ପୂର୍ବାଞ୍ଚଳ ବଡି ବିଲ୍ଡିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର,୩୦।୧୨(ଅନାଦି କର)**

ଆସନ୍ତା ୧୦ରୁ ଇଷ୍ଟର୍ନ ଇଣ୍ଡିଆ ବଡି ବିଲ୍ଡର୍ସ ଆସୋସିଏଶନ ଆନୁକୂଲ୍ୟରେ ବଉଳଗଡ଼ କ୍ଲବ ଓ ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ୍ ଫିଟନେସ ଆସୋସିଏଶନର ମିଳିତ ଉଦ୍ୟମରେ ୧୨ତମ ପୂର୍ବାଞ୍ଚଳ ଭାରତ ପୁରୁଷ ଓ ମହିଳା ବଡି ବିଲ୍ଡିଂ ଓ ଫିଜିକ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ଅରୁଣାଞ୍ଚଳ ପ୍ରଦେଶ, ଆସାମ, ବିହାର, ଝାଡଖଡ଼, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକିମ, ତ୍ରିପୁରା, ୱେଷ୍ଟବେଙ୍ଗଲ ଆଦି ୧୨ ରାଜ୍ୟରୁ ୪୪୦ ଆଥ୍‌ଲେଟ୍ସ ଓ ୧୦୦ ଅଫିସିଆଲ ଭାଗ ନେବେ। ଓଡ଼ିଶାରୁ ୨୫ ପୁରୁଷ ଓ ୫ ମହିଳା ଭାଗ ନେବେ। ୧୪ କାଟେଗୋରୀରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ମୋଟ ୪.୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏ ନେଇ ଭୁବନେଶ୍ୱରସ୍ଥିତ କେଦାର ଗୌରୀ ରିଜର୍ଟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବଉଳଗଡ଼ କ୍ଲବ ଚେୟାରମ୍ୟାନ ତଥା ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସୂଚନା ଦେଇଛନ୍ତି। ତାଙ୍କ ସହିତ କ୍ଲବର ସମ୍ପାଦକ ରାଧାମାଧବ ମହାପାତ୍ର, ଇଷ୍ଟର୍ନ ଇଣ୍ଡିଆ ବଡି ବିଲ୍ଡର୍ସ ଆସୋସିଏଶନ ଏବଂ ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏଶନ (ଓବିବିଏଫ୍‌ଏ) ସାଧାରଣ ସମ୍ପାଦକ ପ୍ରଶନ୍ନ କୁମାର ମହାସୁଆର, ସହାୟକ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବଡି ବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ନଭେମ୍ବରରେ ଇଣ୍ଡୋନେସିଆରେ ୱାର୍ଲ୍ଡ ବଡି ବିଲ୍ଡିଂ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଥିଲେ।



ବଡିବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୧୦+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ (୧୦+୮=୧୮ ପୃଷ୍ଠା) Bhubaneswar, Wednesday, December 31/2025 Page 18 ₹ 7.00
୫୨ଶ ଭାଗ ୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 38 ମୂଲ୍ୟ ₹୭/-

# ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ନିଦର୍ଶନ

## ବରଗଡ଼ ଧନୁଯାତ୍ରା ମହୋତ୍ସବରେ ମୁଖ୍ୟମନ୍ତ୍ରୀ

ମଥୁରାନଗରୀ,୩୦।୧୨
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ସବୁଠାରୁ ଅନନ୍ୟ ଓ ନିଆରା। କେବଳ ବରଗଡ଼, ପଶ୍ଚିମ ଓଡ଼ିଶା, ଓଡ଼ିଶା କିମ୍ବା ଭାରତ ନୁହେଁ, ଦେଶ ବାହାର ଲୋକେ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଧାଇଁଆସନ୍ତି। ବରଗଡ଼ ଧନୁଯାତ୍ରା ମହୋତ୍ସବ ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ନିଦର୍ଶନ ବୋଲି ମଙ୍ଗଳବାର ରାଜ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂସ ଦରବାରରେ ମତପ୍ରକାଶ କରିଛନ୍ତି। କେବଳ ସଂସ୍କୃତି ନୁହେଁ, ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଧନୁଯାତ୍ରା ମହୋତ୍ସବର ଯଥେଷ୍ଟ ଭୂମିକା ରହିଛି। ଫଳରେ ଧନୁଯାତ୍ରା ମହୋତ୍ସବର ବିକାଶ ସହିତ ଏହାକୁ ଆହୁରି ଦିବ୍ୟ ଏବଂ ଭବ୍ୟ କରିବା ପାଇଁ ଆଗକୁ ମଧ୍ୟ ସରକାର ବହୁବିଧ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ମୁଖ୍ୟମନ୍ତ୍ରୀ ମଥୁରାନଗରୀସ୍ଥିତ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଶୋଭାଯାତ୍ରାରେ ସ୍ଥାନୀୟ ନିଶାମଣି ହାଇସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆର ରଙ୍ଗ ମହଲ ମଞ୍ଚକୁ ଅଣାଯାଇଥିଲା। ମୁଖ୍ୟମନ୍ତ୍ରୀ ହାତୀପିଠିରେ ବସି ମଥୁରାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରଙ୍ଗ ମହଲ ମଞ୍ଚକୁ ସେ ରାଜ ଅତିଥି ଭାବେ ପହଞ୍ଚିବା ପରେ ସେଠାରେ ତାଙ୍କୁ କଳିଙ୍ଗ ସମ୍ରାଟ୍ ଭାବେ ସ୍ୱାଗତ କରାଯାଇଥିଲା। ତାଙ୍କୁ ଦେଖି କଂସ ମହାରାଜ ମଥୁରାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଉପରେ ସୂଚନା ଦେବା ପାଇଁ କଳିଙ୍ଗ ସମ୍ରାଟ୍ ତଥା ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଂସ ମହାରାଜଙ୍କ ଆଦେଶ ପାଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ, ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଧନୁଯାତ୍ରା ମହୋତ୍ସବର ସ୍ଥାୟୀ ରାଜମହଲ ନିର୍ମାଣ ହେବ। ଯମୁନା ନଦୀରେ ୧୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଆନିକଟ ନିର୍ମାଣ ପାଇଁ ସେ ଅନୁମୋଦନ କରିଥିବା ବେଳେ ମଥୁରନଗରୀ ଦେଇ ଯାଇଥିବା କେନାଲ ଉପରେ ୪୦କୋଟି ଟଙ୍କା ବ୍ୟୟ ଅଟକଳରେ ସୌନ୍ଦର୍ଯ୍ୟକରଣ କରାଯିବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇ ଥିବା ବେଳେ ପି.ଏମ୍. କିଶାନ ଏବଂ ସି.ଏମ୍. କିଶାନ ଯୋଜନାରେ କୃଷକମାନେ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଧାନ ଉଠାଣ, କଟ୍‌ନୀଛଟ୍‌ନୀ ଏବଂ ଟୋକନ ସମସ୍ୟାର ତ୍ୱରିତ ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲାପାଳ ଆଦିତ୍ୟ ଗୋୟଲ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ୍. ମୀନା ଏବଂ ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଂସ ମହାରାଜ ସମ୍ମାନିତ କରୁଛନ୍ତି।

# ନୂଆବର୍ଷରେ ୧୨ ଜିଲାରେ ଘନ କୁହୁଡ଼ି

ଭୁବନେଶ୍ୱର, ୩୦।୧୨
(ବନ୍ଦନା ସେଠୀ)

ରାଜ୍ୟରେ ଏବେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଘନ କୁହୁଡ଼ି ସହିତ ଶୀତ ଲହରି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏଥିସହିତ ନୂଆବର୍ଷରେ ୧୨ଟି ଜିଲାକୁ ଶୀତ ଲହରି ଓ ଘନ କୁହୁଡ଼ି ପାଇଁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ। ରାଜ୍ୟ ଉପରେ କୌଣସି ସକ୍ରିୟ ଜଳବାୟୁ ପ୍ରକ୍ରିୟା ନ ଥିବାରୁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେବେ ଆସନ୍ତା ୫ଦିନରେ ରାତି ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟର ୧୨ଟି ସହରର ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିଲା। ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀ ସହ ଜି.ଉଦୟଗିରି ସବୁଠୁ ଥଣ୍ଡା ସହର ପାଲଟିଥିଲା। ଫୁଲବାଣୀରେ ୬ ଡିଗ୍ରୀ, ଝାରସୁଗୁଡା ୬.୨, ସେମିଳିଗୁଡା ଓ ଦାରିଙ୍ଗବାଡ଼ ୭, କୋରାପୁଟ ୭.୧, ରାଉରକେଲା ୮.୫, ନବରଙ୍ଗପୁର ଓ ସୁନ୍ଦରଗଡ଼ ୮.୮ ଏବଂ ଭବାନୀପାଟଣା ଓ ଅନୁଗୋଳରେ ୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୫ଦିନ ଅର୍ଥାତ୍ ଜାନୁଆରୀ ୪ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡ଼ି ଦେଖାଦେବ। ବୁଧବାର ଓ ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜରେ ଅତ୍ୟଧିକ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଶୁକ୍ରବାର ଓ ଶନିବାର ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାକୁ ଘନ କୁହୁଡ଼ି ପାଇଁ ୱାର୍ନିଂ ଜାରି ହୋଇଛି।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୦୫।୦୧।୨୦୨୬ରିଖ ସୋମବାର ଦିନ ସକାଳ ୧୦.୦୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)**ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ **ତା୩୧।୧୨।୨୦୨୫ରିଖ ଦିବା ୧୧ଘଟିକାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ୍ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପାରିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0216/2526

DSPL-444


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ଅନ୍ନ ଅଭିଯାନ
ସରକାର ମଣ୍ଡି ମାଧ୍ୟମରେ
ଚାଷୀମାନଙ୍କ ଠାରୁ କିଣୁଛନ୍ତି ମାଣ୍ଡିଆ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ

- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ **୧ ଜାନୁଆରୀ ୨୦୨୬** ଠାରୁ ଆରମ୍ଭ ହୋଇ **୩୧ ମାର୍ଚ୍ଚ ୨୦୨୬** ପର୍ଯ୍ୟନ୍ତ ଚାଲିବ
- ଚାଷୀମାନେ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ନିଜର ପ୍ରାପ୍ୟ ପାଇପାରିବେ
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ୍ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ



ସର୍ବନିମ୍ନ ସହାୟକ ମୂଲ୍ୟ
₹୪,୮୮୬/-
କୁଇଣ୍ଟାଲ ପ୍ରତି
(୨୦୨୫-୨୬ ଖରିଫ ଋତୁ ପାଇଁ)

ମାଣ୍ଡିଆର ଏଫ୍.ଏ.କ୍ୟୁ. ମାନ :

| କ୍ରମ | ପରିମାପକ | ସର୍ବାଧିକ ପରିମାଣ (%) |
|---|---|---|
| ୧ | ବାହ୍ୟ ପଦାର୍ଥ ଯଥା: ମାଟି, ଗୋଡ଼ି, ଧୂଳି-ବାଲି ଇତ୍ୟାଦି | ୧% |
| ୨ | ଅନ୍ୟାନ୍ୟ ଖାଦ୍ୟଶସ୍ୟ | ୧% |
| ୩ | କ୍ଷତିଗ୍ରସ୍ତ / ଭଗ୍ନ ମାଣ୍ଡିଆ ଶସ୍ୟ | ୧% |
| ୪ | ଆଂଶିକ-ଭଗ୍ନ ମାଣ୍ଡିଆ ଶସ୍ୟ | ୨% |
| ୫ | ଆର୍ଦ୍ରତା | ୧୨% |

ବିଶେଷ ଦ୍ରଷ୍ଟବ୍ୟ :
- ବାହ୍ୟ ପଦାର୍ଥ ମଧ୍ୟରେ ସହଣୀୟ ସର୍ବାଧିକ ପରିମାଣ : **0.୨୫%** ରୁ କମ୍ ପରିମାଣର ଖଣିଜ ପଦାର୍ଥ ତଥା **0.୧0%** ରୁ କମ୍ ପ୍ରାଣିଭିତ୍ତିକ ଅଶୁଦ୍ଧତା
- ଅନ୍ୟାନ୍ୟ ଖାଦ୍ୟଶସ୍ୟ ମଧ୍ୟରେ ସର୍ବାଧିକ **୧%** ସୀମାରେ କୌଣସି ପରିସ୍ଥିତିରେ ଦୁଦୁରା ମଞ୍ଜି **0.0୨୫%** ଏବଂ ଅରଖ ମଞ୍ଜି **0.୨%** ରୁ ଅଧିକ ରହିବା ଅନୁଚିତ୍
- ମାଣ୍ଡିଆ ଚାଷ ସମୟରେ ଜମିରେ ଦେଖାଯାଇଥିବା ଅନାବନା, ଜଙ୍ଗଲି ଘାସ-ଲତା, ଗୁଳ୍ମ ଇତ୍ୟାଦି ଯଥା ସମ୍ଭବ ବାଛି ବାହାର କରିଦିଅନ୍ତୁ ଏବଂ ଅମଳ ସମୟରେ ଶୁଖିଲା ଓ ସଫା ଖଳା ବା ଟାରପୋଲିନ ବ୍ୟବହାର କରି ମାଣ୍ଡିଆକୁ ଖରାରେ ଭଲଭାବରେ ଶୁଖାଇ ସଫାକରି ନିକଟତମ ମାଣ୍ଡିଆ ମଣ୍ଡିରେ ବିକ୍ରୟର ସୁଯୋଗ ନିଅନ୍ତୁ

ଅଧିକ ସୂଚନା ପାଇଁ ସ୍ଥାନୀୟ କୃଷି ଅଧିକାରୀଙ୍କ ସହ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନିଃଶୁଳ୍କ ନମ୍ବର - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

ကୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR-01034/13/0014/2526

## ଭୋଜି ପାଇଁ ପରିବେଶ ପ୍ରଦୂଷଣ କଲେ କାର୍ଯ୍ୟାନୁଷ୍ଠାନ




# ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ କରିବେ ସରକାର

**ଭୁବନେଶ୍ୱର, ୩୦।୧୨ (ସୁନିତ୍ ମିଶ୍ର)**

■ ପରିଚାଳନା ଅଭାବରୁ ଜବରଦଖଲରେ ଶ୍ରୀଜଗନ୍ନାଥଙ୍କ ଅନେକ ଜମି

■ ଜଗନ୍ନାଥଙ୍କ ସଂସ୍କୃତି ନେଇ ଭୁଲ୍ ସୂଚନା ଦେଲେ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ କରିପାରନ୍ତି। ଦୀର୍ଘବର୍ଷ ହେଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ହଜାର ହଜାର ଏକର ଜମି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥିତ ଢଙ୍ଗରେ ପଡ଼ିରହିଛି। ଠିକ୍ ପରିଚାଳନା ଅଭାବରୁ ଅନେକ ଜମି ଜବରଦଖଲରେ ରହିଛି। ଫଳରେ ଏଥିରୁ ଶ୍ରୀମନ୍ଦିରର କିଛି ଆୟ ଆସୁନାହିଁ। ଅନେକ ସ୍ଥଳରେ ଗରିବ ତଥା ଭୂମିହୀନ ସେବାୟତମାନେ ଦୀର୍ଘବର୍ଷ ହେବ ଏହି ଜମିରେ ବସବାସ କରୁଛନ୍ତି। ହେଲେ ଉକ୍ତ ଜମି ଉପରେ ସେମାନେ କୌଣସି ଅଧିକାର ସାବ୍ୟସ୍ତ କରିପାରୁନାହାନ୍ତି। ଏହିସବୁ ସମସ୍ୟାର ସମାଧାନ ନେଇ ଆସିଥିବା ପ୍ରସ୍ତାବ ଉପରେ ମଙ୍ଗଳବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିର ଠିକ୍ ବନ୍ଦୋବସ୍ତ, ଦୀର୍ଘଦିନ ହେବ ସ୍ଥାୟୀଭାବେ ବସବାସ କରୁଥିବା ଦଇତାପତି, ନିଯୋଗ, ସେବାୟତ ଓ ମଠଗୁଡ଼ିକୁ ଜମି ପ୍ରଦାନ ନେଇ ଥିବା ନୀତିରେ ସଂଶୋଧନ କରାଯିବା ଉପରେ ଆଲୋଚନା ହୋଇଛି। ଏହି ସଂଶୋଧିତ ନୀତି ବଳରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବାୟତ ଓ ଅଣସେବାୟତମାନେ ସୁଫଳ ପାଇପାରିବେ। ଏହା ସହ ଶ୍ରୀମନ୍ଦିର ରାଜସ୍ୱ ଆଦାୟ ମଧ୍ୟ ସୁଗମ ହୋଇପାରିବ। ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ବହୁ ମୂଲ୍ୟବାନ୍ ସମ୍ପତ୍ତିକୁ ଜବରଦଖଲମୁକ୍ତକରି ସର୍ବୋଚ୍ଚ ମୂଲ୍ୟରେ ଆବଣ୍ଟନ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଛି। ଏହି ଅବସରରେ ଶୃଙ୍ଖଳିତ ନୀତିକାନ୍ତି, ସେବାପୂଜା ଓ ପରିଚାଳନା ଥିବା ଶ୍ରୀମନ୍ଦିର ଆଇନରେ ଆବଶ୍ୟକ ସଂଶୋଧନ ଉପରେ ଆଲୋଚନା ହୋଇଛି। ବହୁ ପୁରାତନ ଏହି ଆଇନରେ ଆବଶ୍ୟକ ସଂଶୋଧନ କରି ବିଭିନ୍ନ ସବ୍ କମିଟି ଗଠନ ସହ ଶୃଙ୍ଖଳିତ ରୀତିନୀତି, ବିଶୃଙ୍ଖଳ ଆଚରଣକୁ ରୋକିବା ଏବଂ ନିଷେଧ ବସ୍ତୁ ଶ୍ରୀମନ୍ଦିର ଭିତରକୁ ବାରଣ ନେଇ ଆଇନରେ ସଂସ୍କାର ଅଣାଯିବା ସହ ଦଣ୍ଡବିଧାନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏଥିସହ ମନ୍ଦିର ପରିସର ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାଳୀନତା ରକ୍ଷା କରିବା ଭଳି ଭାରତୀୟ ପୋଷାକ ପରିଧାନ ଉପରେ ସଚେତନତା ସୃଷ୍ଟି କରାଯିବ। ଏହାସହ ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଭୁଲ୍ ସୂଚନା ପ୍ରଦାନ ଏବଂ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନରେ ପ୍ରାବଧାନ କରାଯିବା ନେଇ ଆଲୋଚନା ହୋଇଛି। ଏହି ଅବସରରେ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ଡାଏରୀକୁ ମନ୍ତ୍ରୀ ହରିଚନ୍ଦନ ଉନ୍ମୋଚନ କରିଛନ୍ତି। ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର, ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି, ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବ ଅମିୟ କୁମାର ଓ ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଦମ୍ପତିଙ୍କ ମୃତ୍ୟୁ


କାଗଜୀ ନାଏକ


ରଥ ନାଏକ

**ସନ୍ତ୍ରୀଛକ,୩୦।୧୨ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଦୋକାନ ଘର ସଫା କରିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଓ ତାଙ୍କ ସ୍ତ୍ରୀ କାଗଜୀ ନାଏକ। ସୂଚନା ଅନୁଯାୟୀ, ରଥ ତାଙ୍କ ଦୋକାନ ଘର ସଫା କରିବାବେଳେ ଶର୍ଟସର୍କିଟ ଯୋଗୁ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ସ୍ୱାମୀଙ୍କ ଫେରିବା ବିଳମ୍ବ ହେବା ଦେଖି କାଗଜୀ ଦୋକାନରେ ପହଞ୍ଚିବା ପରେ ସେ ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ଗାୟିକା ଅର୍ପିତା ଚୌଧୁରୀ

### ହ୍ୟୁମାନ ସାଗର ମୃତ୍ୟୁ ମାମଲା

**କଟକ,୩୦।୧୨(କାର୍ତ୍ତିକ ସାହୁ)**

ଓଡ଼ିଆ ସଙ୍ଗୀତ ଜଗତର ପ୍ରତିଷ୍ଠିତ ଗାୟକ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ଓଲିଉଡ ଗାୟିକା ଅର୍ପିତା ଚୌଧୁରୀ ମଙ୍ଗଳବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଅନୁରୂପ ଭାବେ ସଙ୍ଗୀତକାର ସୋମେଶ ଶତପଥୀ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ସୂଚନାନୁସାରେ, ଗତ କିଛି ଦିନ ତଳେ ହ୍ୟୁମାନ ସାଗରଙ୍କ ମା' ଶେଫାଳୀ ସୁନା ତାଙ୍କ ପୁଅ ମୃତ୍ୟୁକୁ ନେଇ ମର୍କତନଗର ଥାନାରେ ୯ଜଣଙ୍କ ନାମରେ ଏତଲା ଦେଇଥିଲେ। ଉକ୍ତ ଏତଲାରେ ଗତ ୩ରୁ ୪ ବର୍ଷ ମଧ୍ୟରେ ହ୍ୟୁମାନଙ୍କ ନିକଟତର ହୋଇଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଥିଲେ। ହ୍ୟୁମାନଙ୍କ ସ୍ତ୍ରୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର ସଦସ୍ୟ, ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସୋମେଶ ଶତପଥୀ, ଦିନେଶ ବେହେରା, ମହମ୍ମଦ ଅବିତ(ବବଲୁ), ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଏତଲାରେ ଦର୍ଶାଇଥିଲେ। ଏଥିସହ ଅର୍ପିତା ନିକଟରେ ଅଧିଗ୍ରହଣ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଅର୍ପିତାଙ୍କ ସହିତ ସୋମେଶଙ୍କ ସମ୍ପର୍କ, ଭୁବନେଶ୍ୱରରେ ଥିବା ଅଡିଓ ଷ୍ଟୁଡିଓର ଆର୍ଥିକ କାରବାର ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ଏସବୁ ଦିଗକୁ ତଦନ୍ତ ପରିସରଭୁକ୍ତ କରିବା ସହିତ ପ୍ରମାଣ ନଷ୍ଟ ହେବା ପୂର୍ବରୁ ଏହାକୁ ରୋକିବାକୁ ହ୍ୟୁମାନଙ୍କ ମା' ଶେଫାଳି ଏତଲାରେ ଉଲ୍ଲେଖ କରିଥିଲେ। ସେ ଏତଲାର ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ପଠାଇଥିଲେ। ତେବେ ପୋଲିସ ତାଙ୍କ ଏତଲାକ୍ରମେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତ ସମୟରେ ସମ୍ଭାବ୍ୟ ଗିରଫଦାରିକୁ ଏଡାଇବା ପାଇଁ ଅର୍ପିତା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ଜଣାଯାଇଛି।







# ସିସିଟିଭି ନଜରରେ ପୁରୀ, ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ନୂଆବର୍ଷର ପ୍ରଥମ ଦିନରେ ପୁରୀ ବେଳାଭୂମିରେ ଉଦିତ ସୂର୍ଯ୍ୟ ଏବଂ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଏବେଠୁ ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଲାଗିଲାଣି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ନାୟକ ପ୍ଲାଜାଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଭକ୍ତମାନେ ଉକ୍ତ ପାଞ୍ଚଥାକିଆ ବ୍ୟାରିକେଡ୍ ଦେଇ ଆସି ସିଂହଦ୍ୱାରରେ ପ୍ରବେଶ କରୁଛନ୍ତି। ଡିସେମ୍ବର ୩୧ରୁ ଜାନୁଆରୀ ୨ ପର୍ଯ୍ୟନ୍ତ କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ସହ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସେହିପରି ସିସିଟିଭି ନଜରରେ ପୁରୀ ରହିବ। ମୋଟ ୭୦ ପ୍ଲାଟୁନ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ ହେବେ। ସମୁଦ୍ରକୂଳରେ ଆଉଟ୍ ପୋଷ୍ଟ ସହ ଲାଇଫ ଗାର୍ଡ ମୁତୟନ କରାଯାଇଛି। ଏନେଇ ମଙ୍ଗଳବାର ପୁରୀ ପୋଲିସ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ପୋଲିସ କର୍ମଚାରୀମାନଙ୍କ ସହ ଆଲୋଚନା କରାଯାଇଛି।

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ନୂଆ ବର୍ଷରେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩୦ତାରିଖରୁ ବ୍ୟବସ୍ଥା ଲାଗୁ ହୋଇଛି। ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ପାଇଁ ଶେଡ୍, ବ୍ୟାରିକେଡ୍, ପାନୀୟଜଳ, ଶୌଚାଳୟ, ସୂଚନା ପ୍ରଦାନ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତ ପ୍ରବେଶ କରିବା ସହ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରିବେ। ସେହିପରି ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ପୋଲିସ ନିୟୋଜିତ ରହିବେ। ଭକ୍ତମାନେ ମାର୍କେଟ ଛକଠାରୁ ହୋଇଥିବା ବ୍ୟାରିକେଡ୍‌ରେ ପ୍ରବେଶକରି ଶ୍ରୀମନ୍ଦିରକୁ ଆସିବେ। ଅଧିକ ସଂଖ୍ୟକ ଭକ୍ତ ହେଲେ ନାୟକପ୍ଲାଜାଠାରେ ବ୍ୟାରିକେଡ୍ ଦେଇ ପ୍ରବେଶ ବ୍ୟବସ୍ଥା କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ୍ ସୁପରିଚାଳନା ପାଇଁ ସହରରେ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବାସହ ସମଗ୍ର ସହରକୁ ସିସିଟିଭି ବଳୟ ମଧ୍ୟରେ ରଖାଯାଇଛି। ଶ୍ରୀମନ୍ଦିର ଭିତରେ ୧୫୨ ଏବଂ ବାହାରେ ୧୯୨ ସିସିଟିଭି ସ୍ଥାପନ କରାଯାଇଛି। ୨ଜଣ କମାଣ୍ଡାଣ୍ଟ, ୧୩ ଅତିରିକ୍ତ ଏସ୍‌ପି, ୪୩ ଡିଏସ୍‌ପି, ୮୭ ଇନ୍ସପେକ୍ଟର, ୨୪୬ ଏସ୍‌ଆଇ ଏବଂ ଏଏସ୍‌ଆଇ, ୪୬ ହାବିଲଦାର, ଟ୍ରାଫିକ୍‌ରେ ୪୦ଜଣ ହାବିଲଦାର ଓ କନ୍‌ଷ୍ଟେବଲ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ମୁତୟନ ରହିବେ। ୭୦ଜଣ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଏଥିସହ ୨ ୟୁନିଟ୍ ଓଡ୍ରାଫ, ଗୋଟିଏ ୟୁନିଟ୍ ଏସ୍‌ଡିଆରଏଫ୍ ମୁତୟନ ରହିବେ। ଅଗ୍ନିଶମ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ଭିତରେ ୨, ବାହାରେ ୪, ସମୁଦ୍ରକୂଳରେ ୭ ଏବଂ ବିଭିନ୍ନ ପୁଷ୍କରିଣୀ ନିକଟରେ ୫ଟି ଟିମ୍ ମୁତୟନ ରହିବେ। ଭକ୍ତ କିମ୍ବା ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କ୍ଷେତ୍ରରେ ପ୍ରାଥମିକ ଚିକିତ୍ସା ସହ ଆମ୍ବୁଲାନ୍ସ ସୁବିଧା ଉପଲବ୍ଧ ହେବ। ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷିତ ସ୍ନାନ ପାଇଁ ସରକାରୀ ଓ ବେସରକାରୀ ଭାବେ ୩୯୦ଜଣ ଲାଇଫ ଗାର୍ଡ ମୁତୟନ ରହିବେ। ସମସ୍ତ ପ୍ରବେଶପଥରେ କଡ଼ାକଡ଼ି ଯାଞ୍ଚ ସହ ପାର୍କିଂ ଉପରେ ପୋଲିସ ଗୁରୁତ୍ୱ ଦେଇଛି। ମନ୍ଦିର ଭିତରେ ୫ଟି ଓ ମନ୍ଦିର ବାହାରେ ୬ଟି ଜୋନରେ ପୋଲିସ ଟିମ୍ ଭିଡ଼ ନିୟନ୍ତ୍ରଣ କରିବେ। ଇନ୍ ସାଇଡ ଓ ଆଉଟ୍ ସାଇଡ ଦୁଇ ଭାଗରେ ଟ୍ରାଫିକ କଣ୍ଟ୍ରୋଲ କରାଯାଉଛି। ଇନସାଇଡ ଟ୍ରାଫିକରେ ୪ ଓ ଆଉଟ ସାଇଡରେ ୨ଟି ଜୋନ, ୧୪ ପାର୍କିଂ ଜୋନ, ୧୧ କ୍ରଣ୍ଟୋଲ ରୁମ୍ ଏବଂ ୧୧ ସ୍ଥାନରେ ନାକା କରାଯାଇଛି। ୨୪ ଘଣ୍ଟା କାମ କରିବା ପାଇଁ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ ରହିଛି। ସମୁଦ୍ରକୂଳରେ ସ୍ୱତନ୍ତ୍ର ଆଉଟ୍ ପୋଷ୍ଟ ବା ଫାଣ୍ଡି ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ଭୁବନେଶ୍ୱର ପଟୁ ଆସୁଥିବା ଗାଡ଼ି ଜଗନ୍ନାଥ ବଲ୍ଲଭ ପାର୍କିଂ, ପୁରୁଣା ଜେଲ ରୋଡ୍, ଶରଧାବାଲି ଏବଂ ତାଳବଣିଆଠାରେ ପାର୍କିଂ ହେବ। ବ୍ରହ୍ମଗିରି ପଟୁଆସୁଥିବା ଯାନବାହନ ଷ୍ଟର୍ଲିଂ ଛକ ଦେଇ ଯାତ୍ରିକାରେ ପାର୍କିଂ କରିବେ। କୋଣାର୍କ ପଟୁ ଆସୁଥିବା ଯାନଗୁଡ଼ିକ ଭୂଦାନ ଛକ ଦେଇ ତାଳବଣିଆଠାରେ ପାର୍କିଂ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଉଛନ୍ତି ।

### ନୂଆବର୍ଷ ପାଇଁ ବ୍ୟାପକ ବ୍ୟବସ୍ଥା



ନବବର୍ଷର ଦିନକ ପୂର୍ବରୁ ମଙ୍ଗଳବାର ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୩୦।୧୨।୨୦୨୫

| | |
|---|---|
| ୬,୨୪,୯୬୭ ଟଙ୍କା | |
| ସୁନା | ୬.୪୦୦ ଗ୍ରାମ୍ |
| ରୁପା | ୩୬.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ରାସ୍ତାପାର୍ଶ୍ୱ ମାଟିଗଦା ଉପରକୁ ମାଡ଼ିଗଲା ପର୍ଯ୍ୟଟକ ବସ୍

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଚନ୍ଦନପୁର ନିକଟରେ ମଙ୍ଗଳବାର ଏକ ପର୍ଯ୍ୟଟକ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ମାଟିଗଦା ଉପରକୁ ମାଡ଼ିଯାଇଛି। ଫଳରେ କେତେଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ତେବେ ବଡ଼ ଦୁର୍ଘଟଣାରୁ ପର୍ଯ୍ୟଟକମାନେ ବର୍ତ୍ତି ପାଇଛନ୍ତି। କେତେଜଣ ପର୍ଯ୍ୟଟକ ଆହତ ହୋଇଥିବା ଜଣାପଡ଼ିଛି। ଘନ କୁହୁଡ଼ି କାରଣରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ପଶ୍ଚିମବଙ୍ଗରୁ କେତେଜଣ ପର୍ଯ୍ୟଟକଙ୍କୁ ନେଇ ଏହି ବସ୍‌ଟି ପୁରୀ ଆସୁଥିଲା। ଦୁର୍ଘଟଣା ପରେ ବସ୍‌କୁ କ୍ରେନ ଦ୍ୱାରା ବାହାର କରାଯାଇଛି। କିଛି ମାସ ହେବ ସେଠାରେ ରାସ୍ତା କାମ ଚାଲିଛି, ମାତ୍ର ପ୍ରଶାସନ ପକ୍ଷରୁ ସୂଚନାଫଳକ ଲଗାଯାଇନାହିଁ। ଏଥିଯୋଗୁ ଅନେକ ସମୟରେ ସେଠାରେ ଦୁର୍ଘଟଣା ଘଟୁଛି।

### ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ଅଭିଯୁକ୍ତ ଗିରଫ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ମହିଳାଙ୍କ ବିନା ସହମତିରେ ତାଙ୍କ ସହ ଯୌନସମ୍ପର୍କ ସ୍ଥାପନ କରିବା ସହ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ବିଜୟ ନଗରର ବିକି ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ସୋମବାର ଅଭିଯୋଗ କରିଥିଲେ ଯେ, ତାଙ୍କ ଅସହାୟତାର ଫାଇଦା ଉଠାଇ ଅଭିଯୁକ୍ତ ବିକି ତାଙ୍କ ବିନା ସହମତିରେ ଶାରୀରିକ ସମ୍ପର୍କ ରଖିଥିଲା। ପରେ ଅଶ୍ଳୀଳ ଫଟୋ ଆଦିକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ତାଙ୍କ ସ୍ୱାମୀ ଏ ନେଇ ଅଭିଯୁକ୍ତଙ୍କୁ ପଚାରିଥିଲେ। ତେବେ ଅଭିଯୁକ୍ତ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

## ରଙ୍ଗିନ ଆଲୋକରେ ଝଲସୁଛି ବିଭିନ୍ନ ହୋଟେଲ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ସରିଆସୁଛି ଇଂଲିଶ ବର୍ଷ-୨୦୨୫ ଏବଂ ପାଖେଇ ଆସୁଛି ନୂତନ ବର୍ଷ-୨୦୨୬। ନୂତନବର୍ଷକୁ ସ୍ୱାଗତ କରିବା ପାଇଁ ଏବେଠୁ ଉତ୍ସବମୁଖର ହୋଇଉଠିଲାଣି ଶ୍ରୀକ୍ଷେତ୍ର। ସମସ୍ତେ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ନୂତନ ବର୍ଷରେ ବେଳାଭୂମିରେ ପ୍ରଥମ ସୂର୍ଯ୍ୟୋଦୟ ଦେଖିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ପୁରୀରେ ଏବେଠାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଲାଣି। ଅନ୍ୟପଟେ ନୂଆବର୍ଷରେ ଜିରୋ ନାଇଟ ସେଲିବ୍ରେଶନ୍ ପାଇଁ ସହରରେ ଥିବା ବିଭିନ୍ନ ହୋଟେଲରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ନାମୀଦାମୀ ହୋଟେଲଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି।

### ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ପ୍ରସ୍ତୁତି

ମନୋରଞ୍ଜନ ପାଇଁ ଡ୍ୟାନ୍ସ, ଗୀତ, ଡିଜେ, ଡିନର, ସ୍ନାକ୍ସ, ମକଟେଲ୍ ପ୍ରଭୃତି ଆୟୋଜନ କରାଯାଇଛି। ହୋଟେଲଗୁଡ଼ିକରେ ପ୍ରାୟ ଶତ ପ୍ରତିଶତ ବୁକିଂ ସରିଛି। ହୋଟେଲ ଏମ୍ପାୟାର୍ସର ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ଦାଶ କହିଛନ୍ତି, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିରୋ ନାଇଟ ସେଲିବ୍ରେଶନ ପାଇଁ ହୋଟେଲ ପକ୍ଷରୁ ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସମେତ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଜିରୋ ନାଇଟ ସେଲିବ୍ରେସନ ପାଇଁ ପୁରୀ ଅସିବେ। ଜିରୋନାଇଟ୍ ସେଲିବ୍ରେଶନରେ ବଲିଉଡ୍ ଓ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ସହ ହାସ୍ୟ ଅଭିନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୩୧ ତାରିଖ ରାତି ୮ଟାରୁ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ହୋଟେଲ ପକ୍ଷରୁ ଦେଶୀ ତଥା ପାରମ୍ପରିକ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ପୋଡ଼ପିଠା, ଡାଲ୍‌ମା, ଖେଚୁଡ଼ି ପରି ପାରମ୍ପରିକ ଖାଦ୍ୟ ସହ ବିଭିନ୍ନ ପ୍ରକାର ଖାଦ୍ୟ ରହିଛି। ତିନି ପ୍ରକାର ଟିକେଟ ବ୍ୟବସ୍ଥା ସାଙ୍ଗକୁ ଲକି ଡ୍ର ବ୍ୟବସ୍ଥା କରାଯାଇଛି। ପ୍ରଶାସନ ପକ୍ଷରୁ କରାଯାଇଥିବା ସମସ୍ତ ଗାଇଡ୍ ଲାଇନକୁ ପାଳନ କରାଯାଉଛି। ଖାଦ୍ୟ ସମେତ ସମସ୍ତ ପ୍ରସ୍ତୁତିକୁ ତଦାରଖ କରାଯାଉଛି। ପର୍ଯ୍ୟଟକଙ୍କୁ ଉତ୍ତମ ଆତିଥେୟତା ଦେବାକୁ ପ୍ରସ୍ତୁତ ଥିବା ଦାସ କହିଛନ୍ତି।

### ୬ଦିନ ଯାଏ ସବୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ଇଂଲିଶ ନବବର୍ଷର ପ୍ରଥମ ଦିନରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ କରି ବର୍ଷ ଆରମ୍ଭ କରିବା ନିମନ୍ତେ ଶ୍ରଦ୍ଧାଳୁ ଆଶା କରିଥାନ୍ତି। ତେଣୁ ଏହିଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ନବବର୍ଷ ଭିଡ଼ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଆତିଥେୟତାକୁ ନଜରରେ ରଖି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଡିସେମ୍ବର ୩୦ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ୬ଦିନ ଜିଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ପଠାଯାଇଛି।

### ବଟି ଆଦାୟ୍ କରି ୨ ଗିରଫ

**ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)**

ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉକ୍ତ ଥାନା ଅନ୍ତର୍ଗତ ନୂଆପଟଣା ଲେନ୍‌ର ସୌମ୍ୟ ରାଉତ ଓ ରମ୍‌ଜୀ ମଠ ନିକଟ ଅଞ୍ଚଳର ଅର୍ଜୁନ ପୃଷ୍ଟି। ପୋଲିସ ସେମାନଙ୍କଠାରୁ ଲୁହା କଟୁରୀ ସହ ୩୧୦ ଟଙ୍କା ଜବତ କରିଛି। ଏନେଇ ଏକ କେସ୍ (ନଂ.୭୪୬/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ଯାତ୍ରୀବାହୀ ଗାଡ଼ି ଓ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିଲେ ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିପ୍ରକାଶ



@ ପ୍ରଭାତ



@ ପୁରୁଷୋତ୍ତମ



@ ରାଜା



@ ଟ୍ୟୁଙ୍କିଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଲୋକାଲ କମିଟି ପକ୍ଷରୁ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ଡେଲାଙ୍ଗ,୩୦।୧୨(ରଶ୍ମୀରଞ୍ଜନ ପ୍ରଧାନ)**

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଲୋକାଲ କମିଟି ପକ୍ଷରୁ ଡେଲାଙ୍ଗ ହାଟବଜାରସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟିର ସଦସ୍ୟମାନେ ଡେଲାଙ୍ଗ ହାଟ ବଜାର ଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଅତିରିକ୍ତ ବିଦ୍ୟୁତ ସୁରକ୍ଷା ଦେୟ ବାତିଲ, ସ୍ମାର୍ଟ ମିଟର ପ୍ରତ୍ୟାହାର, ୩ଶହ ୟୁନିଟ୍ ବିଦ୍ୟୁତ୍ ଛାଡ଼, ଅଘୋଷିତ ବିଦ୍ୟୁତକାଟ ବନ୍ଦ, ଉଠାଜଳସେଚନ ପାଇଁ ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ, ଭୁଲ ବିଲ୍ ସଂଶୋଧନ ଆଦି ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠଯନ୍ତ୍ରୀ ଅମରେନ୍ଦ୍ର ବେହେରାଙ୍କୁ ପ୍ରଦାନ କରିଥିଲେ। ସ୍ଥାନୀୟ କମିଟିର ସମ୍ପାଦକ ଦୀନବନ୍ଧୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସମାବେଶରେ ପଦ୍ମଚରଣ ଜେନା, ବଟକୃଷ୍ଣ ସ୍ୱାଇଁ, ତ୍ରିନାଥ ପ୍ରଧାନ, ପ୍ରଶାନ୍ତ ବେହେରା, ବିଷ୍ଣୁପ୍ରସାଦ ସ୍ୱାଇଁ ଏବଂ ଟୁକୁନା ବେହେରା ପ୍ରମୁଖ ସାମିଲ ଥିଲେ।

## ମଙ୍ଗଳା କପ୍ କ୍ରିକେଟ: ଫାଇନାଲରେ ୟୁନିୟନ ସ୍ପୋର୍ଟିଂ

**କାକଟପୁର/ଅସ୍ତରଙ୍ଗ, ୩୦।୧୨ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)**

କାକଟପୁର ମିନି ଷ୍ଟାଡିୟମରେ ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱରର ଆଦିତ୍ୟ ଇଲେଭେନ୍‌କୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ୟୁନିଅନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୬୨ ଏବଂ ଅତିଫ ଅସଲମ ୪୨ ରନ କରିଥିଲେ। ଜବାବରେ ଆଦିତ୍ୟ ଇଲେଭେନ ୧୬.୫ ଓଭରରେ ୧୮୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୧୦୩ ଏବଂ ସ୍ୱରାଜ ଚୌଧୁରୀ ୨୨ ରନ କରିଥିଲେ। ଶତକୀୟ ଇନିଂସ ପାଇଁ କ୍ଷମାସାଗର ବଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, କନିଷ୍ଠ ଯନ୍ତ୍ରୀ ପ୍ରାଚୀପ୍ରଜ୍ଞା ସାହୁ, କାକଟପୁର ପ୍ରେସ୍ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନର ସ୍ୱୀକୃତି ପ୍ରାପ୍ତ ଅମ୍ପାୟାର ନିର୍ମଳ ଚନ୍ଦ୍ର ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତା ଜାନୁଆରୀ ୪ରେ ଆଲଫା ସ୍ପୋର୍ଟିଂ, ବ୍ରହ୍ମପୁର ଏବଂ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ଫାଇନାଲ ମ୍ୟାଚ ପରେ ମେଲୋଡି କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



କୃତୀ ଖେଳାଳିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

## ଅଦିନିଆ ରଥଯାତ୍ରାର ପ୍ରତିବାଦ କଲା ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ

**ଭୁବନେଶ୍ୱର, ୩୦।୧୨(ବନ୍ଦନା ସେଠୀ)**

ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରି ଇସ୍କନ ବାରମ୍ବାର ବିଦେଶରେ ଅଦିନିଆ ରଥଯାତ୍ରା କରିଚାଲିଛି। ବାରମ୍ବାର ଅନୁରୋଧ, ତାଗିଦା ପରେ ମଧ୍ୟ ଡିସେମ୍ବର ୨୭ରେ ଇସ୍କନ ପୁନର୍ବାର ଆମେରିକା, ପୁଏର୍ଟୋରିକୋର ରାଜଧାନୀ ସାନଜୁଆନରେ ରଥଯାତ୍ରା କରିଛି। ଏହାଦ୍ୱାରା ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ମର୍ମାହତ ହୋଇଛନ୍ତି ବୋଲି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ (ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ କୁହାଯାଇଛି। ଏହି ରଥଯାତ୍ରା ସମ୍ପର୍କରେ ପୂର୍ବରୁ ଇସ୍କନ ପକ୍ଷରୁ ବହୁଳ ପ୍ରସାର କରାଯାଇଥିବାବେଳେ ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ପ୍ରତିବାଦ କରଯାଇଥିଲା। ଏପରିକି ରଥଯାତ୍ରାକୁ ନିର୍ଦ୍ଦିଷ୍ଟ ସମୟରେ କରିବା ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ଇସ୍କନ କର୍ତ୍ତୃପକ୍ଷ ଏହାକୁ ଖାତିର ନ କରି ପୂର୍ବ ନିର୍ଦ୍ଧାରିତ ତାରିଖରେ ରଥଯାତ୍ରା କରିଥିଲେ। ପୂର୍ବରୁ ନଭେମ୍ବର ୨୨ରେ ନାଇଜେରିଆର ୱାରୀ ସହର ଏବଂ ୨୩ରେ ତାଇୱାନର ରାଜଧାନୀ ତାଇପେଇରେ ରଥଯାତ୍ରା ପାଳନ କରାଯାଇଥିଲା। ତେଣୁ ଦେଶବିଦେଶରେ ଥିବା ସବୁ ଆଧ୍ୟାତ୍ମିକ ଅନୁଷ୍ଠାନ ତଥା ଓଡ଼ିଆ ଭଉଣୀଭାଇଙ୍କ ତରଫରୁ ଇସ୍କନର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିବାଦ ପତ୍ର ପଠାଇବା ନିହାତି ଜରୁରୀ। ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଆଲୋଚନା ହେଉଥିଲେ ମଧ୍ୟ ସଂଗଠିତ ରୂପେ ଏହାର ବିରୋଧ କଲେ ହିଁ ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରାଯାଇପାରିବ ବୋଲି ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଶାସ୍ତ୍ର ଅନୁଯାୟୀ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା କରାଯିବା ବିଧି ସମ୍ମତ। ମାତ୍ର ବିଦେଶରେ ଇସ୍କନ ଏହାକୁ ମାନିବାକୁ ପ୍ରସ୍ତୁତ ନୁହେଁ। ଏହାଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା ହେଉଛି। ଅକ୍ଟୋବରରେ ଶ୍ରୀମନ୍ଦିର ପ୍ରଶାସନର ଚିଠିର ଉତ୍ତରରେ ମାୟାପୁରସ୍ଥିତ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା ଯେ, ଭାରତ ଭିତରେ ତିଥି ଅନୁସାରେ ସ୍ନାନଯାତ୍ରା ଓ ରଥଯାତ୍ରା କରାଯିବ। ସେହିପରି ବିଦେଶରେ କେବଳ ସ୍ନାନଯାତ୍ରା ତିଥି ଅନୁସାରେ କରାଯିବ। ତେବେ ରଥଯାତ୍ରାକୁ ତିଥି ଅନୁସାରେ କରିବା ଆଦୌ ସମ୍ଭବ ନୁହେଁ ବୋଲି ସେମାନେ ଜଣାଇଥିଲେ। ମାତ୍ର ରଥଯାତ୍ରା କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ନୁହେଁ, ଯାହାକୁ ମନଇଚ୍ଛା ଯେ କୌଣସି ଦିନ କରାଯିବ। ତେଣୁ ଇସ୍କନର ଏଭଳି ମନମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ସାରା ବିଶ୍ୱରେ ଥିବା ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏହାର ଘୋର ପ୍ରତିବାଦ କରିବାକୁ ହେବ ବୋଲି ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

# ଜାନୁଆରୀ ୪ରୁ ‘ପଥ ଉତ୍ସବ’

## ଗଡ଼ିଲା ପ୍ରଚାର ଗାଡ଼ି

ଭୁବନେଶ୍ୱର, ୩୦।୧୨ (ବନ୍ଦନା ସେଠୀ)

‘ପଥ ଉତ୍ସବ’ରେ ପୁଣି ଝୁମିବ ରାଜଧାନୀ। ଶୀତୁଆ ସକାଳରେ ନାଚ ଗୀତ ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ଉଠାଇବେ ସହରବାସୀ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଜାନୁଆରୀ ୪ ସକାଳ ୬ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ଜନପଥର ମାଷ୍ଟର କ୍ୟାଣ୍ଟିନଠାରୁ ରାମ ମନ୍ଦିର ମଧ୍ୟରେ ୨୦୨୫-୨୬ର ପ୍ରଥମ ପଥ ଉତ୍ସବ ଅନୁଷ୍ଠିତ ହେବ। ତେବେ ନୂଆବର୍ଷରେ ପଥ ଉତ୍ସବକୁ ଟିକିଏ ନିଆରାଢଙ୍ଗରେ କରିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମଙ୍ଗଳବାର ଏକ ପ୍ରଚାର ଗାଡିର ଶୁଭାରମ୍ଭ କରାଯାଇଛି। ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ


ମେୟର ଓ କମିଶନର ପ୍ରଚାର ଗାଡିର ଶୁଭାରମ୍ଭ କରୁଛନ୍ତି।

ରାମଚନ୍ଦ୍ର ରଣସିଂହ ପତାକା ଦେଖାଇ ଏହିପ୍ରଚାର ଗାଡିର ଶୁଭାରମ୍ଭ କରିଥିଲେ।

ସେହିପରି ଜାନୁଆରୀ ୧୮ରେ ନୂଆ ଜାଗମରା-ବରମୁଣ୍ଡା ରାସ୍ତା ଏବଂ ଫେବୃଆରୀ ୧ରେ ଇନ୍‌ଫୋସିଟି ରୋଡ୍‌ରେ ପଥ ଉତ୍ସବ ଅନୁଷ୍ଠିତ ହେବ। ତେବେ ଜନପଥରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରିବେ। ଏଥିସହ ଦର୍ଶକମାନେ ପପୁ ପମ୍‌ପମଙ୍କ କମେଡିରେ ମତୁଆଲା ହେବେ। ଏଥିସହ ଯୋଗ, ଜୁମ୍ବା, ରଙ୍ଗୋଲି, କିଡ୍ସ କିଙ୍ଗଡମ, ସ୍କେଟିଂ, ଚିତ୍ରାଙ୍କନ, ପାରମ୍ପାରିକ ନୃତ୍ୟ ଗୀତରେ ଝୁମିବେ ଦର୍ଶକ। ଦର୍ଶକଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ପାଇଁ ‘ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ’ ମଞ୍ଚ ପ୍ରସ୍ତୁତ ରହିବ। ଏଥିରେ ଦର୍ଶକମାନେ ନୃତ୍ୟ, ଗୀତ, ଏକକ ଅଭିନୟ, ମିମିକ୍ରି ଆଦି ପ୍ରଦର୍ଶନ କରିପାରିବେ। ଏଥିରେ ସବୁ ବର୍ଗର ମହିଳା ଓ ପୁରୁଷ ଏଥିରେ ଅଂଶଗ୍ରହଣ କରିପାରିବେ। ଶୀତୁଆ ସକାଳର ମଜା ନେବା ପାଇଁ ଖାଦ୍ୟ ବଜାରର ବ୍ୟବସ୍ଥା ରହିବ। ଏଠାରେ ଲୋକମାନେ ବିଭିନ୍ନ ଖାଦ୍ୟର ଉଷ୍ମତା ସାଙ୍ଗକୁ ସୁଆଦ ପାଇବେ। ସେହିପରି ମହିଳା ଓ ବାଳିକାଙ୍କ ପାଇଁ ରଙ୍ଗୋଲି, ପୁଚି, ଚିତ୍ରାଙ୍କନ ରହିଥିବା ବେଳେ ଫେସ୍ ପେଣ୍ଟିଂ କରି ଶିଶୁମାନେ କିଡ୍ସ କିଙ୍ଗଡମ୍‌ରେ ବିଭୋର ହେବେ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶାର ପ୍ରଶାସନିକ ଟିମ୍ ଭଲ: ମୁଖ୍ୟ ସଚିବ


କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୩୦।୧୨
(ରବିନାରାୟଣ ଜେନା)

## ମନୋଜ ଆହୁଜାଙ୍କ ଲକ୍ଷ୍ୟଭିତ୍ତିକ ନେତୃତ୍ୱକୁ ଆଇଏଏସ୍ ସଂଘର କୃତଜ୍ଞତା

ପ୍ରଶାସନିକ କ୍ଷେତ୍ରରେ ଓଡ଼ିଶାରେ ଏକ ଭଲ ଟିମ୍ ରହିଛି ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ମଙ୍ଗଳବାର ଖାରବେଳ ଭବନରେ ମୁଖ୍ୟ ଶାସନ ସଚିବ ଆହୁଜାଙ୍କ ଅବସର ସମ୍ବର୍ଦ୍ଧନା ଲାଗି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ସେ ସମସ୍ତଙ୍କର ଜ୍ଞାନର ଗଭୀରତା, ଦକ୍ଷତା ଓ ଗୁଣାତ୍ମକତାକୁ ପ୍ରଶଂସା କରିଥିଲେ। ମୁଖ୍ୟ ସଚିବ ଓଡ଼ିଶାର ବିକାଶ ଓ ଭବିଷ୍ୟତ ପାଇଁ ସେ ସକାରାତ୍ମକ ଅଭିବ୍ୟକ୍ତି ଓ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏବଂ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ସେମାନଙ୍କ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ, ମୁଖ୍ୟ ଶାସନ ସଚିବ ଆହୁଜା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାକୁ ଲକ୍ଷ୍ୟଭିତ୍ତିକ ନେତୃତ୍ୱ ଦେଇଛନ୍ତି। ସେ ବିଭିନ୍ନ ବ୍ୟବସ୍ଥାରେ ଟେକ୍ନୋଲୋଜିଭିତ୍ତିକ ପରିବର୍ତ୍ତନ ଆଣିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥାନନ୍ ପ୍ରମୁଖ ଆହୁଜାଙ୍କ ସହ ଜଡ଼ିତ ଦୀର୍ଘଦିନର ପ୍ରଶାସନିକ କାର୍ଯ୍ୟ ଅଭିଜ୍ଞତା ଓ ବ୍ୟକ୍ତିଗତ ସମ୍ପର୍କ ଉପରେ ମତପ୍ରକାଶ କରିଥିଲେ।ସୂଚନାଯୋଗ୍ୟ,ମୁଖ୍ୟ ଶାସନ ସଚିବ ଆହୁଜା ଡିସେମ୍ବର ୩୧ରେ ଅବସର ଗ୍ରହଣ କରିବାକୁ ରହିଛି।

# ୨୦୨୫ରେ ୨୫୫ ଶିଳ୍ପକୁ ମିଳିଛି ମଞ୍ଜୁରୀ

ଭୁବନେଶ୍ୱର,୩୦।୧୨(ରବିନାରାୟଣ ଜେନା)

## ଶିଳ୍ପ ବିଭାଗର ରିପୋର୍ଟ କାର୍ଡ

ଇଂଲିଶ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ଶିଳ୍ପ ବିଭାଗ ପକ୍ଷରୁ ୨୦୨୫ ରିପୋର୍ଟ କାର୍ଡ ଜାରି ହୋଇଛି। ରିପୋର୍ଟ ଅନୁଯାୟୀ, ବିଭାଗ ପକ୍ଷରୁ ଏହି ବର୍ଷ ୨୫୫ ଶିଳ୍ପକୁ ଅନୁମୋଦନ ଦିଆଯାଇଛି। ସେହିପରି ଚଳିତ ବର୍ଷରେ ୮୦ଟି ପ୍ରକଳ୍ପର ଭୂମିପୂଜନ ହୋଇଥିବାବେଳେ ୫ଲକ୍ଷ ୬୭ହଜାର କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି।

ବିଭାଗୀୟତଥ୍ୟଅନୁଯାୟୀ, ୧.୭୫ଲକ୍ଷ କୋଟି ଟଙ୍କାର ଶିଳ୍ପକୁ କାର୍ଯ୍ୟକାରୀ କରିବାରେ ବିଭାଗ ସଫଳ ହୋଇଛି। ଫଳରେ ୧.୪୦ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି ବିଭାଗ କହିଛି।

# କୃଷି ବିଭାଗ ଅଧୀନ ୩ ନିଗମ ପକ୍ଷରୁ ସରକାରଙ୍କୁ ୬କୋଟିରୁ ଊର୍ଦ୍ଧ୍ୱ ଲାଭାଂଶ ପ୍ରଦାନ

ଭୁବନେଶ୍ୱର, ୩୦।୧୨ (ବନ୍ଦନା ସେଠୀ)

କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଓ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ମଙ୍ଗଳବାର ଲୋକସେବା ଭବନ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କୁ ଲାଭାଂଶ ବାବଦରେ ମୋଟ୍ ୬କୋଟି ୩୯ଲକ୍ଷ ୯୭ହଜାର ୫୮୯ଟଙ୍କା ପ୍ରଦାନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଏବଂ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିବା ଲାଭାଂଶ ମଧ୍ୟରେ କୃଷି ଶିଳ୍ପ ନିଗମ (ଓଏଆଇସି) ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫କୋଟି ୨୩ଲକ୍ଷ ୭୪ହଜାର ୨୨୨ଟଙ୍କା, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ (ଓଏସ୍‌ଏସ୍‌ସି) ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ୨୩ଲକ୍ଷ ୨୦ହଜାର ୯୬୭ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ (ଓଏସ୍‌ସିଡିସି) ପକ୍ଷରୁ ଆର୍ଥିକ ବର୍ଷ ୨୦୨୨-୨୩ ଏବଂ ୨୦୨୩-୨୪ ବର୍ଷ ପାଇଁ ୪୬ଲକ୍ଷ ୫୧ହଜାର ୨୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି ସରକାରୀ ଉଦ୍ୟୋଗଗୁଡ଼ିକ ଦୃଢ଼ ଆର୍ଥିକ ପ୍ରଦର୍ଶନ କରି ଓଡ଼ିଶାର ସ୍ଥାୟୀ ବିକାଶ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ସହ ଆର୍ଥିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ତଥା ନିଗମଗୁଡ଼ିକର ଅଧ୍ୟକ୍ଷ ଅରବିନ୍ଦ କୁମାର ପାଢ଼ୀ, କୃଷି ଶିଳ୍ପ ନିଗମର ଅଧିକାରୀ ବୃନ୍ଦ, ରାଜ୍ୟ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ନିତି ରଞ୍ଜନ ସେନ ଉପସ୍ଥିତ ଥିଲେ।


୩ ନିଗମ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଲାଭାଂଶ ବାବଦରେ ଚେକ୍ ପ୍ରଦାନ କରାଯାଉଛି।

# ରାଜଧାନୀରେ ଶିକ୍ଷକଙ୍କ ମେଳି ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୩୦।୧୨
(ସୁଚିସ୍ମିତା ସାହୁ)

ପୁଣି ରାଜଧାନୀରେ ମେଳି କରିବେ ଶିକ୍ଷକ। ଦାବି ପୂରଣ ପାଇଁ ବୈଠକ କରିବା ସହିତ ଫଲୋଅପ୍ କାର୍ଯ୍ୟକ୍ରମ କରାଯିବ। ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପଗ୍ରେଡ଼ କରି ଲେଭଲ-୯ ଅନୁଯାୟୀ ମୂଳ ବେତନ ୩୫, ୪୦୦ଟଙ୍କା ପ୍ରଦାନ କରିବା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ନେଇ ପୁନର୍ବାର ଆସନ୍ତା ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଫଲୋଅପ୍ କାର୍ଯ୍ୟକ୍ରମ ଜାରି ରଖାଯିବ ବୋଲି। ମଙ୍ଗଳବାର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଷ୍ଟିୟରିଂ କମିଟିରେ ସମସ୍ତ ସଦସ୍ୟଙ୍କ ମତକୁ ଅଗ୍ରାଧିକାର ଦେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବମାନ ଗ୍ରହଣ କରାଯାଇଛି। ସମସ୍ତ ଜିଲା କର୍ମକର୍ତ୍ତାଙ୍କ ନିଷ୍ପତି ଅନୁସାରେ, ପ୍ରତ୍ୟେକ ଜିଲାରୁ ୫ ଜଣ ଲେଖାଏ ପ୍ରମୁଖ କର୍ମକର୍ତ୍ତାଙ୍କ ସହିତ ଆସନ୍ତା ଜାନୁୟାରୀ ୧୧ରେ ଭୁବନେଶ୍ୱରଠାରେ ସମସ୍ତ ଆବାହକ ଓ ରାଜ୍ୟ ଷ୍ଟିୟରିଂ କମିଟି ସଦସ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯିବ। ଉକ୍ତ ବୈଠକରେ ପୂର୍ବରୁ ଫଲୋଅପ୍ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ଉପସ୍ଥାପନା କରାଯିବା ସହିତ ଭବିଷ୍ୟତରେ କାର୍ଯ୍ୟପନ୍ଥାକୁ ନିର୍ଦ୍ଧାରଣ କରାଯିବା ପାଇଁ ସ୍ଥିର କରାଯିବ।

# ଭାବବିହ୍ୱଳ କଲା ରାସେଶ୍ୱରଙ୍କ ରାସଲୀଳା

## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୨ (ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଲୁଚରଣ ଓ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ରାସେଶ୍ୱରଙ୍କ ରାସଲୀଳାକୁ ଓଡ଼ିଶୀ ନୃତ୍ୟରେ ରୂପାନ୍ତରିତ କରିଥିଲେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡ଼ିଶୀ ନୃତ୍ୟଗୁରୁ ଆଲୋକା କାନୁନ୍‌ଗୋ। ରାଗ ‘ପାହାଡି’ ଏବଂ ‘ମାଳିକା’ ତାଳରେ ଆଧାରିତ କବି ଜୟଦେବଙ୍କ ରଚିତ ଅଷ୍ଟପଦୀ ‘ସଖି ହେ କେଶି ମଦନ ମୁଦାରମ’କୁ ଅତି ସୁନ୍ଦର ଭାବେ ସେ ପରିବେଷଣ କରିଥିଲେ। ପଣ୍ଡିତ ଭୁବନେଶ୍ୱର ମହାପାତ୍ରଙ୍କ ସଙ୍ଗୀତ ସଂଯୋଜନା ଏବଂ ପଦ୍ମ ବିଭୂଷଣ ଗୁରୁ କେଲୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଆଧାରିତ ଏହି ନୃତ୍ୟ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା।



ପ୍ରଥମ ଅଧିବେଶନରେ ଲିଙ୍ଗରାଜ କଳା ନିକେତନର ଶିଳ୍ପୀମାନେ ଅଭିନୟ ‘ଶକ୍ତି ସ୍ୱରୂପା’, ନୃତ୍ୟଶିଳ୍ପୀ ଅଙ୍କିତା ବେହେରା ‘ଚମକେ ଚପଳା ଚିକ୍କଣ ଦେଖ’, ସୁହାନା ମିଶ୍ର ‘ସ୍ଥାୟୀନୃତ୍ୟ’, ଜୋୟିତା ପାଲ ଏବଂ ଅଗ୍ନିଶା ବାସାକ ‘ବିନାୟକ ଏକଦନ୍ତ ଉମାସୁତ’, ଦୀପ୍ତିଶ କୁମାର ଶତପଥୀ ‘ନବରସ’, ଦେବର୍ଚ୍ଚନା ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ‘ରାଧାରାଣୀ ସଙ୍ଗେ ମୁରଲୀ ପାଣି’ ଆଦି ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନ ଅଧିବେଶନରେ ନଟସୂତ୍ର ରିସର୍ଚ୍ଚ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟର ଶିଳ୍ପୀମାନେ ଦଳଗତ ନୃତ୍ୟାଭିନୟ ‘ନୀଳସରସ୍ୱତୀ ବନ୍ଦନା’ ପରିବେଷଣ କରିଥିଲେ। ପରେ ରମାକାନ୍ତ ସାହୁଙ୍କ ‘ପଲ୍ଲବୀ’, ପ୍ରୀତିପ୍ରଜ୍ଞା ଦାସ ଓ ରଞ୍ଜିତା ପ୍ରିୟଦର୍ଶିନୀ ପାଣିଙ୍କ ‘ଅର୍ଦ୍ଧନାରୀଶ୍ୱର’, ଶୁଭ୍ରକାନ୍ତ ପ୍ରଧାନଙ୍କ ‘କୋଣାର୍କ କାନ୍ତି’, ସ୍ୱାଗତିକା ସାହୁ ଓ ଦିବ୍ୟ ପ୍ରିୟଦର୍ଶିନୀ ଦାସ ‘ଶିବପଞ୍ଚକ’, ଇତିଶ୍ରୀ ମହାନ୍ତି ‘ଅଷ୍ଟପଦୀ’ ଏବଂ ଶେଷରେ ନୃତ୍ୟରଚନା ଅନୁଷ୍ଠାନର ଶିଳ୍ପୀଙ୍କ ଅଭିନୟ ‘ଦୁର୍ଗାସ୍ତୁତି’ ଦର୍ଶକଙ୍କୁ ଆମୋଦିତ କରିଥିଲା। ସେହିପରି ସନ୍ଧ୍ୟା ଅଧିବେଶନରେ ନୃତ୍ୟଶିଳ୍ପୀ ପ୍ରୀତି ମହାପାତ୍ରଙ୍କ ଦ୍ୱାରା ‘କୈବର୍ତ୍ତ ପ୍ରସଙ୍ଗମ’, ବିଦିଶା ବାସୁମଲ୍ଲିକ ଏବଂ ରୋହିଣୀ ସାମଲଙ୍କ ଦ୍ୱାରା ‘ଗୋବିନ୍ଦ ଦାମୋଦର ଅଷ୍ଟକମ’, ପୌଲମୀ ଚକ୍ରବର୍ତ୍ତୀଙ୍କ ଦ୍ୱାରା ‘ବସନ୍ତ ପଲ୍ଲବୀ’, ମୌସମୀ ମଧୁ ଓ ପ୍ରଣଭୀ ଅନ୍ନଦୁରାଇଙ୍କ ଦ୍ୱାରା ‘ରାସ ପଲ୍ଲବୀ’ ‘ଶିମନ୍ତିନୀ’ ମିତ୍ର ବେଉରାଙ୍କ ଦ୍ୱାରା ‘ଶିବମ ଧିମମ’ ପରିବେଷିତ ହୋଇଥିଲା। ଶେଷରେ ଦର୍ପଣୀ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ‘କ୍ରିଷ୍ଣା ତୁଭ୍ୟଂ ନମଃ’ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ଗାୟିକା ଡ. ଶ୍ୟାମାମଣି ଦେବୀ, ଓଡିଶୀ ସଙ୍ଗୀତ ଗାୟକ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଆୟକର ବିଭାଗର ପୂର୍ବତନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ବିଚିତ୍ରାନନ୍ଦ ସାଇଁ, ଗୁରୁ ଡ. ଜ୍ୟୋତ୍ସ୍ନାରାଣୀ ସାହୁ, ଓଡିଶୀ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା ଓ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବରେ ପ୍ରାୟ ୩୫୦ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିବାବେଳେ ଭାରତ ବାହାରୁ ପ୍ରାୟ ୧୫ଜଣ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଭାତ


@ ରାଜା


@ ପୁରୁଷୋତ୍ତମ


@ ଟ୍ୱିଙ୍କଲ୍


@ ଜ୍ୟୋତିପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦୦ କୋଟି ଠକିଛି କଳ୍ପନା ଫାଇନାନ୍‌ସିଆଲ ସଂସ୍ଥା

ଭୁବନେଶ୍ୱର,୩୦।୧୨(ତ୍ରିନାଥ ମହାନ୍ତି)

- ଓଡ଼ିଶାରୁ ୬୦ଜଣ ଲୋକ ଠକାମିର ଶିକାର
- ସଂସ୍ଥାର ୫ଜଣଙ୍କ ନାମରେ ଇଓଡବ୍ଲ୍ୟୁରେ ମାମଲା

ମାସକୁ ୭ ପ୍ରତିଶତ ସୁଧ ପ୍ରଲୋଭନ ଦେଖାଇ ଓଡ଼ିଶାରୁ ୨୦୦ କୋଟି ଟଙ୍କା ଚୂନ ଲଗାଇଛି କଳ୍ପନା ଫାଇନାନ୍‌ସିଆଲ ସର୍ଭିସ ସଂସ୍ଥା। କୋଟିଏ ଟଙ୍କା ଠକାମିର ଶିକାର ହୋଇଥିବା ଖୋର୍ଦ୍ଧା ଜିଲା ବାଲିପାଟଣାର ସୁଶାନ୍ତ କୁମାର ଦାଶ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ଘଟଣାପଦାକୁ ଆସିଛି। ତାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ସଂସ୍ଥାର ପ୍ରୋପ୍ରାଇଟର ଅମିତ ମଣ୍ଡଳ, ଈଶ୍ୱରଚନ୍ଦ୍ର ବିନ୍ଧାଣି, ଶ୍ରୀକାନ୍ତ ମଲ୍ଲିକ, ସଞ୍ଜୟ କୁମାର ସାମଲଙ୍କ ନାମରେ କେସ୍ ନଂ.୨୦/୨୫ ରୁଜୁ କରାଯାଇ ତଦନ୍ତ କରାଯାଉଛି।

କଳ୍ପନା ଫାଇନାନ୍‌ସିଆଲ ସର୍ଭିସ ସଂସ୍ଥାର ମୁଖ୍ୟ ଅଫିସ କଲିକତାରେ ଥିବା ବେଳେ ଏହାର ମାଲିକ ଅମିତ ମଣ୍ଡଳ ରହିଛନ୍ତି। ସେ ଓଡ଼ିଶାର ବିଭିନ୍ନ ଜିଲାରେ ଏଜେଣ୍ଟ ରଖି ଲୋକଙ୍କୁ ନିଜ ସଂସ୍ଥାରେ ଟଙ୍କା ଜମା କରିବା ପାଇଁ ପ୍ରବର୍ତ୍ତାଉଥିଲେ। ମାସକୁ ୭ରୁ ୮ ପ୍ରତିଶତ ସୁଧ ଦେବାକୁ ମଧ୍ୟ କହୁଥିଲେ। ଯେଉଁମାନେ ଆଗ୍ରହ ପ୍ରକାଶ କରୁଥିଲେ, ସେମାନଙ୍କୁ ହ୍ୱାଟ୍ସଆପ୍‌ରେ ଯୋଡୁଥିଲେ। ସେଥିରେ ଜମାକାରୀଙ୍କ ମନରେ ବିଶ୍ୱାସ ଜମାଇବା ପାଇଁ ଫେକ୍ ଭିଡିଓ ଏବଂ ଭଏସ୍ ମେସେଜ୍ ପକାଉଥିଲେ। ଏପରିକି ସେଲିବ୍ରେଟିମାନଙ୍କ ଭିଡିଓ ଏଡିଟ କରି ପକାଉଥିଲେ, ଯାହାକୁ ଦେଖି ଜମାକାରୀମାନେ ବିଶ୍ୱାସ କରି ଲକ୍ଷାଧିକ ଟଙ୍କା ଲଗାଉଥିଲେ। ଏହିଭଳି ବାଲିପାଟଣାର ସୁଶାନ୍ତ କୁମାର ଏହି ସଂସ୍ଥାର ଜାଲରେ ପଡ଼ିଥିଲେ। ତାଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିବା ପରେ ଟଙ୍କା ଲଗାଇ ଅଧିକ ସୁଧ ପାଇବାର ଲୋଭ ଦେଖାଇଥିଲେ। ଏହି ଲୋଭରେ ପଡ଼ି ସୁଶାନ୍ତ ପ୍ରଥମେ ୨୦୨୨ ଫେବୃୟାରୀ ୭ରେ ୨ ଲକ୍ଷ ଟଙ୍କା ଓ ଅଗଷ୍ଟ ୨୮ରେ ୧ଲକ୍ଷ ୭୦ ହଜାର ଟଙ୍କା ଜମା କରିଥିଲେ। ଏହିଭଳି ସେ କୋଟିଏ ଟଙ୍କା ଜମା କରିଥିଲେ। ହେଲେ ଦେଇଥିବା ସମୟ ମଧ୍ୟରେ ସଂସ୍ଥା ସୁଧ କିମ୍ବା ମୂଳ ଦେଇ ନ ଥିଲା। ଶେଷରେ କଲିକତାରେ ଦିଆଯାଇଥିବା ଠିକଣାରେ ପହଞ୍ଚିଥିଲେ ମଧ୍ୟ ସେଠାରେ କିଛି ଅଫିସ୍ ନ ଥିବା ଦେଖିବାକୁ ମିଳିଥିଲା।

**ଭାଜପାର ମିଶ୍ରଣ ପର୍ବ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ମଣ୍ଡଳ ଜୋନ୍-୩୬ ଆନୁକୂଲ୍ୟରେ ବାଉଁଶପୁଟ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ସହ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବାଉଁଶପୁଟ, ପାଳପୁଟ ଓ ଓଡ଼ିଆ, ବିଷ୍ଣୁପୁର, ମଣିପୁର, ଗଉଡପଦା, ଖଜୁରିପଦା ଓ ମଧୁପୁରର ୩୦୦ରୁ ଊର୍ଦ୍ଧ୍ୱ ମହିଳା ଭାଜପାରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶୁଭ୍ରାଂଶୁ ମୋହନ ପାଢ଼ୀ, ଅତିଥିଭାବେ ପ୍ରସନ୍ନ ସ୍ୱାଇଁ, ପ୍ରଣବ ମହାପାତ୍ର ଓ ରଞ୍ଜନା ସାହୁ ଯୋଗଦେଇ ଦଳୀୟ ଟୋପି ପିନ୍ଧାଇ ଭାଜପରେ ସାମିଲ କରିଥିଲେ।

## ସଂକ୍ଷେପରେ

### ଟାଟା ପାୱାର ବିରୋଧରେ ଜନସ୍ୱାର୍ଥ ମାମଲା

କଟକ,୩୦।୧୨(କାର୍ତ୍ତିକ ସାହୁ)

ରାଜ୍ୟରେ ବିଦ୍ୟୁତ୍ ଶକ୍ତି ବଣ୍ଟନ କାର୍ଯ୍ୟ କରୁଥିବା ଟାଟା ପାୱାର ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଙ୍ଗଳବାର ରୁଜୁ ହୋଇଛି। ଉପଭୋକ୍ତାଙ୍କ ମିଟର ଠିକ୍ ଥିବା ସତ୍ତ୍ୱେ ଜବରଦସ୍ତ ସେମାନଙ୍କ ଘରେ ସ୍ମାର୍ଟ ମିଟର ଲଗାଇବା ଏବଂ ଅତିରିକ୍ତ ସୁରକ୍ଷା ଜମାରାଶିକୁ ବିରୋଧ କରାଯାଇଛି। କମ୍ପାନୀ ମନଇଚ୍ଛା କରୁଥିବା ଏହି କାର୍ଯ୍ୟକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଆଇନ ଏବଂ ଓଡ଼ିଶା ବିଦ୍ୟୁତ୍ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରାଯାଇଥିବା ନେଇ ମଧ୍ୟ ଆବେଦନରେ ଦର୍ଶାଯାଇଛି। ଭଏସ୍ ଅଫ୍ କଟକ ପକ୍ଷରୁ ଏହି ମାମଲାରେ ଶକ୍ତି ସଚିବ, ଟାଟା ପାୱାର ଏବଂ ଓଇଆର୍‌ସି ପକ୍ଷଭୁକ୍ତ କରାଯାଇଛି। ସୂଚନାନୁସାରେ, ଟାଟା ପାୱାର କମ୍ପାନୀ ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ପାଇଁ ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନୋଟିସ ଦେବା ପରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ପ୍ରସଙ୍ଗରେ ରାଜନୀତି ମଧ୍ୟ ଜୋର ଧରିଛି। ବିରୋଧୀ ବିଜେଡି ଓ କଂଗ୍ରେସ, ଉପଭୋକ୍ତା ମହାସଂଘ ସହିତ ବୁଦ୍ଧିଜୀବୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିରୋଧ ପ୍ରଦର୍ଶନ କରିବା ସହ ପ୍ରତ୍ୟାହାର ପାଇଁ ଓଇଆର୍‌ସି ଓ ଟାଟା ପାୱାର ନିକଟରେ ଦାବି କରିଛନ୍ତି।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜୟୀ

ବାଙ୍କୀ,୩୦।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକମାନଙ୍କ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉକ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୭୩ରନ ସଂଗ୍ରହ କରିଥିଲା। ପରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ୬ ଓଭରରେ ୭୪ରନ କରି ବିଜୟ ଲାଭ କରିଥିଲା। ମ୍ୟାଚ୍‌ରେ ବିଜେତା ଦଳର ଅଧ୍ୟାପକ ଆଶିଷ କୁମାର ପାଢ଼ୀ ୨ଓଭର ବୋଲିଂ କରି ୫ରନ୍ ବିନିମୟରେ ୪ଟି ୱିକେଟ୍ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିବା ବେଳେ ବିପ୍ରବର ରାଉତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ବିବେଚିତ ହୋଇଥିଲେ। ବାଙ୍କୀ କଲେଜ କ୍ରୀଡ଼ା କ୍ଲବ ଉପସଭାପତି ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ ଏହି ଖେଳକୁ ପରିଚାଳନା କରିଥିଲେ।

# ୪ ମାସରେ କାମ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ

**ମା' ଚର୍ଚ୍ଚିକା ପୀଠ**

- ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କଲେ ବିଧାୟକ
- ୫ କୋଟି ଟଙ୍କାର ଅନୁଦାନ ସତ୍ତ୍ୱେ କାମ ବିଳମ୍ବ

ବାଙ୍କୀ,୩୦।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀର ଇଷ୍ଟଦେବୀ ମା' ଚର୍ଚ୍ଚିକା ମନ୍ଦିର ଉନ୍ନୟନ ପାଇଁ ତତ୍କାଳୀନ ସରକାର ୫ କୋଟି ଟଙ୍କାର ଅନୁଦାନ ଦେଇଥିଲେ ମଧ୍ୟ ଠିକାଦାରମାନେ କାର୍ଯ୍ୟରେ ବିଳମ୍ବ କରୁଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କୁ ସବୁପ୍ରକାର ସହଯୋଗ ଯୋଗାଇଦେବା ସତ୍ତ୍ୱେ ମଧ୍ୟ ନିର୍ମାଣ କାର୍ଯ୍ୟରେ ମନ୍ଥର ଗତି ହେଉଥିବାରୁ ବିଧାୟକ ଓ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ସେବାୟତମାନେ ଅଭିଯୋଗ କରିଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ କଟକ ଏମ୍‌ପି ଓ ବାଙ୍କୀ ବିଧାୟକଙ୍କୁ ସାକ୍ଷାତ୍ କରାଯାଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ବାରମ୍ବାର ଦାବି କରାଯାଉଥିଲା। ଏହି ପରିପ୍ରେକ୍ଷୀରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମଙ୍ଗଳବାର ମନ୍ଦିର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି।



ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ସେବାୟତମାନେ।

ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତି, ଉପଖଣ୍ଡ ରାସ୍ତା ଓ କୋଠାବାଡ଼ି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପୁଲସ୍ତ ରାଉତଙ୍କ ଉପସ୍ଥିତିରେ ସେବାୟତ ତଥା ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏହି ବୈଠକରେ ଆଗାମୀ ୧ମାସ ମଧ୍ୟରେ ମନ୍ଦିର ଚତୁଃପାର୍ଶ୍ୱର ପରିକ୍ରମା ବେଢ଼ା ସମ୍ପ୍ରସାରଣ କରିବା ସହ ମାଟି ଫିଲିଂ ଓ ଅନ୍ୟାନ୍ୟ କାର୍ଯ୍ୟ ଆଗାମୀ ୪ ମାସ ମଧ୍ୟରେ ସାରିବାକୁ ଠିକାଦାରଙ୍କୁ ଫୋନ ମାଧ୍ୟମରେ ଅବଗତ କରାଯାଇଥିଲା। ଅଧୀକ୍ଷଣଯନ୍ତ୍ରୀ ପ୍ରତ୍ୟକ୍ଷ ଭାବରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଲକ୍ଷ୍ୟ କରି କାର୍ଯ୍ୟ କରିବା ପାଇଁ ବିଧାୟକ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଉପନଗରପାଳ ସନ୍ତୋଷ କୁମାର ରଣା, ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, କାଉନ୍‌ସିଲର ସନାତନ ବେହେରା, ପରିଚାଳନା କମିଟି ସମ୍ପାଦକ ନୀଳମଣି ମହାପାତ୍ର, ବିଜୟ କୁମାର ରଣା, ବେଣୁଧର ରଣା, ସଞ୍ଜୟ କୁମାର ରଣା, ବିଦ୍ୟାଧର ରଣା, ପ୍ରଶାନ୍ତ କୁମାର ମହାପାତ୍ର, ଶରତ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ମ୍ବା କ୍ରିକେଟ୍ କ୍ଲବ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଆଠଗଡ଼,୩୦।୧୨ (ସତ୍ୟ ପ୍ରସାଦ ରଥ):

ଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆଠଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ୨ୟ ଶିବଶଙ୍କର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପନ ହୋଇଯାଇଛି। ଏହି ମ୍ୟାଚ୍‌ରେ ମାଣିଆବନ୍ଧ କ୍ରିକେଟ୍ କ୍ଲବକୁ ୭ ଉଇକେଟରେ ପରାସ୍ତ କରି ବଢ଼ମ୍ବା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବଢ଼ମ୍ବା ଦଳ ମାଣିଆବନ୍ଧ କ୍ରିକେଟ କ୍ଲବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ମାଣିଆବନ୍ଧ ଦଳର ଜଟାଧାରୀ ରାଉତ ଦ୍ରୁତ ୧୯ ବଲରୁ ୩୮ ଓ ଲିଟନ ସ୍ୱାଇଁଙ୍କ ୧୮ ବଲରୁ ୩୯ରନ ସତ୍ତ୍ୱେ ନିର୍ଦ୍ଧାରିତ ୨୦ ଓଭରରୁ ମାତ୍ର ୧୮.୨ରେ ସମସ୍ତ ଉଇକେଟ ହରାଇ ୨୧୪ ରନ କରିଥିଲା। ବଢ଼ମ୍ବା ଦଳ ପକ୍ଷରୁ ସୁଜିତ ରାଉତ ୩ ଉଇକେଟ ଅକ୍ତିଆର କରିଥିଲେ। ପରେ ବଢ଼ମ୍ବା ଦଳ ଦେବୀ ପ୍ରସାଦ ସନ୍ତରାଙ୍କ ଧୂଆଁଧାର ୪୮ ବଲରୁ ୧୧୨ ରନ, ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଦ୍ରୁତ ୨୯ ବଲରୁ ୬୭ରନ୍ ସହାୟତାରେ ୨୩ ବଲ ବାକିଥାଇ ୨୧୫ ରନ୍ କରି ବିଜୟ ହାସଲ କରିଥିଲା। ଧୂଆଁଧାର ଶତକ ପାଇଁ ବଢ଼ମ୍ବା ଦଳର ଦେବୀ ପ୍ରସାଦ ସନ୍ତରାଙ୍କୁ ଫାଇନାଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ସମସ୍ତ ମ୍ୟାଚ୍ ଉନ୍ନତ ପ୍ରଦର୍ଶନ ପାଇଁ ବଢ଼ମ୍ବା ଦଳର ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ମାଣିଆବନ୍ଧ ଦଳ ଜଟାଧାରୀ ରାଉତଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଆକାଶ ପରିଡ଼ାଙ୍କୁ ଶ୍ରେଷ୍ଠ ବୋଲର ରୂପେ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଦ୍ୱିତୀୟ ଶିବଶଙ୍କର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାମାଜିକ କର୍ମୀ ସଦାନନ୍ଦ ପଟ୍ଟନାୟକ, କ୍ରୀଡ଼ା ସଂଗଠକ ପ୍ରଭାକର ପଟ୍ଟନାୟକ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଉପାଧ୍ୟକ୍ଷ ବିଶୁଭ୍ର ଶଙ୍କର ଜ୍ୟୋତି ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିବା ସହ ବରିଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଷ୍ଟାର କ୍ଲବ ସଭାପତି ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅଜିତ୍ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଆଠଗଡ଼,୩୦।୧୨(ସତ୍ୟ ପ୍ରସାଦ ରଥ): କଟକ ଜିଲା ୱାନ ବାଟାଲିୟନ ମେଡିକାଲ ୟୁନିଟ୍ ପକ୍ଷରୁ ଆଠଗଡ ଖୁଣ୍ଟୁଣୀସ୍ଥିତ ରାଧାନାଥ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ଧରି ଚାଲୁଥିବା ଏହି ଶିବିରରେ ୩ଟି ଜିଲାର ୪୦୦ରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଶିବିରର କ୍ୟାଡେଟମାନଙ୍କୁ କିଭଳି ଦେଶମାତୃକାର ସେବା କରିବ ଏବଂ ଦେଶର ହିତ ପାଇଁ କାମ କରିବ ସେ ବିଷୟରେ ଉପଦେଶ ଦେଇଥିଲେ। ମେଜର ଆଶୁତୋଷ ତ୍ରିପାଠୀ, କଲେଜ ଅଧ୍ୟକ୍ଷ ଶଶିଭୂଷଣ ମିଶ୍ରଙ୍କ ସହ ମେଡିକାଲ ଆସିଷ୍ଟାଣ୍ଟ ଅଫିସର ଶୁଭେନ୍ଦୁ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କୁନ୍ତଳା ବେଉରା, ରୀନାଞ୍ଜଳି ପରିଡା, ପ୍ରିୟଦର୍ଶିନୀ ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରକାଶ କୁମାର ସିଂ, ସୁଜିତ କୁମାର ପ୍ରଧାନଙ୍କ ସହ ୧(୦) ମେଡିକାଲ ସିଓ୍ୱାଇ ଏନସିସିର ସମସ୍ତ ଅଧିକାରୀ ଓ କଲେଜର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲ। ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଡ୍ରିଲଠାରୁ ଆରମ୍ଭ କରି ବିଭିନ୍ନ ସଚେତନତା ରାଲି, ବନ୍ଧୁକ ଚାଳନା, ବିଭିନ୍ନ କୌଶଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି ଅନେକ ପ୍ରଶିକ୍ଷଣ ଏହି ପ୍ରଶିକ୍ଷାର୍ଥୀଙ୍କୁ ଦେବା ସହ ସେମାନଙ୍କ ଭିତରେ ଚୟନ କରି ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଗ୍ରାମାଞ୍ଚଳ ଭଳି ଜାଗାରେ କ୍ୟାମ୍ପ କରିବା ସହ ଏହି ଅଞ୍ଚଳର ପିଲାଙ୍କ ଉନ୍ନତି ଲାଗି ଖୁଣ୍ଟୁଣୀ ରାଧାନାଥ ବିଜ୍ଞାନ ମହାବିଦ୍ୟାଳୟରେ ଏହିବର୍ଷଠାରୁ ଏନ୍‌ସିସି ଶାଖା ଖୋଲିବା ପାଇଁ ବାଟାଲିୟନ ଅଧିକାରୀ ଘୋଷଣା କରିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ଜ୍ୟୋତିପ୍ରକାଶ



@ ପ୍ରଭାତ



@ ପୁରୁଷୋତ୍ତମ



@ ରାଜା



@ ଟ୍ୱିଙ୍କିଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଜିରୋ ନାଇଟ୍: ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ତ୍ରିଶୂଳିଆ,୩୦।୧୨ (ତୁଷାର କାନ୍ତ ବେହେରା):

ନୂଆ ବର୍ଷ ଲାଗି ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ ବଢ଼ି ଚାଲିଛି। ବିଭିନ୍ନ ଆପରାଧିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ସାବାଡ଼ କରିବାକୁ ପିସିଆର ଅଣ୍ଟା ଭିଡ଼ିଛି। ବୁଧବାର ଜିରୋ ନାଇଡ୍ ପାଳିବେ ରାଜ୍ୟବାସୀ। ଏହାକୁ ଲକ୍ଷ୍ୟ ରଖି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଏଭଳି ସୁରକ୍ଷା ବ୍ୟବସ୍ଥା ହୋଇ ନ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ରହିଛି। ଏସବୁ ଅଞ୍ଚଳରେ ପ୍ରାୟ ୧୦୦ରୁ ଅଧିକ ଜାତୀୟ, ଅନ୍ତର୍ଜାତୀୟ କମ୍ପାନୀ ରହିଥିବାବେଳେ ଏକାଧିକ ୟୁନିଭର୍ସିଟି ମଧ୍ୟ ରହିଛି। ଏହା ମଧ୍ୟରେ ଓମ୍‌ଫେଡ୍, ଜକି, ଭାରତ ମସଲା, ଅମ୍ବ୍ରୋଲ ଆଦି କମ୍ପାନୀରେ ଅନେକ ଶହ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ଏହି ଅଞ୍ଚଳରେ ବହୁ ରେଷ୍ଟୁରାଣ୍ଟ, ବିଦେଶୀ ମଦ ଦୋକାନ ମଧ୍ୟ ଖୋଲାଯାଇଛି। ଏହି ଅଞ୍ଚଳରେ ଦୈନନ୍ଦିନ କିଛି ନା କିଛି ଅପରାଧ ଘଟୁଛି। ଏହାକୁ ରୋକିବା ପାଇଁ ଗୋଡ଼ିସାହି ଫାଣ୍ଡି ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ନୂତନଭାବେ ଯୋଗଦେଇଥିବା ଗୋଡ଼ିସାହି ଫାଣ୍ଡି ପକ୍ଷରୁ ୨୪ଘଣ୍ଟା ପାଟ୍ରୋଲିଂ କରାଯାଉଛି। ପୋଲିସ ପକ୍ଷରୁ ମଦ ଦୋକାନ ଉପରେ ବାରମ୍ବାର ଚଢ଼ାଉ କରାଯାଉଛି। ନିକାଞ୍ଚନ ସ୍ଥାନରେ ସଂଘବଦ୍ଧ ହୋଇ ବସିଥିବା ଯୁବକମାନଙ୍କ କାର୍ଯ୍ୟକଳାପ ଯାଞ୍ଚ କରାଯାଉଛି। ୟୁନିଭର୍ସିଟି ପାଖ ପାହାଡ଼ ଉପରେ ବାରମ୍ବାର ଚଢ଼ାଉ କରାଯାଉଛି। ସନ୍ଦେହ ଘେରରେ ଯିଏ ବି ଆସିଲା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହା ସତ୍ତ୍ୱେ ଜିରୋ ନାଇଟ୍ ଉତ୍ସବ ଓ ନବବର୍ଷ ପାଳନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଆପରାଧିକ କାର୍ଯ୍ୟକଳାପ ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବାରଙ୍ଗ ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୋମ୍ୟଶ୍ରୀ ଆଶୁତୋଷ ପାଣି କହିଛନ୍ତି, ୩୧ ତାରିଖରୁ ନୂଆବର୍ଷ ପାଇଁ ଉତ୍ସବ ଆରମ୍ଭ ହେଉଥିବାରୁ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

**ଚାଲିଛି ୨୪ଘଣ୍ଟିଆ ପାଟ୍ରୋଲିଂ**

### ମା' ଯୋଗେଶ୍ୱରୀ କପ୍ ଫାଇନାଲରେ ଶିମିଳିପାଟଣା

ତିଗିରିଆ,୩୦।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତସ୍ଥିତ ଗୋଡିଝରିଆ ଗ୍ରାମର ମା' ଯୋଗେଶ୍ୱରୀ କ୍ଲବ ତରଫରୁ ୨୫ ତମ କପ୍ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚରେ ଧୀରପାଟଣା କ୍ରିକେଟ କ୍ଲବକୁ ୩ ଉଇକେଟରେ ପରାସ୍ତ କରି ଶିମିଳିପାଟଣା କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଧୀରପାଟଣା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଶିମିଳିପାଟଣା ମାତ୍ର ୭ଟି ଉଇକେଟ ହରାଇ ୧୫୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଆଠଗଡ ନିର୍ବାଚନ ମଣ୍ଡଳୀର ସାମାଜିକ କର୍ମୀ ତଥା ଆଠଗଡ ବିକାଶ ମଞ୍ଚର ସଭାପତି ମାନସ ରଞ୍ଜନ ବହିଆ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଶିମିଳିପାଟଣା ଦଳର ଖେଳାଳି ବିଜୁ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ସଂଗ୍ରାମ ବେହେରା ଓ ମିଟୁ ସାହୁ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଭଙ୍ଗା ଡ୍ରେନ୍‌ରୁ ବାହାରୁଛି ଆବର୍ଜନା ଜଳ: ଲୋକେ ହନ୍ତସନ୍ତ



ମଣିମା ତୋଟାଠାରେ ଡ୍ରେନ୍ ପାଣି ରାସ୍ତାରେ ବହୁଛି।

ତିଗିରିଆ, ୩୦।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଈପୁର ଓ ବିନ୍ଧାଣିମା ପଞ୍ଚାୟତର ମଣିମାତୋଟା ଠାରେ ଖୁଣ୍ଟୁଣୀ-ନରସିଂହପୁର ୬୫ ନଂ.ରାଜ୍ୟ ରାଜପଥରୁ ଆବର୍ଜନା ଜଳ ବାହାରୁଛି। ଭଙ୍ଗା ଡ୍ରେନ ଯୋଗୁ ରାସ୍ତା ଉପରେ ଏହି ଜଳ ପ୍ରବାହିତ ହେଉଛି। ଏହାସତ୍ତ୍ୱେ ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା ସାଜିଛି।

ନୂଆପାଟଣା ବଜାରରୁ ୬୫ନଂ.ରାଜପଥର ଉତ୍ତର ପାର୍ଶ୍ୱଦେଇ ଡ୍ରେନ ଯାଇଛି। ଏକାଧିକ କୋଟି ଟଙ୍କା ବ୍ୟୟରେ ଉକ୍ତ ଡ୍ରେନ ନିର୍ମାଣ କରାଯାଇଥିଲା। ନିମ୍ନମାନର ଡ୍ରେନ୍ କାମସହ ରକ୍ଷଣାବେକ୍ଷଣ ଅଭାବରୁ ମଣିମା ତୋଟାଠାରେ ୨୦୦ ମିଟର ପର୍ଯ୍ୟନ୍ତ ଉତ୍ତର ପାର୍ଶ୍ୱ ଡ୍ରେନ୍ ଭାଙ୍ଗିଯାଇଛି। ଡ୍ରେନ ଉପରେ ପଡ଼ିଥିବା ସ୍ଲାପଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଯାଇଛି। ଫଳରେ ନୂଆପାଟଣା ବଜାର ସହ ବିଭିନ୍ନ ସାହିର ଘରମାନଙ୍କରୁ ବାହାରୁଥିବା ଆବର୍ଜନା ଜଳ ଡ୍ରେନ ମାଧ୍ୟମରେ ଆସି ଉପରୋକ୍ତ ରାଜପଥରେ ପ୍ରବାହିତ ହେଉଛି। ଫଳରେ ପୂର୍ତ୍ତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଉକ୍ତ ଜଳ ରାସ୍ତାରେ ବୋହୁଥିବାରୁ ରାସ୍ତା ମୋଟା ବହଳର ଶିଉଳି ପଡ଼ିଛି। ଏଥିଯୋଗୁ ଅନେକ ସମୟରେ ୨ ଚକିଆ ଗାଡି ଖସିଯାଉଥିବାରୁ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ଥିବାରୁ ସେଠାରେ ଆବର୍ଜନା ପାଣି ଜମି ରହିଛି। ଅନେକ ସମୟରେ କାର ଅବା ଭାରିଯାନ ଉକ୍ତ ରାସ୍ତାରେ ଗଲାବେଳେ ଆର୍ବଜନା ଜଳ ଛିଟିକି ପଥଚାରୀ, ସାଇକେଲ, ମୋଟର ସାଇକେଲ ଆରୋହୀ ଉପରେ ପଡୁଛି। ଏନେଇ ଯାତ୍ରୀମାନେ ତୀବ୍ର ଅସନ୍ତୋଷବ୍ୟକ୍ତ କରିଛନ୍ତି।

**ନୀରବଦ୍ରଷ୍ଟା ସାଜିଛି ପୂର୍ତ୍ତ ବିଭାଗ**

ଏ ସମ୍ପର୍କରେ ତିଗିରିଆ ବ୍ଲକ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ବେହେରାଙ୍କୁ ପଚାରିବାରେ ଉକ୍ତ ଡ୍ରେନକୁ ଏବେ ନିର୍ମାଣ କିମ୍ବା ମରାମତି କରିବା ପାଇଁ ଯୋଜନା ନାହିଁ, ଯଦି ସୁବିଧା ହୁଏ ଦେଖିବା ବୋଲି କହିଛନ୍ତି।

# ୨୧ହଜାର ମେଟ୍ରିକ ଟନ୍ ଫସଲ ଅମଳ ଲକ୍ଷ୍ୟ

## ରବି ଫସଲ କୃଷି ରଣନୀତି କମିଟି ବୈଠକ

■ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ୬୩୭୩ ବଣ୍ଟନ କରାଯାଇଛି


ଜିଲାସ୍ତରୀୟ ରବି ଫସଲ କୃଷି ରଣନୀତି କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲରେ ରବି ଫସଲ ୨୦୨୫-୨୬ ବର୍ଷ ନିମନ୍ତେ ଜିଲାସ୍ତରୀୟ କୃଷି ରଣନୀତି କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ପାୱାର ପଏଣ୍ଟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ଏପ୍ରିଲରୁ ଅକ୍ଟୋବର ୨୦୨୫ରେ ବର୍ଷାର ପରିମାଣ ୧୩୦୮.୫ ମିଲିମିଟର ଥିଲା। ଖରିଫ ୨୦୨୪-୨୦୨୫ ଋତୁରେ ଧାନ, ମକା, ମାଣ୍ଡିଆ, ଡାଲି ଜାତୀୟ ଶସ୍ୟ, ପନିପରିବା, ମସଲା ଯୁକ୍ତ ଓ ଆଖୁ ଚାଷ ମୋଟ ୧୮,୪୮୦ ମେଟ୍ରିକ ଟନ ଉତ୍ପାଦ ମିଳିଥିଲା। ସେହିପରି ରବି ଋତୁ ୨୦୨୫-୨୬ ବର୍ଷରେ ଧାନ, ମକା, ବାଜରା, ଆଖୁ, ଡାଲି, ମସଲା, ପନିପରିବା ଆଦିକୁ ମିଶାଇ ମୋଟ୍ ୨୧ହଜାର ମେଟ୍ରିକ ଟନ ଫସଲ ଅମଳ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ୨୦୨୫ବର୍ଷରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ୮୮୪୫ ପ୍ରସ୍ତୁତ କରାଯାଇ ୬୩୭୩ ବଣ୍ଟନ କରାଯାଇଛି। ରବି ଫସଲକୁ ସମ୍ପୂର୍ଣ୍ଣ ଭାବେ ଜିଲାରେ ସଫଳ କରିବା ପାଇଁ ଚାଷୀମାନଙ୍କୁ ୪୧୩୦୦.୦୦ଲକ୍ଷ ଋଣ ପ୍ରଦାନ କରାଯିବ। କୃଷି, ଉଦ୍ୟାନ କୃଷି, ଜଳସେଚନ, ଉଠା ଜଳସେଚନ, ପ୍ରାଚୀ ଖଣ୍ଡ ଜଳସେଚନ, ମୃତ୍ତିକା ସଂରକ୍ଷଣ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ଜିଲାରେ ଶିକ୍ଷା, ସୂଚନା ଓ ଯୋଗାଯୋଗ (ଆଇସି) କ୍ୟାମ୍ପ କରାଇ ମସଲା ଜାତୀୟ କୃଷି ବୃଦ୍ଧି କରିବା ଦିଗରେ ଅତିରିକ୍ତ ଜିଲାପାଳ ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧରିତ୍ରୀ ମାତା ବଚାଓ ଅଭିଯାନ, ବିପଣନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମାର୍କଫେଡ କାର୍ଯ୍ୟଧାରା, ଶ୍ରୀଅନ୍ନ ଅଭିଯାନ, କ୍ଲଷ୍ଟରସ୍ତରୀୟ ମୁଗ, ବିରି ପ୍ରଦର୍ଶନ, କୃଷି ମେଳା ଓ ପ୍ରଦର୍ଶନୀ, କୃଷକ ପଞ୍ଜୀକରଣ, ରବି ଋତୁରେ ଶସ୍ୟ ପ୍ରଦର୍ଶନୀ, କୃଷି ସୁରକ୍ଷା କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଅମୃତ ଅନ୍ନ ଅଭିଯାନ, ସମନ୍ୱିତ କୃଷି ପଦ୍ଧତି, ଛତୁ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା ରଣନୀତି ସମ୍ବନ୍ଧରେ ବିଭାଗୀୟ ସମୀକ୍ଷା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକର କୃଷି ଅଧିକାରୀ, ଜଳସେଚନ ବିଭିନ୍ନ ବିଭାଗର ଅଧିକାରୀ,ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ଯନ୍ତ୍ରୀ, ଜିଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ସାଇକେଲ ଶୋଭାଯାତ୍ରାରେ ପକ୍ଷୀ ସୁରକ୍ଷା ସଚେତନତା



ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବାହାରିଥିବା ପକ୍ଷୀ ସୁରକ୍ଷା ସଚେତନତା ଶୋଭାଯାତ୍ରା।

**ଟାଙ୍ଗୀ,୩୦।୧୨(ରଘୁନାଥ ସାହୁ)**

ଟାଙ୍ଗୀ ନିକଟ ମଙ୍ଗଳାଯୋଡ଼ି ପ୍ରକୃତି ବିହାର ଅଞ୍ଚଳରେ ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ମୁକ୍ତେଶ୍ୱର ବନ୍ୟପ୍ରାଣୀ କାର୍ଯ୍ୟାଳୟଠାରୁ ବାହାରି ମଙ୍ଗଳାଯୋଡ଼ି ଜେଟି ପର୍ଯ୍ୟନ୍ତ ଯାଇଥିଲା। ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଲାନ ନାୟକ, ଟାଙ୍ଗୀ ରେଞ୍ଜର ଚିତ୍ରସେନ ଜେନା, ବରିଷ୍ଠ ଆଇନଜୀବୀ ସଞ୍ଜୟ ଅଗ୍ରୱାଲା, ପରିବେଶବିତ୍ ଧନେଶ୍ୱର ବିଧାର, ସାମାଜିକ କର୍ମୀ ବିଜୟ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଗଛରୁ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

**ବେଗୁନିଆ,୩୦।୧୨ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ଗ୍ରାମ ନିକଟ ଏକ ଆମ୍ବଗଛ ଡାଳରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଗେଡ଼ିଆପଲ୍ଲୀ ପଞ୍ଚାୟତର ସାମୁକାପାଟଣା ଗ୍ରାମର ଶିବ ପ୍ରସାଦ ବେହେରା(୪୧)। ପରକୀୟା ପ୍ରୀତିକୁ ନେଇ ଶିବପ୍ରସାଦଙ୍କୁ ହତ୍ୟା ପରେ ଗଛରେ ଝୁଲାଇ ଦିଆଯାଇଛି ବୋଲି ସ୍ତ୍ରୀ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୧୩/୨୫) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗେଡ଼ିଆପଲ୍ଲୀ ଗ୍ରାମ ନିକଟରେ ଥିବା ଏକ ବଗିଚାର ଆମ୍ବଗଛ ଡାଳରେ ଶିବଙ୍କ ମୃତଦେହ ଝୁଲୁଥିବା ସୂଚନା ମିଳିଥିଲା। ସାଇଣ୍ଟିଫିକ ଟିମ୍ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ଯେ, ଘଟଣାର ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

**ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)**

ବରୁଣେଇ ସାମନ୍ତରାପୁର ରୋଡ୍‌ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରୁ ମଙ୍ଗଳବାର ଶିଳ୍ପାଞ୍ଚଳ ଥାନା ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ମାଣିବନ୍ଧର ସୁଶାନ୍ତ କୁମାର ପାଇକରାୟ ଓରଫ କାଲୁ (୩୬)। ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ସୂଚନା ମୁତାବକ, ବରୁଣେଇ ସାମନ୍ତରାପୁର ରୋଡ୍‌ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରେ ସୁଶାନ୍ତ ବ୍ରାଉନ୍‌ସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ଚଢ଼ାଉ କରି ସୁଶାନ୍ତଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ। ଏନେଇ ଏସ୍‌ଆଇ ମହାନ୍ତିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୩୧୩/୨୫) ରୁଜୁ ପରେ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ଆଇ ସ୍ୱାଗତିକା ଦାସ ଏହାର ତଦନ୍ତ ଦାୟିତ୍ୱରେ ରହିଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ମହାନ୍ତିଙ୍କ ସମେତ ଏଏସ୍‌ଆଇ ଭଗବାନ ସ୍ୱାଇଁ, ହାବିଲଦାର ବି.କେ. ପ୍ରତାପ ସିଂହ, କନ୍‌ଷ୍ଟେବଲ ପ୍ରଦୀପ କୁମାର ହରିଚନ୍ଦନ, କନ୍‌ଷ୍ଟେବଲ ଗୋପୀନାଥ ମଙ୍ଗରାଜ, ବିଜୟ କହଁର ପ୍ରମୁଖ ସାମିଲ ହୋଇଥିଲେ।

# 'ଭଲ ପାଠପଢ଼ି ବିଦ୍ୟାଳୟର ଟେକ ରଖ'



ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ନିରାକାରପୁର,୩୦।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଦୁଃଶାସନ ଗୁମାନସିଂହ, ମୁଖ୍ୟ ବକ୍ତା ବିଜେବି କଲେଜ ଇଂଲିଶ ଅଧ୍ୟାପକ ଗିରିଜାକାନ୍ତ ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢ଼ି ବିଦ୍ୟାଳୟ ସହିତ ଦେଶର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇତିହାସ ବିଭାଗ ଅଧ୍ୟାପକ କିଶୋର କୁମାର ସାହୁ ଯୋଗଦେଇ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଇଂଲିଶ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାରେ ବାଳକ ବିଭାଗରେ ଜୟଦେବ ସ୍ୱାଇଁ ଏବଂ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ପାତ୍ର ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଉଚ୍ଚ ବିଦ୍ୟାଳୟର ଅଧ୍ୟାପକ ଅଶୋକ ମଲ୍ଲିକ, ଅଧ୍ୟାପକ ଜଗତଜ୍ୟୋତି ମିଶ୍ର, ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ, ଅଧ୍ୟାପିକା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ନରୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୨୪ ଗୋରୁ ଉଦ୍ଧାର, ୪ ଅଟକ

**ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ୨୪ ଗୋରୁଙ୍କୁ ଉଦ୍ଧାର କରିବା ସହ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ କଟକ ଜିଲା ତାଳବସ୍ତରୁ ୨୪ଗୋରୁଙ୍କୁ ଖୋର୍ଦ୍ଧା ଉପକଣ୍ଠ ତରତୁଆ ଶରଧାପୁର ଅଭିମୁଖେ ଜଙ୍ଗଲ ରାସ୍ତା, ଗହିର ଦେଇ ଚଲାଇ ନେଉଥିବା ବେଳୁ ଖବରପାଇ ଖୋର୍ଦ୍ଧା ଜିଲା ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ପହଞ୍ଚି ବଘେଇଟାଙ୍ଗୀ ଗହିରରେ ଧରିବାସହ ଶିଳ୍ପାଞ୍ଚଳ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିଥିଲା। ମଙ୍ଗଳବାର ବଜରଙ୍ଗ ଦଳର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଉଦ୍ଧାର ଗୋରୁଙ୍କ ପ୍ରାଥମିକ ଚିକିତ୍ସା ପରେ ଖଣ୍ଡପଡା ଗୋଶାଳାକୁ ପଠାଇଥିବା ବେଳେ ୪ଜଣ ଚାଲାଣକାରୀଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ୟୋତିପ୍ରକାଶ


@ ପ୍ରଭାତ


@ ପୁରୁଷୋତ୍ତମ


@ ରାଜା


@ ଟ୍ୱିଙ୍କିଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୨୧ ଅଭିଯୋଗ ଶୁଣିଲେ ଅଧିକାରୀ

**ବେଗୁନିଆ,୩୦।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ ତଥା ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ ଜେନା, ତହସିଲଦାର ତାପସ କୁମାର ବିଶି, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିନୋଦିନୀ ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିତୀଶ ରଥ, ବ୍ଲକ କୃଷି ଅଧିକାରୀ ନାଜିନିନ କୌଶର, ଉଦ୍ୟାନ କୃଷି ଅଧିକାରୀ ଇତିଶ୍ରୀ ବେହେରା, ଜିପିଡିଓ ସୌମ୍ୟ ରଞ୍ଜନ ପ୍ରଧାନ, ଖାଦ୍ୟ ନିରାପତ୍ତା ଅଧିକାରୀ ସାଗରିକା ମହାଳି, ଜଳଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ସରିତା ଦାଶ, ମିଶନ ଶକ୍ତି ରାକେଶ ପଟ୍ଟନାୟକ, ସହକାରୀ ମୁଖ୍ୟ ଅଧିକାରୀ ଚିନ୍ମୟୀ ବେହେରା, ସାମାଜିକ ନିରାପତ୍ତା ଅଧିକାରୀ ପୁଷ୍ପାଞ୍ଜଳି ଖଟେଇଙ୍କ ସମେତ ବିଭିନ୍ନଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ କରିଥିଲେ। ଶିବିରରେ ମୋଟ୍ ୧୨୧ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ହୋଇଥିଲା। ପକ୍କାଘର ଓ ଖାଉଟି କାର୍ଡ ପାଇଁ ସର୍ବାଧିକ ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ସରକାରଙ୍କ ସବୁ ଯୋଜନାର ଷ୍ଟଲ ଖୋଲାଯାଇଥିଲା। ସରପଞ୍ଚ ସତ୍ୟନାରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ସରୋଜ ବରାଳ, ଏଡିଇଓ ଶ୍ରୀକାନ୍ତ ଜେନାଙ୍କ ସମେତ ସମସ୍ତ ୱାର୍ଡମେମ୍ବର ସହଯୋଗ କରିଥିଲେ।


ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଆଇନଶୃଙ୍ଖଳା, ମୌଳିକ ସୁବିଧା ଉପରେ ଗୁରୁତ୍ୱ

## ହଟକେଶ୍ୱରଙ୍କ ମକର ମହୋତ୍ସବ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା/ ବାଘମାରୀ, ୩୦।୧୨ (ପ୍ରଭାତ ପାଣିଗ୍ରାହୀ/ ମିହିର ରଞ୍ଜନ ମହାପାତ୍ର)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପଞ୍ଚାୟତ ଅଧିଷ୍ଠିତ ପ୍ରଭୁ ହଟକେଶ୍ୱର ଦେବଙ୍କ ମକର ମହୋତ୍ସବ ଆସନ୍ତା ଜାନୁଆରୀ ୧୪ରେ ଅନୁଷ୍ଠିତ ହେବ। ଏହି ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଏନେଇ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଦର୍ଶନ, ମକର ମେଳା ଓ ମହୋତ୍ସବ ଆୟୋଜନ, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ବିଧାୟକ ପ୍ରଦୀପ ସାହୁ ସଭାପତିତ୍ୱ କରିଥିଲେ। ଉପଜିଲାପାଳ କିଶୋର କୁମାର ପଣ୍ଡା, ତହସିଲଦାର ତାପସ ବିଶି, ବିଡିଓ ସନ୍ତୋଷ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବାଘମାରୀ ଆଇଆଇସି ସୁଚିତ୍ରା ଜେନାଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଧାକର ସେଠୀ ହଟକେଶ୍ୱର ମକର ମେଳା, ମହୋତ୍ସବ ସମ୍ବନ୍ଧରେ ସୂଚନା ଦେଇଥିଲେ। ରାସ୍ତାଘାଟ ମରାମତି, ମହୋତ୍ସବ ସ୍ଥଳ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ବିଶୁଦ୍ଧ ପାନୀୟଜଳ ଯୋଗାଣ, ଅଗ୍ନିଶମ ସେବା, ଯାନବାହନ ପାର୍କିଂ ଆଦି ଉପରେ ବିଧାୟକ ସାହୁ ସମୀକ୍ଷା କରିଥିଲେ। ମହୋତ୍ସବକୁ ସ୍ମରଣୀୟ କରିବା ନିମନ୍ତେ ବ୍ଲକ ଶିକ୍ଷା ଅଧିକାରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଐତିହ୍ୟ ଓ ସଂସ୍କୃତିମୂଳକ ପ୍ରତିଯୋଗିତା କରାଇବେ। ସେହିପରି ପାନୀୟଜଳ ଟ୍ୟାଙ୍କର, ରାସ୍ତାରେ ପାଣି ସିଞ୍ଚନ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟ ସମ୍ପାଦନ କରିବେ। ବିଭିନ୍ନ ପ୍ରତିଭାକୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ହଟକେଶ୍ୱର ମକର ମହୋତ୍ସବ ଶୁଭ ଖୁଣ୍ଟି ସ୍ଥାପନ ନିମନ୍ତେ ଶୁଭ ଦିନ, ଶୁଭ ସମୟ ପାଞ୍ଜି ଦେଖି ସ୍ଥିର ହେବ। ରାସ୍ତା ଆଲୋକୀକରଣ ଇଲେକ୍ଟ୍ରିକାଲ ଏସଡିଓ କାର୍ଯ୍ୟ ସମ୍ପାଦନ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ ସାମନ୍ତରାୟ, ଦିଲୀପ ମହାପାତ୍ର, ସରପଞ୍ଚ ପ୍ରଶାନ୍ତ ବେହେରାଙ୍କ ସମେତ ବୁଦ୍ଧିଜୀବୀ, ମନ୍ଦିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଭୁ ହଟକେଶ୍ୱରଙ୍କ ମକର ମହୋତ୍ସବ ଶାନ୍ତିଶୃଙ୍ଖଳା, ଭାଇଚାରା ସହକାରେ ସମ୍ପନ୍ନ କରିବାକୁ ବିଧାୟକ ସାହୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।



ପ୍ରସ୍ତୁତି ବୈଠକରେ ବିଧାୟକ ପ୍ରଦୀପ ସାହୁ,ଅଧିକାରୀ ଏବଂ ମହୋତ୍ସବ କମିଟି କର୍ମକର୍ତ୍ତାମାନେ।

# ପାୱାର ଲିଷ୍ଟ ୨୦୨୫

କିଛିବର୍ଷ ଧରି ବିଶ୍ୱରେ ଦେଖିବାକୁ ମିଳିଥିବା ଯୁଦ୍ଧ, ସଂଘର୍ଷ, ଦରଦାମ ବୃଦ୍ଧି, ସାଇବର ଅପରାଧ, ପ୍ରାକୃତିକ ବିପର୍ଯ୍ୟୟ ୨୦୨୫ରେ ଅଧିକ ଭୟାନକ ହୋଇଛି, ଯାହାକି ବହୁ କୋଟି ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଗୁରୁତର ଭାବେ ପ୍ରଭାବିତ କରିଛି। କିଏ ପ୍ରିୟଜନଙ୍କୁ ହରାଇଛି ତ କିଏ ଭିଟାମାଟି, ଜୀବିକା। ଆର୍ଥିକ ଦୁଃସ୍ଥିତି ମଧକୁ ଅନେକେ ଠେଲି ହୋଇଯାଇଛନ୍ତି। ଏସବୁ ଘଟଣାକ୍ରମ ମଧରେ ଆଞ୍ଚଳିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବହୁ ରାଜନୈତିକ ଉତ୍ଥାନ ଓ ପତନ ମଧ ଘଟିଛି। ଏଭଳି ଜଟିଳ, ଆହ୍ୱାନପୂର୍ଣ୍ଣ ସ୍ଥିତିଗୁଡ଼ିକୁ ସମ୍ଭାଳିବା ସମୟରେ ଅନେକ ବ୍ୟକ୍ତି ସେମାନଙ୍କ କାର୍ଯ୍ୟ ପାଇଁ ବେଶ୍ ଚର୍ଚ୍ଚାକୁ ଆସିପାରିଛନ୍ତି। କେତେଜଣ ବ୍ୟକ୍ତି ଜନସାଧାରଣଙ୍କ କଲ୍ୟାଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱର ଉଠାଇ ଶାସକ ବା କର୍ତ୍ତୃପକ୍ଷଙ୍କୁ ଚେତେଇଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶା, ଭାରତ ଏବଂ ବିଶ୍ୱର ବିଭିନ୍ନ କ୍ଷେତ୍ରର ସେହି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ 'ଧରିତ୍ରୀ' ପକ୍ଷରୁ ଏହି ତାଲିକା ବିନା କୌଣସି କ୍ରମ ପ୍ରାଧାନ୍ୟରେ ପ୍ରସ୍ତୁତ କରାଯାଇଛି।

## ରାଜ୍ୟ




ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଅଶ୍ୱିନୀ ବୈଷ୍ଣବ — କେନ୍ଦ୍ରମନ୍ତ୍ରୀ
କନକବର୍ଦ୍ଧନ ସିଂଦେଓ — ଉପମୁଖ୍ୟମନ୍ତ୍ରୀ



ମନମୋହନ ସାମଲ — ଭାଜପା ରାଜ୍ୟ ସଭାପତି
ପ୍ରଭାତୀ ପରିଡ଼ା — ଉପମୁଖ୍ୟମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ — କେନ୍ଦ୍ରମନ୍ତ୍ରୀ
ସୁନୀଲ ବଂଶଲ — ଓଡ଼ିଶା ଭାଜପା କ୍ଷେତ୍ରୀୟ ପ୍ରଭାରୀ



ପୃଥ୍ୱୀରାଜ ହରିଚନ୍ଦନ — ଆଇନମନ୍ତ୍ରୀ
ମୁକେଶ ମହାଲିଙ୍ଗ — ସ୍ୱାସ୍ଥ୍ୟମନ୍ତ୍ରୀ



ସୁରେଶ ପୂଜାରୀ — ରାଜସ୍ୱ ମନ୍ତ୍ରୀ
ଅନୁ ଗର୍ଗ — ନୂଆ ମୁଖ୍ୟ ଶାସନ ସଚିବ



ଭକ୍ତଚରଣ ଦାସ — ପିସିସି ସଭାପତି
ସପ୍ତଗିରି ଶଙ୍କର ଉଲାକା — କୋରାପୁଟ ଏମ୍‌ପି



ସୋଫିଆ ଫିର୍‌ଦୋସ୍ — କଂଗ୍ରେସ ବିଧାୟିକା
ବି.ପ୍ରଭାକରନ — ଶିଳ୍ପପତି

## ଜାତୀୟ



ଗୌତମ ଆଦାନୀ — ଆଦାନୀ ଗ୍ରୁପ୍ ଚେୟାରମ୍ୟାନ
ନରେନ୍ଦ୍ର ମୋଦି — ପ୍ରଧାନମନ୍ତ୍ରୀ
ପି.କେ. ମିଶ୍ର — ପ୍ରମୁଖ ସଚିବ ପିଏମ୍‌ଓ
ଅଶ୍ୱିନୀ ବୈଷ୍ଣବ — କେନ୍ଦ୍ରମନ୍ତ୍ରୀ
ସୋନମ ୱାଙ୍ଗ୍‌ଚୁକ — ଲଦାଖର ପ୍ରମୁଖ ସାମାଜିକ କର୍ମୀ



ମୋହନ ଭାଗବତ — ଆର୍‌ଏସ୍‌ଏସ୍ ସରସଂଘ ଚାଳକ
ନୀତୀଶ କୁମାର — ବିହାର ମୁଖ୍ୟମନ୍ତ୍ରୀ
ମମତା ବାନାର୍ଜୀ — ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ
ଏନ୍.ଚନ୍ଦ୍ରବାବୁ ନାଇଡୁ — ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ
ମୁକେଶ ଅମ୍ବାନୀ — ଆର୍‌ଆଇଏଲ୍ ଚେୟାରମ୍ୟାନ



ଏନ୍. ଚନ୍ଦ୍ରଶେଖରନ୍ — ଟାଟା ଗ୍ରୁପ୍ ଚେୟାରମ୍ୟାନ
ଦତ୍ତାତ୍ରୟ ହୋସ୍‌ବାଲେ — ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହ
ବି.ଏଲ୍. ସନ୍ତୋଷ — ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ)
ନୀତିନ ନବୀନ — ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି
ଏମ୍.କେ. ଷ୍ଟାଲିନ୍ — ତାମିଲନାଡୁ ମୁଖ୍ୟମନ୍ତ୍ରୀ



ହେମନ୍ତ ସୋରେନ — ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ
ଜେନେରାଲ ଅନିଲ ଚୌହାନ — ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍
ନିଖିଲ କାମାଥ — ପ୍ରତିଷ୍ଠିତ ଉଦ୍ୟୋଗୀ
ଅରବିନ୍ଦ ଶ୍ରୀନିବାସ — ପରପ୍ଲେକ୍ସିଟି ଏଆଇ ସିଇଓ
ରାଜ ଶମାନୀ — ଜଣାଶୁଣା ପୋଡ୍‌କାଷ୍ଟର



ଦୀପିକା ପାଦୁକୋନ୍ — ଅଭିନେତ୍ରୀ
ଶଶୀ ଥରୁର୍ — କଂଗ୍ରେସ ଏମ୍‌ପି
ଅଜିତ୍ ଡୋଭାଲ — ଜାତୀୟ ସୁରକ୍ଷା ପରାମର୍ଶଦାତା
ଶାହରୁଖ ଖାନ୍ — ଅଭିନେତା
ଶୁଭାଂଶୁ ଶୁକ୍ଳା — ଭାରତୀୟ ମହାକାଶଚାରୀ



ଥାଲାପାଥି ବିଜୟ — ଅଭିନେତା, ରାଜନେତା
ସିଦ୍ଧାରାମାୟା — କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ
ପ୍ରିୟଙ୍କା ଗାନ୍ଧୀ ଭଦ୍ରା — କଂଗ୍ରେସ ଏମ୍‌ପି
ଚିରାଗ ପାଶ୍ୱାନ — କେନ୍ଦ୍ରମନ୍ତ୍ରୀ, ଏଲ୍‌ଜେପି (ଆର୍‌ଭି) ନେତା
ଧ୍ରୁବ୍ ରାଠୀ — ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର

## ଅନ୍ତର୍ଜାତୀୟ



ଡୋନାଲ୍ଡ ଟ୍ରମ୍ପ — ଆମେରିକା ରାଷ୍ଟ୍ରପତି
ଶି ଜିନ୍‌ପିଙ୍ଗ୍ — ଚାଇନା ରାଷ୍ଟ୍ରପତି
ଭ୍ଲାଡିମିର ପୁଟିନ୍ — ରୁଷିଆ ରାଷ୍ଟ୍ରପତି
ଏଲନ୍ ମସ୍କ — ଟେସ୍‌ଲା ମୋଟର୍ସ ସିଇଓ
ମହମ୍ମଦ ବିନ୍ ସଲମାନ ଅଲ୍ ସୌଦୀ — ସାଉଦି ଆରବ ପ୍ରଧାନମନ୍ତ୍ରୀ



ଟମି ରବିନ୍‌ସନ — ବ୍ରିଟିଶ ଦକ୍ଷିଣପନ୍ଥୀ ନେତା
ମାରିଆ କୋରିନା ମାଚାଡୋ — ନୋବେଲ ଶାନ୍ତି ବିଜୟିନୀ
ସନାଏ ତାକାଇଚି — ଜାପାନ ପ୍ରଧାନମନ୍ତ୍ରୀ
ବେଞ୍ଜାମିନ୍ ନେତାନ୍ୟାହୁ — ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ
କ୍ଲାଉଡିଆ ସେନ୍‌ବାଉମ୍ — ମେକ୍ସିକୋ ରାଷ୍ଟ୍ରପତି



ମାର୍କ ଯୋଶେଫ୍ କାର୍ନେ — କାନାଡା ପ୍ରଧାନମନ୍ତ୍ରୀ
ଅସିମ୍ ମୁନିର୍ — ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍, ପାକିସ୍ତାନ
ଅଲ୍ଲୀ ହୁସେନି ଖାମେନି — ଇରାନ ସୁପ୍ରିମ୍ ଲିଡ୍‌ର
ଅହମ୍ମଦ ହୁସେନ ଅଲ୍-ସାହାରା — ସିରିଆ ରାଷ୍ଟ୍ରପତି
ଲାଇ ଚିଙ୍ଗ୍-ତେ — ତାଇୱାନ ରାଷ୍ଟ୍ରପତି



ଗାବ୍ରିଏଲ୍ ବୋରିକ୍ — ଚିଲି ରାଷ୍ଟ୍ରପତି
ମେଇଟାମେଇ ଓଲୋଲ୍ ଦାପାଶ — କେନିଆର ପ୍ରତିଷ୍ଠିତ ସାମାଜିକ କର୍ମୀ
ଭୋଲୋଡିମିର ଜେଲେନ୍‌ସ୍କି — ୟୁକ୍ରେନ୍ ରାଷ୍ଟ୍ରପତି
ଜିଓର୍ଜିଆ ମେଲୋନି — ଇଟାଲୀ ପ୍ରଧାନମନ୍ତ୍ରୀ
ଫ୍ରିଡ୍ରିକ୍ ମର୍ଜ — ଜର୍ମାନୀ ଚାନ୍ସେଲର



କେର୍ ଷ୍ଟାର୍ମର — ବ୍ରିଟେନ ପ୍ରଧାନମନ୍ତ୍ରୀ
ମହମ୍ମଦ ୟୁନୁସ୍ — ବାଂଲାଦେଶ ସରକାରଙ୍କ ମୁଖ୍ୟ ପରାମର୍ଶଦାତା
ରେସେପ୍ ତୟିପ୍ ଏର୍ଦୋଗାନ୍ — ତୁର୍କୀ ରାଷ୍ଟ୍ରପତି
ଜେ.ଡି. ଭାନ୍ସ — ଆମେରିକା ଉପରାଷ୍ଟ୍ରପତି
ଜୋହରନ୍ ମାମ୍‌ଦାନୀ — ନ୍ୟୁୟର୍କର ନିର୍ବାଚିତ ମେୟର



ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା — ବ୍ରାଜିଲ ରାଷ୍ଟ୍ରପତି
ଟିମ୍ କୁକ୍ — ଆପଲ୍ ସିଇଓ
ମାର୍କ ଜୁକର୍‌ବର୍ଗ — ମେଟା ସିଇଓ
ସାମ୍ ଅଲ୍ଟମ୍ୟାନ — ଓପନ୍‌ଏଆଇ ସିଇଓ
ଫାତିମା ବଶ୍ — ମିସ୍ ୟୁନିଭର୍ସ-୨୦୨୫

# ସଭ୍ୟତାର ପରିଚୟ ଦିଏ କଳା, ସଂସ୍କୃତି

## ୨୨ତମ ବୋଲଗଡ଼ ମହୋତ୍ସବ 'ଆଶା' ଉଦ୍‌ଯାପିତ

**ବୋଲଗଡ଼,୩୦।୧୨(ଦେବବ୍ରତ ହୋତା)**

ସ୍ଥାନୀୟ ମିନି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ୨୨ତମ ବୋଲଗଡ଼ ମହୋତ୍ସବ 'ଆଶା-୨୦୨୫' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନଙ୍କ ବିଭିନ୍ନ ନୃତ୍ୟ ଆକର୍ଷଣ ସାଜିଥିବା ବେଳେ ଅପରାହ୍ନରେ ଡ.ଚନ୍ଦ୍ର ବିଜୟୀ ମିଶ୍ରଙ୍କ ପରିଚାଳନାରେ ପିଲାଙ୍କ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ମହୋତ୍ସବ କମିଟି ସଭାପତି ବିଧାୟକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ମହୋତ୍ସବ ମଞ୍ଚରେ ପ୍ରସ୍ତୁତ ଐତିହ୍ୟ, କଳା ଓ ସଂସ୍କୃତି ଅଞ୍ଚଳର ସଭ୍ୟତାର ପରିଚୟ ଦେଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ପ୍ୟାରୀ ମୋହନ ଦାସ, ଅଶ୍ୱିନୀ ପଟ୍ଟନାୟକ, ଲଲାଟେନ୍ଦୁ କେଶରୀ ସିଂହ, ପ୍ରକାଶ ରାଉତରାୟ, ପ୍ରଫୁଲ୍ଲ ମହାନ୍ତି, ସନାତନ ପାଢଶାଣୀ, କାବୁ ଚମ୍ପତିରାୟ, ଜୟ ଦଳବେହେରା, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ ପରେ ସମ୍ପାଦକ ନାରାୟଣ ମାର୍ଥା ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭା ମଧ୍ୟରେ ମହୋତ୍ସବର ମୁଖପତ୍ର 'ସ୍ମରଣିକା' ଉନ୍ମୋଚିତ ହୋଇଥିଲା। ସମ୍ବର୍ଦ୍ଧନା ବିଭାଗରେ ଶିକ୍ଷା ପାଇଁ ଯାଜ୍ଞସେନୀ ସାହୁ, ସାଇଶ୍ଳୋକ ବାରିକ (କ୍ରୀଡ଼ା), ପ୍ରଶାନ୍ତ କୁମାର ଚାନ୍ଦ(ସଂସ୍କୃତି), କାର୍ତ୍ତିକ ସ୍ୱାଇଁ(ଖବରଦାତା), ମନୋଜ କୁମାର ସାହୁ(କବି), ଅମ୍ଳାନ ଅମିତ ପ୍ରିୟଦର୍ଶନ (ଏନ୍‌ସିସି କ୍ୟାଡେଟ୍), ହିତେଶ କୁମାର ଚୌଧୁରୀ (ଏଲଇଡି ଭିଜନ), ବିରଞ୍ଚି ପ୍ରଧାନ(ଶ୍ରେଷ୍ଠ ସୂର୍ଯ୍ୟଘର), ଶ୍ରେଷ୍ଠ ସମବାୟସମିତି (ମଣିକାଗୋଡା)କୁ ବୋଲଗଡ଼ ସମ୍ମାନ, ଅଭିଜିତ ସାମନ୍ତରାୟଙ୍କୁ ସ୍ୱତନ୍ତ୍ର ସମ୍ମାନ ଓ ଖୋର୍ଦ୍ଧା ଭଏସ୍ ଅଫ ମିଡିଆ (ସାମ୍ବାଦିକ ସଙ୍ଘ)କୁ ଉପହାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ବୋଲଗଡ଼ର ରଘୁନାଥ ମାତୃ ମଣ୍ଡଳୀ ପକ୍ଷରୁ ଖଞ୍ଜଣି ଭଜନ, କୋଡ଼ପଡାର ବନାମ୍ବର ରାଉତରାୟ ଓ ସାଥିଙ୍କ ସଙ୍କୀର୍ତ୍ତନ, ଦଶପଲ୍ଲାର କୃଷ୍ଣଚନ୍ଦ୍ର ପାତ୍ର ଓ ସାଥି ଦାସକାଠିଆ ଓ ସାଧାରଣ ସଭା ପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଢେଙ୍କାନାଳର ସାହିଯାତ୍ରା ଘଣ୍ଟନୃତ୍ୟ ଓ ଘୋଡ଼ା ନାଚ ଏବଂ ଭୁବନେଶ୍ୱରର ସାଇ ସ୍ମୃତି କଳା ସଂସଦ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ଆଧୁନିକ ଡ୍ୟାନ୍ସ, ନୟାଗଡ଼ର ସନ୍ଧ୍ୟା ଡ୍ୟାନ୍ସ ଗ୍ରୁପ ଓ ତାଳତୁମ୍ବର ଏସ୍.ଆର ଡ୍ୟାନ୍ସଗ୍ରୁପ ଦାରା ଡ୍ୟାନ୍ସ ଡ୍ୟାନ୍ସ ପରିବେଷଣ ହୋଇଥିଲା। ସିନେ କଳାକାର ଦୀପାଳି ଦେବସ୍ମିତା ଉପସ୍ଥିତ ଥିଲେ। ମନୋଜ ସାହୁ, ଆଖିଳେଶ, ସୋମେଶ ଓ ତ୍ରିଲୋଚନ ମହୋତ୍ସବର ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ମହୋତ୍ସବ କମିଟି ସାଧାରଣ ସମ୍ପାଦକ ବୀର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ବୋଲଗଡ଼ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମୁଖପତ୍ର 'ସ୍ମରଣିକା' ଉନ୍ମୋଚନ କରୁଛନ୍ତି।




ବୋଲଗଡ଼ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଙ୍ଗଳବାର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ




ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅତିଥିମାନେ।

**ବାଲୁଗାଁ,୩୦।୧୨(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଚିଲିକା କୂଳଠାରେ ସୋମବାର ଏକ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଏବଂ ଆଇଆଇସି ଜୟପ୍ରକାଶ ପରିଡାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୋଲିସ ସହାୟତା କେନ୍ଦ୍ର ଖୋଲିବା ଯୋଗୁ ବିଶେଷ କରି ନିଶାଡି ସାବାଡ଼ ହେବେ, ଏଥିପାଇଁ ପର୍ଯ୍ୟଟକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ପ୍ରକାଶ ଯେ, ବାଲୁଗାଁ ଚିଲିକା କୂଳ ଅଞ୍ଚଳରେ ନିଶାଡିଙ୍କ ଦୌରାତ୍ମ୍ୟ ଯୋଗୁ ଏଠାକୁ ଆସୁଥିବା ପର୍ଯ୍ୟଟକ ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହେଉଥିଲେ। ଏଥିସହ ଉକ୍ତ ଅଞ୍ଚଳରେ ଅବାଧ ନିଶା କାରବାର ଏବଂ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଯୋଗୁ ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିଲେ। ବାଲୁଗାଁ ଥାନା ଚିଲିକା କୂଳଠାରୁ ପ୍ରାୟ ୨ କି.ମି. ଦୂରରେ ଅବସ୍ଥିତ। ତେଣୁ ସେଠାରେ ଏକ ପୋଲିସ ସହାୟତା କେନ୍ଦ୍ର ଖୋଲିବା ନିମନ୍ତେ ଅଞ୍ଚଳବାସୀ, ବୋଟ ସଂଘ ଏବଂ ମତ୍ସ୍ୟ ବ୍ୟବସାୟ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲା।

## ରାଜଧାନୀରେ ଶିକ୍ଷକଙ୍କ ମେଳି ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର,୩୦।୧୨(ସୁଚିସ୍ମିତା ସାହୁ)**

ପୁଣି ରାଜଧାନୀରେ ମେଳି କରିବେ ଶିକ୍ଷକ। ଦାବି ପୂରଣ ପାଇଁ ବୈଠକ କରିବା ସହିତ ଫଲୋଅପ୍ କାର୍ଯ୍ୟକ୍ରମ କରାଯିବ। ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପଗ୍ରେଡ଼ କରି ଲେଭଲ-୯ ଅନୁଯାୟୀ ମୂଳ ବେତନ ୩୫, ୪୦୦ଟଙ୍କା ପ୍ରଦାନ କରିବା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ନେଇ ପୁନର୍ବାର ଆସନ୍ତା ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଫଲୋଅପ୍ କାର୍ଯ୍ୟକ୍ରମ ଜାରି ରଖାଯିବ ବୋଲି। ମଙ୍ଗଳବାର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଷ୍ଟିୟରିଂ କମିଟିରେ ସମସ୍ତ ସଦସ୍ୟଙ୍କ ମତକୁ ଅଗ୍ରାଧିକାର ଦେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବମାନ ଗ୍ରହଣ କରାଯାଇଛି। ସମସ୍ତ ଜିଲା କର୍ମକର୍ତ୍ତାଙ୍କ ନିଷ୍ପତି ଅନୁସାରେ, ପ୍ରତ୍ୟେକ ଜିଲାରୁ ୫ ଜଣ ଲେଖାଏ ପ୍ରମୁଖ କର୍ମକର୍ତ୍ତାଙ୍କ ସହିତ ଆସନ୍ତା ଜାନୁୟାରୀ ୧୧ରେ ଭୁବନେଶ୍ୱରଠାରେ ସମସ୍ତ ଆବାହକ ଓ ରାଜ୍ୟ ଷ୍ଟିୟରିଂ କମିଟି ସଦସ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯିବ। ଉକ୍ତ ବୈଠକରେ ପୂର୍ବରୁ ଫଲୋଅପ୍ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ଉପସ୍ଥାପନା କରାଯିବା ସହିତ ଭବିଷ୍ୟତରେ କାର୍ଯ୍ୟପନ୍ଥାକୁ ନିର୍ଦ୍ଧାରଣ କରାଯିବା ପାଇଁ ସ୍ଥିର କରାଯିବ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଖବରକାଗଜ ବିକ୍ରେତାଙ୍କ ସମେତ ୨ ଗୁରୁତର

**ବାଣପୁର, ୩୦।୧୨(ଦିଲୀପ କୁମାର ସ୍ୱାଇଁ):** ନାରୁଣୀ ଥାନା ଅଞ୍ଚଳରେ ଅମାନିଆ ଗାଡ଼ି ଚାଳକଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ମଙ୍ଗଳବାର ସକାଳେ କୁଲେଇ ପଞ୍ଚାୟତ ବିଞ୍ଝାଳା ମଠସାହି ଗ୍ରାମର ଜଣେ ଯୁବକ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ଗମ୍ଭାରୀମୁଣ୍ଡା ଫାଣ୍ଡି ନିକଟରେ ଚିନାବାଦାମ ବିକ୍ରି କରୁଥିବା ଜଣେ ବୃଦ୍ଧଙ୍କୁ ଧକ୍କାଦେଇ ଗୁରୁତର କରିଥିବା ବେଳେ ଉକ୍ତ ରାସ୍ତାରେ ଯାଉଥିବା ଜଣେ ଖବରକାଗଜ ବିକ୍ରେତା ଆୟଉପୁର ଗ୍ରାମର ରାଜା ଜେନାଙ୍କୁ ମଧ୍ୟ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରଦ୍ୱୟଙ୍କୁ ଉଦ୍ଧାର କରି ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଚିନାବାଦାମ ବିକ୍ରି କରୁଥିବା ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏହି ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ଜିରୋ ନାଇଟ ସେଲିବ୍ରେଶନ ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା

**ଜଟଣୀ,୩୦।୧୨(ରବୀନ୍ଦ୍ରନାଥ ମହାକୁଡ଼):** ସରିଆସୁଛି ଇଂଲିଶ ବର୍ଷ ୨୦୨୫ ଏବଂ ପାଖେଇ ଆସୁଛି ନୂତନ ବର୍ଷ ୨୦୨୬। ନୂତନବର୍ଷକୁ ସ୍ୱାଗତ କରିବା ପାଇଁ ଏବେଠୁ ଉତ୍ସବମୁଖର ହୋଇଉଠିଲାଣି ଜଟଣୀ ସହର। ଜଟଣୀରେ ଥିବା ବିଭିନ୍ନ ହୋଟେଲ, କ୍ଲବ୍ ସହ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜିରୋ ନାଇଟ ସେଲିବ୍ରେଶନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଜିରୋ ନାଇଟ ସେଲିବ୍ରେଶନକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ଜଟଣୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସହରର ବିଭିନ୍ନ ଛକରେ ପୋଲିସ ମୁତୟନ ହେବା ସହ ସମଗ୍ର ଥାନା ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ଏବଂ ଆନନ୍ଦ ଉଲ୍ଲାସରେ ଜିରୋ ନାଇଟ ପାଳନ କରିବା ପାଇଁ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ୨ ଶହ କୋଟି ଠକିଛି କଳ୍ପନା ଫାଇନାନ୍‌ସିଆଲ ସଂସ୍ଥା

**ଭୁବନେଶ୍ୱର,୩୦।୧୨(ତ୍ରିନାଥ ମହାନ୍ତି)**

- ଓଡ଼ିଶାରୁ ୬୦ଜଣ ଲୋକ ଠକାମିର ଶିକାର
- ସଂସ୍ଥାର ୫ଜଣଙ୍କ ନାମରେ ଇଓଡବ୍ଲ୍ୟୁରେ ମାମଲା

ମାସକୁ ୭ ପ୍ରତିଶତ ସୁଧ ପ୍ରଲୋଭନ ଦେଖାଇ ଓଡ଼ିଶାରୁ ୨ଶହ କୋଟି ଟଙ୍କା ଚୂନ ଲଗାଇଛି କଳ୍ପନା ଫାଇନାନ୍‌ସିଆଲ ସର୍ଭିସ ସଂସ୍ଥା। କୋଟିଏ ଟଙ୍କାର ଠକାମିର ଶିକାର ହୋଇଥିବା ଖୋର୍ଦ୍ଧା ବାଲିପାଟଣାର ସୁଶାନ୍ତ କୁମାର ଦାଶ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ଘଟଣାପଦାକୁ ଆସିଛି। ତାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ସଂସ୍ଥାର ପ୍ରୋପାଇଟର ଅମିତ ମଣ୍ଡଳ, ଇଶ୍ୱରଚନ୍ଦ୍ର ବିନ୍ଧାଣୀ, ଶ୍ରୀକାନ୍ତ ମଲ୍ଲିକ, ସଞ୍ଜୟ କୁମାର ସାମଲଙ୍କ ନାମରେ ରେ କେସ୍ ନଂ.୨୦/୨୫ ରୁଜୁ କରାଯାଇ ତଦନ୍ତ କରାଯାଉଛି। କଳ୍ପନା ଫାଇନାନ୍ସିଲି ସର୍ଭିସ ସଂସ୍ଥାର ମୁଖ୍ୟ ଅଫିସ କଲିକତାରେ ଥିବା ବେଳେ ଏହାର ମାଲିକ ଅମିତ ମଣ୍ଡଳ ରହିଛନ୍ତି। ସେ ଓଡ଼ିଶାର ବିଭିନ୍ନ ଜିଲାରେ ଏଜେଣ୍ଟ ରଖି ଲୋକଙ୍କୁ ନିଜ ସଂସ୍ଥାରେ ଟଙ୍କା ଜମା କରିବା ପାଇଁ ପ୍ରବର୍ତ୍ତାଉଥିଲେ। ମାସକୁ ୭ରୁ ୮ ପ୍ରତିଶତ ସୁଧ ଦେବାକୁ ମଧ କରୁଥିଲେ। ଯେଉଁମାନେ ଆଗ୍ରହ ପ୍ରକାଶ କରୁଥିଲେ ସେମାନଙ୍କୁ ହ୍ୱାଟ୍ସଆପ୍‌ରେ ଯୋଡୁଥିଲେ। ସେଥିରେ ଜମାକାରୀଙ୍କ ମନରେ ବିଶ୍ୱାସ ଜମାଇବା ପାଇଁ ଫେକ୍ ଭିଡ଼ିଓ ଏବଂ ଭଏସ୍ ମେସେଜ୍ ପକାଉଥିଲେ। ଏପରିକି ସେଲିବ୍ରେଟିମାନଙ୍କ ଭିଡ଼ିଓ ଏଡିଟ କରି ପକାଉଥିଲେ, ଯାହାକୁ ଦେଖି ଜମାକାରୀମାନେ ବିଶ୍ୱାସ କରି ଲକ୍ଷାଧିକ ଟଙ୍କା ଲଗାଉଥିଲେ। ଏହିଭଳି ବାଲିପାଟଣାର ସୁଶାନ୍ତ କୁମାର ଏହି ସଂସ୍ଥାର ଜାଲରେ ପଡ଼ିଥିଲେ। ତାଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିବା ପରେ ଟଙ୍କା ଲଗାଇ ଅଧିକ ସୁଧ ପାଇବାର ଲୋଭ ଦେଖାଇଥିଲେ। ଏହି ଲୋଭରେ ପଡ଼ି ସୁଶାନ୍ତ ପ୍ରଥମେ ୨୦୨୨ ଫେବୃୟାରୀ ୭ରେ ୨ ଲକ୍ଷ ଟଙ୍କା ଓ ଅଗଷ୍ଟ ୨୮ରେ ୧ଲକ୍ଷ ୭୦ ହଜାର ଟଙ୍କା ଜମା କରିଥିଲେ। ଏହିଭଳି ସେ କୋଟିଏ ଟଙ୍କା ଜମା କରିଥିଲେ। ହେଲେ ଦେଇଥିବା ସମୟ ମଧ୍ୟରେ ସଂସ୍ଥା ସୁଧ କିମ୍ବା ମୂଳ ଦେଇ ନ ଥିଲା। ଶେଷରେ କଲିକତାରେ ଦିଆଯାଇଥିବା ଠିକଣାରେ ପହଞ୍ଚିଥିଲେ ମଧ ସେଠାରେ କିଛି ଅଫିସ୍ ନ ଥିବା ଦେଖିବାକୁ ମିଳିଥିଲା।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ବେଗୁନିଆ,୩୦।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ଗାନ୍ଧୀ ପାର୍କରେ ଗତ ରବିବାର କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କାଳନ୍ଦୀଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏକଜୁଟ ହୋଇ ଆଗାମୀ ଦିନରେ ଦଳକୁ କିଭଳି ଭାବେ ତୃଣମୂଳ ସ୍ତରରେ ସୁଦୃଢ଼ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସଭାର ପ୍ରାରମ୍ଭରେ ଗାନ୍ଧୀ ପାର୍କ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା।

## ରାଜ୍ୟ ପଛୁଆବର୍ଗ କମିଶନ ତୁରନ୍ତ ପୁନର୍ଗଠନ କରାଯାଉ

**ଭୁବନେଶ୍ୱର,୩୦।୧୨(ସୁଚିସ୍ମିତା ସାହୁ)**

ଉତ୍କଳ ବିକାଶ ପରିଷଦର ୨୭ତମ ବୈଠକ ସୋମବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଅଧ୍ୟକ୍ଷ ନଟବର ଖୁଣ୍ଟିଆଙ୍କ ସଭାପତିତ୍ୱରେ ସ୍ୱାଧୀନତା ପୂର୍ବରୁ ଖଣ୍ଡାୟତ ସମାଜର ନେତୃତ୍ୱ ନେଇଥିବା ଯଦୁମଣି ମଙ୍ଗରାଜ ଏବଂ କାଶିନାଥ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରିଷଦର ମୁଖପତ୍ର 'ଦୁନ୍ଦୁଭି'ର ମୁଖ୍ୟ ସମ୍ପାଦକ ଡ. ଗୋବିନ୍ଦ ଭୂୟାଁ ଯୋଗଦେଇ କହିଲେ, ରାଜନୀତିର ଲକ୍ଷ୍ୟ ଲୋକ କଲ୍ୟାଣ ହୋଇଥିବା ବେଳେ ସାହିତ୍ୟ ମାନବ ସମ୍ପଦର କଲ୍ୟାଣ ସାଧନ କରିଥାଏ। ବରିଷ୍ଠ ଉପସଭାପତି ରୁଷି ଗୁମାନସିଂହ ଯୋଗଦେଇ ଖଣ୍ଡାୟତଙ୍କୁ ଓବିସି ବର୍ଗରେ ସାମିଲ କରିବାକୁ ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେଇଥିବାରୁ ଉତ୍କଳ ବିକାଶ ପରିଷଦ ଅତ୍ୟନ୍ତ ଉତ୍ସାହିତ। ମୁଖ୍ୟବକ୍ତା ଭାବେ ପ୍ରମୋଦ ଧଳ ଯୋଗଦେଇ ସାମ୍ବିଧାନିକ ଅଧିକାର ଏବଂ ଖଣ୍ଡାୟତଙ୍କୁ ଓବିସି ବର୍ଗରେ ସାମିଲ କରିବାର ଆବଶ୍ୟକତା ବିଷୟରେ କହିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରଦୀପ ବିଶ୍ୱାଳ ପର୍ଯ୍ୟଟନ ବିକାଶ ଓ ସମୃଦ୍ଧ ଓଡ଼ିଶା ପରିକଳ୍ପନାର ରୂପରେଖ ବର୍ଣ୍ଣନା କରିଥିଲେ । ଭାଜପା ଓବିସି ସେଲର ଅଧ୍ୟକ୍ଷ ସୁରଥ ବିଶ୍ୱାଳ ନିରନ୍ତର ପରିଶ୍ରମ ସହ ସରକାରଙ୍କ ଉପରେ ନିରବଚ୍ଛିନ୍ନ ଭାବେ ଚାପ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। 'ଦୁନ୍ଦୁଭି'ର ସମ୍ପାଦକ ଡ. ଶରତ ଚନ୍ଦ୍ର ପରିଡା ସ୍ୱାଗତ ଭାଷଣ, ସମ୍ପାଦକ ଅନିଲ କୁମାର ଦଳାଇ ବିବରଣୀ ପାଠ, ସୌଦାମିନୀ ସାମନ୍ତରାୟ ସଂଚାଳନା ଓ ପରିଷଦର ଉପଦେଷ୍ଟା ସୁବାସ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



ଉତ୍କଳ ବିକାଶ ପରିଷଦର ୨୭ତମ ବୈଠକରେ ଉପସ୍ଥିତ ଅତିଥିମାନେ।

## ବୈକୁଣ୍ଠ ଏକାଦଶୀ ପାଳିତ



**ଜଟଣୀ,୩୦।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଆକାଉଣ୍ଟସ କଲୋନୀସ୍ଥିତ ଶ୍ରୀବାଲାଜୀ (ତିରୁପତି) ମନ୍ଦିର ପରିସରରେ ମଙ୍ଗଳବାର ଶ୍ରୀବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ବୈକୁଣ୍ଠ ଏକାଦଶୀ ପାଳିତ ହୋଇଯାଇଛି। ଉପବାସ ରଖି ପବିତ୍ରତାର ସହ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ବୈକୁଣ୍ଠ ପ୍ରାପ୍ତି ହେବା ସହ ମୋକ୍ଷ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ଏକାଦଶୀ ନିଷ୍ଠାର ସହ କଲେ ହଜାର ଅଶ୍ୱମେଧ ଯଜ୍ଞ ସହ ସମାନ ବୋଲି ବିଶ୍ୱାସ ରହିଛି। ଶ୍ରୀବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ ଏକାଦଶୀ ପୂଜାକୁ ଟ୍ରଷ୍ଟର ସଭାପତି ଜି.ଏ.ପି ରାଓ, ସମ୍ପାଦକ ଜେ.କେ. ରାଓ, କୋଷାଧ୍ୟକ୍ଷ ଏସ୍.ଏନ୍. ରାଓ, ସିଏଚ.ଶ୍ରୀନିବାସ ରାଓଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ସହଯୋଗ କରିଥିଲେ। ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ପୂଜା କାର୍ଯ୍ୟର ପ୍ରଥମ ଦିବସରେ ମୁଖ୍ୟ ପୂଜକ ସନ୍ତୋଷ ଶର୍ମା ସମସ୍ତ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ।

## ସୋନପୁର ମହିଳା ଏକାଦଶ ବିଜୟୀ

**ନିରାକାରପୁର,୩୦।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁରସ୍ଥିତ ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲ ଖେଳପଡ଼ିଆରେ ମହାବୀର ଚ୍ୟାଲେଞ୍ଜ କ୍ରିକେଟ କପ ଆନୁକୂଲ୍ୟରେ ମଙ୍ଗଳବାର ମହିଳା କ୍ରିକେଟ ପ୍ରଦର୍ଶନୀ ମ୍ୟାଚ୍ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଏବଂ ସୋନପୁର ମହିଳା ଏକାଦଶ ମଧ୍ୟରେ ହୋଇଥିଲା। ସୋନପୁର ମହିଳା ଏକାଦଶ ସୋନପୁର ମହିଳା ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୪ ଉଇକେଟ ବିନିମୟରେ ୧୭୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କିଟ୍ ବିଶ୍ୱବିଦ୍ୟାଳୟ ୧୬ ଓଭରରେ ୨ ଉଇକେଟ ବିନିମୟରେ ୧୬୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ସୋନପୁର ମହିଳା ଏକାଦଶ ଚିମ୍ପିଜୟୀ ହେବା ସହି ଅଲିସ୍ପା ୧୦୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟୀ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ଟିମ୍‌କୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିଥିଭାବେ ୧୧ ନମ୍ବର ଜୋନର ଜିଲାପରିଷଦ ସଭ୍ୟା ଅନସୂୟା ବେହେରା, କନ୍ତଳବାଇ ସରପଞ୍ଚ ସୁନିତା ହାଲଦାର, ଉଜଳା ସରପଞ୍ଚ ଶୁଭସନ୍ଧ୍ୟା ସାମନ୍ତରାୟ, ବାଲିପାଟପୁର ସରପଞ୍ଚ ଭାବି ବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ରଜନୀକାନ୍ତ ରାଉତରାୟ, ସ୍ୱଦେଶ ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରମେଶ ସାହୁ ଏବଂ ବିପ୍ଳବ ଲସ୍କର ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ମହିଳା ଖେଳାଳିମାନେ।

## ଭାଲିଆବାଡ଼ି-ମେଣ୍ଟାଶାଳ ଫାଇନାଲ ଆଜି

**ବେଗୁନିଆ,୩୦।୧୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା କଣ୍ଟାବାଡ଼ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗତ ସୋମବାର ଦ୍ୱିତୀୟ ଫାଇନାଲ ମ୍ୟାଚ୍ କୁମାରବସ୍ତର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଏବଂ ଭାଲିଆବାଡ଼ି ସ୍ପୋର୍ଟ୍ସ ଆସୋସିଏଶନ ମଧ୍ୟରେ ହୋଇଥିଲା। କୁମାରବସ୍ତ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୫୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କୁମାରବସ୍ତ ଟିମ୍ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୫୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଭାଲିଆବାଡ଼ି ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡା.ବିଷ୍ଣୁ ପ୍ରସାଦ ଦାଶ ଯୋଗଦେଇଥିଲେ। ଭାଲିଆବାଡ଼ି ଟମ୍‌ର ଅମିତ୍ ବଡ଼ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହେବା ସହିତ କୃଷ୍ଣଚନ୍ଦ୍ର ଦାଶ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ରମାକାନ୍ତ ପାତ୍ର ଏବଂ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ ବାହିନୀପତି ରେଫରି ଦାୟିତ୍ୱ ତୁଲାଇଥିଲେ। ସିଦ୍ଧେଶ୍ୱର ବେହେରା, ଓମ୍ ପ୍ରକାଶ ବ୍ରହ୍ମା, ମିଥୁନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଚିନ୍ମୟ ପଣ୍ଡା, ଶରତ ପାଇକରାୟ, ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଦୀପକ ମହାରଣା, ଜ୍ଞାନ ରଞ୍ଜନ ଜେନା, ଶାଶ୍ୱତ କର, ନରସିଂହ ପ୍ରଧାନ, ସୌମ୍ୟରଞ୍ଜନ ଦାସ, ସଞ୍ଜୟ ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ଶ୍ରୀବସ୍ତ ପାଣିଗ୍ରାହୀ, ଦୀପକ ରଞ୍ଜନ ଦାସ, ବାମଦେବ ମହାନ୍ତି, ଶୁଭଙ୍କର ସେଠୀ, ଆୟୁଷ ଜେନା ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ମେଣ୍ଟାଶାଳ ଏବଂ ଭାଲିଆବାଡି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଆସୋସିଏଶନ ପକ୍ଷରୁ କୁହାଯାଇଛି।




ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# କକ୍ଷ ବିପଦସଙ୍କୁଳ: ଟାୱାରକୁ ନେଇ ଅସନ୍ତୋଷ



ପୁରୀ ଜିଲା ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି ବୈଠକରେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଅଧିକାରୀ ଏବଂ ସଦସ୍ୟମାନେ ।

## ଆଇଡିଏଚ୍‌ର ରୋଗୀ କଲ୍ୟାଣ ସମିତି ବୈଠକ

ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ (ଆଇଡିଏଚ୍)ର ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ବିଧାୟକଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ଚିକିତ୍ସାଳୟ ଅଧୀକ୍ଷକ ଡା. ରଶ୍ମିରଞ୍ଜନ ବେହେରା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜଗନ୍ନାଥ ମିଶ୍ର, ଶିକ୍ଷାବିତ୍ ବିଜୟ କୁମାର ମହାନ୍ତି, ସଦସ୍ୟା ଅନିତା କର ଏବଂ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରଖାନାର ବିକାଶ ଓ ରୋଗୀ ଚିକିତ୍ସା ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଭିନ୍ନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଡାକ୍ତରଖାନା ଜମିକୁ କେତେଜଣ ବ୍ୟକ୍ତି ଦୀର୍ଘବର୍ଷ ହେଲା ଜବରଦଖଲରେ ରଖିଛନ୍ତି। ବହିର୍ବିଭାଗ ସହ ଅନ୍ତଃର୍ବିଭାଗ କକ୍ଷଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଧ୍ୟକ୍ଷଙ୍କ ସହ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସରକାରୀ କ୍ୱାର୍ଟର୍ସ ଅସୁରକ୍ଷିତ ହୋଇପଡ଼ିଛି। ଅମ୍ଳଜାନ ପ୍ଲାଣ୍ଟ ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଛାତି ରୋଗ ବିଭାଗକୁ ପାଇପ ଦ୍ୱାରା ଅମ୍ଳଜାନ ଯୋଗାଣ ହୋଇପାରିନାହିଁ। ୩ମହଲା ବିଶିଷ୍ଟ କୋଭିଡ୍ ଡାକ୍ତରଖାନାରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ କକ୍ଷଗୁଡ଼ିକରେ ପାଣି ଜମୁଛି। ହାଇମାଷ୍ଟ ଲାଇଟ ସହ ବିଦ୍ୟୁତ ସଂଯୋଗ ନଥିବା ବେଳେ ଡିଜି ଚଳାଇବା ପାଇଁ ଅର୍ଥାଭାବ ରହିଛି। ଧନୁଷ୍ଟଙ୍କାର ଓ ମିଳିମିଳା ରୋଗ ପାଇଁ ଡାକ୍ତର ଅଭାବରୁ ବିଭାଗଟି ବନ୍ଦ ପଡ଼ିଛି। କୋଭିଡ୍ ଡାକ୍ତରଖାନାଭାବେ ବ୍ୟବହୃତ ହୋଇଥିବା ବହୁତଳ କୋଠାରେ ଦୀର୍ଘବର୍ଷ ପରେ ଆରମ୍ଭ ହୋଇଥିବା ର୍ୟାମ୍ପ ନିର୍ମାଣ ତୁରନ୍ତ ଶେଷ କରିବାକୁ ବୈଠକରେ ଦାବି କରାଯାଇଛି। ଅନ୍ୟପକ୍ଷରେ ଆପାତଃକାଳୀନ କକ୍ଷ ନଥିବାରୁ ରୋଗୀ ଚିକିତ୍ସାରେ ଅସୁବିଧା ହେଉଛି। ରୋଗୀଙ୍କ ସମ୍ପର୍କୀୟଙ୍କ ବିଶ୍ରାମ ନେବା ପାଇଁ ସ୍ଥାନ ଓ ଶୌଚାଳୟ ଅଭାବ ବୋଲି ମତ ପ୍ରକାଶ ପାଇଥିଲା। ହସ୍ପିଟାଲ ପରିସରରେ ୨ଟି କମ୍ପାନୀର ବେଆଇନ ମୋବାଇଲ ଟାୱାରକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିମଧ୍ୟରୁ ଗୋଟିଏ ପୌରପାଳିକାଠାରୁ ଅସ୍ଥାୟୀ ଭାବେ ଅନୁମତି ଆଣି ସ୍ଥାପନ କରାଯାଇଥିଲା। ଏହି ଅନୁମତି ଅବଧି ୨୦୨୪ରୁ ଶେଷ ହୋଇସାରିଲାଣି। ସେହିଭଳି ଅନ୍ୟ ଏକ ଟାୱାର ବିନାନୁମତିରେ ବସିଛି। ଏଥିଯୋଗୁ ରୋଗୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିବା ସହ ବାତ୍ୟା ପ୍ରବଣ ପୁରୀରେ ହସ୍ପିଟାଲ ପରିସରରେ ଟାୱାର ସ୍ଥାପନ ବିପଜ୍ଜନକ ବୋଲି ମତ ସହ ଉଦ୍‌ବେଗ ପ୍ରକାଶ ପାଇଛି। ଏକ ସପ୍ତାହ ମଧ୍ୟରେ ଏନେଇ ସମ୍ପୃକ୍ତ କମ୍ପାନୀକୁ ନୋଟିସ ଜାରି କରିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ କେତେଜଣ ଅଧିକାରୀ ଅନୁପସ୍ଥିତ ରହିବାକୁ ନେଇ ଉପସ୍ଥିତ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଡାକ୍ତରଖାନାର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ମହାନ୍ତି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଆଲୋଚ୍ୟ ସମସ୍ୟାଗୁଡ଼ିକର ସମାଧାନ ସହ ନିୟମିତ ତଦାରଖ କରାଯିବ ବୋଲି ବିଧାୟକଙ୍କ ପ୍ରତିନିଧି ମର୍ଦ୍ଦରାଜ କହିଛନ୍ତି।

## ସଂକ୍ଷେପରେ

### ପିପିଲିରେ ସୌର ମହାଯଜ୍ଞ

ପିପିଲି,୩୦।୧୨(ଦୁର୍ଗାମାଧବ ମିଶ୍ର)

ପିପିଲି ଦାଣ୍ଡମୁକୁନ୍ଦପୁର ବାସୁଦେବପୁର ଗ୍ରାମରେ ମଙ୍ଗଳବାର ଶାମ୍ବ ଦଶମୀ ଅବସରରେ ସୌର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମୁରଲି ମନୋହର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସୌର ମହାଯଜ୍ଞରେ ଗୋ ପୂଜନ, ସାମୂହିକ ବେଦପାଠ ସହିତ ସଙ୍କୀର୍ତ୍ତନ ହୋଇଥିଲା। ନାରାୟଣ ଦାସ ରଥ ଶର୍ମା, ପ୍ରଭାତ ମହାପାତ୍ର, ବାଲୁଙ୍କେଶ୍ୱର ପ୍ରଧାନ, ପ୍ରସନ୍ନ ଦାସ, ରାଜେଶ ଦାସ, ଶୋଭନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଚାଖୀ ଖୁଣ୍ଟିଆଙ୍କ ଜୟନ୍ତୀରେ କବିତା ପାଠୋତ୍ସବ

ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)

ଚାଖୀ ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ୨୦୪ତମ ଜୟନ୍ତୀ ଅବସରରେ ମଙ୍ଗଳବାର ସଦ୍‌ଭାବନା ସଭାଗୃହରେ ଦେଶାତ୍ମବୋଧକ ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କବିତା ପାଠୋତ୍ସବକୁ ଅନାମ ଚରଣ ସାହୁ, ଶିବସୁନ୍ଦର ମିଶ୍ର ଓ କ୍ରିଷ୍ଣା ମହାପାତ୍ର ସଂଯୋଜନା କରିଥିଲେ। ଚାଖିଙ୍କ ସ୍ମୃତି ଓ ଆଧ୍ୟାତ୍ମିକ ଦିଗ ଉପରେ ରମାକାନ୍ତ କର, ଚାରୁଲତା ମିଶ୍ର, ସୁଚରିତା ପ୍ରତିହାରୀ, ଯୋଗେଶ୍ୱର ପ୍ରହରାଜ, ଅର୍ଜୁନ ପରମଗୁରୁ, ଯୋଗେନ୍ଦ୍ରନାଥ ସାହୁ, ମୀରା ମହାନ୍ତି, ସୁଚରିତା ଦାଶ, ସଦାଶିବ ମିଶ୍ର, ଅନନ୍ତ ପ୍ରଧାନ, ତ୍ରିନାଥ ଦାଶ, ଚନ୍ଦ୍ରଶେଖର ମହାରଣା, ପ୍ରଦୀପ୍ତ ରାୟ ପ୍ରମୁଖ କବିତା ପାଠ କରିଥିଲେ।

### ଭିନ୍ନକ୍ଷମଙ୍କୁ ମିଳୁନି ସରକାରୀ ସହାୟତା: ଜିଲାପାଳଙ୍କ ଦ୍ୱାରସ୍ଥ

ଯୋଗେଶ୍ୱରପୁର,୩୦।୧୨ (ରଶ୍ମିରଞ୍ଜନ ସାହୁ)

ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତିଙ୍କର ସଡ଼କ ଦୁର୍ଘଟଣାରେ ଦୁଇଟି ଯାକ ଗୋଡ଼ ଅକର୍ମଣ୍ୟ ହୋଇଥିବାବେଳେ ସେ ସରକାରୀ ସହାୟତା ପାଇଁ ଗୋପ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେଲା ପରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବିଶୁଳିପଡ଼ା ଗ୍ରାମର ମଲିକ ଜୁମା ୨୦୨୧ରେ କାମ କରିବାକୁ ଯାଉଥିବାବେଳେ ଚଳନ୍ତା ଗାଡ଼ିରୁ ଖସିପଡ଼ିଥିଲେ। ଫଳରେ ତାଙ୍କର ଦୁଇଟି ଯାକ ଗୋଡ଼ ହାଡ ଭାଙ୍ଗିଯାଇଥିଲା। ଆର୍ଥିକ ସମ୍ବଳ ଅଭାବରୁ ସେ ଆବଶ୍ୟକ ଚିକିତ୍ସା କରିପାରିଲେନାହିଁ। ସରକାରୀ ସହାୟତା ପାଇଁ ଜୁମା ସୋମବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଉପଜିଲାପାଳ ରାଜକିଶୋର ଜେନା ଉକ୍ତ ଘଟଣାର ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବଟି ମାଗିବାରୁ ଅଭିଯୁକ୍ତଙ୍କ ଉପରକୁ ଗରମତେଲ ଫିଙ୍ଗିଲେ ଦୋକାନୀ

ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ବଡ଼ଶଙ୍ଖଠାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଦାଦାବଟି ମାଗିବା ମହଙ୍ଗା ପଡ଼ିଛି। ବଟି ମାଗିବାକୁ ଆସିଥିବା ଅଭିଯୁକ୍ତ କୁମ୍ଭାରପଡ଼ା ଥାନା ଅଞ୍ଚଳର କାଲୁ ଦାସଙ୍କ ଉପରକୁ ସମ୍ପୃକ୍ତ ଦୋକାନୀ ଗରମ ତେଲ ଫିଙ୍ଗିଛନ୍ତି। ଫଳରେ କାଲୁଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୮ଟାରେ କାଲୁ ବଡ଼ଶଙ୍ଖଠାରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନୀଙ୍କ ନିକଟକୁ ଆସି ବଟି ମାଗିଥିଲେ। ମାତ୍ର ଦୋକାନୀ ବଟି ଦେବାକୁ ମନା କରିଦେଇଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଦୋକାନୀ ଜଣକ ରାଗିଯାଇ ଫାଷ୍ଟଫଡ୍ ଛାଣିବାକୁ ରଖିଥିବା ଗରମ ତେଲକୁ କାଲୁଙ୍କ ଉପରକୁ ଛାଟିଦେଇଥିଲେ। ଫଳରେ କାଲୁଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି।

# ସ୍ୱାଧୀନତା ସଂଗ୍ରାମୀ ଚକରା ବିଶୋଇଙ୍କ ଅବଦାନ ଅବିସ୍ମରଣୀୟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)

ସମତା ସାହିତ୍ୟ ସମିତି ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଚକରା ବିଶୋଇଙ୍କ ଜୟନ୍ତୀ ଉତ୍ସବ ଓଡ଼ିଶା ସଙ୍ଗୀତ ପରିଷଦଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମିତିର ସଭାପତି ପ୍ରତିଭା ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧିବକ୍ତା ରଚିତା ରାଉତରାୟ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଖବରଦାତା ରାଜଶ୍ରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଚାଖି ଖୁଣ୍ଟିଆଙ୍କ ସ୍ମୃତି ଚାରଣ କରିବା ସହ ସ୍ୱାଧୀନତା ସଂଗ୍ରାମୀ ଚକରା ବିଶୋଇଙ୍କ ଅବଦାନ ଏ ଜାତି ପାଇଁ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ସୁରେଶ କୁମାର ପଟ୍ଟନାୟକ କବିତା ପାଠକୁ ସଂଯୋଜନା କରିଥିଲେ। ଯୋଗେଶ୍ୱର ପ୍ରହରାଜ, ମୀରା ମହାନ୍ତି, ବିପିନ ଦଳାଇ, ସାରଙ୍ଗଧର ଷଡ଼ଙ୍ଗୀ, ଅଞ୍ଜନା ମିଶ୍ର, ସତ୍ୟଭାମା ନାୟକ, ଯୋଗେଶ୍ୱର ନାୟକ, ମାନସୀ ରଥ, ଅଜୟ ଦାଶ ଗୋଲକ ଚନ୍ଦ୍ର ଜେନା, ଅନନ୍ତ ପ୍ରଧାନ ପ୍ରମୁଖ ଦେଶାତ୍ମବୋଧ କବିତା ପାଠ କରିଥିଲେ। ଶେଷରେ ବେଣୁଧର ପାତ୍ର ଧନ୍ୟବାଦ ଦେଇଥିଲେ।

# ଅର୍କକ୍ଷେତ୍ରରେ ଗଡ଼ିଲା ସୂର୍ଯ୍ୟ ରଥ


ସୂର୍ଯ୍ୟ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

## ୨୧ ଦିନ ଚନ୍ଦ୍ରଭାଗାରେ ରହି ମାଘସପ୍ତମୀରେ ଫେରିବ

କୋଣାର୍କ,୩୦।୧୨(ଜ୍ୟୋତିରାଜ ମହାନ୍ତି)

ଶାମ୍ବଦଶମୀ ଅବସରରେ ମଙ୍ଗଳବାର ପ୍ରଭୁ ସୂର୍ଯ୍ୟନାରାୟଣଙ୍କ ଜନ୍ମସ୍ଥାନ ଅର୍କକ୍ଷେତ୍ର କୋଣାର୍କର ମୈତ୍ରେୟ ବନ ତଥା ଅଧୁନା ଅନନ୍ତ ଅବଧୂତ ମଠ ପରିସରରୁ ଧର୍ମୀୟ ରୀତିନୀତି ଓ ପରମ୍ପରା ଅନୁଯାୟୀ ସୂର୍ଯ୍ୟ ରଥ ବାହାରି ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରିଛି। ଅନନ୍ତ ଅବଧୂତ ମଠ ପରିସରରେ ମଠାଧୀଶ ଆଦିତ୍ୟ ଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ସୂର୍ଯ୍ୟନାରାୟଣ ରଥାରୂଢ଼ ହେବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ରଥକୁ ଟାଣିନେଇଥିଲେ। ଅପରାହ୍ଣରେ ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ବାବାଙ୍କ ଆଶ୍ରମଠାରେ ରଥ ପହଞ୍ଚିଥିଲା। ସେଠାରେ ରଥ ୨୧ ଦିନ ରହିବା ସହ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ପବିତ୍ର ମାଘସପ୍ତମୀ ଦିନ ସୂର୍ଯ୍ୟରଥ ସେଠାରୁ ଅନନ୍ତ ଅବଧୂତ ମଠକୁ ଫେରିଆସିବ ବୋଲି ମଠାଧୀଶ ଆଦିତ୍ୟ ଚରଣ ଦାସ ସୂଚନା ଦେଇଛନ୍ତି।

# ବିଶ୍ୱ କଲ୍ୟାଣ ପାଇଁ ସୌର ମହାଯଜ୍ଞ

କୋଣାର୍କ,୩୦।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ କୋଣାର୍କ ସୁରକ୍ଷା ସମିତି ଓ ବିଶ୍ୱ ହିନ୍ଦୁ ପରିଷଦ ମିଳିତ ଆନୁକୁଲ୍ୟରେ ରବିବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞ ମଙ୍ଗଳବାର ଶାମ୍ବଦଶମୀରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଘଟ ସ୍ଥାପନ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ପ୍ରଭୁ ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା ଓ ସୌର ମହାଯଜ୍ଞ ଆରମ୍ଭ ହୋଇଥିଲା। ତୃତୀୟ ଦିନ ଶାମ୍ବଦଶମୀରେ ମହାଯଜ୍ଞର ପୂର୍ଣ୍ଣାହୁତି, ହୋମଯଜ୍ଞ ସମ୍ପନ୍ନ ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ପୁଷ୍ପାଞ୍ଜଳି ଅର୍ପଣ ସହ ପ୍ରଭୁ ସୂର୍ଯ୍ୟନାରାୟଣଙ୍କ ଆଶିଷ ଭିକ୍ଷା କରିଥିଲେ। କୋଣାର୍କ ସୁରକ୍ଷା ସମିତିର ସଭାପତି ତଥା କୋଣାର୍କ ଏନ୍‌ଏସି କାଉନସିଲ୍‌ର ସୌମ୍ୟ ସୌରଭ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସୌର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରମୁଖ ଭାଗୀରଥି ସ୍ୱାଇଁ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ପ୍ରତାପ କାଣ୍ଡି, ଶରତ ମଲ୍ଲ, ରବୀନ୍ଦ୍ର ନନ୍ଦୀ, ରଘୁନାଥ ମହାପାତ୍ର, ପ୍ରିୟରଞ୍ଜନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦିବ୍ୟାଙ୍ଗଙ୍କ ଗହଣରେ ଜନ୍ମଦିନ ପାଳିଲେ ସାଇଶ୍ରୀ


ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କ ଗହଣରେ ସାଇଶ୍ରୀ ପ୍ରିୟଦର୍ଶିନୀ କେକ୍ କାଟୁଛନ୍ତି।

ନିମାପଡ଼ା,୩୦।୧୨(ବିଚିତ୍ରାନନ୍ଦ ସାହୁ)

ଭୁବନେଶ୍ୱରର ଏକ ଘରୋଇ ପବ୍ଲିକ ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିବା ୧୧ବର୍ଷୀୟା ସାଇଶ୍ରୀ ପ୍ରିୟଦର୍ଶିନୀ ତାଙ୍କ ମାମୁଁଘର ନିମାପଡ଼ାରେ ସୋମବାର ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଛନ୍ତି। ସାଇଶ୍ରୀ ନିମାପଡ଼ାସ୍ଥିତ ପତିତପାବନ ସେବାସଂଘରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅସହାୟ ବୃଦ୍ଧାବୃଦ୍ଧଙ୍କ ସହ କେକ୍ କାଟି ସେମାନଙ୍କୁ ଖୁଆଇବା ସହିତ ମିଠା ବାଣ୍ଟିଥିଲେ। ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କ ସେବା କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ପତିତପାବନ ସେବାସଂଘ ସମ୍ପାଦକ ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ, କ୍ରୀଡ଼ାବିତ ଧିରେନ ବରାଳ, ରଶ୍ମିରଞ୍ଜନ ପଣ୍ଡା, ଯୁବନେତା ବିନୋଦ ବିହାରୀ ସ୍ୱାଇଁ, ବିଜେଡି ନେତା ଅରୁଣ ପ୍ରସାଦ ଦାଶ, ଲୋକନାଥ ସାହୁ, ସାଇଶ୍ରୀଙ୍କ ପିତା କୌସ୍ତୁଭ ଦାଶ, ମାତା ସରୋଜିନୀ ଦାଶ, ମାମୁଁ ସୂର୍ଯ୍ୟକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜଟଣୀ ପାରାଡାଇଜ ଚାମ୍ପିୟନ

## ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଲଙ୍ଗା,୩୦।୧୨(କେଦାରେଶ୍ୱର ନନ୍ଦ)

ବଲଙ୍ଗା ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଟଣୀ ପାରାଡାଇଜ ଟିମ୍ ୨-୦ ଗୋଲରେ ନାଇଜେରିଆ-୧୧ ଟିମ୍‌କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଚାମ୍ପିୟନ ଟିମକୁ ୧୫ ହଜାର ଟଙ୍କା ଓ ରନର୍ସ ଅପ୍ ଟିମକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଅବୁ କେର ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ରେୟାନ ଟୁିରୁରାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନିଲ ହେମ୍ବ୍ରମ୍, ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦୀପ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବଲଙ୍ଗାରେ ଏକ ଉନ୍ନତ ଧରଣର ମିନି ଷ୍ଟାଡିୟମ୍ ନିର୍ମାଣ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ବଲଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ପ୍ରସନ୍ନ କୁମାର ଦାଶ ଯୋଗଦେଇଥିଲେ। ମା' ଲଙ୍କେଶ୍ୱରୀ କ୍ଲବର ସଦସ୍ୟ ଶରତ କୁମାର ବିଶ୍ୱାଳ, ତୋଫାନ ପ୍ରଧାନ, ପ୍ରଦୀପ୍ତ ଘଡେଇ, ରଞ୍ଜନ କୁମାର ସାହୁ ଓ ଟୁଲୁ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ସ୍ୱାଧୀନତା ସଂଗ୍ରାମରେ ଚାଖୀ ଖୁଣ୍ଟିଆଙ୍କ ଅବଦାନ ଅତୁଳନୀୟ


ସ୍ୱାଧୀନତା ସଂଗ୍ରାମୀ ଚାଖୀ ଖୁଣ୍ଟିଆଙ୍କ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୩୦।୧୨(ଅଜିତ୍ କୁମାର ମହାନ୍ତି)

ଦେଶର ସ୍ୱାଧୀନତା ଓ ସୁରକ୍ଷା କ୍ଷେତ୍ରରେ ବିପ୍ଳବୀ ଚାଖୀ ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ଅବଦାନ ଅତୁଳନୀୟ। ସେ ଦେଶମାତୃକା ଏବଂ ମହାପ୍ରଭୁଙ୍କ ସେବାରେ ସମର୍ପିତ ଥିଲେ ବୋଲି ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି। ମଙ୍ଗଳବାର ପୂର୍ବାହ୍ଣରେ ସଦ୍‌ଭାବନା ସଭାଗୃହରେ ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଚାଖି ଖୁଣ୍ଟିଆଙ୍କ ୨୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ବେହେରା ଯୋଗଦେଇ ମହାପୁରୁଷମାନଙ୍କ ସେବା, ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ିକୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣା ଯୋଗ ଦେଇ ଚାଖି ଖୁଣ୍ଟିଆଙ୍କ ତ୍ୟାଗ ଓ ବୀରତ୍ୱର କଥା ସର୍ବଦା ଓଡ଼ିଆଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ଅସିତ କୁମାର ମହାନ୍ତି ଯୋଗଦେଇ ଚାଖି ଖୁଣ୍ଟିଆଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଚାଖି ଖୁଣ୍ଟିଆ ଏବଂ ଜୟୀ ରାଜଗୁରୁଙ୍କ ପରି ସଂଗ୍ରାମୀମାନଙ୍କ ସମ୍ପର୍କରେ ଅଧିକ ପ୍ରାମାଣିକ ତଥ୍ୟ ଆଧାରିତ ଗବେଷଣା ଜରୁରୀ ବୋଲି ସେ କହିବା ସହ ଯୁବପିଢି ଏହା ଉପରେ ଅଧିକ ମନୋନିବେଶ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାଖିଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ଉତ୍ସବର ସଭାପତି ମାୟାଧର ମହାରଣା ଚାଖିଙ୍କ ଜୀବନୀ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମୃତି ସମିତି ସମ୍ପାଦକ ଧ୍ରୁବଚରଣ କର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଭଗବାନ ସୁଆର ଓ ଫକୀର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ସେହିପରି ଗଙ୍ଗାଧର ହାଇସ୍କୁଲର ଏନ୍‌ସିସି ଏବଂ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାଇଡ ଟିମ୍‌କୁ ଶୃଙ୍ଖଳା ରକ୍ଷା ପାଇଁ ପୁରସ୍କୃତ କରାଯାଇଥିଲା। ଶ୍ରୀପର୍ଣ୍ଣା କଳା ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀତ ଓ ଚାଖିଙ୍କ ରଚିତ ଭଜନ ପରିବେଷଣ କରାଯାଇଥିଲା। ଅନାମ ଚନ୍ଦ୍ର ସାହୁ, ଶିବସୁନ୍ଦର ମିଶ୍ର ଓ କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଠାରେ ଚାଖିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପରୋକ୍ତ ଅତିଥିମାନଙ୍କ ସହ କୃଷ୍ଣଚନ୍ଦ୍ର ମିଶ୍ର, ଗଣେଶ୍ୱର ପ୍ରହରାଜ, ସୁକାନ୍ତ ପଣ୍ଡା, ଅଖିଳ କୁମାର ଦଳାଇ, ବିଜୟ ଦାସ, ଅନାମ ଚରଣ ସାହୁ, ଶିବସୁନ୍ଦର ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର, ବିଭୁଦାନନ୍ଦ ପଟ୍ଟନାୟକ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ମଧ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ୨୦୪ ତମ ଜୟନ୍ତୀ ପାଳିତ

## ସଂକ୍ଷେପରେ

### ମାନସିକ ଭାରସାମ୍ୟ ହରାଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ବାରଙ୍ଗ,୩୦।୧୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଗ୍ରାମରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗୋଡିସାହି ଗ୍ରାମର ନରେନ୍ଦ୍ର ପ୍ରତାପ ଓଝା(୨୬)। ଏ ସଂକ୍ରାନ୍ତରେ ପରିବାର ଲୋକେ ମଙ୍ଗଳବାର ସକାଳେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନରେନ୍ଦ୍ର ପ୍ରତ୍ୟେକ ଦିନ ଭଳି ସୋମବାର ରାତିରେ ଖାଇସାରି ଘରକୁ ଯାଇ ଭିତରୁ କବାଟ ବନ୍ଦ କରି ଶୋଇଥିଲେ। ମଙ୍ଗଳବାର ସକାଳେ କବାଟ ନ ଖୋଲିବାରୁ ପରିବାର ଲୋକ ଡାକିଥିଲେ ମଧ୍ୟ ନରେନ୍ଦ୍ର କୌଣସି ଉତ୍ତର ଦେଇ ନ ଥିଲେ। ପରିବାର ଲୋକେ ସନ୍ଦେହ କରି କବାଟ ଭାଙ୍ଗି ଭିତରକୁ ପଶିଥିଲେ। ନରେନ୍ଦ୍ର ଗାମୁଛା ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ପଡିଥିବାର ଦେଖିଥିଲେ। ସଙ୍ଗେସଙ୍ଗେ ନରେନ୍ଦ୍ରଙ୍କୁ ଉଦ୍ଧାର କରି ପରିବାର ଲୋକେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ବାଲିପାଟଣା,୩୦।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ତିନି ଦଶନ୍ଧି ଧରି ଥିବା ଜବରଦଖଲରେ ଥିବା ଜାଗାକୁ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଙ୍ଗଳବାର ବେଆଇନଭାବେ ନିର୍ମାଣ ହୋଇଥିବା ଦୋକାନ ଘର ଭଙ୍ଗା ଯାଇଥିଲା। ସୂଚନା ମୁତାବକ, କେତେଜଣ ସ୍ଥାନୀୟ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ଦୀର୍ଘବର୍ଷ ଧରି ସ୍ଥାୟୀ ଓ ଅସ୍ଥାୟୀ ଦୋକାନ ଘର ତିଆରି କରିଥିଲେ। ତହସିଲ, ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଓ ସାପ୍ତାହିକ ହାଟ ଥିବାରୁ ଏହି ଅଞ୍ଚଳରେ ନିୟମିତ ଭିଡ଼ ରହୁଥିବାରୁ ଯାତାୟାତରେ ଅସୁବିଧା ହେଉଥିଲା। ବାଲିପାଟଣା ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ଦୋକାନ ଭାଙ୍ଗିବା ପାଇଁ ନୋଟିସ ଜାରି କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟାରେ ବାଲିପାଟଣା ତହସିଲଦାର କଳ୍ପନା ଦାସ, ଅତିରିକ୍ତ ତହସିଲଦାର ସୌରଭ ବନ୍ଧୁ, ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ସେମତ ତହସିଲ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ନୟାପଲ୍ଲୀରେ ଯୁବକଙ୍କୁ ଖଣ୍ଡାଚୋଟ, ୨ ଗିରଫ

ଭୁବନେଶ୍ୱର,୩୦।୧୨(ତ୍ରିନାଥ ମହାନ୍ତି)

ନୂଆସାହି ଅଞ୍ଚଳରେ ବବୁଲ ଦାସଙ୍କୁ ତାଙ୍କ ଘର ଗେଟ୍ ଆଗରେ ଖଣ୍ଡାରେ ଆକ୍ରମଣ ଘଟଣାରେ ନୂଆପଲ୍ଲୀ ଥାନା ପୋଲିସ ନାବାଳକ ସମେତ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆପଲ୍ଲୀ ଅଞ୍ଚଳରେ ରହୁଥିବା ନୟାଗଡ଼ ଦଶପଲ୍ଲାର ସୁମନ ନାୟକ(୪୦)। ବବୁଲଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ ରହିଥିବାବେଳେ ପୋଲିସ ହାତରେ ଧରାପଡ଼ିଥିବା ନାବାଳକକୁ ଜେଜେବିରେ ହାଜର କରାଯାଇଛି। ସୂଚନା ଅନୁସାରେ, ଗତ ୨୭ ତାରିଖ ରାତିରେ ବବୁଲ ୟୁନିଟ-୮ ନୂଆସାହିସ୍ଥିତ ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ୪ରୁ ୫ଜଣ ଦୁର୍ବୃତ୍ତ ପୂର୍ବ ଗଣ୍ଡଗୋଳକୁ ନେଇ ଉଠାଇ ନେଇଥିଲେ। ଏଥିସହ ତାଙ୍କୁ ମାଡ଼ ମାରିବା ସହିତ ମୁଣ୍ଡକୁ ଖଣ୍ଡାରେ ହାଣି ରାସ୍ତାକୁ ଫୋପାଡ଼ି ଫେରାର ହୋଇଯାଇଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିର: ନୂଆବର୍ଷରେ ଜଗିବେ ୩ ପ୍ଲାଟୁନ ଫୋର୍ସ

ପୁରୁଣା ଭୁବନେଶ୍ୱର,୩୦।୧୨
(ସୁବାସ ଚନ୍ଦ୍ର ପ୍ରଧାନ)


ଲିଙ୍ଗରାଜ ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ବାହାରେ ବନ୍ଧା ଯାଇଥିବା ବାରିକେଡ୍।

ନୂଆବର୍ଷ ପାଳନ ପାଇଁ ପୋଲିସ ପକ୍ଷରୁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଭିଡ଼ ହେବ। ଶ୍ରୀଲିଙ୍ଗରାଜଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩ ପ୍ଲାଟୁନ ପୋଲିସ ଫୋର୍ସ, ଗୋଟିଏ ସେକ୍ସନ ମହିଳା କନଷ୍ଟେବଲ, ୩ଜଣ ଇନ୍‌ସ୍ପେକ୍ଟର, ୫ଜଣ ଅଫିସରଙ୍କ ସମେତ ଫାଣ୍ଡି ଷ୍ଟାଫ ମୁତୟନ ହେବେ।

ଏହି ଟିମ୍ ଜଣେ ଏ.ସି.ପିଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମେଟାଲ ଡିଟେକ୍ଟର ପରମାନେଣ୍ଟ ଇନ୍‌ଷ୍ଟଲ କରାଯାଇଛି। ସିଂହଦ୍ୱାର ଦେଇ ବ୍ୟାରିକେଟରେ ଯାଇ ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରି ଉତ୍ତର ଦ୍ୱାର ଦେଇ ଶୃଙ୍ଖଳିତ ଭାବେ ପ୍ରସ୍ଥାନ କରିବେ।

### ପହିଲି ଭୋଗରୁ ବଞ୍ଚିତ ହେଉଛନ୍ତି ଶ୍ରଦ୍ଧାଳୁ

ଧନୁ ମାସ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ତେବେ ଶ୍ରଦ୍ଧାଳୁଙ୍କ ପାଇଁ ସନ୍ଧ୍ୟା ୭ଟା ୩୦ରୁ ବନ୍ଦ ହେବାକୁ ଥିବା ମନ୍ଦିର ୯ଟା ୪୫ କିମ୍ବା ୧୦ଟା ଯାଏ ବେଳେ ବେଳେ ଖୋଲା ରହୁଛି। ବ୍ୟାରିକେଟ ପାଇଁ ଧାଡ଼ି ଦର୍ଶନରେ ଯାଇ ସିଧା ଉତ୍ତର ଦ୍ୱାର ଦେଇ ଶ୍ରଦ୍ଧାଳୁ ବାହାରୁ ଥିବାରୁ ଆନନ୍ଦ ବଜାରରେ ପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି।

### ବେଆଇନ ପାର୍କିଂ ବଢ଼ାଉଛି ଟ୍ରାଫିକ ସମସ୍ୟା

ରାଜ୍ୟ ବାହାରୁ ଆସୁଥିବା ଯାନବାହନ ସମ୍ପୂର୍ଣ୍ଣ ନୂଆ ମାର୍କେଟ ବସ ଷ୍ଟାଣ୍ଡ ପୂର୍ଣ୍ଣ ହୋଇଯାଇଛି। ଫଳରେ ମନ୍ଦିର ଚତୁଃପାର୍ଶ୍ୱରେ ପାର୍କିଂ ପାଇଁ ନୋ ଜୋନ ଥିବା ବେଳେ ଅନେକ ଦଲାଲ ମନ୍ଦିରର ବିଭିନ୍ନ ସ୍ଥାନରେ ମନଇଚ୍ଛା ଗାଡ଼ି ପାର୍କିଂ କରାଇ ଯାତ୍ରୀଙ୍କଠାରୁ ଫି ଆଦାୟ କରୁଛନ୍ତି। ଯାହା ଦ୍ୱାରା ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ମନ୍ଦିର ପଛପଟେ ଥିବା ବିଏମ୍‌ସି ହସ୍ପିଟାଲକୁ ରୋଗୀ ଚିକିତ୍ସା ପାଇଁ ଆସି ଟ୍ରାଫିକରେ ଫସି ରହୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ତଥା ସାମାଜିକ କର୍ମୀ ଗୌରୀ ଶଙ୍କର ଶତପଥୀ କହିଛନ୍ତି।

# ଆଜି ଜିରୋ ନାଇଟ୍: ସୁରକ୍ଷା କଡ଼ାକଡ଼ି

ତ୍ରିଶୂଳିଆ,୩୦।୧୨(ତୁଷାର କାନ୍ତ ବେହେରା)

ନୂଆ ବର୍ଷ ଲାଗି ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ ବଢ଼ି ଚାଲିଛି। ବିଭିନ୍ନ ଆପରାଧିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ସାବାଡ଼ କରିବାକୁ ପିସିଆର ଅଣ୍ଟା ଭିଡ଼ିଛି। ବୁଧବାର ଜିରୋ ନାଇଡ୍ ପାଳିବେ ରାଜ୍ୟବାସୀ। ଏହାକୁ ଲକ୍ଷ୍ୟ ରଖି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଏଭଳି ସୁରକ୍ଷା ବ୍ୟବସ୍ଥା ହୋଇ ନ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ରହିଛି। ଏସବୁ ଅଞ୍ଚଳରେ ପ୍ରାୟ ୧୦୦ରୁ ଅଧିକ ଜାତୀୟ, ଅନ୍ତର୍ଜାତୀୟ କମ୍ପାନୀ ରହିଥିବାବେଳେ ଅନେକ ୟୁନିଭର୍ସିଟି ମଧ୍ୟ ରହିଛି। ଏହା ମଧ୍ୟରେ ଓମ୍‌ଫେଡ୍, ଜକି, ଭାରତ ମସଲା, ଅମ୍ବ୍ରୋଲ ଆଦି କମ୍ପାନୀରେ ଅନେକ ଶହ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ଏହି ଅଞ୍ଚଳରେ ବହୁ ରେଷ୍ଟୁରାଣ୍ଟ, ବିଦେଶୀ ମଦ ଦୋକାନ ମଧ୍ୟ ଖୋଲାଯାଇଛି। ଏହି ଅଞ୍ଚଳରେ ଦୈନନ୍ଦିନ କିଛି ନା କିଛି ଅପରାଧ ଘଟୁଛି। ଏହାକୁ ରୋକିବା ପାଇଁ ଗୋଡ଼ିସାହି ଫାଣ୍ଡି ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ନୂତନଭାବେ

**ଚାଲିଛି ୨୪ଘଣ୍ଟିଆ ପାଟ୍ରୋଲିଂ**

ଯୋଗଦେଇଥିବା ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୋମ୍ୟଶ୍ରୀ ଆଶୁତୋଷ ପାଣି ୨୪ଘଣ୍ଟା ପାଟ୍ରୋଲିଂ କରୁଛନ୍ତି। ପୋଲିସ ପକ୍ଷରୁ ଠିପି ବନ୍ଦ ମଦ ଦୋକାନ ଉପରେ ବାରମ୍ବାର ଚଢ଼ାଉ କରାଯାଉଛି। ନିକାଞ୍ଚନ ସ୍ଥାନରେ ସଂଘବଦ୍ଧ ହୋଇ ବସିଥିବା ଯୁବକମାନଙ୍କ କାର୍ଯ୍ୟକଳାପ ଯାଞ୍ଚ କରାଯାଉଛି। ୟୁନିଭର୍ସିଟି ପାଖ ପାହାଡ଼ ଉପରେ ବାରମ୍ବାର ଚଢ଼ାଉ କରାଯାଉଛି। ସନ୍ଦେହ ଘେରରେ ଯିଏ ବି ଆସିଲା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହା ସତ୍ତ୍ୱେ ଜିରୋ ନାଇଟ୍ ଉତ୍ସବ ଓ ନବବର୍ଷ ପାଳନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଆପରାଧିକ କାର୍ଯ୍ୟକଳାପ ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବାରଙ୍ଗ ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୋମ୍ୟଶ୍ରୀ ଆଶୁତୋଷ ପାଣି କହିଛନ୍ତି, ୩୧ ତାରିଖରୁ ନୂଆବର୍ଷ ପାଇଁ ଉତ୍ସବ ଆରମ୍ଭ ହେଉଥିବାରୁ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ସରିଲା ଓଡ଼ିଶା ଖାଦ୍ୟ ମହୋତ୍ସବ


ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୩୦।୧୨(ସୁଚିସ୍ମିତା ସାହୁ)

ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରଦର୍ଶନୀ ପଡିଆରେ ଚାଲିଥିବା ସାତଦିନିଆ ଓଡ଼ିଶା ଖାଦ୍ୟ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ଖାଦ୍ୟ ମହୋତ୍ସବ ଓଡ଼ିଶାର ପ୍ରଥମ ଓ ଅନନ୍ୟ ଥିଲା। ରାଜ୍ୟର ସମସ୍ତ ଜିଲାର ବିଶିଷ୍ଟ ବ୍ୟଞ୍ଜନ ଉପଲବ୍ଧ ଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ଏମ୍‌ପି ଅମର ପଟ୍ଟନାୟକ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ଓ କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲା, ହୋଟେଲ ପ୍ରେସିଡେନ୍ସିର

### ପୁରସ୍କୃତ ହେଲେ ୧୨୦ ପ୍ରତିଯୋଗୀ

ପରିଚାଳନା ନିର୍ଦ୍ଦେଶକ ପୀୟୁଷ ମହାନ୍ତି ଓ ନିଆଳି ବିଧାୟକ ଛବି ମଲ୍ଲିକ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ୧୨୦ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ରଥମ ପୁରସ୍କାର ଭାବେ ୫୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ୩୦୦୦ ଟଙ୍କା, ତୃତୀୟ ପୁରସ୍କାର ୨୦୦୦ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

ଭକ୍ତଚରଣ ତ୍ରିପାଠୀ ଏବଂ ଭବାନୀ ପାଟ୍ଟଯୋଶୀଙ୍କ ସମ୍ପାଦନାରେ ସମ୍ପାଦିତ ଖାଦ୍ୟ ମହୋତ୍ସବର ସ୍ମରଣିକା 'ଅନ୍ନବ୍ରହ୍ମ' ଉନ୍ମୋଚନ ହୋଇଥିଲା। ମହୋତ୍ସବର ଅଭ୍ୟର୍ଥନା କମିଟି ସଂଯୋଜକ ଜଗନ୍ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିନରେ ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ତ୍ରୁ ଛୁରିଆ, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ବିଷ୍ଣୁମୋହନ କବି, ବର୍ଣ୍ଣାଳୀ ହୋତା ଏବଂ ଜୟଶ୍ରୀ ଧଳ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ନ୍ୟୁଜିଲ୍ୟାଣ୍ଡରେ ଭାରତର ରାଷ୍ଟ୍ରଦୂତ ମଦନମୋହନ ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପୋଲିସ ଉପାୟୁକ୍ତ ରମେଶ ଚନ୍ଦ୍ର ବିଶୋଇ ଓ ଖାରବେଳନଗର ଥାନା ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ସଫଳ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉତ୍ସବର ଆୟୋଜକ କଲର୍ସ ପ୍ଲସ୍‌ର ମୁଖ୍ୟ ସନ୍ତୋଷ ପାତ୍ର ଏବଂ ଅଜନ୍ତା ଆଡ୍‌ଭରଟାଇଜର୍ସ ମନିଷ ଅଗ୍ରୱାଲାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

### ପଟିଆରୁ ଜବର ଦଖଲମୁକ୍ତ ହେଲା ଅଧ ଏକର ଜମି

ଭୁବନେଶ୍ୱର, ୩୦।୧୨(ବନ୍ଦନା ସେଠୀ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ମୌଜାରେ ପ୍ଲଟ୍ ନଂ. ୫୧୮ରେ ହୋଇଥିବା ଜବରଦଖଲକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଉଚ୍ଛେଦ ଆରମ୍ଭ ହୋଇଛି। ଦୁଇଦିନରେ ଅଧ ଏକର ଜମିରୁ ୩୦ରୁ ଊର୍ଦ୍ଧ୍ୱ ଘର, ଦୋକାନ, ହୋଟେଲକୁ ମାଟିରେ ମିଶାଯିବା ସହ ଅଧ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ୪ଟି ଲୁହା ଗେଟ, ୪ଟି ଛାତ ଘର, ୨୪ଟି ଆଜବେଷ୍ଟସ ଘର, ୮ଟି ଶୌଚାଳୟ, ୨ଟି ପାଣି ଟାଙ୍କି, ପ୍ରାୟ ୫୦ଫୁଟ ପାଚେରି ଏବଂ ଗୋଟିଏ ଲୁହା ଗେଟ ଭଙ୍ଗାଯାଇଥିଲା। ସମୟ ଅଭାବରୁ ଆଂଶିକ ଭାବରେ ଉଚ୍ଛେଦ ଅଭିଯାନ କରାଯାଇଥିଲା। ବୁଧବାର ଅବଶିଷ୍ଟ ଉଚ୍ଛେଦ ପ୍ରକ୍ରିୟା ସମ୍ପାଦନ କରାଯିବ ବୋଲି ସୂଚନା ଦିଆଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିବାବେଳେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନମ୍ବର ୧, ୪ ଏବଂ ୫ ଉଚ୍ଛେଦରେ ନିୟୋଜିତ ହୋଇଥିଲେ।

### ସାଇଶ୍ରୀ ପ୍ରିୟଦର୍ଶିନୀ 'ପ୍ରୟାସ ହିଡେନ୍ ଟାଲେଣ୍ଟ' ଚାମ୍ପିୟନ୍



ଭୁବନେଶ୍ୱର,୩୦।୧୨(ଅନୁରାଧା ମହାରଣା)

ପ୍ରୟାସ ପକ୍ଷରୁ ତିନିଦିନ ବ୍ୟାପୀ ଚାଲିଥିବା 'ପ୍ରୟାସ ହିଡେନ୍ ଟାଲେଣ୍ଟ ସିଜିନ୍-୬' ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ୟୁନିଟ୍-୩ସ୍ଥିତ ଏକାମ୍ର ହାଟ ପରିସରରେ ଅନୁଷ୍ଠିତ ଏହି ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବରିଷ୍ଠ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର, ସଜ୍ଜନ ଶର୍ମା ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ଜ୍ଞାନ, ବକ୍ତୃତା, ରଚନା ଲିଖନ, ଡ୍ରଇଂ, ଫ୍ୟାଶନ ଶୋ, ଡ୍ୟାନ୍ସ ଆଦି କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଦର୍ସ ପବ୍ଲିକ୍ ସ୍କୁଲ୍ ୟୁନିଟ୍-୧ର ପଞ୍ଚମ ଶ୍ରେଣୀ ଛାତ୍ରୀ ସାଇଶ୍ରୀ ପ୍ରିୟଦର୍ଶିନୀ ୪ଟି ବିଭାଗରେ କୃତିତ୍ୱ ଅର୍ଜନ କରିବା ସହ ପ୍ରୟାସ ହିଡେନ୍ ଟାଲେଣ୍ଟ ଚାମ୍ପିୟନ୍ ଟ୍ରଫି ହାସଲ କରିଥିଲେ। ୪ଟି ବର୍ଗରେ ଏଲ୍‌କେଜିରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶେଷରେ ଗ୍ରୁପ୍ ଡ୍ୟାନ୍ସ ଏବଂ ମମ୍ ସ୍ପେଶାଲ କାଟେଗୋରିରେ ମା'ମାନେ ଫ୍ୟାଶନ ଶୋ ଓ ଡ୍ୟାନ୍ସ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ 'ପ୍ରୟାସ'ର ଟ୍ରଷ୍ଟି କୌସ୍ତୁଭ ଦାସ, କମଳ ମହାନ୍ତି, ଜସ୍ମିନ ମହାନ୍ତି, କୌଶିକ ମହାନ୍ତି, ମମତା ମହାନ୍ତି, ବୃନ୍ଦାବନ ପଢିହାରୀ, ସୁରେଶ ପତ୍ରୀ ପ୍ରମୁଖ ପରିଚାଳନା କରିଥିବା ପ୍ରୟାସ ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି ସୂଚନା ଦେଇଛନ୍ତି। ସୋନାଲି ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିଲେ।

# ଅଦିନିଆ ରଥଯାତ୍ରାର ପ୍ରତିବାଦ କଲା ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ

ଭୁବନେଶ୍ୱର, ୩୦।୧୨(ବନ୍ଦନା ସେଠୀ)

ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରି ଇସ୍କନ ବାରମ୍ବାର ବିଦେଶରେ ଅଦିନିଆ ରଥଯାତ୍ରା କରିଚାଲିଛି। ବାରମ୍ବାର ଅନୁରୋଧ, ତାଗିଦା ପରେ ମଧ୍ୟ ଡିସେମ୍ବର ୨୭ରେ ଇସ୍କନ ପୁନର୍ବାର ଆମେରିକା, ପୁଏର୍ଟୋରିକୋର ରାଜଧାନୀ ସାନଜୁଆନରେ ରଥଯାତ୍ରା କରିଛି। ଏହାଦ୍ୱାରା ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ମର୍ମାହତ ହୋଇଛନ୍ତି ବୋଲି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ (ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ କୁହାଯାଇଛି। ଏହି ରଥଯାତ୍ରା ସମ୍ପର୍କରେ ପୂର୍ବରୁ ଇସ୍କନ ପକ୍ଷରୁ ବହୁଳ ପ୍ରସାର କରାଯାଇଥିବାବେଳେ ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ପ୍ରତିବାଦ କରଯାଇଥିଲା। ଏପରିକି ରଥଯାତ୍ରାକୁ ନିର୍ଦ୍ଦିଷ୍ଟ ସମୟରେ କରିବା ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ଇସ୍କନ କର୍ତ୍ତୃପକ୍ଷ ଏହାକୁ ଖାତିର ନ କରି ପୂର୍ବ ନିର୍ଦ୍ଧାରିତ ତାରିଖରେ ରଥଯାତ୍ରା କରିଥିଲେ। ପୂର୍ବରୁ ନଭେମ୍ବର ୨୨ରେ ନାଇଜେରିଆର ୱାରୀ ସହର ଏବଂ ୨୩ରେ ତାଇୱାନର ରାଜଧାନୀ ତାଇପେଇରେ ରଥଯାତ୍ରା ପାଳନ କରାଯାଇଥିଲା। ତେଣୁ ଦେଶବିଦେଶରେ ଥିବା ସବୁ ଆଧ୍ୟାତ୍ମିକ ଅନୁଷ୍ଠାନ ତଥା ଓଡ଼ିଆ ଭଉଣୀଭାଇଙ୍କ ତରଫରୁ ଇସ୍କନର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିବାଦ ପତ୍ର ପଠାଇବା ନିହାତି ଜରୁରୀ। ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଆଲୋଚନା ହେଉଥିଲେ ମଧ୍ୟ ସଂଗଠିତ ରୂପେ ଏହାର ବିରୋଧ କଲେ ହିଁ ଇସ୍କନର ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରାଯାଇପାରିବ ବୋଲି ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଶାସ୍ତ୍ର ଅନୁଯାୟୀ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା କରାଯିବା ବିଧି ସମ୍ମତ। ମାତ୍ର ବିଦେଶରେ ଇସ୍କନ ଏହାକୁ ମାନିବାକୁ ପ୍ରସ୍ତୁତ ନୁହେଁ। ଏହାଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା ହେଉଛି। ଅକ୍ଟୋବରରେ ଶ୍ରୀମନ୍ଦିର ପ୍ରଶାସନର ଚିଠିର ଉତ୍ତରରେ ମାୟାପୁରସ୍ଥିତ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା ଯେ, ଭାରତ ଭିତରେ ତିଥି ଅନୁସାରେ ସ୍ନାନଯାତ୍ରା ଓ ରଥଯାତ୍ରା କରାଯିବ। ସେହିପରି ବିଦେଶରେ କେବଳ ସ୍ନାନଯାତ୍ରା ତିଥି ଅନୁସାରେ କରାଯିବ। ତେବେ ରଥଯାତ୍ରାକୁ ତିଥି ଅନୁସାରେ କରିବା ଆଦୌ ସମ୍ଭବ ନୁହେଁ ବୋଲି ସେମାନେ ଜଣାଇଥିଲେ। ମାତ୍ର ରଥଯାତ୍ରା କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ନୁହେଁ, ଯାହାକୁ ମନଇଚ୍ଛା ଯେ କୌଣସି ଦିନ କରାଯିବ। ତେଣୁ ଇସ୍କନର ଏଭଳି ମନମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ସାରା ବିଶ୍ୱରେ ଥିବା ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏହାର ଘୋର ପ୍ରତିବାଦ କରିବାକୁ ହେବ ବୋଲି ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

# ରାଜ୍ୟ ପଛୁଆବର୍ଗ କମିଶନ ତୁରନ୍ତ ପୁନର୍ଗଠନ କରାଯାଉ

ଭୁବନେଶ୍ୱର,୩୦।୧୨(ସୁଚିସ୍ମିତା ସାହୁ)



ଉତ୍କଳ ବିକାଶ ପରିଷଦର ୨୭ତମ ବୈଠକ ସୋମବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଅଧ୍ୟକ୍ଷ ନଟବର ଖୁଣ୍ଟିଆଙ୍କ ସଭାପତିତ୍ୱରେ ସ୍ୱାଧୀନତା ପୂର୍ବରୁ ଖଣ୍ଡାୟତ ସମାଜର ନେତୃତ୍ୱ ନେଇଥିବା ଯଦୁମଣି ମଙ୍ଗରାଜ ଏବଂ କାଶୀନାଥ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରିଷଦର ମୁଖପତ୍ର 'ଦୁନ୍ଦୁଭି'ର ମୁଖ୍ୟ ସମ୍ପାଦକ ଡ. ଗୋବିନ୍ଦ ଭୂୟାଁ ଯୋଗଦେଇ କହିଲେ, ରାଜନୀତିର ଲକ୍ଷ୍ୟ ଲୋକ କଲ୍ୟାଣ ହୋଇଥିବା ବେଳେ ସାହିତ୍ୟ ମାନବ ସମ୍ପଦର କଲ୍ୟାଣ ସାଧନ କରିଥାଏ। ବରିଷ୍ଠ ଉପସଭାପତି

**ଉତ୍କଳ ବିକାଶ ପରିଷଦ ବୈଠକ**

ରୁଷି ଗୁମାନସିଂହ ଯୋଗଦେଇ କହିଲେ, ଖଣ୍ଡାୟତଙ୍କୁ ଓବିସି ବର୍ଗରେ ସାମିଲ କରିବାକୁ ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେଇଥିବାରୁ ଉତ୍କଳ ବିକାଶ ପରିଷଦ ଅତ୍ୟନ୍ତ ଉତ୍ସାହିତ । ମୁଖ୍ୟବକ୍ତା ଭାବେ ପ୍ରମୋଦ ଧଳ ଯୋଗଦେଇ ସାମ୍ବିଧାନିକ ଅଧିକାର ଏବଂ ଖଣ୍ଡାୟତଙ୍କୁ ଓବିସି ବର୍ଗରେ ସାମିଲ କରିବାର ଆବଶ୍ୟକତା ବିଷୟରେ କହିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରଦୀପ ବିଶ୍ୱାଳ ଓ ଭାଜପା ଓବିସି ସେଲର ଅଧ୍ୟକ୍ଷ ସୁରଥ ବିଶ୍ୱାଳ ଉପସ୍ଥିତ ଥିଲେ। 'ଦୁନ୍ଦୁଭି'ର ସମ୍ପାଦକ ଡ. ଶରତ ଚନ୍ଦ୍ର ପରିଡ଼ା ସ୍ୱାଗତ ଭାଷଣ, ସମ୍ପାଦକ ଅନିଲ ଦଳାଇ ବିବରଣୀ ପାଠ, ସୌଦାମିନୀ ସାମନ୍ତରାୟ ସଂଚାଳନା ଓ ପରିଷଦର ଉପଦେଷ୍ଟା ସୁବାସ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସରେ ମଙ୍ଗଳବାର ଲୋକଭବନ ଛକସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ କର୍ମକର୍ତ୍ତାମାନେ।

# ଶିକ୍ଷକଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ଆଜିର ଆବଶ୍ୟକତା

ଭୁବନେଶ୍ୱର,୩୦।୧୨(ସୁଚିସ୍ମିତା ସାହୁ)

**ଓୟୁଏଟି ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ସାଧାରଣସଭା**

ଓୟୁଏଟି ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ୪୯ତମ ବାର୍ଷିକ ସାଧାରଣ ସଭା ମଙ୍ଗଳବାର କୃଷି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘର ଉପଯୁକ୍ତ ସଂଚାଳନ ଦ୍ୱାରା ବିଶ୍ୱବିଦ୍ୟାଳୟର ପରିଚାଳନା ଓ ବ୍ୟବସ୍ଥା ଦୃଢ଼ୀଭୂତ ହୋଇପାରିବ। ଶିକ୍ଷକଙ୍କ ମିଳିତ ପ୍ରଚେଷ୍ଟାରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ସେ କହିଲେ, ବିଶ୍ୱବିଦ୍ୟାଳୟ ପ୍ରଶାସନ ସହ ନିୟମିତ ଆଲୋଚନା ଓ ସଂଳାପ ମାଧ୍ୟମରେ ସଂଘ ନିଜ ମତାମତ ସଫଳତାର ସହିତ ଉପସ୍ଥାପନ କରିପାରିଛି। ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସମ୍ମିଳିତ ପ୍ରଚେଷ୍ଟା ବଳରେ ବିଶ୍ୱବିଦ୍ୟାଳୟକୁ ଉଚ୍ଚସ୍ତରରେ ପହଞ୍ଚାଯାଇପାରିବ। ଶିକ୍ଷକଙ୍କ ସଶକ୍ତୀକରଣ, ଗବେଷଣା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ଓ ନବୋନ୍ମେଷକୁ ପ୍ରୋତ୍ସାହନ ଦେବା ଆଜିର ସମୟର ଆବଶ୍ୟକତା। ଏହି ଦିଗରେ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି କୁଳପତି କହିଛନ୍ତି।

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ୍ ମେଟେରିଆଲ୍ସ ଟେକ୍ନୋଲୋଜି, ସିଏସ୍ଆଇଆର ଭୁବନେଶ୍ୱରର ଇଲେକ୍ଟ୍ରୋନିକ୍ସ, ଇନ୍‌ଷ୍ଟ୍ରୁମେଣ୍ଟେଶନ ଓ କଣ୍ଟ୍ରୋଲ ବିଭାଗ ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଦେବୀ ପ୍ରସାଦ ଦାସ ଅତିଥି ଭାବେ ଯୋଗଦେଇ କହିଲେ, ଆଜିର ଦ୍ରୁତଗତିଶୀଳ ବୈଜ୍ଞାନିକ ଓ ପ୍ରଯୁକ୍ତିମୟ ପରିବେଶରେ ଶିକ୍ଷା ଓ ଗବେଷଣାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଯୁକ୍ତିଗୁଡ଼ିକର ଠିକ ବ୍ୟବହାର ମାଧ୍ୟମରେ ଗବେଷଣାର ଗୁଣମାନ ବୃଦ୍ଧି ଓ ସମସ୍ୟା ସମାଧାନରେ ନୂତନ ଦିଗ ଖୋଲିପାରିବ। ସିଏସ୍ଆଇଆର-ଆଇଏମ୍ଏମ୍‌ଟି ଦେଶର ଖଣିଜ ଓ ଉପାଦାନ ପ୍ରଯୁକ୍ତି ଉନ୍ନତିରେ ଅଗ୍ରଣୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଓୟୁଏଟି ପରି ବିଶ୍ୱବିଦ୍ୟାଳୟ ସହ ସଂସ୍ଥାଗତ ସହଯୋଗ, ଯୁକ୍ତ ଗବେଷଣା ପ୍ରକଳ୍ପ, ଛାତ୍ର ଓ ଶିକ୍ଷକ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ମାଧ୍ୟମରେ ବୈଜ୍ଞାନିକ ଜ୍ଞାନକୁ ଆହୁରି ପ୍ରୟୋଗମୂଳକ କରାଯାଇପାରିବ ବୋଲି ଡ. ଦାସ ମତ ରଖିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଅଧ୍ୟକ୍ଷ, ନିର୍ଦ୍ଦେଶକ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଡ. ରଞ୍ଜନ କୁମାର କର ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ସଭାପତି ଡ. ଅଜିତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍



ଚୌଦ୍ୱାର,(ଆଶୁତୋଷଦାସ):ମଙ୍ଗୁଳିରୁଅନୁଗୋଳଅଭିମୁଖେଯାଉଥିବାଏକଟ୍ରକ୍(ନଂ.ଓଡି୦୫ଏଏଚ୍-୧୧୩୩) ଭାରସାମ୍ୟ ହରାଇ ମଙ୍ଗଳବାର ରାତିରେ ଚୌଦ୍ୱାର ଗନ୍ଧିଛକ ନିକଟରେ ଥିବା ରେଳ ଲାଇନ ଉପରେ ଓଲଟି ପଡ଼ିଛି। ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଖବର ଲେଖା ହେବା ବେଳେ ମୃତାହତ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ଜିରୋ ନାଇଟ୍, ନୂଆବର୍ଷ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



କଟକ,୩୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଗୁରୁବାର ନୂଆବର୍ଷ। ଏହାକୁ ସ୍ୱାଗତ କରିବା ପାଇଁ ଜିରୋ ନାଇଟ୍ ସେଲିବ୍ରେଶନ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ସହରବାସୀ ବିଭିନ୍ନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏପରି କି ବିଭିନ୍ନ କ୍ଲବ ଓ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କ ନୃତ୍ୟ, ସଙ୍ଗୀତରେ ଲୋକମାନଙ୍କୁ ଝୁମାଇବା ପାଇଁ କ୍ଲବ, ହୋଟେଲ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରସ୍ତୁତିରୁ ବାଦ୍ ପଡିନାହାନ୍ତି ସହରରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟ। ଜିରୋ ନାଇଟ ପାଇଁ ହୋଟେଲରେ କ୍ୟାଣ୍ଡେଲ ଲାଇଟ ଡିନର ସହ ଭଳି କି ଭଳି ଖାଦ୍ୟର ଆୟୋଜନ କରାଯାଇଛି।

### ସ୍ୱତନ୍ତ୍ର ଖାଦ୍ୟ ପ୍ଲାଟର



"ହୋଟେଲ ପକ୍ଷରୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ପେଙ୍କିଂ ରୋଷ୍ଟ ଚିକେନ, ହୁନନ୍, ଥାଇ ବେସିଲ ଚିକେନ, ଚିଲି ବିନ୍ ଚିକେନ, ଗ୍ରିଲ୍ଡ ଚିକେନ, ୱାଇନ ଗ୍ଲେଜ ଗ୍ରିଲ୍ ଚିକେନ୍, ହୋଲ କ୍ରିସ୍ପି ପମ୍ପଫ୍ରେଟ୍ ଇତ୍ୟାଦି ଭଳି କି ଭଳି ଖାଦ୍ୟ ରହିଛି। ଏହାସହ ମିଠାରେ ବେକ୍ଡ୍ ୟୋଗର୍ଟ, ସ୍ପ୍ରେସୋ ସୋକ୍ଡ୍ ବ୍ରାଉନି, ସସ୍ ରାପଡ୍ ଫାଏଡ୍ ଆଇସକ୍ରିମ୍ ଇତ୍ୟାଦି ରହିଛି। ଏହି ସବୁ ଖାଦ୍ୟ ପ୍ଲାଟର ଜିରୋ ନାଇଟ୍ ପାଇଁ ବ୍ୟବସ୍ଥା କରାଯାଇଛି। ଜିରୋ ନାଇଟ୍ ଓ ନୂଆବର୍ଷ ପାଇଁ ହୋଟେଲକୁ ସଜାଯାଇଛି।

**ରିତେଶ ନାଏକ, ମ୍ୟାନେଜର**
**ଗ୍ରାଣ୍ଡ ରେସିଡେନ୍ସି ହୋଟେଲ, ପାଲାମଣ୍ଡପ**

### କ୍ୟାଣ୍ଡେଲ ଲାଇଟ୍ ଡିନର ସ୍ୱତନ୍ତ୍ର



"ହୋଟେଲରେ ଜିରୋ ନାଇଟ୍ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ସ୍ୱତନ୍ତ୍ର ଭାବେ କ୍ୟାଣ୍ଡେଲ ନାଇଟ ଡିନରର ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରଥମକରି ମୋମୋ ଫେଷ୍ଟର କରାଯାଇଛି, ଯେଉଁଥିରେ ଥୁକ୍ପା, ଥେନ୍ଥୁକ୍, ମକ୍ଥୁକ୍, ଭେଜ ମୋମୋ, ପ୍ରନ୍ ମୋମୋ, ଚିକେନ୍ ମୋମୋ, ମଟନ୍ ମୋମୋ ଭଳି ସାତ ପ୍ରକାରର ମୋମୋ ଗ୍ରାହକଙ୍କୁ ପରସା ଯିବ। ଏହାର ଦର ୨୫୦ ଟଙ୍କାରୁ ୪୦୦ ଟଙ୍କା ମଧ୍ୟରେ ରହିଛି। ଯାହାକି ଗ୍ରାହକମାନଙ୍କୁ ସୁହାଇବ ବୋଲି ଆଶା କରାଯାଉଛି।

**ସୌମ୍ୟାସ୍ମିତା ସାହୁ, ସିଇଓ**
**ନାଇଥ୍ ବିଷ୍ଟ୍ରୋ ରେଷ୍ଟୁରାଣ୍ଟ, ହୋଟେଲ ଶୀତଲ**

### ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଗାଲା ଡିନର



"ପିପୁଲ ପଦ୍ମଜା ପ୍ରାଇଡ୍ ସର୍ବଦା ଗ୍ରାହକଙ୍କୁ ପ୍ରାଧାନ୍ୟ ଦେଇ ଆସିଛି। ଜିରୋ ନାଇଟ ଓ ନୂଆବର୍ଷ ପାଇଁ ହୋଟେଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ହୋଟେଲ ପକ୍ଷରୁ ଗାଲା ଡିନରରେ ସ୍ୱତନ୍ତ୍ର ବ୍ୟଞ୍ଜନ ଗ୍ରାହକଙ୍କୁ ପରସାଯିବ। ବ୍ୟଞ୍ଜନ ମଧ୍ୟରେ ମକ୍‌ଟେଲ, ମିଟ୍‌ବଲ ସୁପ୍, କ୍ରିମ୍ ବ୍ରୋକୋଲି ସୁପ୍, ଚିକେନ ସାମି କବାବ, ଏଗ୍ ଡେଭିଲ, ଚିଲି ବେସିଲ ଫିସ୍, ମଖମଲି ପନିର ଟିକା, ହଂଗ କଂଗ କ୍ରିସ୍ପି ଭେଜିଟେବୁଲ, ମଟନ ଭୁନା ଗୋଷ୍ଟ, ଚିକେନ ପଟିଆଲା, ହୋମ୍-ଷ୍ଟାଇଲ ପ୍ରନ୍ କରି, ସାଘାଇ ନୁଡ଼ଲ, ଷ୍ଟିର-ଫ୍ରାଏଡ୍ ଗ୍ରୀନ୍ସ, ରସଗୋଲା, ହଟ୍ ଗୁଲାବ ଜାମୁନ, ଛେନାପୋଡ଼ା, ସନ୍ଦେସ, ଆସର୍ଟେଡ୍ ପେଷ୍ଟ୍ରି ଇତ୍ୟାଦି ଖାଦ୍ୟ ରହିଛି। ଗ୍ରାହକଙ୍କ ପାଇଁ ରିହାତି ଦର ରହିଛି । ହୋଟେଲକୁ ନୂଆବର୍ଷ ପାଇଁ ସଜାଯାଇଛି।

**ସରୋଜ ବାହାଲିଆ, ସେଲ୍ସ ଏକ୍‌ଜିକ୍ୟୁଟିଭ୍**

# ଓଡ଼ିଶା ଦଳଗତ ଚାମ୍ପିୟନ

କଟକ,୩୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

**ଅନ୍ତର୍ଜାତୀୟ କାଇଟ୍ ସର୍ଫିଙ୍ଗ**

କେରଳରେ ଆୟୋଜିତ ଅନ୍ତର୍ଜାତୀୟ କାଇଟ୍ ସର୍ଫିଙ୍ଗ ପ୍ରତିଯୋଗିତାରେ ଓଡ଼ିଶା ଦଳଗତ ଚାମ୍ପିୟନ ହୋଇଛି। ପ୍ରଭାତ କୁମାର ପୃଷ୍ଟି, ଜୈସାଲଦୀପ ସିଂ, ନୋଭାଲିଶା, କ୍ଷିତୀଶ ରାଉତରାୟ ଏବଂ ଗୌରବ ମହାନ୍ତି ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ୟାଟିଂ ସଂଘ ଏବଂ ଓଡ଼ିଶା କାଇଟ୍‌ମାଇନ ପକ୍ଷରୁ ବିଜୟୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଯାଇଛି। ଚାମ୍ପିୟନ ଟାଇଟଲ ବିଜୟୀ ଓଡ଼ିଶା ଦଳ ମଙ୍ଗଳବାର କେରଳରୁ ପ୍ରତ୍ୟାବର୍ତ୍ତନ କରିଛି। ଆସନ୍ତା ୨ ତାରିଖରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କେରଳରେ ଆୟୋଜିତ ଏହି ଦୁଃସାହସିକ ଜଳକ୍ରୀଡ଼ା ଭାରତର ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କ ସମେତ ଇଣ୍ଡୋନେସିଆ, ମେକ୍ସିକୋ, କାନାଡା, ଓମାନ ଓ ଭିଏତନାମ ପରି ଦେଶର ଖେଳାଳି ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସର୍ବାଧିକ ପଏଣ୍ଟ ହାସଲ କରି ଓଡ଼ିଶା ଦଳଗତ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଓଡ଼ିଶା ୟାଟିଂ ସଂଘର ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବିର ବକ୍ସ ପ୍ରତିଯୋଗିତାରେ ଜୁରୀ ଭାବେ ଦାୟିତ୍ୱ ବହନ କରିଥିଲେ। ସବିର କହିଛନ୍ତି, ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଓଡ଼ିଶା ଚାମ୍ପିୟନ ହେବା ଗର୍ବର ବିଷୟ। ଏହି ଧାରା ଆଗକୁ ଜାରି ରହିବ ବୋଲି ସେ ଜଣାଇଛନ୍ତି। ଓଡ଼ିଶା ୟାଟିଂ ସଂଘର ଅଧ୍ୟକ୍ଷ କ୍ୟାପ୍ଟେନ ସରୋଜ କୁମାର ପ୍ରଧାନ, ସଚିବ ଇଞ୍ଜିନିୟର ସଞ୍ଜୟ କୁମାର କର ଓ ଉପାଧ୍ୟକ୍ଷ ଲଳିତେନ୍ଦୁ ବକ୍ସୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ





ଅତିଥିଙ୍କ ଗହଣରେ ବିଜେତା ଖେଳାଳିମାନେ।

ଫୁଲନଖରା,୩୦।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ମିନି ଷ୍ଟାଡ଼ିୟମରେ ଦୁଇ ଦିନ ଧରି ଚାଲିଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ, ଜିଲା ତୀରନ୍ଦାଜ ସଂଘ ଓ ଜିନ୍ଦଲ ଫାଉଣ୍ଡେଶନ ସମନ୍ୱୟ ଏବଂ ସିଦ୍ଧେଶ୍ୱର କ୍ଲବ ସହାୟତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟର ୧୦, ୧୩ ଓ ୧୫ ବର୍ଷରୁ କମ ବୟସର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ ବସନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ରାଜ୍ୟ ଭାଜପା ଉପସଭାପତି ଯତୀନ ମହାନ୍ତି, ରାଜ୍ୟ ତୀରନ୍ଦାଜ ସଂଘର ସଭାପତି ପରିକ୍ଷିତ ମହାରଣା, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଯୋଗଦେଇ ଖେଳାଳିମାନଙ୍କୁ ଆନ୍ତଃରାଜ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ କୁରାଙ୍ଗ ଶାସନ ସିଦ୍ଧେଶ୍ୱର ସ୍ପୋର୍ଟିଂ କ୍ଲବ ସଭାପତି ଧୀରଜ କୁମାର ଜେନା, ସମ୍ପାଦକ ବିଶ୍ୱଜିତ ବେହେରା, ସହସମ୍ପାଦକ ମାୟାଧର ରାଉତରାୟ, କୋଷାଧ୍ୟକ୍ଷ ସାଗର ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ କ୍ଲବର ଉପଦେଷ୍ଟା ଅଶୋକ ସାହୁ, ଜହର ଅଲ୍ଲୀ ଖାଁ, ସାମାଜିକ କର୍ମୀ ବିଜୟ କୁମାର ସାହୁ, ପ୍ରକାଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶେଷରେ ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି ଦିଲୀପ କୁମାର ପାତ୍ର ଏବଂ ଧୀରେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୪୨ ମୌଜା ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବି

କଟକ ସଦର,୩୦।୧୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅଞ୍ଚଳରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୪ଟି ପଞ୍ଚାୟତରୁ ୬ଟି ପଞ୍ଚାୟତ ସୃଷ୍ଟି ହୋଇଛି। ଉକ୍ତ ମୌଜାରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଆସୁଛନ୍ତି। ଏହି ସ୍ଥାନରେ ବିଭିନ୍ନ କାର୍ଯ୍ୟର ଉନ୍ନତିକରଣ ନିମନ୍ତେ ସାମାଜିକ କର୍ମୀ ଶଶିକାନ୍ତ ଦାସ ଗୁରୁତ୍ୱାରୋପ କରିଛନ୍ତି। ୪୨ ମୌଜା ଅନ୍ତର୍ଗତ ଗୋବିନ୍ଦପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାର କଟକ-ଜଗତ୍‌ସିଂହପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପ୍ରଶସ୍ତକରିବା, ଜମି ଅଧିକରଣ କରି ରାସ୍ତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ନଦୀବନ୍ଧ ପାର୍ଶ୍ୱବର୍ତ୍ତୀ ରାସ୍ତା ଓ ମୁଖ୍ୟ ରାସ୍ତାର ଆଲୋକିକରଣ, ଝିଙ୍କିରିଆଠାରେ ସ୍ୱାଗତ ତୋରଣ ସହ ନୂଆ ସେତୁ ନିର୍ମାଣ କରିବା ପାଇଁ ସାମାଜିକ କର୍ମୀ ଦାସ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ହିମାଂଶୁ ମହାନ୍ତି ଭାଜପା କଟକ ଜିଲା ସାଙ୍ଗଠନିକ ଉପସଭାପତି

ମଙ୍ଗୁଳି-ଜଗତପୁର,୩୦।୧୨(ମାନସ ସାମଲ)

ଟାଙ୍ଗୀ- ସାଲେପୁର ବରିଷ୍ଠ ନେତା ହିଂମାଂଶୁ ମହାନ୍ତି ଭାଜପା କଟକ ଜିଲା ସାଙ୍ଗଠନିକ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଭାରତୀୟ ଜନତା ପାର୍ଟି, ଓଡିଶା ପ୍ରଦେଶ ଜିଲା କମିଟି ପକ୍ଷରୁ ଏହି



ନିର୍ଦ୍ଦେଶନାମା ବାହାରିବା ପରେ ହିଂମାଂଶୁଙ୍କ ସମର୍ଥକ ମନରେ ଖୁସିର ଲହରୀ ଖେଳିଯାଇଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ, ବୀମା ସଖୀ, ଉଜ୍ଜ୍ୱଳା ଯୋଜନା, ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଆଦି କିପରି ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀରେ ପ୍ରତି ପଞ୍ଚାୟତ, ବୁଥ ଓ ଘରେ ପହଞ୍ଚି ପାରିବ ସେ ନେଇ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଜାରି ରଖି ଚର୍ଚ୍ଚାରେ ଥିଲେ। ତାଙ୍କ ଲୋକପ୍ରିୟତା ଓ ସଙ୍ଗଠନ ପାଇଁ ଆଜି କଟକ ଜିଲା ଗ୍ରାମୀଣ ଉପସଭାପତି ପଦରେ ସ୍ଥାନ ମିଳିଛି ବୋଲି ହିମାଂଶୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସାଙ୍ଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରାପଡ଼ା ଏମ୍‌ପି ବୈଜନ୍ତ ପଣ୍ଡା, କଟକ ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତିଙ୍କୁ ହିମାଂଶୁ କୃତଜ୍ଞତା ଜଣାଇଛନ୍ତି।



ବାଙ୍କ ବଜାର ଜନତା ରଙ୍ଗମଞ୍ଚରେ ମଙ୍ଗଳବାର ପରିବେଷିତ ହାସ୍ୟ ରସାତ୍ମକ ନାଟକ 'ପୁନେଇଁ ଖିଆ'। (ଫଟୋ: ରାଜକିଶୋର ମହାନ୍ତି)

# ମେସେଜ୍ ମିଳିନି, ଧାନ ବିକ୍ରି ନେଇ ସନ୍ଦେହରେ ଚାଷୀ

କଟକ ସଦର,୩୦।୧୨(ସୁଶାନ୍ତ କୁମାର ଜେନା)

**୧ ଲକ୍ଷ ୫୩ ହଜାର ଜାଲ ପ୍ଲଟ୍**

କଟକ ସଦର ବ୍ଲକ ଅନ୍ତର୍ଗତ ୮ଟି ମଣ୍ଡିରେ ଜାନୁଆରୀରୁ ଧାନ ସଂଗ୍ରହ କରିବ ବୋଲି ସମବାୟ ବିଭାଗ ଲକ୍ଷ୍ୟ ରଖିଛି। ଏବେ ସୁଦ୍ଧା ୫୦ ଭାଗ ପଞ୍ଜୀକୃତ ଚାଷୀଙ୍କ ପାଖକୁ ମେସେଜ ଆସିନାହିଁ। ତେଣୁ ସମ୍ପୃକ୍ତ ଚାଷୀମାନେ ଆଶଙ୍କା ମଧ୍ୟରେ ରହିଛନ୍ତି। ଜିଲା ଯୋଗାଣ କାର୍ଯ୍ୟାଳୟ ଓ ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ୧ ଲକ୍ଷ ୫୩ ହଜାର ଜମି ପ୍ଲଟ୍‌ର ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାରଣ ସେହି ସବୁ ପ୍ଲଟର କିସମ ଉପଗ୍ରହ ଦ୍ୱାରା ସର୍ଭେ ବେଳେ ଅଲଗା ଥିବା ଜଣାପଡିଛି। ନଦୀପଠା, ସରକାରୀ ଜମି, ଖେଳପଡିଆ, ପୋଖରୀ, ଶ୍ମଶାନ, ଘର ହୋଇ ସାରିଥିବା ଜମିରେ ଧାନଚାଷ ହୋଇଥିବା କଥା ଚାଷୀମାନେ ପଞ୍ଜୀକରଣ ସମୟରେ ଜାଲପଟ୍ଟା ବଳରେ ଦର୍ଶାଇଥିଲେ। ଏବେ ତାହା ଧରାପଡ଼ିଯାଇଛି। କଟକ ସଦର, ବାଙ୍କୀ ଓ ଆଠଗଡ଼ ଉପଖଣ୍ଡରେ ଏତେ ପରିମାଣରେ ଭୂତ ପ୍ଲଟ ରହିଥିବାରୁ ତାର ତଦନ୍ତ ପାଇଁ ସମବାୟ ସମିତି ସଭାପତିମାନଙ୍କୁ କୁହାଯାଉଛି। ତଦନ୍ତ ପରେ ଠିକ ରିପୋର୍ଟ ଯିବା ପରେ ସବୁ ଚାଷୀମାନଙ୍କ ପାଖକୁ ମେସେଜ ଆସିବ ବୋଲି କଟକ ଜିଲା ସହକାରୀ ସମବାୟ ନିବନ୍ଧକ ଶରତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଫଳରେ ଗତିରାଉତପାଟଣା, କନ୍ଦରପୁର, କିଶୋରନଗର, ପ୍ରହରାଜପୁର, ଅରିଲୋ, କୂଳସରିଚୁଆଁ, ଦଧିବାମନପୁର, ପ୍ରତାପନଗରୀ ସମବାୟ ସମିତିର ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିବା ଚାଷୀମାନେ ଆଶଙ୍କା ମଧ୍ୟରେ ରହିଛନ୍ତି।

# ପାଲା ମହୋତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୩୦।୧୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନଖରା ପଞ୍ଚାୟତ ଅଧୀନ ଅଙ୍ଗଦାରାଡ଼ିହ ଗ୍ରାମସ୍ଥିତ କନକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ପାଲା ମଣ୍ଡଳ ଆନୁକୂଲ୍ୟରେ ୩ ଦିନ ବ୍ୟାପୀ ଚାଲିଥିବା ପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସଭାପତି ଅନାଦି ଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଶ୍ରୀକାନ୍ତ ବାବା ଉଦ୍‌ଘାଟନ କରିଥିଲେ। ପ୍ରତି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟୁତଲତା ମିଶ୍ର, ଜ୍ୟୋତିର୍ବିତ୍ ତପନ ହୋତା, ଶପଥ ମହାପାତ୍ର, ଗାୟକ ରମେଶ ଚନ୍ଦ୍ର ପଣ୍ଡା, ସରପଞ୍ଚ ପବିତ୍ର କୁମାର ଉପାଧ୍ୟାୟ, ପବିତ୍ର ମୋହନ ଷଡ଼ଙ୍ଗୀ, ଦେବ ପ୍ରକାଶ ପାଣ୍ଡେ, ନୀଳମଣି କର, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଲା ସଂସ୍କୃତିର ଐତିହ୍ୟ ଓ ଜନଜୀବନ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରି ପାଲା ସଂସ୍କୃତିକୁ ବଞ୍ଚାଇ ରଖିବା ଦିଗରେ ବିଶ୍ୱେଶ୍ୱର ପାଲା ମଣ୍ଡଳର ପ୍ରୟାସକୁ ପ୍ରଶଂସା କରିଥିଲେ। କଳା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବହୁ କଳାକାରଙ୍କୁ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ନିରଞ୍ଜନ ପଣ୍ଡା, ବିଚିତ୍ରାନନ୍ଦ ପଣ୍ଡା, ରବୀନ୍ଦ୍ର କୁମାର ମହାପାତ୍ର, ପର୍ଶୁରାମ ସାହୁ, ରବୀନ୍ଦ୍ର ଷଡ଼ଙ୍ଗୀ, ଗଣେଶ ମିଶ୍ର, କିଶୋର ଚନ୍ଦ୍ର ନାୟକ, ନରେନ୍ଦ୍ର କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ୩ଦିନ ଧରି ୭ଜଣ ସୁନାମଧନ୍ୟ ପାଲାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା।

# ସଚେତନ ନ ରହିଲେ ଗ୍ରାହକ ଠକାମିରେ ପଡ଼େ

କଟକ,୩୦।୧୨(କାର୍ତ୍ତିକ ସାହୁ)

ସାମ୍ପ୍ରତିକ ପରିସ୍ଥିତିରେ କ୍ରୟବିକ୍ରୟ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ଗ୍ରାହକ ସଚେତନ ହେବା ଉଚିତ। ଗ୍ରାହକଟି କିଣାବିକା ସମୟରେ ସଚେତନ ନ ରହିଲେ ଠକାମିରେ ପଡ଼େ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସଂଘ ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ଶିଶୁ ଭାରତୀ ବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ଗ୍ରାହକ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ଓକିଲ ଫୋରମର ସଭାପତି ଘାସିରାମ ବର୍ମା ଯୋଗଦେଇ ଏହା କହିଛନ୍ତି। ଫୋରମର କଟକ ଜିଲା ସଭାପତି ବାମନ ବଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ଆଇନ ପ୍ରମୁଖ ତାପସ ଦ୍ୱିବେଦୀ ଯୋଗଦେଇ ଗ୍ରାହକ କିଣାବିକା ସମୟରେ ସାବଧାନ ରହିବା ସହ ଅନ୍ୟକୁ ସଚେତନ କରାଇବାକୁ କହିଥିଲେ। ଉପସଭାପତି ସଞ୍ଜୟ ପଟ୍ଟନାୟକ, ଅଧିବକ୍ତା କୌସ୍ତୁଭ ଚୌଧୁରୀ, ସମ୍ପାଦକ ମିଳନ ଦତ୍ତ, ଗଣମାଧ୍ୟମ ସଂଯୋଜିକା ସୁଚିତ୍ରା ସେଠୀ, କାର୍ଯ୍ୟକାରିଣୀ ସଦସ୍ୟା କଲ୍ୟାଣୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିବଶଙ୍କର ରାଉତ ଧନ୍ୟବାଦ ଦେଇଥିଲେ।

# ଡାକ୍ତର ଶଙ୍କର ରାମଚନ୍ଦାନି ପାଇବେ ଦିବ୍ୟାଲୋକ ସନ୍ଧାନେ ସର୍ବୋଚ୍ଚ ସମ୍ମାନ

କଟକ,୩୦।୧୨(କାର୍ତ୍ତିକ ସାହୁ)



ଡା. ଶଙ୍କର ରାମଚନ୍ଦାନି।

ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ଚଳିତ ବର୍ଷର ନବରତ୍ନ ସମ୍ମାନ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ମାତ୍ର ୧ ଟଙ୍କା ନେଇ ନିଷ୍ଠାପର ଭାବେ ରୋଗୀ ସେବା କରୁଥିବା ବୁର୍ଲା ମେଡିକାଲ କଲେଜର ସହଯୋଗୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନିଙ୍କୁ ପ୍ରଦାନ କରାଯିବ। ଅନ୍ୟ ଅଷ୍ଟରତ୍ନମାନଙ୍କ ମଧ୍ୟରେ ଧୃତିକାମ ମହାନ୍ତିଙ୍କୁ ସାମ୍ବାଦିକ ରତ୍ନ, ପାଲା ଗାୟକ କୋଣାର୍କର ଲକ୍ଷ୍ମୀଧର ଦାଶଙ୍କୁ ଗାୟକ ରତ୍ନ, ନୟାଗଡ଼ର ଗୋପାଳ ରାଜଗୁରୁଙ୍କୁ ପ୍ରବକ୍ତା ରତ୍ନ, କଟକର ଶିକ୍ଷାବିତ ତ୍ରିଦେବ ବେହେରାଙ୍କୁ ଶିକ୍ଷା ରତ୍ନ, ଜଗତ୍‌ସିଂହପୁରର ପଣ୍ଡିତ ଗୌରାଙ୍ଗ ଚରଣ ପତିଙ୍କୁ କର୍ମକାଣ୍ଡବିତ ରତ୍ନ, କଟକର ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟଙ୍କୁ ସମାଜସେବୀ ରତ୍ନ, କଟକ କମିଶନରେଟ ପୋଲିସ ଜୋନ ୫ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କୁ ପୋଲିସ ସେବା ରତ୍ନ ଏବଂ ଛନ୍ଦା ମିଶ୍ରଙ୍କୁ ଲେଖିକା ରତ୍ନ ପ୍ରଦାନ କରାଯିବ। ଏଥିସହ ୫୦ଟି ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ଭଲ ପିଲା ସମ୍ମାନ ଏବଂ ୫୦ଟି ଗାଁର ୫୦ଜଣ ବ୍ୟକ୍ତିଙ୍କୁ ଭଲ ଲୋକ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ଜାନୁଆରୀ ୧୧ ତାରିଖ (ରବିବାର) ସକାଳେ ଫୁଲନଖରା ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ପରିସରରେ ହେବାକୁ ଥିବା ପତ୍ରିକାର ୨୫ତମ ବାର୍ଷିକ ରାଜ୍ୟସ୍ତରୀୟ ମହାସତସଙ୍ଗ ସମାରୋହରେ ଉପରୋକ୍ତ ସମ୍ମାନ ପ୍ରଦାନ କରାଯିବ। ପତ୍ରିକାର ମୁଖ୍ୟ ସମ୍ପାଦକ ଡକ୍ଟର ଶରତ କୁମାର ରଥ ଓ ପରିଚାଳନା ସମ୍ପାଦକ ଇଂ. ବିପ୍ଳବ ଦାସ ଓ ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ଏହି ସୂଚନା ଦେଇଛନ୍ତି।

# 'ବିଶ୍ୱନାଥଙ୍କ ଜୀବନାଦର୍ଶ ଯୁବ ସମାଜର ଧ୍ୟେୟ ହେଉ'

କଟକ,୩୦।୧୨(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ସଂଗ୍ରାମ ଜେନାଙ୍କୁ ଚଳିତବର୍ଷର ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

**ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତି ସନ୍ଧ୍ୟା**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକ ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ସାରଳାଭବନଠାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସମାରୋହକୁ ଉଦ୍‌ଘାଟନ କରି କହିଲେ, ବିଶ୍ୱନାଥ ପଶାୟତ ଜଣେ ତ୍ୟାଗପୂତ ବ୍ୟକ୍ତିତ୍ୱ ଥିଲେ। ସେ ଏକାଧାରରେ ଜଣେ ପ୍ରସିଦ୍ଧ ଆଇନଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ସାରସ୍ୱତ ସାଧକ ଥିଲେ। ତାଙ୍କ ଜୀବନାଦର୍ଶ ଯୁବ ସମାଜର ଧ୍ୟେୟ ହେବା ଆବଶ୍ୟକ। ବିଶିଷ୍ଟ ଅତିଥି ଲୋକ ସେବକ ମଣ୍ଡଳର ସମ୍ପାଦକ ତଥା ଦୈନିକ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଦରିଦ୍ରଙ୍କ ପରମ ବନ୍ଧୁ ଭାବେ ବିଶ୍ୱନାଥ ପଶାୟତଙ୍କୁ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ ସହଦେବ ସାହୁ କହିଲେ, ବିଶ୍ୱନାଥ ପଶାୟତଙ୍କ ସାମ୍ୟବାଦୀ ଚେତନା, ଜୀବନାଦର୍ଶ ଓ ଲେଖକୀୟ ପ୍ରତିଭା ଥିଲା ଅନନ୍ୟ। ବରେଣ୍ୟ ଅତିଥି ପ୍ରଫେସର ସତ୍ୟ ନାରାୟଣ ପଣ୍ଡା କହିଲେ, ବିଶ୍ୱନାଥ ପଶାୟତ ପ୍ରଗତିବାଦୀ ଚେତନାର ପ୍ରବକ୍ତା ଥିଲେ। ମୁଖ୍ୟବକ୍ତା ଡ. ସଂଘମିତ୍ର ଭଞ୍ଜ କହିଲେ, ବିଶ୍ୱନାଥ ପଶାୟତ ସମାଜସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସଭାପତି ଅଧ୍ୟକ୍ଷତା କରି କହିଲେ, ଦେଶ ମାତୃକାର ସେବାରେ ବିଶ୍ୱନାଥ ନିଜକୁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ଡ. ସଂଗ୍ରାମ ଜେନାଙ୍କୁ ଚଳିତବର୍ଷର ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଅଧ୍ୟାପକ ଗୋପୀନାଥ ପଣ୍ଡା ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସାମାଜିକ କର୍ମୀ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଇଂ. ରମାକାନ୍ତ ପ୍ରଧାନ, ଇଂ. ସୁଶାନ୍ତ ସେଠୀ, ଅଧ୍ୟାପକ ଡ. କ୍ଷୀରୋଦ ସାହୁ, ବ୍ରଜ କିଶୋର ବେଉରା ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚଇତି ମହୋତ୍ସବରେ ବେଦାନ୍ତ ଆଲୁମିନିୟମ୍ ଷ୍ଟଲ

ଭୁବନେଶ୍ୱର,୩୦।୧୨
(ଅନୁରାଧା ମହାରଣା)



ରାୟଗଡ଼ାରେ ଚଇତି ମହୋତ୍ସବରେ ଖୋଲାଯାଇଥିବା ବେଦାନ୍ତ ଆଲୁମିନିୟମର ଷ୍ଟଲ୍ ମହୋତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା। ଷ୍ଟଲ୍‌ରେ ସଉରା ଚିତ୍ରକଳା ଏବଂ ଡୋକ୍ରା ହସ୍ତଶିଳ୍ପ ଭଳି ପାରମ୍ପରିକ ଆଦିବାସୀ କଳାର ଏକ ମିଶ୍ରଣ ପ୍ରଦର୍ଶିତ ହୋଇଥିଲା। ଷ୍ଟଲ୍‌ରେ ଏକ ଅନନ୍ୟ ଆକର୍ଷଣ ଥିଲା ଓଡ଼ିଶାର ହକି ଇଣ୍ଡିଆ ଲିଗ୍ ଦଳ, ବେଦାନ୍ତ ଆଲୁମିନିୟମର ମାଲିକାନାରେ ଥିବା କଳିଙ୍ଗ ଲାନ୍ସର୍ସର ପ୍ରଦର୍ଶନୀ। ପ୍ରଦର୍ଶନୀରେ ଖେଳାଳିଙ୍କ ପ୍ରଦର୍ଶନ ଅନ୍ତର୍ଭୁକ୍ତ ହୋଇଥିଲା। ବେଦାନ୍ତ ଆଲୁମିନିୟମ ଷ୍ଟଲ୍‌କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ରାୟଗଡ଼ାର ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଏବଂ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ରାୟଗଡ଼ାର ସଚିନ ଆନ୍ନା ସାହେବ ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସମ୍ପ୍ରଦାୟଗୁଡ଼ିକୁ ବ୍ୟାପକ ଦର୍ଶକଙ୍କ ସହିତ ଯୋଡୁଥିବା ପ୍ଲାଟ୍‌ଫର୍ମ ସୃଷ୍ଟି କରି, ଆମେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଅନ୍ତର୍ଭୁକ୍ତି ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାର ଲକ୍ଷ୍ୟ ରଖିଛୁ।

# ୧୦ ମାସରେ ଜିଓର ୧୫ଲକ୍ଷ ନୂଆ ଗ୍ରାହକ

ଭୁବନେଶ୍ୱର,୩୦।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ୨୦୨୫ର ପ୍ରଥମ ୧୦ ମାସରେ ରାଜ୍ୟରେ ୧୫ ଲକ୍ଷରୁ ଅଧିକ ନୂତନ ମୋବାଇଲ ଏବଂ ହୋମ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ଟେଲିକମ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ରାଜ୍ୟରେ ଯୋଡି ହୋଇଥିବା ମୋଟ ନୂତନ ମୋବାଇଲ ଗ୍ରାହକଙ୍କ ମଧ୍ୟରୁ ୭୮% ରୁ ଅଧିକ ହାସଲ କରି ଏହି ୧୦ ମାସରେ ଓଡ଼ିଶାରେ ୧୨.୭୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡିଛି। ଅନ୍ୟପକ୍ଷରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ୧୮% ନୂଆ ମୋବାଇଲ ଗ୍ରାହକ କରିଥିବା ଜଣାପଡିଛି। ସେହିପରି ବର୍ଷର ପ୍ରଥମ ୧୦ ମାସରେ ଜିଓ ରାଜ୍ୟରେ ସର୍ବାଧିକ ୨ଲକ୍ଷ ୪୦ ହଜାର ନୂଆ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ମାତ୍ର ୧୦ ମାସ ମଧ୍ୟରେ ଜିଓ ଓଡ଼ିଶାର ଗୃହ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ପ୍ରଭାବଶାଳୀ ୬୦% ଅଭିବୃଦ୍ଧି ହାସଲ କରିଛି। ଅକ୍ଟୋବର ୩୧ ସୁଦ୍ଧା ରାଜ୍ୟରେ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କ ମୋଟ ସଂଖ୍ୟା ୬ ଲକ୍ଷ ୪୦ ହଜାରରୁ ଅଧିକ ହୋଇଛି।

# ମଣିପାଲ ହସ୍ପିଟାଲ ପକ୍ଷରୁ 'ଏମ୍‌ଏଚ୍‌ଏଚ୍‌ଆଇ'ର ଶୁଭାରମ୍ଭ

ଭୁବନେଶ୍ୱର,୩୦।୧୨
(ଅନୁରାଧା ମହାରଣା)



ମଣିପାଲ ହସ୍ପିଟାଲ ଭୁବନେଶ୍ୱର, ଭାରତର ଅଗ୍ରଣୀ ହସ୍ପିଟାଲ ନେଟ୍‌ୱର୍କ ମଣିପାଲ ହସ୍ପିଟାଲ୍ସ ଗ୍ରୁପ୍ ଅଧୀନରେ, ମଣିପାଲ ହସ୍ପିଟାଲ୍ସ ହେଲ୍ଦି ଇଣ୍ଡିଆ (ଏମ୍ଏଚ୍ଏଚ୍ଆଇ) ନାମରେ ଏକ ନୂଆ ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟ ଓ ୱେଲନେସ୍ ପ୍ଲାଟ୍‌ଫର୍ମ ଆରମ୍ଭ କରିଛି। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍ଏଚ୍ଏଚ୍ଆଇ ସମ୍ପର୍କରେ ସେ କହିଥିଲେ, ଏହି ପଦକ୍ଷେପ ନିଶ୍ଚିତ ଭାବରେ ଲୋକପ୍ରିୟ ହେବ ଏବଂ ନିଶ୍ଚିତ ଭାବରେ ଓ ପ୍ରତ୍ୟେକ ଘରେ ପହଞ୍ଚିବ। ସୂଚନା ଥାଉକି, ଏମ୍ଏଚ୍ଏଚ୍ଆଇକୁ ଏକ ସହଜ ଓ ବିଶ୍ୱସନୀୟ ସ୍ୱାସ୍ଥ୍ୟ ସାଥୀ ଭାବେ ଗଢ଼ାଯାଇଛି। ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ସାଧାରଣ ଲୋକ ସହଜରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ନିୟମିତ ହେଲ୍‌ଥ ଚେକ୍ ଅପ୍, ଡାକ୍ତରଙ୍କ ପରାମର୍ଶ ଓ ଟିକାକରଣ ସେବା ପାଇପାରିବେ। ଏହି ପ୍ଲାଟ୍‌ଫର୍ମ ୱେବ୍‌ସାଇଟ ଓ ମୋବାଇଲ ଆପ୍ ସହ ହସ୍ପିଟାଲ ମଧ୍ୟରେ ମଧ୍ୟ ଉପଲବ୍ଧ ରହିବ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ରୋଗ ହେବା ପୂର୍ବରୁ ସ୍ୱାସ୍ଥ୍ୟ ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ଠିକ୍ ସମୟରେ ପରୀକ୍ଷା କଲେ ଗୁରୁତର ରୋଗକୁ ରୋକିହେବ।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA
e-mail: serwsbd2003@yahoo.com
Letter No. 6811 **2nd Corrigendum** Date: 23.12.2025

No. O-1893: In continuation to this office Bid Identification No. CCERWCSBD-Online-25/2025-26 invited vide this office Notice No. 5935 Dtd.15.11.2025, partial modification of NCB has been made as follows:
1. Availability of tender online for bidding extended upto Dtd.15.01.2026 at 5.00 P.M.
2. Date and Time of seeking tender clarification if any on or before Dtd.13.01.2026 upto 2.00 P.M.
3. Date & Time of opening of tender (Technicla Bid) on Dtd.16.01.2026 at 11.00 A.M.
4. Date & Time of opening of tender (Price Bid) will be intimated later.

All other terms and conditions will remian unaltered.
Sd./- Chief Construction Engineer
Rural Works Circle, Sunabeda
OIPR-25182/11/0132/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ: (୦୬୭୪) ୨୩୯୩୯୫୨୪, ଇପିବିଏକ୍ସ: (୦୬୭୪) ୨୩୯୦୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୭, ୱେବସାଇଟ: https://oshb.org
ପତ୍ର ସଂଖ୍ୟା: ୨୮୩ **ବିଜ୍ଞାପନ** ତା:୧୯।୧୨।୨୦୨୫

[illegible]

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରାହୀଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ରେହେନା ଖାତୁନ<br>ସ୍ୱାମୀ: ୰ଅବଦୁଲ ଅଲି<br>ସା: ମୋତିଝରନ୍<br>ପୋ./ଥାନା/ଜିଲ୍ଲା: ସମ୍ବଲପୁର | ଘର ନଂ.: ଏଚ.ଆଇ.ଜି.-(ଡି)ସି-୧୧୭, (HIG(D)C-117)<br>ବରମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. କିଶ୍ୱର ଇକବାଲ୍ ହେନା (କନ୍ୟା)<br>୨. ମହମ୍ମଦ କୌସାର ଇକବାଲ (ପୁତ୍ର)<br>୩. ମହମ୍ମଦ କାଇସାର ଇକବାଲ ଅଲୀ (ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/1051/2526

## ODISHA HYDRO POWER CORPORATION LIMITED
(A GOVT. OF ODISHA UNDERTAKING)
CIN: U40101OR1995SGC003963
Regd. Office: OHPC, Corporate Office: Bhoi Nagar, Janpath, Bhubaneswar - 751022
Phones: 91-0674-2542983, 2542802, 2545526, Fax: 2542102
E-Mail: ohpc.co@gmail.com
No. OHPC: TECH: C&P: 26/2024-25/10755 Date: 26.12.2025
**NOTICE INVITING TENDER - 06/2025-26**

No. CAD-2848: Sealed tenders are invited in two part i.e. (i) Techno Commercial Bid & (ii) Price bid in separate sealed envelopes from the reputed firms/service provider having PAN and GST Registration Certificate for the works as mentioned below:

| Description of Services | Cost of tender papers (Non-refundable) in Rs. | EMD (Refundable) in Rs. |
|---|---|---|
| Providing Photocopying Service of OHPC Documents for One Year at OHPC Corporate Office, Bhubaneswar | 2000.00 + 18% (GST) = 2360.00/- | 4500/- |

For details of the tender documents, Terms & Conditions and Corrigendum etc. please visit our website **www.ohpcltd.com** from Dt.02.01.2026.
OIPR-04088/11/0005/2526 Sd./- C&P Head

## OFFICE OF THE CHIEF DISTRICT MEDICAL OFFICER: KEONJHAR
(DISTRICT PUBLIC HEALTH UNIT)
**TENDER CALL NOTICE**
Advt. Lt.No.2493 Date:30.12.2025

No.E-634: Sealed TENDERs are invited from the Travel Agencies/ Individuals for hiring of vehicles on monthly hire basis for IDSP-DPHO O/o. CDMO, Keonjhar. The detail TENDER documents may be downloaded from district NIC website i.e. www.kendujhar.nic.in. The TENDER document must be submitted to the O/o- CDMO, Keonjhar-758001 through Regd. Post/ Speed Post/ Courier only. The bidder should subscribe "Tender for hiring of vehicle for IDSP-DPHO, Keonjhar on the top of the envelope.
Last date of submission of TENDER : 15.01.2026 till 03.00 P.M.
Date of Opening of TENDER : 15.01.2026 at 04.00 P.M.
The authority reserves the right to accept or reject any proposals without assigning any reason there off.
Sd./-
CDMO-cum-Dist. Mission Director
Keonjhar
OIPR-10033/11/0059/2526

## ପଞ୍ଚସଖା ଶିକ୍ଷା ସେତୁ ସଂଗଠନ
ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଦ୍ୟମ
## Panchasakha Shikhya Setu Sangathan
A-1 Block, 6th Floor, Toshali Bhawan,
Satya Nagar, Bhubaneswar, Odisha-751007
**Request For Proposal (RFP)**
RFP No.1932/PSSS/25 Date:30.12.25

No.n-221: Sealed quotations are invited for the selection of agency for providing Event Management services for MUKHYAMANTRI SHIKHYA PURASKAR under Panchasakha Shikhya Setu Sangathan, A-1, Block 6th Floor, Toshali Bhawan, Satya Nagar, Bhubaneswar, Odisha- 751007. The last date of submission of quotation is **14.01.2026** before **5.00 PM** For more details, please visit- **https://Pss.odisha.gov.in.**
By the Order of Member Secretary
Panchasakha Shikhya Setu Sangathan
OIPR-27178/11/0029/2526

## OFFICE OF THE PANCHAYAT SAMITI, KOLNORA
DIST.- RAYAGADA, PIN CODE - 765017, ODISHA
E-mail ID: ori-kolnara@nic.in
**INVITATION FOR BIDS (I.F.B.)**
e-Procurement Notice
IDENTIFICATION No. PS-KOL No.04 of 2025-26
Tender Notification No. 4999 Dated 28.12.25

No.i-443:- The Block Development Officer, Kolnora, Rayagada invites Percentage Rate bid in Single cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.
1) No. of works : 09 (Nine) No.
2) Estimated Cost : Rs.24.81 lakhs to Rs.25.23 lakhs
3) Cost of Tender paper : Rs.6000/- (Rupees Six Thousand) only for each work
4) Class of Contractor : "D & C" CLASS
5) Date of Time of available in website & receipt online : **11.00 Hrs. of 01.01.2026 to 17.00 Hrs. of 15.01.2026**
6) Date of opening of Technical Bid : **11.30 hrs. of 16.01.2026**

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
Any Corrigendum/Addendum will be displayed in the website https://tendersodisha.gov.in only.
OIPR-19053/11/0004/2526 Sd./- Block Development Officer, Kolnora

## OFFICE OF THE NOTIFIED AREA COUNCIL, ATHGARH
## E-PROCUREMENT NOTICE
Tender Reference No.ATH-NAC-03/2025-26
Notice No.2517, Dt.29.12.2025

No.C-1923: The Athgarh NAC invites online bid in single cover system through e-procurement.
1. Type of Works : Civil Construction works as in the D.T.C.N.
2. Total No.of Works : 19 (Nineteen) Nos. of Projects
3. Estimated Cost : **Rs.1,86,295/- to Rs.12,32,569/-**
4. Period of Completion of Work : 30 days to 60 days
5. Date and time of availability of bid : From dt.01.01.2026 at 10.00 AM to dt.09.01.2026 at 5.00 P.M.
6. Last date and time for receipt of Bid in Portal : 09.01.2026 upto 5.00 P.M.
7. Date and Time of Opening of the Bid : From 12.01.2026 at 11.00 AM to onwards
8. Class of Contractor : "C" & "D" Class Regd. Contractors.

Further details can be seen from the E-Procurement portal **www.tendersorissa.gov.in.**
Sd./- Executive Officer
NAC, Athgarh
OIPR-13149/11/0019/2526

## Regional Plant Resource Centre
FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA
NAYAPALLI, BHUBANESWAR-751015, ODISHA,INDIA, PHONE: 91 674 2557925
E-mail: rprcbbsr@gmail.com. Website: www.rprcbbsr.in
R&D: 34/2025 Letter No. 2203 /RPRC. Date: 30.12.2025
**WALK-IN-INTERVIEW FOR PROJECT FELLOW**

No. MM-447:- Eligible candidates may attend a walk-in-interview at 10.30 A.M. onward on **7th January, 2026** (Registration/Reporting strictly from 9.30 A.M to 10.30 A.M) at Regional Plant Resource Centre (RPRC) for temporary positions of Project Fellow, under External Funded Project for the year 2025-26. No T.A./D.A is permissible for attending the interview. Prescribed Application Form & other details can be obtained from RPRC website(www.rprcbbsr.in)/ RPRC Notice Board.
OIPR-08004/11/0055/2526 Sd./- Administrative Officer

## ZILLA PARISHAD OFFICE, BALANGIR
Panchayati Raj
Dist.: Balangir, Odisha, PIN - 767001
E-mail: ori-dbolangir.odisha.gov.in, Ph.: 06652-232863
Notice No. 7416 Date: 26.12.2025
**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER RURAL HOUSING SCHEME**

No. CAD-2850: Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad, Office and 14 Blocks. The bid should reached the undersigned by Speed Post or Registered Post only. The last date of submission of tender is 17.01.2026 upto 5.30 P.M.
The details of Request for Proposal can be viewed in the district website i.e. **https://balangir.odisha.gov.in**. Further the bid documents can be downloaded from the same website from 26.12.2025 to 17.01.2026.
1. Opening of RFP documents: 20.01.2026 at 11.30 A.M. (Technical Bid)
2. Opening of RFP documents: 22.01.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of Rs.10,000/- (Rupees Ten thousand) only in shape of Account Payee Demand Draft in favour of the C.D.O.-cum-Executive Officer, Zilla Parishad, Balangir payable at Balangir from any of the Scheduled Commercial Bank along with the Proposal in Technical Bid. In absence of such document (Cost of Tender fee) the RFP will be rejected.
Sd./- C.D.O.-cum-E.O.
Zilla Parishad, Balangir
OIPR-19367/11/0006/2526

ଓଡ଼ିଶା ସରକାର
## GOVERNMENT OF ODISHA
## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, JEYPORE & NABARANGPUR
At: Plot No. 127, Old LIC Office Building, Pujariput, Koraput
No. 1450 Dated: 26.12.2025
**Corrigendum - I of Quotation Call Notice No. 01/2025-26**

No. AA-51: In continuation to this office Quotation Call Notice No. 01/2025-26 dated 18.11.2025, it is hereby notified the amendments for the information to all concerned that the last date for submission of sealed quotation/tender documents for hiring of private building for accommodation of office of the SE-cum-DEI, Jeypore & Nabarangpur and AEE-cum-AEI, JED & NED, Jeypore has been extended upto 28.01.2026 at 03.00 P.M. and shall be opened on the same day at 04.00 P.M. in presence of the bidders or their authorized representatives.
All other terms and conditions of the original quotation call notice No. 01/2025-26 dated 18.11.2025 shall remain unchanged.
Sd./- Superintending Engineer-cum-DEI
Jeypore & Nabarangpur
OIPR-04096/11/0002/2526

## OFFICE OF THE PANCHAYAT SAMITI, KALYANSINGHPUR
DIST.- RAYAGADA, PIN CODE - 765016, ODISHA
E-mail ID: ori-kalyansinghpur@nic.in
**INVITATION FOR BIDS (I.F.B.)**
e-Procurement Notice
IDENTIFICATION No. PS-KAL No.02 of 2025-26
Tender Notification No. 3605 Dated 29.12.25

No.i-444:- The Block Development Officer, Kalyansinghpur, Rayagada invites Percentage Rate bid in Single cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.
1) No. of works : 02 (Two) Nos.
2) Estimated Cost : Rs.24.02 lakhs to Rs.24.17 lakhs
3) Cost of Tender paper : Rs.6000/- (Rupees Six Thousand) only for each work
4) Class of Contractor : "D & C" CLASS
5) Date of Time of available in website & receipt online : **11.00 Hrs. of 02.01.2026 to 17.00 Hrs. of 16.01.2026**
6) Date of opening of Technical Bid : **11.30 hrs. of 17.01.2026**

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
Any Corrigendum/Addendum will be displayed in the website https://tendersodisha.gov.in only.
OIPR-19432/11/0003/2526 Sd./- Block Development Officer, KALYANSINGHPUR

## OFFICE OF THE MUNICIPAL COUNCIL: KHORDHA
H&UD Department, Govt. of Odisha, Khordha-752055
e-Mail:khurda_municipality@yahoo.co.in, Phone No.06755-220674
**"e" Procurement Notice**
No.8081/Date 29.12.2025

No.C-1921:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.
1. Tender Reference No. : KMPLTY/07/2025-26
2. Name of the Work : Civil Construction works as mentioned in DTCN
3. No. of Works : 4 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date 01.01.2026 at 11.00 AM
8. Last date & time for receipt of bids in the portal : Date 09.01.2026 upto 05.30 PM
9. Bids received online shall be opened on : Date 13.01.2026 from 11.00 AM
10. Name and address of the Officer Inviting Bid : O/o.- Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.
Sd./- Executive Officer
Khordha Municipality
OIPR-13082/11/0051/2526

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 24/2025-26**
No. 4578 Date: 17.12.2025

No. B-858: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.03.01.2026 at 05.00 P.M. to Dt.17.01.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.19.01.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.
Sd./- Superintending Engineer
Electrical Circle (R&B), Odisha, BBSR
OIPR-34006/11/0064/2526

## GOVERNMENT OF ODISHA
No.O-1894
## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR
No.6835/ RWDBNJ/Dated 24.12.2025
**1st CORRIGENDUM TO TENDER CALL NOTICE**
IDENTIFICATION NO.21/RWDBNJ/2025-2026 T.O.LETTER NO.6076 DATED 09.12.2025
The following modifications to the Online Tender/21/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & time of seeking tender clarification | Date of opening of Technical BID |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/ 21/ RWDBNJ/ 2025-2026 | 22.12.2025 At 10.00 A.M. | 05.01.2026 Upto 5.00 P.M. | 03.01.2026 upto 3.00 P.M. | 07.01.2026 at 12.30 P.M. |
| | | As per 1ST Corrigendum | | | |
| | | 31.01.2025 at 10.00 AM | 12.01.2026 upto 5.00 PM | 10.01.2026 Upto 3.00 P.M. | 13.01.2026 at 12.30 P.M. |

All other terms and conditions of the said tender call notice shall remain unchanged.
OIPR-25174/11/0059/2526 Sd./- Executive Engineer, Rural Works Division, Bhanjanagar

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT-CHANDIKHOL, PO-SUNGUDA, JAJPUR- 754296, Tel.No.0671-2444488, Email:serw_kpd@yahoo.com
Letter No.5015, **1st Corrigendum Notice** Date:29.12.25

1st Corrigendum to Bid Identification No. Tender Online RCK-24/25 invited by this Office vide Letter No.4261, Dt.15.12.2025.
No.O-1900:The changes as detailed below are hereby made in the above N.I.T.:-
1. Clause No.-06 of NIT modified below:-

| Procurement Officer | Bid Identification No. | Availability of tender On-line for bidding: Previously fixed on | Availability of tender On-line for bidding: Presently Modified on | Last date & Time of seeking Tender Clarification: Previously fixed on | Last date & Time of seeking Tender Clarification: Presently Modified on | Technical Bid: Previously fixed on | Technical Bid: Presently Modified on | Financial Bid: Previously fixed on | Financial Bid: Presently Modified on |
|---|---|---|---|---|---|---|---|---|---|
| Chief Construction Engineer, Rural Works Circle, Kendrapara-Jajpur | Tender RCK-24/25 | From 22.12.2025 at 11.00 AM to 08.01.2026 upto 05.00 PM | From 08.01.2026 at 11.00 AM to 21.01.2026 upto 05.00 PM | 08.01.2026 upto 02.00 PM | 21.01.2026 upto 02.00 PM | 09.01.2026 at 11.00 AM | 22.01.2026 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.
Sd./- Chief Construction Engineer
Rural Works Circle, Kendrapara-Jajpur
OIPR-25129/11/0082/2526

## ପଞ୍ଚସଖା ଶିକ୍ଷା ସେତୁ ସଂଗଠନ
ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଦ୍ୟମ
## Panchasakha Shikhya Setu Sangathan
A-1 Block, 6th Floor, Toshali Bhawan,
Satya Nagar, Bhubaneswar, Odisha-751007
**Request For Proposal (RFP)**
RFP No.1934/PSSS/25 Date:30.12.25

No.n-220: Sealed quotations are invited for the selection of agency for Designing and Preparation of Tableaux for Republic Day Celebration 2026 under Panchasakha Shikhya Setu Sangathan. A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha- 751007. The last date of submission of quotation is 14.01.2026 before 5.00 P.M. For more details, please visit https://Pss.odisha.gov.in.
By the Order of Member Secretary
Panchasakha Shikhya Setu Sangathan
OIPR-27178/11/0030/2526

## OFFICE OF THE EXECUTIVE ENGINEER (AGRIL.), AGRIL ENGG. DIVISION, NAYAGARH
E-mail ID- eeagril.nayagarh@gmail.com
**INVITATIONS FOR BIDS THROUGH e-Procurement**
**Bid Identification No./e-Procurement Notice No.1135/2025/Agril. Date-29.12.2025**
**E.E. (AGRIL.), NAYAGARH-06/2025-26**

No.L-150: The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage Rate** bids in **Single Cover** system for the works as detailed in table below.

| Sl. No. | Name of the Work | Approximate Estimated Cost put to tender (Excluding G.S.T.) (Rs.) | Cost of Bid Documents (in Rs.) | EMD (in Rs.) | Agency | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Supply and Installation of Work station and additional cubicles for Directorate of Agriculture and Food Production, Odisha in Krushi Bhawan | 16,31,606.00 | 6000.00 | 16,400.00 | Reputed Manufacturer/ Registered Firms/ Suppliers/Agencies/ Dealers of Approved Godrej Make | 03 (Three Calendar Months) |

The bidders have to participate in ONLINE bidding only. The website for ONLINE BIDDING is **http://tendersodisha.gov.in**. Bid documents will be available in above website from **Dt.31.12.2025 at 11.00 AM to Dt.12.01.2026 upto 5.00 PM** for "ONLINE BIDDING". **Date of original bid documents submission from Dt.31.12.2025 at 11.00 AM to Dt.13.01.2026 upto 5.00 PM**. Bids shall be opened at 11.00 AM on Dt.15.01.2026. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website **www.tendersodisha.gov.in.**
**N.B:Subsequent corrigendum/addendum if required shall be available in the website as indicated above.**
OIPR-01449/11/0013/2526 Sd./- Executive Engineer (Agril.), Nayagarh Division, Nayagarh

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
**ନୋଟିସ୍**
ଆଦେଶ-୫, ନିୟମ-୨୦, ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ
**ଏଲ.ଏ. କେସ୍. ନଂ.- ୩୨୫/୨୦୨୨**

ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ.-୩,
ଆର.ଆର.ସି.ଏସ୍., ଢେଙ୍କାନାଳ ........... ଆବେଦନକାରୀ
ବନାମ
୧. ଗଙ୍ଗାଧର ସ୍ୱାଇଁ, ୨. ନେପାଳ ସ୍ୱାଇଁ, ୩. ପଦ୍ମଚରଣ ସ୍ୱାଇଁ, ପିତା- ଲକ୍ଷ୍ମଣ ସ୍ୱାଇଁ, ସା- ରାଜବଲ୍ଲଭପୁର, ପୋ- ଗୋବରା, ଥାନା- ଗୁରୁଡ଼ିଝାଟିଆ, ଜିଲ୍ଲା-କଟକ, ପିନ୍- ୭୫୪୦୨୮ ........... ବିରୋଧୀ ପକ୍ଷମାନେ

No. III-09:- ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ରେଙ୍ଗାଲି ଜଳସେଚନ ଯୋଜନା ଅନ୍ତର୍ଗତ ଦର୍ପଣୀ ଶାଖା କେନାଲ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁର ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ ସି.ବି-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ.-୩୨୬/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ, ଯଥା- ମୌଜା- ରାଜବଲ୍ଲଭପୁର, ଖାତା ନଂ.-୨୨, ପ୍ଲଟ୍ ନଂ.- ୪୨୮, ମୋଟ ରକବା- ଏ.୧.୮୬୮ ଡ଼ି.ରୁ ଅଧିଗୃହୀତ ରକବା- ଏ.୦.୨୦୦ ଡ଼ି., କିସମ- ଶାରଦ ଅଣଜଳସେଚିତ- ୩ ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା- ୨୬.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ସ୍ୱାକ୍ଷର/– ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
OIPR-24379/14/0001/2526

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ Bhubaneswar, Wednesday, December 31/ 2025



ବୈକୁଣ୍ଠ ଏକାଦଶୀ ଉତ୍ସବ ଅବସରରେ ମଙ୍ଗଳବାର ହାଇଦ୍ରାବାଦର ଚାର୍ମିନାର ନିକଟରେ ଏକ ଧର୍ମୀୟ ଶୋଭାଯାତ୍ରାରେ ମହିଳାମାନେ କୋଲାଟ୍ଟମ୍ ନୃତ୍ୟ ପରିବେଷଣ କରୁଛନ୍ତି।

# ସମୟସୀମା ମଧ୍ୟରେ ଯୁକ୍ତି ରଖିବେ ଆଇନଜୀବୀ

## ଏସ୍‌ଓପି ଜାରି କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୧୨**

ସୁପ୍ରିମକୋର୍ଟ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରିଛନ୍ତି, ଯେଉଁଥିରେ ଆଇନଜୀବୀମାନେ ଅଦାଲତରେ ସମସ୍ତ ନୋଟିସ୍ ପରବର୍ତ୍ତୀ ଏବଂ ନିୟମିତ ଶୁଣାଣିରେ ଯୁକ୍ତି ବାଢ଼ିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିବ। ଅଦାଲତ ପରିଚାଳନାରେ ଉନ୍ନତି ଏବଂ ବେଞ୍ଚଗୁଡ଼ିକ ମଧ୍ୟରେ କାର୍ଯ୍ୟ ସମୟର ନ୍ୟାୟସଙ୍ଗତ ବଣ୍ଟନ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଏହି ସର୍କୁଲାର ଜାରି ହୋଇଛି। ତଦନୁଯାୟୀ ବରିଷ୍ଠ ଆଇନଜୀବୀ ଏବଂ ଯୁକ୍ତି ବାଢ଼ିବାକୁ ଥିବା ଓକିଲ ମୌଖିକ ଯୁକ୍ତି ବାଢ଼ିବା ପାଇଁ କେତେ ସମୟ ଚାହାନ୍ତି, ତାହା ଆଗୁଆ ଜଣାଇବେ। ଅଦାଲତର ଅନ୍‌ଲାଇନ ଆପିଏରାନ୍ସ ସ୍ଲିପ୍ ପୋର୍ଟାଲରେ ଉକ୍ତ ସମୟସୀମା ଶୁଣାଣିର ଅନ୍ୟୂନ ଗୋଟିଏ ଦିନ ପୂର୍ବରୁ ରଖାଯିବା ଆବଶ୍ୟକ। କୋର୍ଟର ପ୍ରଭାବୀ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ କାର୍ଯ୍ୟସମୟର ନ୍ୟାୟୋଚିତ ବଣ୍ଟନ ଫଳରେ ନ୍ୟାୟିକ ପ୍ରଶାସନ ତ୍ୱରିତ ଏବଂ ଉପଯୁକ୍ତ ହୋଇପାରିବ। ଏଥିସହିତ ସମସ୍ତ ବରିଷ୍ଠ ଆଇନଜୀବୀ ଏବଂ ଯୁକ୍ତି ରଖିବାକୁ ଥିବା ଓକିଲ ସ୍ୱଳ୍ପ ଲିଖିତ ଆବେଦନ ବା ଆଇନଗତ କାଗଜାତ ଦାଖଲ କରିବେ, ଯାହା ୫ ପୃଷ୍ଠାରେ ସୀମିତ ରହିବ। ଶୁଣାଣି ତାରିଖର ଅନ୍ୟୂନ ୩ ଦିନ ପୂର୍ବରୁ ଏହାକୁ ଦାଖଲ କରିବାକୁ ପଡ଼ିବ ବୋଲି ସର୍କୁଲାରରେ କୁହାଯାଇଛି। ଏହି ନୋଟ୍‌ଗୁଡ଼ିକୁ ଆଡଭୋକେଟ-ଅନ୍ ରେକର୍ଡ କିମ୍ବା କୋର୍ଟଙ୍କ ଦ୍ୱାରା ନିଯୁକ୍ତ କୌଣସି ନୋଡାଲ କାଉନସିଲ୍‌ଙ୍କ ଜରିଆରେ ଦାଖଲ କରିବାକୁ ହେବ ଏବଂ ଏହାର ଏକ ନକଲ ପ୍ରତିପକ୍ଷଙ୍କୁ ଦେବାକୁ ହେବ ବୋଲି କୁହାଯାଇଛି। ସମସ୍ତ ଓକିଲ ମୌଖିକ ଯୁକ୍ତି ଉପସ୍ଥାପନ ପାଇଁ ଧାର୍ଯ୍ୟ ସମୟସୀମାକୁ କଡ଼ାକଡ଼ି ପାଳନ କରିବାକୁ ହେବ। ବେଞ୍ଚଗୁଡ଼ିକୁ ମୋକଦ୍ଦମା ଶୁଣାଣି ଯୋଜନା ପ୍ରସ୍ତୁତ କରିବାରେ ଏହା ସହାୟକ ହେବା ସହ ପ୍ରତିଦିନ ଅଧିକ ମାମଲାର ଉପଯୁକ୍ତ ଶୁଣାଣି ହୋଇପାରିବ ବୋଲି ଆଶା କରାଯାଉଛି।

# ଭାରତ ୪ର୍ଥ ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ,୩୦।୧୨**

ଜାପାନକୁ ଟପି ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିର ପରିଚୟ ହାସଲ କରିଛି। ଏହାର ଅର୍ଥନୀତି ୪.୧୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିବାବେଳେ ୨୦୩୦ ସୁଦ୍ଧା ଜର୍ମାନୀକୁ ଟପି ତୃତୀୟ ବୃହତ୍ ଅର୍ଥନୀତି ହେବାର ଲକ୍ଷ୍ୟ ରଖିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିକାରୀ ଅର୍ଥନୀତି ରହିଆସିଛି। ୨୦୨୫-୨୬ ବର୍ଷର ପ୍ରଥମ ତ୍ରୈମାସିକରେ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୮ ପ୍ରତିଶତ ଥିବାବେଳେ ଦ୍ୱିତୀୟ ତ୍ରୈମାସିକରେ ୮.୨ ପ୍ରତିଶତ ହୋଇଛି। ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୪% ଥିଲା। ଆଗାମୀ ୨.୫ରୁ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ଟପି ତୃତୀୟ ଅର୍ଥନୀତି ହେବା ସହ ୨୦୩୦ ସୁଦ୍ଧା ୭.୩ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଛି। ଆମେରିକା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଥିବାବେଳେ ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ପୂର୍ବାନୁମାନ ଅନୁଯାୟୀ ୨୦୨୬ରେ ଭାରତର ଅର୍ଥନୀତି ୪.୫୧ ଟ୍ରିଲିୟନ ଡଲାର ହେବାକୁ ଥିବାବେଳେ ଜାପାନର ଅର୍ଥନୀତି ୪.୪୬ ଟ୍ରିଲିୟନ ଡଲାର ରହିବ। ୨୦୨୬ରେ ଭାରତର ଅଭିବୃଦ୍ଧି ୬.୫% ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଥିବାବେଳେ ୬.୪% ରହିବା ନେଇ ମୁଡିସ୍ ଆଶାବ୍ୟକ୍ତ କରିଛି।

# ସାଉଦିର ବୋମାମାଡ଼ ପରେ ୟେମେନ୍‌ରେ ଜରୁରୀ ସ୍ଥିତି

**ଦୁବାଇ,୩୦।୧୨**

ୟୁନାଇଟେଡ୍ ଆରବ ଏମିରେଟ୍ସରୁ ବିଚ୍ଛିନ୍ନତାବାଦୀ ଶକ୍ତିଙ୍କ ନିକଟକୁ ଜାହାଜରେ ଅସ୍ତ୍ରଶସ୍ତ୍ର ଆସୁଥିବାରୁ ସାଉଦି ଆରବ ମଙ୍ଗଳବାର ୟେମେନ୍‌ର ବନ୍ଦର ସହର ମୁକଲ୍ଲାରେ ବୋମାମାଡ଼ କରିଛି। ଅସ୍ତ୍ର ବୋଝେଇ ଜାହାଜକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣ ଫଳରେ ସାଉଦି ଏବଂ ବିଚ୍ଛିନ୍ନତାବାଦୀ ଶକ୍ତି ସଦର୍ନ ଟ୍ରାନ୍‌ଜିଶନାଲ କାଉନ୍‌ସିଲ୍ ମଧ୍ୟରେ ନୂଆ ଉତ୍ତେଜନା ସୃଷ୍ଟି ହୋଇଛି। ଏହି ବିଚ୍ଛିନ୍ନତାବାଦୀ ଶକ୍ତିକୁ ଏମିରେଟ୍ସ ସମର୍ଥନ ଦେଉଛି। ଫଳରେ ରିୟାଧ ଏବଂ ଆବୁଧାବୀ ମଧ୍ୟରେ ସମ୍ପର୍କ ଅଧିକ ଖରାପ ହୋଇଛି। ସାଉଦିର ବୋମାମାଡ଼ ପରେ ୟେମେନ୍ ଜରୁରୀ ସ୍ଥିତି ଜାରି କରିବା ସହ ୭୨ ଘଣ୍ଟିଆ ଅବରୋଧ ଲାଗୁ କରିଛି। ୟେମେନ୍‌ର ହୁଟି ବିରୋଧୀ ଶକ୍ତି ଏହି ଏମର୍ଜେନ୍ସି ଲଗାଇଛି। ହୁଟି ବିରୋଧୀ କର୍ତ୍ତୃପକ୍ଷ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସହ ସୁରକ୍ଷା ଚୁକ୍ତିକୁ ବାତିଲ କରିଦେଇଛି। ୟୁଏଇ ସହ ମିଳିତ ପ୍ରତିରକ୍ଷା ଚୁକ୍ତିନାମା ରଦ୍ଦ ହୋଇଥିବା ଏକ ବିବୃତିରେ କୁହାଯାଇଛି।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ନୂଆଦିଲ୍ଲୀ,୩୦।୧୨**

ବାଂଲାଦେଶର ମିମେନସିଂ ଜିଲା ଅନ୍ତର୍ଗତ ଏକ ପୋଷାକ କାରଖାନା ଭିତରେ ସହକର୍ମୀଙ୍କ ଗୁଳିମାଡ଼ରେ ଜଣେ ହିନ୍ଦୁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଉକ୍ତ ବ୍ୟକ୍ତି ଜଣକ କାରଖାନାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ବାଂଲାଦେଶରେ ୨ ସପ୍ତାହ ମଧ୍ୟରେ ତୃତୀୟ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ସୋମବାର ସନ୍ଧ୍ୟାରେ ଲବିବ ଗ୍ରୁପ୍ ଫ୍ୟାକ୍ଟ୍ରିର ସୁଲତାନା ସ୍ୱେଟର୍ସ ଲିଃରେ ଏହି ଗୁଳିକାଣ୍ଡ ଘଟିଛି। ମୃତକ ବଜେନ୍ଦ୍ର ବିଶ୍ୱାସ (୪୨) ହୋଇଥିବାବେଳେ ତାଙ୍କୁ ଗୁଳି କରିଥିବା ଅଭିଯୁକ୍ତ ନୋମାନ ମିଆ(୨୯) ବୋଲି ପୋଲିସ କହିଛି। ଉଭୟ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ସହାୟକ ବାହିନୀରେ ନିଯୁକ୍ତ ହେବା ସହ ଉକ୍ତ କାରଖାନାର ସୁରକ୍ଷା ପାଇଁ ନିୟୋଜିତ କରାଯାଇଥିଲା। ସଶସ୍ତ୍ର ସୁରକ୍ଷା ଡ୍ୟୁଟି ପାଇଁ ସେମାନଙ୍କୁ ସରକାରଙ୍କ ତରଫରୁ ବନ୍ଧୁକ ମିଳିଥିଲା।

ପୋଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଉଭୟ ସୁରକ୍ଷା ଡ୍ୟୁଟିରେ ଥାଇ ଫ୍ୟାକ୍ଟ୍ରି ପରିସରରେ ଥିବା ଅନସାର ବାରାକରେ ରହୁଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସାରୁ ନୋମାନ ମିଆ ବିଶ୍ୱାସଙ୍କ ଉପରକୁ ଗୁଳି ଚଳାଇଥିଲେ। ବିଶ୍ୱାସଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ଆଲ୍ଲା ନିନ୍ଦା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେବା ସହ ଜାଳିଦେଇଥିଲେ, ଯାହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ୬ ଦିନ ପରେ ଅମ୍ରିତ୍ ମଣ୍ଡଳ ନାମକ ଅନ୍ୟ ଜଣେ ହିନ୍ଦୁଙ୍କୁ ପିଟି ହତ୍ୟା କରାଯାଇଥିଲା। ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହିଂସାକାଣ୍ଡ ବଢ଼ିଥିବାରୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର ନିନ୍ଦା କରିଥିଲା। ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନେଇ ଭାରତ ଏବଂ ଅଧିକାର ସଂଗଠନଗୁଡ଼ିକ ଚିନ୍ତାବ୍ୟକ୍ତ କରିଥିବାବେଳେ ସୋମବାରର ହତ୍ୟାକାଣ୍ଡ ଏକ ଆପରାଧିକ କାର୍ଯ୍ୟ ବୋଲି ବାଂଲାଦେଶ କହିଛି। ସେଠାରେ ହିନ୍ଦୁମାନଙ୍କ ଘର ଜାଳିଦିଆଯାଉଛି। ବାଂଲାଦେଶ ସୀମାରେ ଅଶାନ୍ତ ସ୍ଥିତି ସାଙ୍ଗକୁ ବିକ୍ଷୋଭ ଜାରି ରହିଛି। ଢାକା ସମେତ ଚିଟ୍ଟାଗଙ୍ଗ ଓ ଅନ୍ୟାନ୍ୟ ସହରରେ ସଂଖ୍ୟାଲଘୁ ସଂଗଠନ ଓ ସିଭିଲ ସୋସାଇଟି ସଂଗଠନଗୁଡ଼ିକ ମିଳିତ ରାଲି କରି ସଂଖ୍ୟାଲଘୁଙ୍କ ପାଇଁ ନ୍ୟାୟ ଓ ସୁରକ୍ଷା ଦାବି କରିଛନ୍ତି।

# ‘୨୦୨୫ ଶାସନ ସଂସ୍କାରର ବର୍ଷ ଥିଲା’





ନ୍ୟାଶନାଲ୍ ମିଡିଆ ସେଣ୍ଟରରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ବର୍ଷ ଶେଷ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି।(ଫଟୋ: ଚମନ ଗୌତମ)

**ନୂଆଦିଲ୍ଲୀ,୩୦।୧୨**

ନାଗରିକଙ୍କ ଜୀବନ ଧାରଣକୁ ସହଜ କରିବା ଏବଂ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟ ଅନୁକୂଳ ପରିବେଶ ସୃଷ୍ଟି ନିମନ୍ତେ ବର୍ଷ ୨୦୨୫ ଶାସନ ସଂସ୍କାରର ବର୍ଷ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ନୂଆଦିଲ୍ଲୀରେ ବର୍ଷ ଶେଷ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି କାର୍ମିକ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ ତାଙ୍କ ମନ୍ତ୍ରଣାଳୟର ବିଭିନ୍ନ ବିଭାଗର ମୁଖ୍ୟ କାର୍ଯ୍ୟ ଓ ସଫଳତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସର୍ବନିମ୍ନ ସରକାର ଏବଂ ସର୍ବାଧିକ ଶାସନ ନୀତି ମାର୍ଗଦର୍ଶନରେ ବର୍ତ୍ତମାନର କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରାଯାଉଥିବା ସେ କହିଛନ୍ତି।

# ଖାତରେ ବସ୍ ଖସି ୭ ମୃତ

**ଡେରାଡୁନ୍,୩୦।୧୨(ପି.ଟି.)**

ଉତ୍ତରାଖଣ୍ଡର ଆଲମୋରା ଜିଲାରେ ଏକ ବସ୍ ଖାତରେ ଖସିପଡ଼ି ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୨ ଆହତ ହୋଇଛନ୍ତି। ବସ୍‌ଟି ଆଲମୋରାର ଦ୍ୱାରହାଟରୁ ନୈନିତାଲର ରାମନଗର ଯାଉଥିବାବେଳେ ଭିକିୟାସାଇନ୍‌ଠାରେ ଦୁର୍ଘଟଣା ଘଟିଛି। ବସ୍‌ରେ ୧୮-୧୯ ଜଣ ଯାତ୍ରୀ ଥିବାବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏହା ଖାତ ମଧ୍ୟରେ ଖସିପଡ଼ିଥିଲା। ଖବର ପାଇ ପୋଲିସ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ୧୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତିକରାଯାଇଛି।

# ବାଂଲାଦେଶୀ ଲିଙ୍କ୍ ଟେରର ମଡ୍ୟୁଲ ପର୍ଦ୍ଦାଫାଶ



## ଆସାମ ଓ ତ୍ରିପୁରାରେ ୧୧ ଗିରଫ

**ଗୁଆହାଟୀ,୩୦।୧୨**

ବାଂଲାଦେଶ ଉଗ୍ରପନ୍ଥୀ ସଂଗଠନ ସହ ସମ୍ପୃକ୍ତ ୧୧ ଜଣଙ୍କୁ ଆସାମ ଓ ତ୍ରିପୁରାରୁ ଗିରଫ କରାଯାଇଛି। ଫଳରେ ଆସାମ ପୋଲିସ ଏକ ବଡ଼ ଆତଙ୍କବାଦ ମଡ୍ୟୁଲର ପର୍ଦ୍ଦାଫାଶ କରିଛି। ଉତ୍ତରପୂର୍ବାଞ୍ଚଳ ବିଶେଷକରି ଆସାମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ନେଇ ଭାରତୀୟ ସୁରକ୍ଷାବଳ ଏବଂ ଗୋଇନ୍ଦା ବିଭାଗ ହାଇ ଆଲର୍ଟରେ ରହିଥିଲା। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର ତଥ୍ୟ ଆଧାରରେ ପୋଲିସ ଇମାମ ହମମୁଦେର କାଫିଲା (ଆଇଏମ୍‌କେ) ମଡ୍ୟୁଲକୁ ନେଇ ସତର୍କ ରହିଥିଲା। ଆଇଏମ୍‌କେ ହେଉଛି ଜମାତ-ଉଲ୍-ମୁଜାହିଦ୍ଦିନ ବାଂଲାଦେଶର ଏକ ଶାଖା। ୨୦୨୪ ଅଗଷ୍ଟରେ ବାଂଲାଦେଶରେ ସରକାର ପରିବର୍ତ୍ତନ ହେବା ପରେ ଆଇଏମ୍‌କେ ନେତୃତ୍ୱକୁ ଭାରତରେ ଏହାର ମଡ୍ୟୁଲ୍ ସମ୍ପ୍ରସାରଣ ଓ ସକ୍ରିୟ କରିବା ପାଇଁ ଜେଏମ୍‌ବି, ଅନସରୁଲ୍ଲା ବାଙ୍ଗଲା ଟିମ୍‌ର ନେତାମାନେ ନିର୍ଦ୍ଦେଶ ଦେଇଥିଲେ। ଆସାମରେ ସେମାନଙ୍କ କାର୍ଯ୍ୟକଳାପରେ ସମନ୍ୱୟ ସ୍ଥାପନ ପାଇଁ ବାଂଲାଦେଶର ଉମର ଏବଂ ଖଲିଦଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟରେ ପିଆଇଏଲ୍

## ଉତ୍ତରପୂର୍ବାଞ୍ଚଳ ଲୋକଙ୍କ ପ୍ରତି ଜାତିଆଣ ହିଂସା

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଏବଂ ଅନ୍ୟାନ୍ୟ ସୀମାନ୍ତ ଅଞ୍ଚଳର ନାଗରିକମାନଙ୍କ ପ୍ରତି ହେଉଥିବା ଜାତିଆଣ ଭେଦଭାବ ଏବଂ ହିଂସାକୁ ରୋକିବାରେ ସାମ୍ବିଧାନିକ ବିଫଳତା ଲାଗିରହିଛି। ଏହାର ସମାଧାନ ଦିଗରେ ନ୍ୟାୟିକ ହସ୍ତକ୍ଷେପ ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଗତ ୨୭ ତାରିଖରେ ତ୍ରିପୁରାର ଏମ୍‌ବିଏ ଛାତ୍ର ଆଞ୍ଜେଲ୍ ଚକ୍‌ମାଙ୍କୁ ଡେରାଡୁନ୍‌ରେ ବୀଭତ୍ସ ହତ୍ୟା ଘଟଣା ପରିପ୍ରେକ୍ଷୀରେ ୨୮ ତାରିଖରେ ଏହି ପିଆଇଏଲ୍ ଦାଏର ହୋଇଛି।

ତ୍ରିପୁରା ଉନାକୋଟି ଜିଲା ମାଚମାରା ଗ୍ରାମର ଆଞ୍ଜେଲ ଅଗରତାଲାର ହୋଲି କ୍ରସ୍ ସ୍କୁଲରୁ ସ୍ନାତକ ଶେଷ କରି ଏମ୍‌ବିଏ କରିବା ପାଇଁ ଡେରାଡୁନ୍ ଯାଇଥିବାବେଳେ ସାନଭାଇ ସମ୍ମୁଖରେ ତାଙ୍କୁ ଛୁରିଭୁସି ହତ୍ୟା କରାଯାଇଥିଲା। ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଆଞ୍ଜେଲଙ୍କ ପରିବାର ଲୋକେ ଦାବି କରିଛନ୍ତି। ଦିଲ୍ଲୀର ଆଇନଜୀବୀ ଅନୁପ ପ୍ରକାଶ ଅୱସ୍ଥି ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିବାବେଳେ ଏଥିରେ କେନ୍ଦ୍ର, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷ କରିଛନ୍ତି।

# ବାନ୍ଧବୀଙ୍କୁ ବିବାହ କରିବେ ପ୍ରିୟଙ୍କା ଗାନ୍ଧୀଙ୍କ ପୁଅ

**ନୂଆଦିଲ୍ଲୀ,୩୦।୧୨**

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପୁଅ ରେହାନ ଭଦ୍ରା ଏବଂ ତାଙ୍କର ବାନ୍ଧବୀ ଅଭିଭା ବେଗ୍‌ଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ୨୫ ବର୍ଷୀୟ ରେହାନଙ୍କର ୭ ବର୍ଷ ହେଲା ଅଭିଭାଙ୍କ ସହ ସମ୍ପର୍କ ରହିଥିଲା। ସୋମବାର ରେହାନ ଅଭିଭାଙ୍କୁ ପ୍ରପୋଜ୍ କରିଥିଲାବେଳେ ସେ ଏହାକୁ ଗ୍ରହଣ କରିଛନ୍ତି। ଏହି ସମୟରେ ଉଭୟ ପରିବାର ଉପସ୍ଥିତ ଥିଲେ ଓ ସେମାନେ ଏହି ସମ୍ପର୍କକୁ ସ୍ୱୀକୃତି ଦେଇଛନ୍ତି। ବୁଧବାର ରାଜସ୍ଥାନର ରାନ୍ଥାମ୍ବୋରରେ ଏକ ଆଡମ୍ବରପୂର୍ଣ୍ଣ ନିର୍ବନ୍ଧ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି। ସେଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ରହିବେ। ଉକ୍ତ ଲୋକପ୍ରିୟ ବନ୍ୟପ୍ରାଣୀ ପାର୍କ ଭ୍ରମଣ ସହ ନୂଆବର୍ଷ ପାଳନ ଯୋଜନା ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଗାନ୍ଧୀ ଭଦ୍ରା ପରିବାର ରାନ୍ଥାମ୍ବୋରର ଶେର ବାଗ୍ ହୋଟେଲରେ ଜାନୁଆରୀ ୨ ପର୍ଯ୍ୟନ୍ତ ରହିବେ। ରେହାନ ଡେରାଡୁନ୍‌ର ଡୁନ୍ ସ୍କୁଲରେ ପଢ଼ିବା ପରେ ରାଜନୀତିରେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନର ସ୍କୁଲ୍ ଅଫ୍ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ୍ ଷ୍ଟଡିଜ୍‌କୁ ଯାଇଥିଲେ। ସେ ଜଣେ ଦୃଶ୍ୟ କଳାକାର। ଦିଲ୍ଲୀର ଅଭିଭାଙ୍କ ବାପା ଇମ୍ରାନ ବେଗ ଜଣେ ବ୍ୟବସାୟୀ ଏବଂ ମା’ ନନ୍ଦିତା ବେଗ୍ ଜଣେ ଇଣ୍ଟେରିୟର ଡିଜାଇନର। ପ୍ରିୟଙ୍କା ଏବଂ ନନ୍ଦିତା ପୁରୁଣା ବନ୍ଧୁ ବୋଲି କୁହାଯାଉଛି।



ରେହାନ ଭଦ୍ରା ଓ ଅଭିଭା ବେଗ୍।

# ବିବାଦରେ ‘ବ୍ୟାଟଲ୍ ଅଫ୍ ଗଲ୍‌ୱାନ’ ଚଳଚ୍ଚିତ୍ର

- ଅତିରଞ୍ଜିତ, ପକ୍ଷପାତ ଚିତ୍ରଣ: ଚାଇନା ମିଡିଆ
- କଳାତ୍ମକ ସ୍ୱାଧୀନତା ସହ କୌଣସି ବୁଝାମଣା ହେବ ନାହିଁ: ସରକାରୀ ସୂତ୍ର

**ନୂଆଦିଲ୍ଲୀ, ୩୦।୧୨**

ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଅଭିନୀତ ଏବଂ ପ୍ରଯୋଜିତ ‘ବ୍ୟାଟଲ୍ ଅଫ୍ ଗଲ୍‌ୱାନ’ ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଛି। ଭାରତ-ଚାଇନା ସୀମାନ୍ତ ପୂର୍ବ ଲଦାଖର ଗଲ୍‌ୱାନ ଘାଟିରେ ୨୦୨୦ରେ ଦୁଇ ଦେଶର ସେନା ମଧ୍ୟରେ ଘଟିଥିବା ରକ୍ତାକ୍ତ ସଂଘର୍ଷ ଉପରେ ଏହି ଚଳଚ୍ଚିତ୍ର ଆଧାରିତ। ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ଏପ୍ରିଲ ୧୭ରେ ରିଲିଜ୍ ହେବାକୁ ଥିବାବେଳେ ଏହାର ଅଫିସିଆଲ୍ ଟିଜର୍ ଗତ ୨୭ ତାରିଖ ସଲ୍‌ମାନ ଖାନ୍‌ଙ୍କ ଜନ୍ମଦିନରେ ପ୍ରକାଶ ପାଇଥିଲା। ଏହାପରେ ଚାଇନାର ଗ୍ଲୋବାଲ ଟାଇମ୍ସ ସମେତ କେତେକ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରଟି ଏକପାଖିଆ, ଅତିରଞ୍ଜିତ ଓ ତଥ୍ୟକୁ ବିକୃତ କରାଯାଇ ପ୍ରସ୍ତୁତ ହୋଇଥିବା ଏବଂ ସେଥିରେ ଚାଇନାକୁ ନକାରାତ୍ମକ ଭାବେ ଉପସ୍ଥାପନ କରାଯାଇଥିବା ସେଠାକାର ଗଣମାଧ୍ୟମ ପ୍ରକାଶ କରିଛି।

ଭାରତ ସରକାରଙ୍କ ପକ୍ଷରୁ ଏହି ସମାଲୋଚନାର ଜବାବ ଦିଆଯାଇଛି। ଏକ ସରକାରୀ ସୂତ୍ରରୁ କୁହାଯାଇଛି ଯେ, ଭାରତ ଏକ ଗଣତାନ୍ତ୍ରିକ ଦେଶ, ଏଠାରେ କଳାତ୍ମକ ସ୍ୱାଧୀନତା ସହ କୌଣସି ବୁଝାମଣା ହେବ ନାହିଁ। ଅନ୍ୟ କୌଣସି ଦେଶର ଆପତ୍ତି କିମ୍ବା ଚାପରେ ଭାରତରେ ନିର୍ମିତ ଚଳଚ୍ଚିତ୍ରକୁ ନିୟନ୍ତ୍ରଣ କରାଯିବା ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୁଦ୍ଧାଚରଣ ବୋଲି ସ୍ପଷ୍ଟ କରାଯାଇଛି। ‘ବ୍ୟାଟଲ୍ ଅଫ୍ ଗଲ୍‌ୱାନ’ କୌଣସି ରାଜନୈତିକ ପ୍ରଚାର ନୁହେଁ। ଏହା ଗଲ୍‌ୱାନ ସଂଘର୍ଷ ସମୟରେ ଭାରତୀୟ ସେନା ଦେଖାଇଥିବା ସାହସ, ଦୃଢ଼ତା ଓ ବଳିଦାନର ସିନେମାଟିକ(କଳାତ୍ମକ) ଉପସ୍ଥାପନା। ଏହା ଦେଶ ପାଇଁ ପ୍ରାଣ ଦେଇଥିବା ସୈନିକମାନଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଭାବେ ଦେଖାଯିବା ଉଚିତ।

ସୂଚନାନୁଯାୟୀ, ଫିଲ୍ମରେ ସଲ୍‌ମାନ ଖାନ୍‌ଙ୍କୁ କଲୋନେଲ ବିକ୍କୁମାଲ୍ଲା ସନ୍ତୋଷ ବାବୁଙ୍କ ଭୂମିକାରେ ଦେଖିବାକୁ ମିଳିବ, ଯିଏ କି ଗଲ୍‌ୱାନ ଘାଟିରେ ମୁତୟନ ହୋଇଥିବା ଭାରତୀୟ ସେନାର ୧୬ ବିହାର ରେଜିମେଣ୍ଟର କମାଣ୍ଡିଂ ଅଫିସର ଥିଲେ। ସେ ଭାରତୀୟ ସୀମାକୁ ଅନୁପ୍ରବେଶ କରିଥିବା ଚାଇନା ସୈନ୍ୟଙ୍କ ସହ ସଂଘର୍ଷ ବେଳେ ପ୍ରାଣ ହରାଇଥିଲେ। ଉଲ୍ଲେଖଯୋଗ୍ୟ, ଗଲ୍‌ୱାନ ସଂଘର୍ଷରେ ୨୦ ଭାରତୀୟ ଯବାନଙ୍କ ଜୀବନ ଯାଇଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିବାବେଳେ ଚାଇନା ପ୍ରଥମେ କୌଣସି ମୃତାହତ ତଥ୍ୟ ଦେଇ ନ ଥିଲା। ପରେ ୪ ଯବାନଙ୍କ ମୃତ୍ୟୁ ଘଟିଥିବା ଚାଇନା ମାନିଥିଲା। କିନ୍ତୁ ଦୁଇ ଦେଶର ମୃତାହତ ତଥ୍ୟକୁ ଅନେକେ ଗ୍ରହଣ ନ କରି ତଥ୍ୟ ଲୁଚାଯାଇଥିବା ଅଭିଯୋଗ କରିଥିଲେ। ପ୍ରଦତ୍ତ ତଥ୍ୟଠାରୁ ବହୁ ଅଧିକ ଯବାନଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଉଠିଥିଲା। ସଂଘର୍ଷ ପରେ ଭାରତ-ଚାଇନା ସମ୍ପର୍କ ସମ୍ବେଦନଶୀଳ ରହିଆସିଛି। ସାମରିକ ଓ କୂଟନୈତିକ ଆଲୋଚନା ଜାରି ରହିଛି, ତାହାକୁ ଏହି ଚଳଚ୍ଚିତ୍ର ପ୍ରଭାବିତ କରିପାରେ ବୋଲି କେତେକ ମହଲରେ ମତପ୍ରକାଶ ପାଇଛି।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ